


ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁନ୍ ୨୦୨୬

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ଫଟୋ : ପ୍ରୀତା ମହାପାତ୍ର

Vol-5 • Issue-4 • June 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବଦିଗନ୍ତ

**ISSN : 2583-5270, RNI Regd. No. : ODIODI/2022/81590**

ଭାଗ-୫ • ସଂଖ୍ୟା-୪ • ଜୁନ୍ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## || ସୂଚୀ ||

| | |
|---|---|
| ପାଠକଙ୍କ ମତାମତ | ୦୨ |
| ପରିମାଣ ବନାମ ଗୁଣମାନ (ସମ୍ପାଦକୀୟ) | ୦୩ |
| କାଳାଶ୍ରିତ ଓ କଳାଶ୍ରିତ ସାହିତ୍ୟ (ପ୍ରବନ୍ଧ) ରମାକାନ୍ତ ନାୟକ | ୦୫ |
| ଦୁର୍ଗୁଣ ସଂହିତା (ରମ୍ୟରଚନା): ଅଭୟ ଦାଶ | ୧୧ |
| ଫଗୁଣର ମାୟାବିନୀ ରୂପ (କବିତା): ମିନାକ୍ଷୀ ଦ୍ୱିବେଦୀ | ୧୩ |
| ଛେଳି ଚରାଳି ଛୁଆ (ଗଳ୍ପ): କୃପାସାଗର ସାହୁ | ୧୪ |
| ଭାରତୀୟ ଶବ୍ଦାର୍ଥ ବ୍ୟବସ୍ଥା ଓ ଆମ ଭାଷା (ପ୍ରବନ୍ଧ): ନଟବର ଶତପଥୀ | ୧୭ |
| ଚିଠି (ଅନୁଭୂତି): ସନ୍ତୋଷ କୁମାର ପଟ୍ଟନାୟକ | ୨୨ |
| ବୟୋଜ୍ୟେଷ୍ଠ କବି ଅଶ୍ୱିନୀ କୁମାର ମିଶ୍ରଙ୍କ ସହ ଆଳାପ(ସାକ୍ଷାତକାର) | ୨୫ |
| ଆଗାମୀ ଜନ୍ମରେ (ଗଳ୍ପ): ସଚ୍ଚିଦାନନ୍ଦ କର | ୨୯ |
| ସ୍ୱପ୍ନ-ବିଶ୍ଲେଷଣ ଶୈଳୀ ଓ ଓଡ଼ିଆ କବିତା (ପ୍ରବନ୍ଧ): ଫକୀର ମୋହନ ସାହୁ | ୩୫ |
| ତାତୁଣିଆଁ ସମ୍ବର୍ଦ୍ଧନା (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୧ |
| ମହାପୁରୁଷ (ଗଳ୍ପ): ଆରତି କର | ୪୫ |
| ଅଭିଧାନର ଚର୍ଚ୍ଚା, ଧାରଣା ଓ ବିକାଶ (ପ୍ରବନ୍ଧ): ମନସା ଶ୍ରୀଚନ୍ଦନ ରାୟ | ୪୮ |
| ଭୋକ (କବିତା): ରବି କୁମାର ମହାନ୍ତି | ୫୪ |
| ଜୀବନ ପ୍ରଦୀପ (ଗଳ୍ପ): ଜୟନ୍ତୀ ସାହୁ | ୫୫ |
| ସ୍ମୃତିର ସନ୍ଧାନରେ (ଅନୁବାଦ ଗଳ୍ପ): ସୁକୋମଳ ଦାଶ | ୫୯ |
| ଅସ୍ମିତା, ଆମଭାଷା ଓ ଆମେମାନେ (ପ୍ରବନ୍ଧ): ସଦାନଂଦ ନାୟକ | ୬୩ |
| ଦୁଇଟି ଅଣୁଗପ (ଗଳ୍ପ): ଲକ୍ଷ୍ମୀଧର ସାହୁ | ୬୭ |
| ରଙ୍ଗରଙ୍ଗିଆ ତୋରଣ (ଶିଶୁଗଳ୍ପ): କୁଞ୍ଜ ବିହାରୀ ସାହୁ | ୬୮ |
| ଅବିସ୍ମରଣୀୟ ମାନବେତର କାହାଣୀ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ଇଦମିତ୍ଥ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

★ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

# ପାଠକଙ୍କ ମତାମତ


ମଇ, ୨୦୨୬ ସଂଖ୍ୟାର 'ସାହିତ୍ୟ ଚର୍ଚ୍ଚା'ରେ ବର୍ଷୀୟାନ୍ ପ୍ରାବନ୍ଧିକ ଅଚ୍ୟୁତାନନ୍ଦ ପତି ସାରଙ୍କ 'ସେକାଳ ପଖାଳ' ଶୀର୍ଷକ ପ୍ରବନ୍ଧ ମତେ ବହୁତ୍ ଭଲ ଲାଗିଛି। ସେଥିରେ ସେ ବର୍ଣ୍ଣନାକରି କୁହନ୍ତି – 'ଏବେ ପଖାଳ ଦିବସରେ କେତେ ରକମର ସାମଗ୍ରୀ ସହିତ ପଖାଳ ଖାଇଲି। ମନରେ ମୋ'ର ଗୁମୁରି ଉଠିଲା, ହାୟ ମୋ'ର ସେଦିନର ପଖାଳ। ସେଦିନ ପଖାଳର ସୁଖଦ ସ୍ୱାଦୁଭରା ସ୍ମୃତି ସତେ ମୋ' ଭିତରେ ଉଜ୍ଜୀବିତ ହୋଇ ରହିଛି, ରହିବ।' ବାସ୍ତବିକ ସେ ସମୟର ପଖାଳର ଯେଉଁ ବାସ୍ନା ଥିଲା, ଏବେକାର ପଖାଳର ସେଇ ବାସ୍ନା ଆଉନାହିଁ। ସେଇ ସମୟର ଚାଉଳର ଯେଉଁ ମହକ ଥିଲା, ଆଉ ବର୍ତ୍ତମାନର ଚାଉଳର ଆଉ ସେ ମହକ ନାହିଁ । ପେଟ ପୂରିଛି ସତ, କିନ୍ତୁ ଆତ୍ମା ଶାନ୍ତିନାହିଁ। ଯାହା ହେଉ ଅଚ୍ୟୁତାନନ୍ଦ ପତି ସାରଙ୍କ 'ସେକାଳ ପଖାଳ' ନିଶ୍ଚିତ ଭାବରେ ଆଧୁନିକ ମଣିଷକୁ ସେଇ ପୁରୁଣା ସ୍ୱାଦ ଫେରାଇ ଆଣିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

**ଶ୍ରୀକୁମାର ମହାପାତ୍ର**
sipunkps777@gmail.com

ମାସିକ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ମୁଁ ଜଣେ ନିୟମିତ ଗୁଣମୁଗ୍ଧ ପାଠିକା। ପତ୍ରିକାଟି ପ୍ରତି ମାସର ପ୍ରଥମ ସପ୍ତାହରେ ଘରେ ଆସି ପହଞ୍ଚିଯାଏ ଏବଂ ପାଇବା ମାତ୍ରେ ଆମୂଳଚୂଳ ନ ପଢ଼ି ମୁଁ ରହିପାରେ ନାହିଁ। ନିହାର ଶତପଥୀଙ୍କ ସମ୍ପାଦକୀୟରୁ ଆରମ୍ଭକରି ଶେଷ ପୃଷ୍ଠାରେ ପ୍ରଶାନ୍ତ ଭୂୟାଁଙ୍କ ନୂତନ ଶବ୍ଦର ବିଶ୍ଳେଷଣ ପର୍ଯ୍ୟନ୍ତ ପଢ଼ିବା ଅଭ୍ୟାସରେ ପଡ଼ିଗଲାଣି।

ମେ' ମାସର ପତ୍ରିକାଟି ପଢ଼ିଲି। ପ୍ରଥମରୁ ହିଁ ମନଛୁଆଁ ହୋଇଛି 'ଲେଖକର ଅଭିଳାଷ' ସମ୍ପାଦକୀୟ ପୃଷ୍ଠା । ପ୍ରକୃତରେ ଯେତେବେଳେ କୌଣସି ଲେଖାକୁ ପାଠକରି ପାଠକ ଅଧିକ ବିମୋହିତ ହୋଇଯାଏ, ସେତେବେଳେ ସେ ଲେଖକର ନାମ ଓ ଠିକଣା ଜାଣିବାକୁ ଆବଶ୍ୟକ ମନେ କରେନାହିଁ। ଆଲୋଚନାଟି ଯଥାର୍ଥରେ ପ୍ରଣିଧାନଯୋଗ୍ୟ। ଏହି ସଂଖ୍ୟାର ଅନ୍ୟାନ୍ୟ ବହୁ ଲେଖା ମଧ୍ୟ ଉଚ୍ଚକୋଟୀର ।

**ତରୁଣ ବାଳା ମହାପାତ୍ର**
tmsrisairam56@gmail.com.




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

ଆଜି ପାଇଲି ଏ ମାସର 'ସାହିତ୍ୟ ଚର୍ଚ୍ଚା' ପତ୍ରିକା। ଧନ୍ୟବାଦ ଆପଣଙ୍କୁ, ମୋର କ୍ଷୁଦ୍ର ସମୀକ୍ଷାଟିକୁ ଆପଣ ସ୍ଥାନ ଦେଇଛନ୍ତି। କବିତା ଦୁଇଟି ଭଲ ଲାଗିଲା। ଏମାନେ ଆମ ସମୟର ଭଲ କବି। ସମ୍ପାଦକୀୟ ପୂର୍ବରୁ ପଢ଼ିଥିଲି। ଶେଷ ପୃଷ୍ଠାରୁ ନୂଆ ଶବ୍ଦଟିଏ ଶିଖିଲି। ଗୋଟିଏ ନିବେଦନ: ସୂଚୀକୁ ଟିକିଏ ସଜାଡ଼ିଦେଲେ ଭଲ ଲାଗନ୍ତା। ଅର୍ଥାତ୍ ଗଳ୍ପ କବିତା ପ୍ରବନ୍ଧ ସମୀକ୍ଷା – ଏମିତି କ୍ରମରେ ଦେଲେ ପାଠକଟି ତା' ମନ ମୁତାବକ ପୃଷ୍ଠାକୁ ଛାଏଁ ଯାଇପାରନ୍ତା।

**କୃଷ୍ଣ କୁମାର ମହାନ୍ତି**
krushna.kk@ail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ମଇ ସଂଖ୍ୟା ପାଠକଲି। ଭଲ ଲାଗିଲା। କମଳାକାନ୍ତ ରଥଙ୍କ ସାହିତ୍ୟ ବିଚାର ବ୍ୟଙ୍ଗ ମନୋରମ ଥିଲା। ଅନ୍ୟ ଲେଖା ଅପେକ୍ଷା ମଣୀନ୍ଦ୍ର ସାର୍ ଓ ଅଜୟ ମିଶ୍ର ସାର୍‌ଙ୍କ ଲେଖା ଏବଂ ନୀଳାଦ୍ରି ସାର୍‌ଙ୍କ ସାକ୍ଷାତକାର ହୃଦୟକୁ ସ୍ପର୍ଶକଲା। ପ୍ରବୀଣ ଲେଖକଙ୍କ ସହ ତରୁଣମାନଙ୍କ ଲେଖାକୁ 'ସାହିତ୍ୟ ଚର୍ଚ୍ଚା' ପ୍ରାଧାନ୍ୟ ଦେଉଥିବାରୁ ସମ୍ପାଦକ ମହାଶୟଙ୍କୁ ଧନ୍ୟବାଦ। ପତ୍ରିକାର ଶେଷରେ ଦିଆଯାଇଥିବା ଭାଷା ଓ ସାହିତ୍ୟ ସମାଚାର ପତ୍ରିକାକୁ କିଛିମାତ୍ରାରେ ନୂଆ ରୂପ ଦେଇଛି।

**ଲିକୁ ବେହେରା**
likubehera222@gmail.com

ସମ୍ପାଦକୀୟ

# ପରିମାଣ ବନାମ ଗୁଣମାନ

ଆମ ସାହିତ୍ୟଜଗତରେ ପରିମାଣର ଭ୍ରମ ଏତେ ମାତ୍ରାରେ ଘୋଟିଛି ଯେ ଜଣେ ଲେଖକଙ୍କୁ ସ୍ୱୀକୃତି, ସମ୍ମାନ ବା ଗୁରୁତ୍ୱ ଦେବା ପୂର୍ବରୁ ଆଜିକାଲି ତା'ଙ୍କ ଦ୍ୱାରା ରଚିତ ପୁସ୍ତକର ସଂଖ୍ୟାକୁ ଗଣତିକରିବା ଏକ ସାଧାରଣ ଧାରାରେ ପରିଣତ ହୋଇଗଲାଣି। ଏହି ଧରଣର ବିଚାରପନ୍ଥାରେ ଗୋଟିଏ ସାହିତ୍ୟକୃତିର ଗୁଣମାନଜନିତ ଦିଗଟି ଯେ ବଳିପଡ଼ିଯାଏ ଏଥିରେ ସନ୍ଦେହ ନାହିଁ। 'ଅମୁକ' କବି ବା ଲେଖକ ଶହେରୁ ଅଧିକ ବହି ଲେଖି ସାରିଲେଣି; ଅତଏବ ସେ ନିଜ ଜୀବନକାଳ ଭିତରେ ଗୋଟିଏ ମାତ୍ର ବହି ଲେଖିଥିବା ଶ୍ରୀ 'ସମୁକ'ଙ୍କଠାରୁ ଉଚ୍ଚତର ଆସନ ପାଇବାକୁ ହକଦାର, ଏମିତି ଏକ ଧାରଣା କ୍ରମେ ବଳବତ୍ତର ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ଆମର ମନେପଡ଼େ ମହାତ୍ମା ଗାନ୍ଧୀଙ୍କର ଗୋଟିଏ ପ୍ରସିଦ୍ଧ ଉକ୍ତି: 'ଆମ କାର୍ଯ୍ୟର ଗୁଣବତ୍ତା ହିଁ ଈଶ୍ୱରଙ୍କୁ ପ୍ରସନ୍ନକରେ, ତାହାର ପରିମାଣ ନୁହେଁ।' ଆମର ପାଠକ-ଈଶ୍ୱରମାନେ ଏହି କଥା ଠିକ୍ ଭାବରେ ହେଜନ୍ତି ବୋଲି ଦୃଢ଼ ବିଶ୍ୱାସ ଏବଂ ସେମାନେ ଜଣେ ସ୍ରଷ୍ଟାଙ୍କୁ ପରିଶେଷରେ ଯେଉଁ କାଳଜୟୀ ମୂଲ୍ୟ ଦିଅନ୍ତି ତାହା ସେହି ଲେଖକଙ୍କ ଦ୍ୱାରା ରଚିତ ପୁସ୍ତକର ସଂଖ୍ୟା ନୁହଁ, ବରଂ ତାହାର ଗୁଣବତ୍ତା ଉପରେ ଆଧାରିତ ହୋଇଥାଏ।




ଅବଶ୍ୟ ବିଶୁଦ୍ଧ ରଚନାପ୍ରବଣତା ଦ୍ୱାରା ପ୍ରେରିତ ହୋଇ ଜଣେ ଲେଖକ, ଗୋଟିକ ପରେ ଗୋଟିଏ ଏହିଭଳି ବହୁସଂଖ୍ୟକ ପୁସ୍ତକ ଲେଖିପାରିବା ଏକ ଗର୍ହିତ ପନ୍ଥା ନୁହେଁ। ଏହା ବରଂ ଏକ ସ୍ୱାଭାବିକ ସର୍ଜନା ପ୍ରକ୍ରିୟା; କିନ୍ତୁ ଯେଉଁମାନେ ନିଜ ଦ୍ୱାରା ରଚିତ ପୁସ୍ତକର ତାଲିକାଟିକୁ କେବଳ ଲମ୍ବାଇବାର ଲକ୍ଷ୍ୟନେଇ ଏଭଳି କରନ୍ତି ସେମାନଙ୍କୁ ବା କ'ଣ କୁହାଯିବ? ଏହି ପ୍ରସଙ୍ଗରେ ଜଣେ ଆମେରିକୀୟ ଚଳଚ୍ଚିତ୍ର ପ୍ରଯୋଜିକା ତଥା ସୁଲେଖିକା ଜେନ୍ ଆଲ୍‌ଭାରେସ୍ କହନ୍ତି, "କ୍ୱାଲିଟି' ଅପେକ୍ଷା 'କ୍ୱାଣ୍ଟିଟି'କୁ ଅଧିକ ଗୁରୁତ୍ୱ ଦେବା ହେଉଛି ମଣିଷର ଏକ କ୍ଲାସିକ୍ ତ୍ରୁଟି।" ଏହା ନିର୍ଧାର୍ଯ୍ୟ ଯେ କାଳ ହିଁ ଏହି ତ୍ରୁଟିର ସଂଶୋଧନ କରି ନିର୍ଣ୍ଣୟ କରିଥାଏ ଜଣେ ଲେଖକଙ୍କର ଯଥାର୍ଥ ଆସନ।

ସେ ଅନ୍ତର୍ଜାତୀୟ ସାହିତ୍ୟ ହେଉ ଅବା ଆମର ସ୍ଥାନୀୟ ସାହିତ୍ୟ, ଆମ ଆଗରେ ଏଭଳି ଦୃଷ୍ଟାନ୍ତ ବିରଳ ନୁହେଁ ଯେଉଁଠି ଲେଖକମାନେ ନିଜର ଜୀବନରେ ଗୋଟିଏ କିମ୍ବା ଦୁଇଟି ମାତ୍ର ବହି ଲେଖି ପ୍ରସିଦ୍ଧି ଅର୍ଜନ କରିଛନ୍ତି। ପୁଲିଜର୍ ପୁରସ୍କାର ବିଜୟିନୀ ହାର୍ପର ଲି ନିଜର ଜୀବନକାଳ ମଧ୍ୟରେ ଗୋଟିଏ ମାତ୍ର ଉପନ୍ୟାସ ଲେଖିପାରିଥିଲେ ଏବଂ ସେହି ଗୋଟିକ ବହି ତାଙ୍କୁ ଖ୍ୟାତିର ଶିଖରକୁ ନେଇପାରିଥିଲା। ଊନବିଂଶ ଶତାବ୍ଦୀର ବହୁଚର୍ଚ୍ଚିତ ଔପନ୍ୟାସିକା ଏମିଲି ବ୍ରଣ୍ଟି 'ୱୁଦରିଂ ହାଇଟସ୍' ନାମକ ଗୋଟିଏ ମାତ୍ର ଉପନ୍ୟାସ ଲେଖି ଇଂଲିଶ୍ ସାହିତ୍ୟର ଇତିହାସରେ ନିଜର ଗରିମାକୁ ସୁପ୍ରତିଷ୍ଠିତ କରିପାରିଥିଲେ। ସେହିଭଳି ଆମ ଓଡ଼ିଆ ଭାଷାରେ ବାରିଷ୍ଟର ଗୋବିନ୍ଦ ଦାସ ମଧ୍ୟ 'ଅମାବାସ୍ୟାର ଚନ୍ଦ୍ର' ନାମକ ଗୋଟିଏ ମାତ୍ର ଉପନ୍ୟାସ ଲେଖି ସାହିତ୍ୟରେ ଅମର ହୋଇପାରିଛନ୍ତି। ଏହା ଦର୍ଶାଇଦିଏ ଯେ ବାସ୍ତବରେ ଜଣେ ଲେଖକଙ୍କର ଗ୍ରହଣୀୟତା ଅବା ସ୍ୱୀକୃତି ପଛରେ ସେ ଲେଖିଥିବା ପୁସ୍ତକଗୁଡ଼ିକର ସଂଖ୍ୟା ବିଶେଷ ଭୂମିକା ତୁଲାଇ ନ ଥାଏ।

ଆମ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସାହିତ୍ୟ ପୁରସ୍କାରଗୁଡ଼ିକର ନିର୍ଣ୍ଣୟ ପ୍ରକ୍ରିୟାରେ ଏହି ପରିମାଣାତ୍ମକ ଦିଗଟି ବିଚାରକମାନଙ୍କୁ ପ୍ରଭାବିତ କରୁଥିବା ପ୍ରାୟତଃ ଦେଖିବାକୁ ମିଳିଥାଏ। ଏଭଳି ଏକ ଭ୍ରାନ୍ତିରୁ ଆମର ସାହିତ୍ୟଜଗତ ମୁକ୍ତ ନ ହେବା ପର୍ଯ୍ୟନ୍ତ ଆମେ ସାହିତ୍ୟକାରମାନଙ୍କ ପ୍ରତି ଉପଯୁକ୍ତ ନ୍ୟାୟ କରୁଛେ ବୋଲି କେବେହେଲେ କହିପାରିବା ନାହିଁ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

### 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ତଳେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

### 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୋମଳ ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା
୨୩. ଦିଲ୍ଲୀପ ପଣ୍ଡା
୨୪. ଅମ୍ରିତା ଶତପଥୀ


ପ୍ରବନ୍ଧ

# କାଳାଶ୍ରିତ ଓ କଳାଶ୍ରିତ ସାହିତ୍ୟ



ରମାକାନ୍ତ ନାୟକ

ସାହିତ୍ୟ ଏକ ସ୍ରୋତାସ୍ୱତୀ ପ୍ରବାହ, ଯାହା କେତେବେଳେ କାଳ ଓ ସମାଜର ଶିଳାବନ୍ଧୁର ତ ପୁଣି କେତେବେଳେ କୋମଳ ସମତଳ ମୃତ୍ତିକାରେ ପ୍ରବାହିତ ହେବାବେଳେ ତାହାର ରୂପ, ରସ ଓ ସୌରଭରେ ଏକାକାର ହୋଇ ନିଜକୁ ନାନା ଭାବରେ ଶୋଭାବନ ଓ ପରିପୁଷ୍ଟ କରେ। ଯୁଗେ ଯୁଗେ ସଭ୍ୟତାର କ୍ରମ ବିକାଶ ସହିତ ସମାଜରେ ଯେପରି ପରିବର୍ତ୍ତନ ସଂଘଟିତ ହୁଏ, ମାନବୀୟ ଚିନ୍ତାଚେତନାରେ ଯେପରି ନୂତନତାର ସୂତ୍ରପାତ ଘଟେ, ତାହା ବିମ୍ବିତ ହୁଏ ସମକାଳୀନ ସାହିତ୍ୟ ଜଗତରେ । ସେହି କାରଣରୁ ପ୍ରାୟତଃ ସମସ୍ତ ସାହିତ୍ୟ କାଳାଶ୍ରୟୀ । ସମସାମୟିକ ମାନବୀୟ ଚିନ୍ତନ, ଭାବାବେଗ ତଥା ସମାଜ, ସଭ୍ୟତା ଓ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପ୍ରତିଫଳନ ବହନ କରୁଥିବା ସର୍ଜନା ଆଧୁନିକ ସାହିତ୍ୟର ମର୍ଯ୍ୟାଦା ବିମଣ୍ଡିତ ହୁଏ। ପରନ୍ତୁ ଯେଉଁ ସ୍ଥାନୀୟ ଓ କ୍ଷଣସ୍ଥାୟୀ ରଚନା ସ୍ଥାନ କାଳର ସଂକୀର୍ଣ୍ଣ ଦିଗନ୍ତରୁ ଉତ୍ତୀର୍ଣ୍ଣ ହୋଇ ଚିରନ୍ତନ ସତ୍ୟ ଓ ମାନବଜାତିର ସୁଖଦୁଃଖକୁ ଅଭିବ୍ୟକ୍ତ କରିବାରେ ସକ୍ଷମ ହୁଏ ନାହିଁ, ଯେଉଁଥିରେ ସାମଗ୍ରିକ ଚେତନାର ଉତ୍ତରଣ ନିମିତ୍ତ ପ୍ରୟାସ ନଥାଏ, ତାହା କାଳଜୟୀ ସୃଷ୍ଟିର ସାମର୍ଥ୍ୟ ବହନ କରିପାରେ ନାହିଁ । ସ୍ଥାନୀୟ ଓ ସାମୟିକ, କ୍ଷଣସ୍ଥାୟୀ ଘଟଣାକୁ ମଧ୍ୟ କଳାତ୍ମକ ସୃଜନଶୀଳ ପରାକାଷ୍ଠା ସହକାରେ ସଂଯୋଜିତ କରାଯାଇ ଲେଖକଙ୍କର ଅନ୍ତର୍ଦୃଷ୍ଟି ଓ ଅଭିବ୍ୟକ୍ତିର କଳାକୌଶଳରେ ସନ୍ନିବିଷ୍ଟ ହୋଇପାରିଲେ, ତାହା କଳାଶ୍ରୟୀ ସାହିତ୍ୟ ଭାବରେ ଅମର ସ୍ୱାକ୍ଷର ବହନ କରିପାରେ । ସ୍ଥାନ, କାଳ ନିର୍ବିଶେଷରେ ମାନବୀୟ ଅନୁଭୂତି, ଆଶା, ଆକାଂକ୍ଷା, ହର୍ଷ, ବିଷାଦ, ବ୍ୟଥା, ବେଦନା, ଦୁର୍ନୀତି, ଦୁରାଚାର ପ୍ରଭୃତି ଘଟଣା ବୈଚିତ୍ର୍ୟର କଳାତ୍ମକ ପରିବେଷଣ ଯୁଗରୁଚିର ବିବର୍ତ୍ତନ ସତ୍ତ୍ୱେ ତାହାର ଆକର୍ଷଣୀୟ ଦୀପ୍ତି ମ୍ଳାନ ହୁଏନାହିଁ, ଦେଶାଚାରର ଭିନ୍ନତା ଏହାକୁ କ୍ଷୁଣ୍ଣ ବା ହତଶିରୀ କରିପାରେ ନାହିଁ। ଦାନ୍ତେଙ୍କ 'ଡିଭାଇନ କମେଡି', ମିଲଟନ୍‌ଙ୍କ 'ପାରାଡାଇଜ ଲଷ୍ଟ', ହୋମରଙ୍କ 'ଇଲିଆଡ' ଓ 'ଓଡେସି', ସେକ୍‌ସପିୟରଙ୍କ ବିୟୋଗାନ୍ତକ ନାଟକ ସମୂହ, ଭାରତୀୟ ସାହିତ୍ୟରେ ବାଲ୍ମୀକିଙ୍କ 'ରାମାୟଣ' ଓ ବ୍ୟାସଦେବଙ୍କ 'ମହାଭାରତ', ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ 'ମହାଭାରତ', ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍‌ଭାଗବତ' ପ୍ରଭୃତି କାଳଜୟୀ ସାହିତ୍ୟ ଏହାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ।



**ମୁକ୍ତିକାମୀ କବି**

ଭାରତୀୟ ମୁକ୍ତି ସଂଗ୍ରାମ କାଳରେ ଜନତାଙ୍କ ପ୍ରତି ମହାତ୍ମା ଗାନ୍ଧିଙ୍କ ବାର୍ତ୍ତା ଆଧାରିତ ଅନେକ ସାହିତ୍ୟକୃତି ପୁରପଲ୍ଲୀରେ ପ୍ରବଳ ଉନ୍ମାଦନା ସୃଷ୍ଟି କରିଥିଲା । ମୁକ୍ତିକାମୀ କବିମାନଙ୍କ ଲେଖନୀ ନିଃସୃତ ଅବାରିତ ଦେଶପ୍ରେମଗୀତିକା ସାଧାରଣ ଜନତାଙ୍କ ମନରେ ଶକ୍ତି, ସାହସ, ଉତ୍ସାହ, ପ୍ରେରଣା ଓ ଦେଶପ୍ରେମର ଭାବାବେଗ ଉନ୍ମେଷ କରିଥିଲା। କିନ୍ତୁ ଦେଶର ସ୍ୱାଧୀନତା ପରେ ପାଠକ ମହଲରେ ସେହି ରଚନାବଳୀର ମହତ୍ତ୍ୱ ଜନମାନସରୁ କ୍ରମଶଃ ବିସ୍ମୃତ ହୋଇଗଲା । ସେହିପରି ଭାରତ ଆଲ୍‌ମୁନିୟମ୍ କମ୍ପାନୀର ବକ୍‌ସାଇଟ୍ ଖଣି ପ୍ରକଳ୍ପ ବିରୋଧରେ ସଂଗଠିତ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ'କୁ ଭିତ୍ତିକରି ପ୍ରସନ୍ନ କୁମାର ସାହୁଙ୍କ ରଚିତ 'ଗନ୍ଧଗିରି' ନାଟକ, ଟାଟା କମ୍ପାନୀର ଚିଙ୍ଗୁଡ଼ି ଚାଷ ବିରୋଧରେ 'ଟାଟା ହଟାଅ', 'ଚିଲିକା ବଞ୍ଚାଅ' ଆନ୍ଦୋଳନ ସମ୍ପର୍କିତ କବିତା ଓ ଗଳ୍ପ ସମୂହ, ସରକାରଙ୍କ ସାକ୍ଷରତା କାର୍ଯ୍ୟକ୍ରମ, ମହିଳା ସଶକ୍ତୀକରଣ, ମହାମାରୀ କରୋନା ବିରୁଦ୍ଧରେ ତଥା ସମସାମୟିକ ବହୁବିଧ ସାମାଜିକ ସମସ୍ୟାକୁ ଲକ୍ଷ୍ୟକରି ତାହାର ଦୂରୀକରଣ

ଉଦ୍ଦେଶ୍ୟରେ ଲିଖିତ ରଚନାବଳୀ ସମୟାନୁକ୍ରମେ ସ୍ତିମିତ ହୋଇଯାଇଛନ୍ତି । ଅନନ୍ତ ପ୍ରସାଦ ପଣ୍ଡାଙ୍କ ରଚିତ ସମବାୟଧର୍ମୀ 'ନୂଆ ଦୁନିଆ', 'କୁଲି' ପ୍ରଭୃତି କାଳାଶ୍ରୟୀ ରଚନାବଳୀ ଉପଯୁକ୍ତ ସାହିତ୍ୟିକ ମର୍ଯ୍ୟାଦାରୁ ବଞ୍ଚିତ ହୋଇ ପାଠକ ଜଗତରେ ନିଷ୍ପ୍ରଭ ହୋଇଯାଇଛନ୍ତି । ଅନ୍ୟପକ୍ଷରେ ସେହି ଲେଖକଙ୍କର କଳାଶ୍ରିତ ଲେଖା 'ଭାଗ୍ୟଚକ୍ର' ଓ 'ମୁକ୍ତ ଆକାଶର ବିହଙ୍ଗ' ପ୍ରତି ଏବେ ମଧ୍ୟ ପାଠକୀୟ ଶ୍ରଦ୍ଧା ଅକ୍ଷୁଣ୍ଣ ରହିଛି । କାଳର ପ୍ରୟୋଜନୀୟତାକୁ ଆଧାର କରି ଆତ୍ମପ୍ରକାଶ କରିଥିବା ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' ଜାତୀୟ କବି ବୀରକିଶୋରଙ୍କ 'ଚାଷୀ ମୂଲିଆଙ୍କ ଖପୁରୀକୁ ଚିରି...' ସହିତ ପଣ୍ଡିତ ଗୋପବନ୍ଧୁ ଦାସ, ବାଞ୍ଛାନିଧି ମହାନ୍ତି, କୁନ୍ତଳା କୁମାରୀ ସାବତ, ମନମୋହନ ମିଶ୍ର ପ୍ରମୁଖ କବିମାନଙ୍କର ରାଷ୍ଟ୍ରପ୍ରେମବୋଧକ କବିତାର ପଙ୍‌କ୍ତିଗୁଡ଼ିକ ଅପୂର୍ବ କଳାଶିଳ୍ପରେ ବିଭୂଷିତ ହୋଇଥିବାରୁ ଏବେ ମଧ୍ୟ ଦେଶବାସୀଙ୍କ ମନରେ ଦେଶପ୍ରୀତିର ବହ୍ନି ପ୍ରଜ୍ୱଳିତ କରେ ।

କଳାଶ୍ରିତ ସାହିତ୍ୟ ହେଉଛି ସାହିତ୍ୟର ଏକ ବିଶେଷ ସ୍ୱରୂପ, ଯାହାର ମୁଖ୍ୟ ବୈଶିଷ୍ଟ୍ୟ ସୌନ୍ଦର୍ଯ୍ୟ, ଭାବପ୍ରବଣତା ଓ କଳାତ୍ମକ ଅଭିବ୍ୟକ୍ତି । ଏହି ସାହିତ୍ୟ କେବଳ ନିରସ ତଥ୍ୟ ଓ ବାର୍ତ୍ତା ପ୍ରଦାନରେ ସୀମିତ ନରହି ପାଠକକୁ ଏକ ରସାତ୍ମକ ଅନୁଭୂତି ପ୍ରଦାନ କରେ, ତାହାର ଚେତନାକୁ ଅତୀନ୍ଦ୍ରିୟ ଜଗତକୁ ପ୍ରସାରିତ କରିପାରେ । ଯଥାଯଥ ଶବ୍ଦ ସଂଯୋଜନା, ଭାଷାବିନ୍ୟାସ ଓ ଅଳଙ୍କାରର ସାର୍ଥକ ବ୍ୟବହାର ଏହି ସାହିତ୍ୟକୃତିକୁ ଆକର୍ଷଣୀୟ କରିଥାଏ । ଏହା ମଣିଷର ଭାବନା, ବ୍ୟଥା, ବେଦନା ଓ ଦୈନନ୍ଦିନ ଜୀବନକୁ କଳାତ୍ମକ ଭାବରେ ଉପସ୍ଥାପନ କରିପାରେ ଏବଂ ଦେଶ, କାଳ, ଶିକ୍ଷିତ, ଅଶିକ୍ଷିତ ନିର୍ବିଶେଷରେ ସଭିଙ୍କ ପ୍ରାଣରେ ଏହି ସୂକ୍ଷ୍ମକଳା ସମ୍ପନ୍ନ କାବ୍ୟ, କବିତା, କାହାଣୀ, ଉପନ୍ୟାସ ପାଠକମନରେ ଗଭୀର ରେଖାପାତ କରିପାରେ । ଜୀବନରୁ ଚିରନ୍ତନ ଆନନ୍ଦର ଉପାଦାନସମ୍ଭାର ଆହରଣ କରି ସତ୍ୟର ମାର୍ଗରେ ଚିର ନୂତନ ରୂପରେ ଏହା ଆତ୍ମପ୍ରକାଶ କରେ । ଏଗୁଡ଼ିକ ମାନବ ଜୀବନର ସାଧାରଣ ଭିତ୍ତି । ଯୁଗରୁଚିର ପରିବର୍ତ୍ତନ କିମ୍ବା ଦେଶାଚାରର ଭିନ୍ନତା ଏହାର ମୂଲ୍ୟବୋଧକୁ ଜୀର୍ଣ୍ଣ କରିପାରେ ନାହିଁ ।


> **ଯଥାଯଥ ଶବ୍ଦ ସଂଯୋଜନା, ଭାଷାବିନ୍ୟାସ ଓ ଅଳଙ୍କାରର ସାର୍ଥକ ବ୍ୟବହାର ଏହି ସାହିତ୍ୟକୃତିକୁ ଆକର୍ଷଣୀୟ କରିଥାଏ ।**

## ସାହିତ୍ୟର ଆଦ୍ୟସ୍ୱରୂପ

ଯେକୌଣସି ଦେଶର ସାହିତ୍ୟ ସଦୃଶ ଭାରତୀୟ ସାହିତ୍ୟର ଆଦ୍ୟସ୍ୱରୂପ ଥିଲା କାବ୍ୟ, କବିତା । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ କାବ୍ୟସ୍ରଷ୍ଟାମାନଙ୍କ ଉଦ୍ଦେଶ୍ୟରେ କବି ଜୟଚନ୍ଦ୍ର, "ସଦୁକ୍ତି କର୍ଣ୍ଣାମୃତ"ରେ ବ୍ୟକ୍ତ କରିଥିଲେ "ଅନ୍ୟସ୍ତେ ଭୁବନେ ପୁନନ୍ତି କବୟୋ ଯେଷାମ୍‌ଜସ୍ରଂ ଗତାମ୍/ ଉଦ୍ଦାମ ଧ୍ୱନି ପଲ୍ଲବେନ ପରିତଃ ପୂତା ଦିଶାଂ ଭୀତୟଃ ।" ଅର୍ଥାତ୍ ସଂସାରରେ ସେହି କବିଗଣ ଧନ୍ୟ ଯେଉଁମାନଙ୍କ ଅଜସ୍ର ବାଣୀର ଉଦ୍ଦାମ ଧ୍ୱନିର ପ୍ରଭାବରେ ସବୁ ଦିଗରେ ଦିଗନ୍ତର ମୂଳ ଅବଧି ପବିତ୍ର ହୋଇଅଛି । ସାହିତ୍ୟ ହିଁ ସମାଜର ଅଙ୍ଗୀଭୂତ ବିଭବ। ତେଣୁ ସମାଜ ସହିତ ଜଡ଼ିତ ରହି ବ୍ୟକ୍ତିକୁ ସଚେତନ କରାଇବା, ଆନନ୍ଦ ପ୍ରଦାନ କରିବା ଏବଂ ବଞ୍ଚିବା ପାଇଁ ପ୍ରେରଣାର ଉତ୍ସ ହେବା ସାହିତ୍ୟର ପରମ ଆଭିମୁଖ୍ୟ । ସେଥିପାଇଁ ଆଳଙ୍କାରିକ କବି ମମ୍ମଟ ଭଟ୍ଟ କହନ୍ତି, "କାବ୍ୟଂ ଯଶସେଽର୍ଥକୃତେ/ବ୍ୟବହାର ବିଧେ ଶିବେତରକ୍ଷରୟେ/ସଦ୍ୟ ପର ନିବୃତୟେ / କାନ୍ତାଃ ସମ୍ମିତ ତୟୋପଦେଶଯୁଜେ," ଅର୍ଥାତ୍ କାବ୍ୟ ଯଶ, ଅର୍ଥ, ବ୍ୟବହାର, ଅମଙ୍ଗଳ ଖଣ୍ଡନ, ପରମ ଆନନ୍ଦ ଓ କାନ୍ତା ସମ୍ମିତ ଉପଦେଶ ଦେବା ନିମନ୍ତେ ରଚିତ ହୋଇଥିବ । ଏଠାରେ ଆଳଙ୍କାରିକ କାବ୍ୟକୁ 'କାନ୍ତା ସମ୍ମିତ' ବୋଲି ଦର୍ଶାଇଛନ୍ତି । ପ୍ରେମମୟୀ ପତ୍ନୀ ଯେପରି ପତିଙ୍କୁ ଆନନ୍ଦ ସହିତ ସମୁଚିତ ପରାମର୍ଶ ଓ ପ୍ରେରଣା ପ୍ରଦାନ କରେ ସାହିତ୍ୟର ଲକ୍ଷ୍ୟ ସେହିପରି ହେବା ଉଚିତ । ସାହିତ୍ୟ ରସ ସୃଷ୍ଟି କରେ । ଏହା ଚିତ୍ତ ବିନୋଦନ ସହିତ ଜ୍ଞାନ, ଉପଦେଶ, ଶିକ୍ଷା, ଆଶ୍ୱାସନା, ସମ୍ବେଦନା ପ୍ରଭୃତି ପ୍ରଦାନ କରେ । କାଳଜୟୀ ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ ହେଲା ତାହା ଚିରଅମର ରହିବାର ଭାସ୍ୱର କଳାରେ ଗରୀୟାନ ହୋଇଥିବ । ସମସ୍ତ କବିତା-ରଚୟିତା କବି ପଦବାଚ୍ୟ ହୋଇପାରିବେ ନାହିଁ। କବି ପାଇଁ ଆବଶ୍ୟକ ତୃତୀୟ ନୟନ ବା ଗଭୀର ଅନ୍ତର୍ଦୃଷ୍ଟି । କବିର ବୈଶିଷ୍ଟ୍ୟ ସମ୍ବନ୍ଧରେ ଶ୍ରୀମଦ୍‌ଭାଗବତ ମହାପୁରାଣର ଏକାଦଶ ସ୍କନ୍ଧ, ଏକାଦଶ ଅଧ୍ୟାୟ ୩୧ତମ ଶ୍ଳୋକରେ ଉଲ୍ଲିଖିତ ହୋଇଛି, "ଅପ୍ରମତ୍ତୋ ଗଭୀରାତ୍ମା ଧୃତିମାନଜିତ୍ ସଦ୍‌ଗୁଣଃ / ଅମାନୀ

ମାନବଃ କଲୌ ମୈତ୍ରଃ କାରୁଣିକଃ କବିଃ” । ଉପରୋକ୍ତ ନଅଟି ଗୁଣରେ ବିଭୂଷିତ ବ୍ୟକ୍ତି ହିଁ କେବଳ କବି ଭାବରେ ପରିଚିତ ହୋଇପାରିବେ ।

ସବୁଯୁଗରେ ଜାତୀୟ ଦୁର୍ଗତି କାଳରେ ସାହିତ୍ୟ ତାହାର କଳାନୈପୁଣ୍ୟ ବଳରେ ସମାଜକୁ ଦିଗଦର୍ଶନ ଦେଇଆସିଛି । ସାହିତ୍ୟର ଗଠନମୂଳକ ତଥା ନୀତିନିଷ୍ଠ ଭୂମିକା ଜାତିକୁ ବିପର୍ଯ୍ୟସ୍ତ ପରିସ୍ଥିତିରୁ ଉଦ୍ଧାର କରିଛି । ତିନି ହଜାର ବର୍ଷ ପୂର୍ବେ ଯେତେବେଳେ ଭାରତବର୍ଷର ସମାଜ ଦାରୁଣ ଭାବରେ ବିପର୍ଯ୍ୟସ୍ତ, ପରିବାର ବିଖଣ୍ଡିତ, ଧର୍ମ କୁସଂସ୍କାରପୂର୍ଣ୍ଣ ହୋଇପଡ଼ିଥିଲା, ସର୍ବତ୍ର ହିଂସା, ଦ୍ୱେଷ, ଈର୍ଷା, ଦୁର୍ନୀତି, ଦୁରାଚାର, ଅଶାନ୍ତି, ଅବିଶ୍ୱାସ, ଉଚ୍ଛୃଙ୍ଖଳତା ସମାଜକୁ ଗ୍ରାସ କରିଥିଲା, ସେହି ଦୁର୍ବିଷହ କାଳରେ ସାମାଜିକ ସଂହତି, ଅନାବିଳ ଭ୍ରାତୃତ୍ୱ, ମୈତ୍ରୀ, ନିର୍ମଳ ଦାଂପତ୍ୟ ଜୀବନ ଓ ଆଦର୍ଶସ୍ଥାନୀୟ ଜୀବନ ନିର୍ବାହର ମାର୍ଗ ପ୍ରଦର୍ଶିତ କରିଦେଲେ ମହର୍ଷି ବାଲ୍ମିକୀ ଓ ଦେବବ୍ୟାସ ତାଙ୍କ ଦୁଇ ଶାଶ୍ୱତ ମହାକାବ୍ୟ ‘ରାମାୟଣ’ ଓ ‘ମହାଭାରତ’ ମାଧ୍ୟମରେ । ମର୍ଯ୍ୟାଦାପୁରୁଷ ଭାବରେ ରାମଚନ୍ଦ୍ରଙ୍କର ସାର୍ବଜନୀନ ନୀତିମୟ ଜୀବନକୁ ଅନୁପମ କଳାରେ ଚିତ୍ରଣ କରି ଋଷିକବି ସମାଜ ସମ୍ମୁଖରେ ଚିରଦିନ ପାଇଁ ଏକ ଦୃଷ୍ଟାନ୍ତ ପ୍ରତିଷ୍ଠା କରିଦେଲେ । ଏକ ଆନନ୍ଦମୟ ସଂହତିରେ ଯିଏ ବ୍ୟାଘାତ ସୃଷ୍ଟି କରିବ, ସିଏ ସମାଜରେ କଦାପି ପ୍ରତିଷ୍ଠା ଲାଭ କରିପାରିବ ନାହିଁ, ଅର୍ଥାତ୍ ସଂହତି ହିଁ ସମାଜର ଭିତ୍ତି । ଋଷିବର ବାଲ୍ମିକୀ ବ୍ୟାଧକୁ କୌଣସି ବ୍ୟକ୍ତିଗତ ଦୁଃଖଭୋଗ କରିବାର ଅଭିଶାପ ପରିବର୍ତ୍ତେ ଏ ପ୍ରକାର ଅଭିସଂପାତ ପ୍ରଦାନ କରି ସର୍ବକାଳୀନ ବ୍ୟବସ୍ଥିତ ସମାଜ ନିମିତ୍ତ ଏବଂ ମହତ ଚେତନା ସମ୍ଭୂତ ନୈତିକ ପରମ୍ପରା ପ୍ରବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଦେଲେ ।




**ମହାଭାରତର ପରାମର୍ଶ**

ସବୁକାଳ ପାଇଁ ଦିଗଭ୍ରଷ୍ଟ ସମାଜ ପ୍ରତି ମହାଭାରତର ପରାମର୍ଶ କେତେ ମହତ୍ତର ସତେ ! ଦସ୍ୟୁମାନଙ୍କ ଉଦ୍ଦେଶ୍ୟରେ ଏହାର ଆଦର୍ଶ ଭିତ୍ତିକ ଚେତାବନୀ ଥିଲା, ‘ନାରୀ, ଭୀରୁ, ଶିଶୁ ଏବଂ ତପସ୍ୱୀମାନଙ୍କୁ ବଧ କରିବା ନିଷିଦ୍ଧ ।” ସେହିପରି ପ୍ରକାଶିତ କଳାତ୍ମକ ଅଭିବ୍ୟକ୍ତିର ଅନ୍ୟ ଏକ ଉଲ୍ଲେଖନୀୟ ନମୁନା ମହତକାବ୍ୟ ମହାଭାରତ, ଯାହା ସବୁଯୁଗ ଓ ସବୁ ସମାଜ ପାଇଁ ପ୍ରାସଙ୍ଗିକ। ଋଷି କଶ୍ୟପଙ୍କ ଉକ୍ତି ଥିଲା, “ସଜ୍ଜନମାନେ ଯେତେବେଳେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ, ସେମାନେ ଧର୍ମକୁ ଅପମାନ କରନ୍ତି ଏବଂ ଏଥିପାଇଁ ସେମାନେ ଦଣ୍ଡନୀୟ । କୌଣସି ଅପରାଧରେ ଦୋଷୀ ଯେତିକି ଦଣ୍ଡ ପାଇବ, ତା’ର ଏକ ଚତୁର୍ଥାଂଶ ପାଇବ ତା’ର ସହକର୍ମୀ ଓ ଆଉ ଏକ ଚତୁର୍ଥାଂଶ ଏ ବିଷୟରେ ମୌନ ରହିଥିବା ଲୋକ ।” ବ୍ୟାସଦେବକୃତ ସଂସ୍କୃତ ମହାଭାରତର ଓଡ଼ିଆ କାବ୍ୟ ଅନୁବାଦକ ଡ. କୁଳମଣି ଜେନା କହନ୍ତି “ଯୁଗଯୁଗ ଧରି ମାନବଜାତିକୁ ମାନବୀୟ ଜୀବନାଦର୍ଶରେ ଅନୁପ୍ରାଣିତ କରିଆସୁଥିବା ଧର୍ମ ଅଧର୍ମ, ନ୍ୟାୟ ଅନ୍ୟାୟ, ସତ୍ୟ ଓ ଶଠତା ମଧ୍ୟରେ ପ୍ରାଚୀନ ଭାରତରେ ଏକଦା ଅନୁଷ୍ଠିତ ହୋଇଥିବା ଅଭୂତପୂର୍ବ ଯୁଦ୍ଧର ସତ୍ୟାଶ୍ରିତ, ସାର୍ଥକ, ସରସ, ଶାଶ୍ୱତ, ସାରସ୍ୱତ ଇତିହାସର ଏହା ଅବିସମ୍ବାଦିତ ସତ୍ୟ ଯେ, ତିନି ମହାଗ୍ରନ୍ଥ ରାମାୟଣ, ମହାଭାରତ ଓ ଭାଗବତ ଭାରତୀୟ ସଂସ୍କୃତିର ମୂଳପିଣ୍ଡ ଭାବରେ ପ୍ରତିଷ୍ଠିତ ହୋଇ ପୃଥିବୀକୁ ଦିବ୍ୟଚେତନାର ଆଲୋକରେ ଭାସ୍ୱର କରିଅଛି ।” ପୌରାଣିକ ମହାକାବ୍ୟ ହେଲେ ମଧ୍ୟ ତତ୍କାଳୀନ ସମାଜର ବିଭିନ୍ନ ଘଟଣାବଳୀର ପ୍ରାଣସ୍ରୋତ ଉପରେ ଆଧାରିତ ଏହାର ସାରସ୍ୱତ ମୂଲ୍ୟବୋଧ ଅନନ୍ତକାଳ ପର୍ଯ୍ୟନ୍ତ ମାନବ ସମାଜକୁ ପ୍ରେରଣା ଓ ଦିଗଦର୍ଶନ ପ୍ରଦାନ କରୁଥିବ। ଏକ ନିର୍ଦ୍ଦିଷ୍ଟ କାଳର କଳାକୃତି ତାହାର ସର୍ବକାଳୀନ ଆବେଦନ ପାଇଁ କିପରି ଅମର ସ୍ୱାକ୍ଷର ବହନ କରିପାରେ ପ୍ରୋକ୍ତ ଗ୍ରନ୍ଥତ୍ରୟୀ ତାହାର ପ୍ରକୃଷ୍ଟ ନିଦର୍ଶନ ।

ପୈଶାଚି ଭାଷାରେ ଲିଖିତ “ବୃହତ କଥା”ର ଲେଖକ ଥିଲେ ଗୁଣାଢ଼୍ୟ । ରାଜଦରବାରରେ ଅପମାନିତ ଏହି ପଣ୍ଡିତ

କଥାକାର ନିକଟବର୍ତ୍ତୀ ପାହାଡ଼ ଉପରେ ଅଗ୍ନିକୁଣ୍ଡ ପ୍ରସ୍ତୁତକରି ସ୍ୱଲିଖିତ ପୋଥିଗୁଡ଼ିକୁ ସେଥିରେ ବିସର୍ଜନ କରୁଥିବା ବେଳେ ସେ ଦୃଶ୍ୟ ଅବଲୋକନ କରି ପଶୁପକ୍ଷୀମାନେ ମଧ୍ୟ ବିଚଳିତ ହୋଇ ପଡ଼ିଥିଲେ । କିଂବଦନ୍ତୀ କହେ ବିହଙ୍ଗମାନେ ଅଗ୍ନିକୁଣ୍ଡ ଉପରେ ପକ୍ଷ ସଞ୍ଚାଳନ କରି ଅଗ୍ନି ନିର୍ବାପନ ପାଇଁ ବୃଥା ପ୍ରୟାସ କରୁଥିଲେ । ତେବେ ସେହି ମହାନ କାହାଣୀ ଗ୍ରନ୍ଥର ଅବଶିଷ୍ଟାଂଶକୁ କାଶ୍ମୀର ରାଜା ଅନନ୍ତଙ୍କ ରାଜସଭା ସଦସ୍ୟ ସୋମଦେବ ସଂସ୍କୃତରେ ଅନୂଦିତ କରିଥିଲେ । କିନ୍ତୁ ବହୁ ପୂର୍ବରୁ ଏହି ଅନୁବାଦ 'ବୃହତ୍ କଥା' ଭାରତ ଭୂଖଣ୍ଡର ସୀମା ଅତିକ୍ରମ କରି ବିଦେଶରେ ପଦାର୍ପଣ କରି ସାରିଥିଲା। ସେଥିରୁ କେତେକ ଆରବ୍ୟ ରଜନୀର କାହାଣୀମାଳା ମଧ୍ୟରେ ଚିହ୍ନିତ ହୁଅନ୍ତି । ସଂପ୍ରତି ଉଭୟ 'ପିଶାଚ ଭାଷା' ଓ 'ବୃହତ୍ କଥା' ବିଲୁପ୍ତ । ତେବେ ସୋମଦେବଙ୍କ ଅନୂଦିତ ଗ୍ରନ୍ଥ 'କଥା ସରିତ ସାଗର' ବିଶ୍ୱର ପ୍ରାୟ ସମସ୍ତ ଭାଷାରେ ଅନୁବାଦ ହୋଇସାରିଛି । ଇଂରାଜୀ ଭାଷାରେ ଅନୁବାଦିତ ଏହି ଗ୍ରନ୍ଥର 'ଭୂମିକା'ରେ ଏନ.ଏମ.ପାଞ୍ଜେର ଲେଖିଛନ୍ତି, "ସୋମଦେବ ମନେକଲେ ତାଙ୍କର ଏହି ମହତ୍ ସଂକଳନ ସମୁଦ୍ର; ସବୁ ନଦୀକୁ ଏକତ୍ର କଲାଭଳି ସବୁ କାହାଣୀକୁ ଏକତ୍ର ଉପସ୍ଥାପନ କରିଛନ୍ତି । x x x ଏହାହିଁ ହେଲା କଥାସରିତ ସାଗର: ଭାରତୀୟ କଳ୍ପନା ପ୍ରବଣତାର ଦର୍ପଣ, ଯାହା ସୋମଦେବ ଭବିଷ୍ୟତ ପାଇଁ ରଖିଯାଇଛନ୍ତି।" 'କଥା ସରିତ ସାଗର' ଅନ୍ତର୍ଗତ ଏକ ଗଳ୍ପକୁ ସଂକ୍ଷେପରେ ଉଲ୍ଲେଖ କରିବା ସମୀଚୀନ ହେବ । ତିନିଜଣ ଯୁବକ ଜଣେ ସୁନ୍ଦରୀ ଯୁବତୀଙ୍କୁ ବିବାହ କରିବାକୁ ଉତ୍ସୁକ ଥିଲେ । ମାତ୍ର ହଠାତ୍ ଯୁବତୀଙ୍କର ମୃତ୍ୟୁ ହେଲା । ଜଣେ ଯୁବକ ଶ୍ମଶାନରେ ଯୁବତୀଙ୍କ ଚିତାଗ୍ନିକୁ ଛାଡ଼ି ଅନ୍ୟତ୍ର ଗଲେ ନାହିଁ, ସେଠାରେ ବସି ରହିଲେ । ଦ୍ୱିତୀୟ ଯୁବକ ଚିତାରୁ ମୁଠାଏ ଭସ୍ମାବଶେଷ ନେଇ ଗଙ୍ଗାରେ ବିସର୍ଜନ କଲେ । ତୃତୀୟ ଜଣକ ନୈରାଶ୍ୟରେ ସନ୍ନ୍ୟାସୀ ହୋଇ ଇତସ୍ତତଃ ଭ୍ରମଣ କରୁଥିବାବେଳେ ମୃତକକୁ ଜୀବନ୍ୟାସ ଦେବାର ବିଦ୍ୟାପ୍ରାପ୍ତ ହେଲେ । ଘଟଣା ଚକ୍ରରେ କନ୍ୟାଟି ମନ୍ତ୍ରାନୁଷ୍ଠାନ ମାଧ୍ୟମରେ ଜୀବନ୍ୟାସ ଲାଭ କଲା । ତେବେ ସେ କନ୍ୟା କାହାକୁ ବିବାହ କରିବ? ଏହି ପ୍ରଶ୍ନର ସମାଧାନରେ 'କଥା ସରିତ ସାଗର' କହେ, ଯିଏ ଜୀବନ୍ୟାସ ଦେଲେ ସେ ପିତା ଓ ଯିଏ ଗଙ୍ଗାରେ ଭସ୍ମ ବିସର୍ଜନ କଲେ ସିଏ ପୁତ୍ର । ତେଣୁ ଚିତାକୁ ଜଗିରହିଥିବା ଯୁବକ ହିଁ ପ୍ରକୃତ ପ୍ରେମିକ । ସେ ହିଁ କନ୍ୟାକୁ ବିବାହ କରିବାକୁ କେବଳ ହକ୍‌ଦାର । 'କଥା ସରିତ ସାଗର'ର କଳାତ୍ମକ ଉତ୍କର୍ଷର ଏହା ଏକ ଉଦାହରଣ ।

ଭାରତର ଅନ୍ୟତମ ଶ୍ରେଷ୍ଠ ନରପତି କନିଷ୍କଙ୍କ ରାଜସଭା ମଣ୍ଡନ କରିଥିଲେ କୃତବିଦ୍ୟ କବି ଅଶ୍ୱଘୋଷ । ତାଙ୍କ ରଚିତ 'ବୁଦ୍ଧ ଚରିତ' ଥିଲା ସଂସ୍କୃତ କାବ୍ୟ ପରମ୍ପରା ଅନୁସରଣରେ ପଦ୍ୟାକାରରେ ରଚିତ ପ୍ରଥମ ଜୀବନୀ ଗ୍ରନ୍ଥ । ଚିତ୍ରକଳ୍ପ ଓ ଉପମା ପ୍ରଭୃତିର ସମାବେଶରେ ଏହାର କଳାନୈପୁଣ୍ୟ ଉଦ୍‌ଭାସିତ । ସାହିତ୍ୟ ଗବେଷକ ଏ.ବି.କିଥ୍ କହନ୍ତି "ଅଶ୍ୱଘୋଷଙ୍କ କାବ୍ୟ ମୁଖ୍ୟତଃ କଳାଶ୍ରୟୀ । ଘଟଣା ସମାହାର ଓ ସେସବୁର ବର୍ଣ୍ଣନା ଅତ୍ୟନ୍ତ ପ୍ରଭାବଶାଳୀ ।"

**ସାହିତ୍ୟ ମନୋରଞ୍ଜନ ମାଧ୍ୟମରେ ପାଠକର ଜୀବନ ଦୃଷ୍ଟିକୁ ଉର୍ଦ୍ଧ୍ୱମୁଖୀ କରିବା ସହିତ, ବଞ୍ଚିବା ପାଇଁ ପ୍ରେରଣା ଓ ଦିଗ୍‌ଦର୍ଶନ ଦିଏ ।**


### ମନୋରଞ୍ଜନର ଶବ୍ଦକଳା

ସାହିତ୍ୟ ଏକ ମନୋରଞ୍ଜନ ଶବ୍ଦକଳା । ଏହା ମନୋରଞ୍ଜନ ମାଧ୍ୟମରେ ପାଠକର ଜୀବନ ଦୃଷ୍ଟିକୁ ଉର୍ଦ୍ଧ୍ୱମୁଖୀ କରିବା ସହିତ, ବଞ୍ଚିବା ପାଇଁ ପ୍ରେରଣା ଓ ଦିଗ୍‌ଦର୍ଶନ ଦିଏ । ଯଦି ଏହା ସାହିତ୍ୟର ମୌଳିକ ଆଭିମୁଖ୍ୟ ତେବେ ତୃତୀୟ ଶତାବ୍ଦୀରେ କଳିଙ୍ଗର ମାଠର ବଂଶୀୟ ରାଜତ୍ୱ କାଳରେ ଅସାଧାରଣ କଥାଶିଳ୍ପୀ ବିଷ୍ଣୁଶର୍ମାଙ୍କ ରଚିତ ବିଶ୍ୱର ପ୍ରାଚୀନତମ ଗଳ୍ପକଥା ସଂକଳନ ପଞ୍ଚତନ୍ତ୍ର ତାହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । "ପଞ୍ଚତନ୍ତ୍ର"ର ଅନେକ ଇଂରାଜୀ ଭାଷାନ୍ତର ମଧ୍ୟରୁ ଅନ୍ୟତମ ଏ.ଏସ.ପି. ଆୟାରଙ୍କ କୃତ ଅନୁବାଦର 'ପ୍ରାକ୍ କଥନ'ରେ ବ୍ୟକ୍ତ କରିଛନ୍ତି "କେବଳ ଭାରତର ମହାବଲୀପୁରମ୍ ବା ତାଞ୍ଜାଭରରେ ନୁହେଁ, କାମ୍ବୋଡ଼ିଆର ଆଙ୍କରବାଟ ଓ ଚୀନର ଗୋଟିଏ ଗୁମ୍ଫାରେ ପଞ୍ଚତନ୍ତ୍ର ଖୋଦିତ ଶିଳ୍ପକଳା ବିଦ୍ୟମାନ।"

ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ମୁଖ୍ୟତଃ ଥିଲା ସଂସ୍କୃତ ପଣ୍ଡିତମାନଙ୍କ ଦ୍ୱାରା କବଳିତ । ସାଧାରଣ ଜନତାଙ୍କ କଥିତ ଭାଷା ପ୍ରତି ସେହି ତଥାକଥିତ ଅଗ୍ରଗଣ୍ୟ ପ୍ରାଜ୍ଞମଣ୍ଡଳୀଙ୍କର ଅତ୍ୟନ୍ତ ନ୍ୟୂନ ଓ ହେୟ ମନୋବୃତ୍ତି ଓଡ଼ିଆ ଭାଷାର ବିକାଶ

ପଥରେ ଅନତିକ୍ରମ୍ୟ ପ୍ରତିବନ୍ଧକ ଭାବରେ ଦଣ୍ଡାୟମାନ ହୋଇଥିଲା । ପ୍ରତିକୂଳ ସମୟ ସ୍ରୋତର ସେହି ଚରମ ଆହ୍ୱାନକୁ ସେଯୁଗର ଶ୍ରେଷ୍ଠ କବି ସାରଳା ଦାସ ଅତ୍ୟନ୍ତ ସ୍ପର୍ଦ୍ଧାର ସହିତ ଗ୍ରହଣ କରି ନିଜ ଅଦମ୍ୟ ସାହସିକତାର ନିଦର୍ଶନ ପ୍ରକାଶ କଲେ। ତାଙ୍କ ରଚିତ ମହାଭାରତର ମାଳମାଳ କାହାଣୀ ପାଠକମାନଙ୍କ ଚିତ୍ତକୁ ରସାପ୍ଲୁତ କରି ଦେଲା । ତାହାର ସରଳ, ସୁବୋଧ, ସାବଲୀଳ ଭାଷା ସହିତ ହୃଦୟସ୍ପର୍ଶୀ କଥନଶୈଳୀର କଳାନୈପୁଣ୍ୟ ବଳରେ ସେ ହେଲେ ଓଡ଼ିଆ ଭାଷା ସାହିତ୍ୟର ଶ୍ରେଷ୍ଠ ରୂପକାର ଓ ନିର୍ମାଣ କଲେ ଏକ ଗୌରବମୟ ଜାତିର ସମୃଦ୍ଧ ସଂସ୍କୃତି ।

୧୮୬୮ ମସିହାରେ ମୁକୁନ୍ଦଦେବଙ୍କ ନିଧନ ସହିତ ଓଡ଼ିଶାର ସ୍ୱାଧୀନତାର ସୂର୍ଯ୍ୟ ଅସ୍ତମିତ ହୋଇଗଲା । ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥିତି ଦୁର୍ବିଷହ ହୋଇ ଭାରସାମ୍ୟ ହରାଇ ବସିଥିଲା । ସେତେବେଳର ଦୁର୍ଦ୍ଦିନରେ ଓଡ଼ିଆମାନଙ୍କୁ ଏକତା ଓ ମୈତ୍ରୀର ସୂତ୍ରରେ ବାନ୍ଧିରଖିବାରେ ସକ୍ଷମ ହୋଇଥିଲା ଓଡ଼ିଆ ଜାତିର ଇଷ୍ଟକବି ଜଗନ୍ନାଥ ଦାସଙ୍କ ରଚିତ ଇଷ୍ଟଗ୍ରନ୍ଥ 'ଶ୍ରୀମଦ୍ଭାଗବତ' । ସରଳ ଭାଷା, ତରଳ ଭାବ, ବିମଳ ଭକ୍ତି ଓ ସହଜ ଧାରାରେ ଜଗନ୍ନାଥ ଦାସ ଶ୍ରୀମଦ୍ଭାଗବତ ରଚନା କରି ସାକ୍ଷର, ନିରକ୍ଷର, ଆବାଳବୃଦ୍ଧବନିତା ସଭିଙ୍କ ହୃଦୟରେ ସାମାଜିକ ଚେତନାର ମଧୁର ମୂର୍ଚ୍ଛନା ସୃଷ୍ଟି କରିପାରିଥିଲେ । ଜଗନ୍ନାଥ ଦାସ ଭାଗବତ ରଚନା କରି ଓଡ଼ିଶାବାସୀଙ୍କୁ ଶ୍ରଦ୍ଧାର ସହିତ ଓଡ଼ିଆ ଭାଷାରେ ଶିକ୍ଷିତ କରିବାକୁ ପ୍ରବର୍ତ୍ତାଇ ପାରିଥିଲେ। ଏପରିକି ସେ ଯୁଗରେ ଭାରତବର୍ଷରେ ଓଡ଼ିଶା ଥିଲା ସାକ୍ଷର ସଂଖ୍ୟାରେ ସର୍ବାଧିକ। ଓଡ଼ିଆ ଜାତିର ଅମୂଲ୍ୟ ଗ୍ରନ୍ଥ 'ଶ୍ରୀମଦ୍ଭାଗବତ' ଦୀର୍ଘ ପାଞ୍ଚଶହ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ସ୍ୱୟଂ ଈଶ୍ୱରଙ୍କ ଅବତାର ସ୍ୱରୂପ ଭାବରେ ପ୍ରତି ଓଡ଼ିଆ ଗୃହରେ ପୂଜିତ। କଥିତ ଯୁଗରେ ପ୍ରମତ୍ତ କବି ବଳରାମ ଦାସ 'ଲକ୍ଷ୍ମୀପୁରାଣ' ରଚନା କରି ନାରୀ ସଶକ୍ତୀକରଣ ଓ ଅସ୍ପୃଶ୍ୟତା ବିରୋଧରେ ଉଗ୍ରସ୍ୱର ଉତ୍ତୋଳନ କରିଥିଲେ । ଏବେ ମଧ୍ୟ ଉତ୍କଳୀୟ ମାର୍ଗଶୀର ମାଣବସା ଗୁରୁବାର ବ୍ରତ ପରମ୍ପରା ମଧ୍ୟରେ ବଳରାମ ଦାସଙ୍କ ଅମର ସତ୍ତାକୁ ଅନୁଭବ କରିହୁଏ।




ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ସମକକ୍ଷ ଭାବରେ ପ୍ରତିପାଦିତ କରିବାକୁ ରୀତିଯୁଗର ପ୍ରବର୍ତ୍ତକ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଯେଉଁ ରସାତ୍ମକ କାବ୍ୟମାନ ସର୍ଜନା କରିଥିଲେ, ତାହା ତାଙ୍କ ଅନନ୍ୟ କବି ପ୍ରତିଭାର ପରିଚାୟକ। ସତ୍ୟବାଦୀ ଯୁଗର ଅନ୍ୟତମ ଶ୍ରେଷ୍ଠ କବି ପଣ୍ଡିତ ଗୋପବନ୍ଧୁ ଦାସ କବି ସମ୍ରାଟଙ୍କ ଅମରକୀର୍ତ୍ତିର ଯଶଗାନ କରି ଅନ୍ୟ ଏକ କଳାକୃତିର ସର୍ଜନା କରିଛନ୍ତି । ତାଙ୍କ ଭାଷାରେ, "ଗାଏ ତୁମ୍ଭ ଗୀତ / ସଭାରେ ପଣ୍ଡିତ / ପଥେ ପାନ୍ଥ ହୃଷ୍ଟମନା / ବିଲେ ବୋଲେ ଚଷା/ ଅନ୍ତଃପୁରେ ଯୋଷା / ନୃତ୍ୟରଙ୍ଗେ ବାରାଙ୍ଗନା" (ଅବକାଶ ଚିନ୍ତା) । ସାହିତ୍ୟଦର୍ପଣରେ ଜୀବନ ଓ ଜଗତ ହୁଏ ଆଲୋକିତ । ଅନୁକ୍ତ ନିରୀହ ଅବେଗଭରା ଜୀବନାନୁଭୂତି ସାହିତ୍ୟର ସୃଜନୀ ସାମଗ୍ରୀ ଭାବରେ ସାରସ୍ୱତ ସ୍ରଷ୍ଟାର ଚିତ୍ତକୁ ସୂକ୍ଷ୍ମାତିସୂକ୍ଷ୍ମ ପ୍ରବଣତାରେ ପ୍ରବୋଧିତ କରେ । ଏହାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସନ୍ଥକବି ଭୀମଭୋଇ, ଯାହାଙ୍କ ବ୍ୟଥା ବିଗଳିତ ପ୍ରାଣୋଚ୍ଛ୍ୱାସ ଭିତରୁ ଉଦ୍‌ଗତ ହୋଇଛି ପ୍ରାଣୀଙ୍କ ଆରତକୁ ମୋଚନ ପାଇଁ ଆତୁର ପ୍ରାର୍ଥନା।

**କଳାବୈଭବ**

କାଳାଶ୍ରିତ ସୃଷ୍ଟିକୁ କଳାବୈଭବ କିପରି କାଳଜୟୀ କରିପାରେ ତାହାର ଅନ୍ୟ ଏକ ଦୃଷ୍ଟାନ୍ତ । ଖ୍ରୀ.ପୂ. ୪୧୫ରେ ଏଥେନ୍ସରେ ମଞ୍ଚସ୍ଥ ହେଉଥାଏ ବିଭୀଷିକାମୟ ପେଲିନ୍‌ସିଆନ୍ ଯୁଦ୍ଧ ଉପରେ ପର୍ଯ୍ୟବସିତ ଇଉରିପେଡ଼ିସ୍‌ଙ୍କ ନାଟକ । ଦର୍ଶକ ବି ଥାଆନ୍ତି ନାଟକ ଜଗତରୁ ନିଜକୁ ସର୍ବଦା ଦୂରେଇ ରଖୁଥିବା କଳାବିତୃଷ୍ଣ, କାଷ୍ଠରସିକ ଦାର୍ଶନିକ ସକ୍ରେଟିସ । ଏହି ନାଟକ ସେଦିନ ସକ୍ରେଟିସ୍‌ଙ୍କୁ ବାଳକସୁଲଭ ପ୍ରଗଳ୍‌ଭ କରିଦେଇଥିଲା । ସେଦିନ ତାଙ୍କ ବିହ୍ୱଳିତ ଘନଘନ କରତାଳି ନାଟକର ସାର୍ଥକତାକୁ ପ୍ରମାଣିତ କରେ । ପେଲିନ୍‌ସିଆନ୍ ଯୁଦ୍ଧରେ ପରାଜିତ ବନ୍ଦି ଏଥେନିଆନ୍‌ମାନେ ରୁଦ୍ଧ କାରାଗାର ମଧ୍ୟରେ ଏହି ନାଟକ ଆବୃତ୍ତି କରିବାବେଳେ କାରାରକ୍ଷୀମାନେ ଏହାର ପ୍ରଭାବରେ ଭାବପ୍ରବଣ ହୋଇ ସେହିମାନଙ୍କୁ କାରାମୁକ୍ତ କରିଦେଇଥିବା

ଇତିହାସରେ ଲିପିବଦ୍ଧ ଅଛି । ସେହିପରି ୧୮୫୦ ଖ୍ରୀ.ରେ ପ୍ରଣୀତ "ଆମେରିକାର ପଳାତକ କ୍ରୀତଦାସ ଆଇନ୍‌କୁ" ଭିତ୍ତି କରି ହାରିଏଟ୍ ବିଚରଷ୍ଟୋଙ୍କ କାଳଜୟୀ ଉପନ୍ୟାସ 'ଅଙ୍କଲ ଟମସ୍ କ୍ୟାବିନ'ର ବିକ୍ରୟ ପ୍ରକାଶିତ ହେବାର ଗୋଟିଏ ବର୍ଷ ମଧ୍ୟରେ କେବଳ ଆମେରିକାରେ ତିନିଲକ୍ଷକୁ ଅତିକ୍ରମ କରାଯାଇଥିଲା। ଏହାର ମର୍ମସ୍ପର୍ଶୀ କାହାଣୀ ଓ ବାସ୍ତବବାଦୀ ବର୍ଣ୍ଣନାଚାତୁର୍ଯ୍ୟର ଅପୂର୍ବ ସମନ୍ୱୟରେ କ୍ରୀତଦାସର କରୁଣ ଆର୍ତ୍ତନାଦ ମାନବ ଇତିହାସରେ କମ୍ପନ ସୃଷ୍ଟି କରିଛି । ଆର.କେ ନାରାୟଣଙ୍କ ଗ୍ରାମ୍ୟ ସହର 'ମାଲାଗୁଡ଼ି'ରେ ପହଞ୍ଚିବାକୁ ଯେପରି ପର୍ଯ୍ୟଟକ ପ୍ରୟାସ କରେ, ଗାଁ ଦାଣ୍ଡରେ ଧୂଳିଘର ଖେଳୁଥିବା ଫକୀର ମୋହନ ସେନାପତିଙ୍କ 'ରେବତୀ'କୁ ସାକ୍ଷାତ କରିବାକୁ ପାଠକର ଆଖି ସର୍ବଦା ଖୋଜୁଥାଏ; ଅବା ମହାଜନ ରାମଚନ୍ଦ୍ର ମଙ୍ଗରାଜର ବିଚାର ଶୁଣାଣିକୁ ଦେଖିବା ପାଇଁ ଗାଁ ଗହଳିରୁ ସାଧାରଣ ଜନତାଙ୍କ ସୁଅ ଛୁଟେ, ସେହିପରି ହାରିଏଟ ବିଚରଙ୍କ ଟମ୍ କକାଙ୍କୁ ନିମିଷେ ଦେଖିବା ପାଇଁ ପାଠକ କାନାଡ଼ା ପର୍ଯ୍ୟନ୍ତ ଧାଇଁଯାଏ । ବିଶ୍ୱରେ ଏପରି କୌଣସି ଲିଖିତଭାଷା ନାହିଁ ଯେଉଁଥିରେ 'ଅଙ୍କଲ ଟମସ୍ କ୍ୟାବିନ' ପୁସ୍ତକ ଅନୂଦିତ ହୋଇ ନାହିଁ । ହାରିଏଟ ବିଚର ତିରିଶରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ ମଧ୍ୟ ଏହି କଳାଶ୍ରିତ ଉପନ୍ୟାସ ତାଙ୍କୁ ଲୋକପ୍ରିୟତାର ଉତ୍ତୁଙ୍ଗ ଶିଖରରେ ଉପନୀତ କରାଇଛି। ଏପରିକି ଦାସତ୍ୱ ପ୍ରଥା ବିଲୋପ ବିପ୍ଲବର ସୂତ୍ରପାତ କରିବାରେ ସକ୍ଷମ ହୋଇଛି । ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ଔପନ୍ୟାସିକାଙ୍କୁ ସାକ୍ଷାତ୍ ପୂର୍ବକ ଆଶ୍ଚର୍ଯ୍ୟ ପ୍ରକଟ କରି କହିଥିଲେ, "ଆପଣ ସେହି ମହିୟସୀ ମହିଳା !"

**ହାରିଏଟ ବିଚରଙ୍କ କଳାଶ୍ରିତ ଉପନ୍ୟାସ ତାଙ୍କୁ ଲୋକପ୍ରିୟତାର ଉତ୍ତୁଙ୍ଗ ଶିଖରରେ ଉପନୀତ କରାଇଛି।**

### ଚପଳଛନ୍ଦା

ପ୍ରଖ୍ୟାତ ଔପନ୍ୟାସିକ ବିଭୂତି ପଟ୍ଟନାୟକ ୧୯୭୦ ମସିହାର ଏକ ଘଟଣା ରୋମନ୍ଥନ କରି କହନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପତ୍ନୀ ତଥା 'କଳିଙ୍ଗ' ପତ୍ରିକାର ନିୟମିତ ଲେଖିକା ନଳିନୀ ଦେବୀ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଆସନ୍ନ ମୃତ୍ୟୁକୁ ସାମ୍ନାରେ ଦେଖୁଥିବା ବେଳେ ସେ ଆବଶ୍ୟକ କରୁଥିଲେ ଉପନ୍ୟାସ 'ଚପଳଛନ୍ଦା'। ତାଙ୍କର ଉକ୍ତି ଥିଲା "ମୋ ନିକଟରେ 'ଗୀତା' ଅଛି, 'ଗୀତାଞ୍ଜଳି' ଅଛି, ରବୀନ୍ଦ୍ର ନାଥ ଅଛନ୍ତି, ନଜରୁଲ ବି ଅଛନ୍ତି, କିନ୍ତୁ କେହି ମୋତେ ଏକାଗ୍ର ହେବାରେ ସମର୍ଥ ହୋଇପାରୁନାହାନ୍ତି, ଯାହା ମୁଁ ଆପଣଙ୍କ ଉପନ୍ୟାସ 'ଚପଳଛନ୍ଦା'ରୁ ପାଇଛି । ତାହାର ନୋବେଲ ପୁରସ୍କାର ପାଇବାର ସମସ୍ତ ଯୋଗ୍ୟତା ଅଛି। ଅନ୍ୟ ଏକ ସାକ୍ଷାତକାରରେ ପ୍ରଖ୍ୟାତ କଥାଶିଳ୍ପୀ ଗୌରହରି ଦାସ କହନ୍ତି, ସୁବିଖ୍ୟାତ ଉପନ୍ୟାସ ଲେଖକ ସୁରେନ୍ଦ୍ର ମହାନ୍ତି ଓ ବିଭୂତି ପଟ୍ଟନାୟକଙ୍କ ଧାରାବାହିକ ଉପନ୍ୟାସ ପ୍ରକାଶନ ଯୋଗୁଁ 'କଥା' ପତ୍ରିକା ପ୍ରତିଷ୍ଠିତ ଓ ଲୋକପ୍ରିୟ ହୋଇପାରିଥିଲା । ୨୦୨୫ ମସିହା କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପ୍ରାପ୍ତ ଲେଖକ ଡ. ରାଜକିଶୋର ପାଢ଼ୀ ଓଡ଼ିଶାର ଖ୍ୟାତାନାମା ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ ଓରଫ୍ ଦାଶ ବେନହୁରଙ୍କ ସମ୍ପର୍କରେ କହନ୍ତି, "ଆଉ ଦିନେ ତାଙ୍କ ପଗଡ଼ି ପୁରୁଷ' ପଢ଼ି କେଡ଼େ ଆବେଗରେ ତାଙ୍କୁ ଫୋନ୍ କରିଥିଲି। ବାକ୍ସେ ଗପର ବୋଝ ବୋହି ପାରିବିକି ନାହିଁ ଭାବୁ ଭାବୁ ପଢ଼ିବସିଲି ତ, ମନ ଲାଗିଗଲା । ବୁଝିଗଲି ବୋଝଟା କେଡ଼େ ହାଲୁକା । ନପଢ଼ି ବହିଟି ଥାକରେ ରଖିଦେଇଥିଲେ ମାଡ଼ି ବସିଥାନ୍ତା ବୋଝ ।"

ଲେଖକର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯେକୌଣସି ବସ୍ତୁ ବା ବିଷୟକୁ ସେ ଯେଉଁଭଳି ଦେଖେ ଓ ଯେତେ ଗଭୀରତା ପର୍ଯ୍ୟନ୍ତ ଦେଖେ, ପାଠକକୁ ସେହି ଦୃଷ୍ଟିଶକ୍ତି ପ୍ରଦାନ କରି ସେହି ଗଭୀରତାରେ ଉପନୀତ କରାଇବା। ଯେଉଁ ସାରସ୍ୱତ ସ୍ରଷ୍ଟା ଯାହା ରଚନା କରେ, ତାହା ପାଠକକୁ କେତେ ଗଭୀର ପର୍ଯ୍ୟନ୍ତ ଟାଣିନେଇପାରିବ, କେତେ ସୌନ୍ଦର୍ଯ୍ୟର ଆଭାକୁ ସଂଦର୍ଶନ କରାଇପାରିବ, ତାହା ଉପରେ ନିର୍ଭର କରେ ଲେଖାର ସାର୍ଥକତା । ଏହି କାର୍ଯ୍ୟକୁ ଯେଉଁ ସର୍ଜନା ଯେତେ ସୁନ୍ଦର ଭାବରେ ସମ୍ପନ୍ନ କରିପାରିବ, ତାହା ସେତିକି କଳାପୂର୍ଣ୍ଣ ବୋଲି ବିବେଚିତ ହେବ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com

ରମ୍ୟରଚନା


# ଦୁର୍ଗୁଣ ସଂହିତା



ଅଭୟ ଦାଶ

ଅମର ଜୁମର ସଗୁଣ ନିର୍ଗୁଣ ଭଜନ କୀର୍ତ୍ତନ ଆଦି ବିଷୟରେ ଆମେ କିଛି କିଛି ଶୁଣିଛୁ । ଯେମିତି, ବାଇମନରେ ବସି ହଂସକୁ ଖେଳା, ହଂସ ଉଡ଼ିଗଲେ, ହଂସ ଉଡ଼ିଗଲେ, ହଂସ ଉଡ଼ିଗଲେ ବୁଡ଼ିବ ଭେଳା । "ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା, ଅଠାକାଠି ପଞ୍ଜୁରୀରେ ନଦିଏ ଧରା।" ବୟସ କ୍ରମେ ଶୁଣିଲୁ କବୀର ବାଣୀ ସହ ସୁଫି ସନ୍ଥମାନଙ୍କ ରଚନାରୁ କିଛି, ଯଥା:

"ସାଧୋ ଯହ ମୁର୍ଦୋଁକା ଗାଓଁ
ପିର ମରେ ପୈଗମ୍ବର ମରିହେଁ
ମରିହେଁ ଜିନ୍ଦା ଯୋଗୀ,
ରାଜା ମରିହେଁ ପରଜା ମରିହେଁ
ମରିହେଁ ବୈଦ୍ୟ ଔର୍ ରୋଗୀ,
ସାଧୋ ଯହ ମୁର୍ଦୋଁକା ଗାଓଁ।"
ଆଉ ଗୋଟିଏ ମନେପଡ଼େ
"ଉଡ଼ଯା ପଞ୍ଛି ଅକେଲା
ଏକ ଡାଲମେ ବୈଠେ ଦୋ ପଞ୍ଛି
ଏକ୍ ଗୁରୁ ଏକ୍ ଚେଲା ।
ଗୁରୁ କି କରନି ଗୁରୁ ଭରେଗା
ଚେଲାକି ଭରନି ଚେଲା।
ରେ ଉଡ଼ଯା ପଞ୍ଛି ଅକେଲା।"



## ରିସର୍ଚ୍ଚିଆ ମୁଣ୍ଡ

ଏସବୁ ସଗୁଣ, ନିର୍ଗୁଣ ସୁଫିସଙ୍ଗୀତ ଶୁଣିଲାପରେ ସ୍ୱାମୀ ଅଭୟାନନ୍ଦର ରିସର୍ଚ୍ଚିଆ ମୁଣ୍ଡ ଭିତର ଖାଲି କୁଣ୍ଡେଇ ହେଲା, କ'ଣଟାଏ କରିପକେଇବ ! ଓଡ଼ିଆ ପ୍ରାଣଟା ଖାଲି ବାଡ଼େଇପିଟି ହେଉଥାଏ । ରିସର୍ଚ୍ଚ, ରିସର୍ଚ୍ଚ ଖାଲି ରିସର୍ଚ୍ଚ। ଏଇ ରିସର୍ଚ୍ଚ ସାଗର ଭିତରକୁ ଡେଇଁପଡ଼ିଲା । ଆମ ଓଡ଼ିଶାରେ କଥାଟା ବହୁତ ଆଗକୁ ବଢ଼ିବାକୁ ଲାଗିଲା, ଏଠିକାର ମିଡିଆ ଏସବୁ ରିସର୍ଚ୍ଚରେ ମୁଣ୍ଡ ପୂରାଇବା ପସନ୍ଦ କରନ୍ତିନାହିଁ। କାଦୁଅରେ ପଶୁଛି କିଏ ? ଗୋଡ଼ ଧୋଉଛି କିଏ ? ସ୍ୱାମୀ ଅଭୟାନନ୍ଦ ଛାଡ଼ିବା ଲୋକ ନୁହେଁ, ଲାଗିପଡ଼ିଲା। ଗାଁ'ଗାଁ ବୁଲି ତଥ୍ୟ ସଂଗ୍ରହ କରିବା କ'ଣ ସହଜ କାମ ? ଠିକ୍ ସ୍ୱାଧୀନତା ପରବର୍ତ୍ତୀ ସମୟର ସ୍ଥିତିକୁ ଧ୍ୟାନକୁ ନେଇ ଆମେ ରିସର୍ଚ୍ଚ ଆରମ୍ଭ କରିଛୁ। ସଗୁଣ ନିର୍ଗୁଣ ଆଦି ଶୁଣିସାରିବା ପରେ ଆମର ଓଡ଼ିଆ ପ୍ରାଣ ବାଛିବାଛି ଗୋଟିଏ ନୂଆ ବ୍ୟବସ୍ଥା ସୃଷ୍ଟି କରିବାରେ ଲାଗିଛି "ଯାହା ହମ୍ କିଶିସେ କମ୍ ନେହିଁ" ଭାବଧାରା ଉପରେ ଆଧାରିତ । ଆମ ରିସର୍ଚ୍ଚ ପ୍ରଡକ୍ଟ ବା ପ୍ରସ୍ତୁତିର ନାମ ହେବ, "ଦୁର୍ଗୁଣ ସଂହିତା" ବା "ଦୁର୍ଗୁଣ ଗୀତା" ! ଯାହା ହେଉ ମନପ୍ରାଣ ଦେଇ ଲାଗିପଡ଼ିଲୁ।

ରିସର୍ଚ୍ଚର ବେସ୍ ଲାଇନ୍ ବା ମୂଳଦୁଆଟା ଉଣେଇଶ ବାଉନକୁ ରଖି ପଚରାଉଚରା ଆରମ୍ଭ କରାଗଲା। ସେ ସମୟରେ ବିବାହ ଉପଯୁକ୍ତ ପୁଅଟିଏ ପାଇଁ କନ୍ୟାଘର ପକ୍ଷରୁ ପ୍ରସ୍ତାବ ଆସିଲେ ବିଧି ଅନୁସାରେ କେହି ବାରିକ, ଅବଧାନ ବା ଅନ୍ୟ କେହି ମଧ୍ୟସ୍ଥଙ୍କ ସାହାଯ୍ୟ ନିଆଯାଏ। ସେ ମଧ୍ୟସ୍ଥ ଜଣକ ଦୁଇପକ୍ଷର କୌଣସି ଉପାୟରେ ଜଣାଶୁଣା ହେବାକଥା। କଥା ଆଗକୁ ବଢ଼ିବା ପୂର୍ବରୁ ବର ପକ୍ଷରୁ ବରପିତାଙ୍କ ସହ ଗଣ୍ଡାକେତେ ବୟସ୍କ ବ୍ୟକ୍ତି ବା ବୁଢ଼ା ବା ଆଜିକାଲି ଭାଷାରେ ସିନିୟର୍ ସିଟିଜିନ୍ ଯାଆନ୍ତି କନ୍ୟା ଦେଖିବାକୁ। ଦେଖା କ'ଣ, ପୂରା ଇଣ୍ଟରଭ୍ୟୁ, ଭାଇଭା, ସେରେ ଡାଲିରେ କେତେ ଲୁଣ ପଡ଼ିବାଠାରୁ ଚାଲିକରି ଦେଖାଇବାକୁ ପଡ଼ିଥାଏ। ଛୋଟୀ ତ ନୁହେଁ ? ଭାଗବତ ପଢ଼ି ଶୁଣାଇବା ଦରକାର, ଖନୀ ନୁହେଁ ତ ? ଠିକ୍ ଦିଶୁଛିଟି ? ଏକ୍ଜାମିନର ବୁଢ଼ାମାନେ ସେଇ ମୋହ ମୁଦ୍‌ଗର ମଡେଲ, "ଅଙ୍ଗ ଗଳିତଂ ପଳିତଂ ମୁଣ୍ଡଂ ଦନ୍ତ ବିହୀନଂ ଜାତଃ ତୁଣ୍ଡଂ, କରଧୃତ କମ୍ପିତ ଶୋଭିତ ଦଣ୍ଡ" ଗୋଷ୍ଠୀର। ଉଦ୍ଦେଶ୍ୟ ଖୁଣ ଦେଖିବା । ଗୁଣ ପଛେ

ଲକ୍ଷେ ଥାଉ, ତା'ର କିଛି ମୂଲ୍ୟ ନାହିଁ। କୁହେଇ କରି କହିବେ, ସବୁ ଭଲ ଯେ ରଙ୍ଗ ଟିକେ ଶ୍ୟାମଳ । ନାକଟା ଟିକିଏ ମୁନିଆଁ ହୋଇଥିଲେ ଭଲ ହୋଇଥାନ୍ତା। ତା' ପରେ ଦବାନବା। ବିଚରା କନ୍ୟାପିତା? ମନେକର ହୋଇଗଲା, ବରଜାତିଙ୍କ ନଖରା କ'ଣ କମ୍ କି? ଆଜିକାଲି ଆହୁରି ବଢ଼ିଛି ସିନା କମିବାର ନାଁ ନାହିଁ। ହୋଟେଲ ମାଉଁସ ଆଉ ଭଲ ମଦ ଟୋପାଏ ନହେଲେ ସେଥିରେ ଖୁଣ ବାହାର କରିବେ । ମନେକର ସେଇଟା ପାସ୍ ହୋଇଗଲା, କ'ଣ ଦେଇଛି? ସବୁ ଦେଲା ଯେ ସିନ୍ଦୂର ଟୋପାଏ ତ ଦେଲା ନାହିଁ? ଦୀପଟାଏ ନାହିଁ? ଏ ସବୁ ବୁଢ଼ାଙ୍କର କାମ ।

**"ସବୁ ଭଲ ଯେ ରଙ୍ଗ ଟିକେ ଶ୍ୟାମଳ । ନାକଟା ଟିକିଏ ମୁନିଆଁ ହୋଇଥିଲେ ଭଲ ହୋଇଥାନ୍ତା ।"**

### ବୋହୂ ଚାଲି ନ ଜାଣଇ

ଝିଅ ବାପଘରୁ ବିଦାୟ ନେଇ ଶାଶୂଘରେ ପାଦ ଦେଲା ବେଳକୁ ଗୀତ ବାଜିଥାଏ, "ବୋହୂ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା ।" ବୋହୂ ଆସିଗଲା ପରେ ଗାଁରେ ଖୁସିର ଲହର ଭୋଜିଭାତ ସହିତ ଆରମ୍ଭ ହୁଏ ବୋହୂଦେଖା ପର୍ବ! ବୁଢ଼ୀମାନେ ଛୋଟଛୋଟ ଦଳରେ ବାହ୍ୟ ପରୀକ୍ଷକ ବା ଏକ୍ସଟର୍ନାଲ ଏକ୍ଜାମିନର୍ ରୂପେ ପହଞ୍ଚି ଫେରିଆସି ସବୁ ରିପୋର୍ଟ ଦାଖଲ କରିବା ଦେଖାଯାଏ। ଛିଛି ଲୋ! ମା ସଣ୍ଣା ଶିଖେଇ ନାହିଁ! ସରିଲା, ପାସ୍ ନମ୍ବର ମିଳିବ ତ? ରଜପର୍ବ ଆସିଗଲେ ଝିଅମାନେ ଯାଆନ୍ତି ରଜ ବୁଲି, ସେଇ ଖୁଣ ଦେଖିବା, ଖୁଣ୍ଟୁଣା, ଦୁର୍ଗୁଣ ବଖାଣିବାର ଆଉ ଗୋଟିଏ ଅଧ୍ୟାୟ।

ସମୟ ଗଡ଼ିବା ସଙ୍ଗେ ବଦଳି ଚାଲିଛି ସାମାଜିକ ଚିନ୍ତାଧାରା, ଚଳଣି ଆଦି । ସେ ଯଦି ଲେଖକ ହୋଇଥାଆନ୍ତି, ଶୁଣିବେ, କ'ଣଟାଏ ଲେଖିଛି? ଅଧ୍ୟାପକ ହୋଇଥିଲେ, କ'ଣଟାଏ ପଢ଼ଉଛି? ନେତା ହୋଇଥିଲେ, ଚୋରଟାଏ, ସେ ଅମୁକ ବାବୁ ଚୋରଟାଏ, ସବୁ ଖାଇଗଲା ଆଦି ଶୁଣିବାକୁ ହୁଏ । ଆଜି ନୁହେଁ ବହୁତ ଆଗରୁ ଏ ପ୍ରକାର ଖୁଣ ବାହାର କରିବା ବ୍ୟବହାର ରହିଛି ଆମ ଓଡ଼ିଶାରେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବି ସେ ପ୍ରକାର ଆରୋପରୁ ରକ୍ଷା ପାଇନାହାନ୍ତି।

ଆଉ ଟିକେ ପଛକୁ ଗଲେ ଦେଖାଯାଏ, ସବୁ ଯୁଗରେ ଏ ଦୋଷ, ଦୁର୍ଗୁଣ, ଖୁଣ ଦେଖିବା ଲୋକ ଆମ ଦୃଷ୍ଟିକୁ ଆସିଛନ୍ତି। ନହେଲେ କାହିଁକି ହୋଇଥାନ୍ତା ସୀତାଙ୍କ ଅଗ୍ନିପରୀକ୍ଷା, କାହିଁକି ହୋଇଥାନ୍ତା ଦ୍ରୌପଦୀଙ୍କ ବସ୍ତ୍ରହରଣ, କାହିଁକି ହୋଇଥାଆନ୍ତା ରାମଙ୍କ ବନଗମନ? ଏସବୁ ଆମ ରିସର୍ଚ୍ଚ ଭିତରେ ନ ପୂରେଇ ଆଗକୁ ବଢ଼ିବା ଉଚିତ ମନେକରିଛୁ ।

ବର୍ତ୍ତମାନର ରାଜନୀତିରେ ଗୁଣ ଓ ଖୁଣକୁ ନେଇ ମିଛର ପୁଟ ଚଢ଼ାଇ ଏମିତି ଖବର ପ୍ରକାଶ ପାଇବା ନିତିଦିନିଆ ଘଟଣା ହେଲାଣି । ଏବେ ସୋସିଆଲ ମିଡିଆରେ ପ୍ରଚାରିତ ସମ୍ବାଦ ସହ ଫଟୋଷ୍ଟାଟ୍ କପିର ବ୍ୟବହାର ସନ୍ଦେହକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ବିଶ୍ୱ ସ୍ତରରେ ମଧ୍ୟ ସବୁଠାରୁ ଶକ୍ତିଶାଳୀ ଦେଶର ଶକ୍ତିଶାଳୀ ରାଷ୍ଟ୍ରପତି ସେହି ଭାରତୀୟ ସଭ୍ୟତାର, "ନରେ ବା ଗୁଞ୍ଜରେ ବା ଅଶ୍ୱତ୍ଥାମା ହତ!" ଫର୍ମୁଲା ବ୍ୟବହାର କରିବା ଦେଖାଯାଏ।

ସ୍ୱାମୀ ଅଭୟାନନ୍ଦଙ୍କ "ଦୁର୍ଗୁଣ ସଂହିତା" ଅଧ୍ୟୟନକଲେ ଦୋଷ ଦୁର୍ବଳତା ଖୁଣ ବିଷୟରେ ଅଧିକ ଅବଗତ ହୋଇପାରିବେ, କହୁଛି ଅଭୟ ଦାଶ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com




*ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ*

'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା **info@sahityacharcha.com**

କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।

ବିଶେଷ ସୂଚନା ପାଇଁ ଏହି ଲିଙ୍କ୍ ଦେଖନ୍ତୁ:

www.sahityacharcha.com/submit-articles

କବିତା

# ଫଗୁଣର ମାୟାବିନୀ ରୂପ



ମିନାକ୍ଷୀ ଦ୍ୱିବେଦୀ

ଋତୁଚକ୍ରର ସେ ରଙ୍ଗିନ ପୃଷ୍ଠାରୁ ଧୀରେ ଓହ୍ଲାଇଲା କିଏ ?
ନିଷ୍ପ୍ରଭ ଶାଖାରେ ନୂତନ ସ୍ପନ୍ଦନ ଚୁପିଚୁପି ଭରିଦିଏ।

ସିଏ ତ ଫଗୁଣ, ଅନୁରାଗ ଶିଳ୍ପୀ ରଙ୍ଗର ଜୁଆର ଭରା,
ଧରଣୀର କାନେ ବସନ୍ତର ବାର୍ତ୍ତା, ମଳୟ ଦେଇଛି ଧରା।

ଶୀତର ଶେଷ ସେ କୁହୁଡ଼ି ଚାଦର ତେଜିଲାଣି ଆଜି ଦେଶ,
ପୁରୁଣା ପତ୍ରର ବିଦାୟ ବେଳାରେ ନୂଆ ପଲ୍ଲବର ବେଶ।

ଶିମିଳି ରକ୍ତିମ, ପଳାଶର ନିଆଁ ବଣରେ ଲାଗିଛି ଆଜି,
ବଉଳ ବାସ୍ନାରେ ମତୁଆଲା ମନ ଯାଉଛି ପ୍ରେମରେ ଭିଜି।

ତମାଳ ବନରେ କୋଇଲିର ତାନ ଅତୀତର ସ୍ମୃତି ବୁଣେ,
ଅକୁହା କଥାର ଅନ୍ତର ସଙ୍ଗୀତ କବିର ହୃଦୟ ଶୁଣେ।

ଏ ଋତୁ କେବଳ ପ୍ରକୃତିର ନୁହେଁ ପ୍ରୀତିଝରା ଭାବାବେଗ,
ପ୍ରୀତି ପଥେ ଚାଲେ ଅନୁରାଗୀ ମନ ତେଜି ସବୁ ହିଂସା, ରାଗ।

ପଲ୍ଲବିତ ହୁଏ ଆଶା କଳିକା ଝରେ ପ୍ରେମ ମଧୁମଳୟ,
ହୃଦୟ ଖୋଜେ ହୃଦୟଟିଏ, ଆଉ ସ୍ପନ୍ଦନର ସମନ୍ୱୟ।

କେଉଁଠି ଅବିର, କେଉଁଠି କୁଙ୍କୁମ ଆକାଶଟା ରଙ୍ଗମୟ,
ଦୋଳର ବିମାନେ ଗୋବିନ୍ଦଙ୍କ ହସ କରେ ସବୁ ଦୁଃଖ କ୍ଷୟ।

ରାଧା-କୃଷ୍ଣଙ୍କ ସେ ପ୍ରେମର ଯମୁନା ଉଛୁଳେ ଆଜି ବି ମନେ,
ଫଗୁଣର ଧୂଳି ପବିତ୍ର ଲାଗଇ ଏଇ ସେହି ସଙ୍କୀର୍ତ୍ତନେ।


ଫଗୁଣ ତ ଖାଲି ସମୟର ପାଳି, ନୁହେଁ ଏକ କାଳଖଣ୍ଡ,
ଜୀବନ ଜଳରେ ପ୍ରେମର କଇଁ ସେ ପ୍ରକୃତିର ମାନଦଣ୍ଡ।

ଝରିଯାଉ ଧୂଳି, ରହିଯାଉ ରଙ୍ଗ ହୃଦୟର ସବୁ କୋଣେ,
ଫଗୁଣ ଫେରିବ, ପ୍ରୀତି ଢାଳିଦେବ, ପ୍ରତିଟି ବ୍ୟଥିତ ପ୍ରାଣେ।

ଏମିତି ଆସୁ ସେ ବାରମ୍ବାର ଏଠି ରଙ୍ଗେଇବା ପାଇଁ ଆଶା,
ଫଗୁଣ ହିଁ ତ ପ୍ରକୃତିର ସବୁଠୁ, ସୁନ୍ଦର କାବ୍ୟିକ ଭାଷା।

□□

କବୟିତ୍ରୀଙ୍କ ଇ-ମେଲ୍ ଠିକଣା:
minakshi.dwivedy21@gmail.com




ଗଳ୍ପ



# ଛେଳି ଚରାଳି ଛୁଆ

କୃପାସାଗର ସାହୁ

**ଛେ**ଳିଗୁଡ଼ାକୁ ଚରିବାକୁ ଛାଡ଼ିଦେଇ ଛେଳି ଚରାଳି ଛୁଆଟି ଗଛ ଉପରେ ବସି ବଂଶୀ ବଜାଏ । ସେ କାହାର ଅନୁରୋଧରେ ବା ଉପ୍ରୋଧରେ ବଂଶୀ ବଜାଏନି । ତା'ର ମନ ଡାକିଲେ ସେ ବଂଶୀ ବଜାଏ । ତାକୁ ଭୋକ ଆଉଟୁପାଉଟୁ କଲେ ସେ ବଂଶୀ ବଜାଏ । ପୁନଶ୍ଚ ତା'ର ଆଖିପତାଗୁଡ଼ାକ ଭାରିଭାରି ହୋଇଗଲେ ସେ ବଂଶୀ ବଜାଏ ।



ତାକୁ ଜଙ୍ଗଲରେ ଶୋଇବା ମନା । ଛେଳିଗୁଡ଼ାକର ସେ ଏକଲା ରକ୍ଷାକର୍ତ୍ତା । ତେଣୁ ତାଙ୍କୁ ଏ ନିପନ୍ତରା ଜଙ୍ଗଲରେ ଛାଡ଼ିଦେଇ ସେ ନିଶ୍ଚିନ୍ତରେ ଶୁଅନ୍ତା କେମିତି ?

ତା'ର ବଂଶୀସ୍ୱନରେ ନଥାଏ କୌଣସି ପରିଚିତ ରାଗ। ରାଗ ବେହାଗ, ରାଗ ମାଲକୋଶ ବା ରାଗ ହଂସଧ୍ୱନି । ଝିଙ୍କାରୀଙ୍କ ଏକଟଣା ଆଳାପ ପରି ତା'ର ବଂଶୀସ୍ୱର । ସେ ସ୍ୱର ବଡ଼ କରୁଣ । ବଂଶୀସ୍ୱନରେ କରୁଣ ରସଛଡ଼ା ଆଉ କିଛି ଥାଏ କି ?

ତା'ର ବଂଶୀସ୍ୱନ କିଏ ଶୁଣୁ କି ନଶୁଣୁ, ଶୁଣୁଥାଏ ସୀମାହୀନ ସୁନୀଳ ଆକାଶ । ମଉଳାଭଣଜା ଜଙ୍ଗଲର ବନସ୍ପତି, ଗୁଳ୍ମ ଏବଂ ଲତାଙ୍କ ସମୂହ। ଶୁଣନ୍ତି ତା'ର ସାଥୀ ଏବଂ ସହୋଦର ଏଇ ଛାଗଳଗଣ ।

ଛେଳି ଚରାଳି ଛୁଆଟିର ପରିଚୟ ଦେଇଦିଏ । ସରକାରୀ ଦସ୍ତାବିଜରେ ତା'ର ନାଁ ଗୋପାଳ ଚନ୍ଦ୍ର ଦାସ । ସମସ୍ତଙ୍କ ମୁହଁରେ ତା'ର ନାଁ ଗୋପାଳିଆ । ଏବେ ସେ ପିତୃମାତୃହୀନ । କାହିଁ କେତେ ବର୍ଷ ତଳେ ତା'ର ବାପା ଯାଇଥିଲା ଦାଦନରେ । ଆଉ ଫେରିନି । ତା'ର ମା' ହେଲା 'ମେନିଂଜାଇଟିସ'ର ଶିକାର । ମା'ର ପାଇଟିକୁ ସେ ଉତ୍ତରାଧିକାର ସୂତ୍ରରେ ପାଇଛି । ଗାଁର ଦଶଘର ଲୋକଙ୍କର ଛେଳି ଚରାଇବାର ପାଇଟି ।

କ୍ଲାସ ଦୁଇ ବା ତିନିରେ ତା'ର ପାଠରେ ଡୋର ବନ୍ଧାହୋଇଛି । ତେଣୁ ଗାଁରେ ତା'ର କେହି ସାଙ୍ଗ ନାହାନ୍ତି । ତେଣୁ ତା'ର ଦୁଃଖ ଅସରନ୍ତି । ସେହି ଦୁଃଖ ଭୁଲିବାକୁ ସେ ବଂଶୀ ବଜାଏ । ବଂଶୀର ସ୍ୱନରେ ବିରାମ ହେଲେ ତା'ର ମା' ମନେପଡ଼େ ।

ପୁଣି ଦୁଃଖରେ ବେଶି ସନ୍ତୁଳି ହେଲେ ତା'ର ମା' ମନେପଡ଼େ । ମନେପଡ଼େ ତା'ର ନାନା ଅବତାର । ବାସି ତିଅଣରେ ଲଙ୍କାଦଳି ସକାଳେ ପଖାଳ ଖୁଆଉଥିବା ମା' । ଖାଇସାରିଲା ପରେ କୁଳୁକୁଳୁ ଡାକି କୁଳକୁଞ୍ଚା ଶିଖାଇ ଦେଉଥିବା ମା'। 'ଧୋରେ ବାଇଆ ଧୋ' ଗୀତ ବୋଲି ନିଦମାଉସୀକୁ ଡାକି ଆଣୁଥିବା ମା' ।

ମା' ଥିଲା ତା'ର ସର୍ବସ୍ୱ । ତା'ର ବାପା କଳା କି ଗୋରା, ଲମ୍ବା କି ଗେଡ଼ା ସେ ଜାଣେନା । ତେଣୁ ସେହି ମା'କୁ ସେ ଭୁଲିବ କେମିତି ? ଜନ୍ମ ନାଟିକା କଟିଗଲା ପରେ ମା' ସହ ସଂପର୍କଟା କଟିନଯାଇ ହୁଏନି କି ଆହୁରି ସାନ୍ଦ୍ର ?

ନିଜର ଚିରାଚରିତ ଅଭ୍ୟାସବଶତଃ ଦିନାନ୍ତରେ ଭୁଆସୁଣୀ ପାହାଡ଼ ଆଡ଼କୁ ଢଳିଢଳି ଗଲେ ସୂର୍ଯ୍ୟ । ସେ ଜଣେ ବହୁମୁଖୀ କଳାକାର । ପ୍ରଭାତରେ ସେ ଶିଶୁ କଳାକାର ପରି ସୁଢ଼ଳ । ମଧ୍ୟାହ୍ନରେ ସେ 'ଭିଲେନ୍' । ସଞ୍ଜ ନଇଁଲେ ସେ ଦିଶନ୍ତି ମାତାଲ ପରି ।

ସେଦିନର ତାଙ୍କ ଅଭିନୟ ସରିଲା । ଏଇନେ ଯେ ପୃଥିବୀର ରଙ୍ଗମଞ୍ଚରୁ ଆଲୁଅ ଲିଭିଯିବ, ଛେଳିଗୁଡ଼ାକୁ

ଜଣାପଡ଼ିଗଲା । ତାଙ୍କ ସକାଶେ ଆଉ ଗୋଟିଏ ସଂକେତ । ଗୋପାଳର ଅନ୍ତହୀନ ବାଂଶୁରୀ ଆଳାପ ବଦଳରେ ସେଥିରୁ ନିର୍ଗତ ହେଲା କୁମ୍ଭାଟୁଆର ଶବ୍ଦ ପରି କୁକ୍... କୁକ୍ ?... କୁକ୍ । ଛେଳିଗୁଡ଼ାକ ଗୋପାଳର ଅସହାୟତା ଜାଣନ୍ତି । ତେଣୁ ସେମାନେ ବେଶି ଦୂରକୁ ଭଟକି କରି ଯାଆନ୍ତିନି ।

କୌଣସି ଛେଳି କଣ୍ଟେଇ କୋଳି ଚୁଣ୍ଟିବାରେ ମଗ୍ନଥିଲା । ଆଉ କିଏ ଶୋଇକରି କରୁଥିଲା ପାକୁଳି । ଧଳା, ଧୂସରିଆ, କାଳିଆ, କସରା, ଛବି ଛବିଲା ସବୁ ଛେଳି ଅସନ ଗଛ ମୂଳରେ ସମବେତ ହେଲେ, ଯାହାର ଶାଖାରେ ଗୋପାଳ ବସିଥିଲା । ସେମାନେ ତାଙ୍କ ଅବୋଧ ସ୍ୱରରେ ସତେ ଯେପରି ସମବେତ କଣ୍ଠରେ କହିଲେ- ଓହ୍ଲା ଗୋପାଳ, ଯିବା ।

ଗୋପାଳ ଗଛତଳକୁ ଓହ୍ଲାଇଲା ।

କିନ୍ତୁ ଏ କ'ଣ ? ତାକୁ ଅପେକ୍ଷା ନକରି ଛେଳିଗୁଡ଼ାକ କିଲବିଲ ହୋଇ ଦୌଡ଼ିଲେ କାହିଁକି ? କୁଆଡୁ ଗୋଟିଏ ହନୁମାଙ୍କଡ଼ ଆସି ପାଖଗଛ ଉପରେ ହୁଁ ହୁଁ ଡାକିଲା କାହିଁକି ? ଗୋପାଳର ଚକ୍ଷୁସମକ୍ଷରେ ଉଭାହେଲା ଏକ କଲରାପତ୍ରିଆ ବାଘ । ଏ ଜଙ୍ଗଲରୁ କେବେଠୁ ବାଘ ବଂଶ ନିପାତ ହେବାର ସେ ଜାଣେ । ଅତର୍କିତେ ଏ ଜନ୍ତୁଟିକୁ ଦେଖି ତା' ହାତରୁ ବଂଶୀଟି ଖସିପଡ଼ିଲା ।

**ତାକୁ ଅପେକ୍ଷା ନକରି ଛେଳିଗୁଡ଼ାକ କିଲବିଲ ହୋଇ ଦୌଡ଼ିଲେ କାହିଁକି ? କୁଆଡୁ ହନୁମାଙ୍କଡ଼ଟିଏ ଆସି ପାଖଗଛ ଉପରେ ହୁଁ ହୁଁ ଡାକିଲା କାହିଁକି ?**

ସେତିକି ଥିଲା ତା'ର ପ୍ରତିକ୍ରିୟା । ସେ ଚିତ୍କାର କଲାନି କିମ୍ବା ଗଛ ଉପରକୁ ଚଢ଼ି ଆତ୍ମରକ୍ଷା କରିବାର ପ୍ରୟାସ କଲାନି । ସେ ଠିଆହେଲା ନିଶ୍ଚଳହୋଇ । ତା'ର ଡରିବାର କିଛି କାରଣ ଯେ ନାହିଁ । କିଏ ଅଛି ତା'ର ଆଗରେ, ନା ପଛରେ ! କିଏ ଅଛି ତା'ର ଅବର୍ତ୍ତମାନରେ ଲୁହ ଝରାଇବା ପାଇଁ ? ବାଘର ଶିକାର ହେଲେ ତା'ର ଅପ୍ରମିତ ଦୁଃଖର ଅବସାନ ହେବ । ସେ ଚାଲିଯିବ ତା'ର ମା' ପାଖକୁ । ହୁଏତ ସେ ଅପରିଚିତ ଦୁନିଆରେ ବାପାର ମୁହଁକୁ ଦେଖିବ ପ୍ରଥମକରି । ସେ ଯେଉଁ ଜୀବନ ଜିଉଥିଲା, ତାକୁ କ'ଣ କହନ୍ତି ଜୀବନ ? ସେ ତ ଅପ୍ରମିତ ଯନ୍ତ୍ରଣାର ଅନ୍ୟତମ ନାମ । ତା' ହେଲେ ସେ ମୃତ୍ୟୁକୁ ଭୟ କରିବ କାହିଁକି ? ତେଣୁ ସାମ୍ନାରେ ପ୍ରତ୍ୟକ୍ଷ କରୁଥିବା ଭୟଙ୍କର ଜୀବଟିକୁ ଦେଖି ସେ ଭୟ ପାଇବ କାହିଁକି ?

ବାଘ ସମ୍ମୁଖରେ ଅଜାତଶ୍ମଶ୍ରୁ ବାଳକଟିଏ । ତାକୁ ଦେଖି ବାଘ ମୁହଁରେ ଆକର୍ଣ୍ଣ ପ୍ରସାରିତ ହସ ।

ବାଘଟି ଦୁଇ ଗୋଡ଼ରେ ଚାଲିଚାଲି ଗୋପାଳ ଆଡ଼କୁ ଅଗ୍ରସର ହେଲା । ତାକୁ ମନେହେଲା ଏବେ ସେଇଟା ତାକୁ ତା'ର ପନ୍ଝାରେ ଜାବୁଡ଼ି ଧରିବ ଏବଂ ବେକ ଝୁଣିକରି ଚଁ ଚଁ କରି ପିଇଯିବ ରକ୍ତ । ତା'ପରେ ରାତ୍ରିର ମଣୋହି ପାଇଁ ଉଠାଇନେବ ପାହାଡ଼ ଖୋଲକୁ ।

କିନ୍ତୁ ଏ କ'ଣ ? ସେମିତି କିଛି ଅଘଟଣ ତ ହେଲାନି । ସେ ତାକୁ ଆଲିଙ୍ଗନ କଲା ଏବଂ ସେ ଆଲିଙ୍ଗନ ଥିଲା ମା'ର ଆଲିଙ୍ଗନ ପରି ନିବିଡ଼ ତଥା ମୋଲାୟମ ।

ତା'ପରେ ତା'ର ଶରୀରରୁ ଚେତନା ଲୋପ ପାଇଥିଲା । ଆଖିକୁ ଭରି ଆସିଥିଲା ଘମାଘୋଟିଆ ନିଦ । କୋକମିନା ଗପ ଶୁଣିଲେ ଯେମିତି ଘୋଟିଯାଏ ନିଦ ।

X X X

ଛେଳିଗୁଡ଼ାକ ମେଁ ମେଁ ସ୍ୱରରେ ମା' ମଙ୍ଗଳାକୁ ଡାକିଡାକି ପ୍ରାଣ ବିକଳରେ ଧାଇଁଥିଲେ ଗାଁ ଆଡ଼େ । ରାସ୍ତାରେ କାହାର ନଖରାମି ଦେଖିବାକୁ ମିଳିଲାନି ।

ପଧାନ ଘର ଛେଳି ପାଞ୍ଚଟା ସୁନାପିଲା ପରି ଗୁହାଳରେ ଢୁକିଗଲେ । ଘରମଣିର ଘଣ୍ଟିଶବ୍ଦ ଶୁଣି ସୁନେଇ ଘର ଭିତରୁ ବାରନ୍ଦାକୁ ଆସିଯାଇଥିଲା । ଘରମଣି ତା'ର କାନିଟାଣି ଲସରପସର ହେଲା ।

ଛେଳିଗୁଡ଼ାକର ଏତାଦୃଶ ବଶଂବଦତା ଦେଖି ଗ୍ରାମବାସୀ ଆଶ୍ଚର୍ଯ୍ୟଚକିତ ହୋଇ ଦାଣ୍ଡକୁ ଆସି କଥାବାର୍ତ୍ତା ହେଲେ- ଆଜି କ'ଣ ଛେଳିଗୁଡ଼ାକ ବେଳାବେଳି ଫେରିଆସିଲେ ?

ହଁ, ଆଜି କାହା ବାଡ଼ିରେ ପଶିନାହାନ୍ତି ।

ଗୋପାଳକୁ ରାତିର ପଖାଳ ଦେବାର ପାଳି ଥିବା ଗୁନେଇ ବୁଢ଼ୀ ବାଡ଼ି ଠକ୍‌ଠକ୍‌କରି ଆସି ପଚାରିଲା- ଗୋପାଳିଆ କାଇଁ ?

ଏତେବେଳକେ ସମସ୍ତଙ୍କର ଗୋପାଳ କଥା ମନେପଡ଼ିଲା । ସେତେବେଳ ଯାଏ ଗୋପାଳର ଦର୍ଶନ ନ ଥିଲା ।

ଆଲୋଚନା ହେଲା :

ସେ ତ ସୁଧାର ପିଲାଟିଏ । ଘରଘର ବୁଲି ଛେଳି ଆସିଲେ କି ନାହିଁ ତଦାରଖ କରେ ।

ଆଉ କ'ଣ ଜନ୍ତୁ କି ନଅନୁଆଣି ହାବୁଡ଼ରେ ପଡ଼ିଲା କି ?

ଶୁନେଇ ବୁଢ଼ୀ ତାଙ୍କ କଥାକୁ ନାକଚ କରି କହିଲା- ସେମିତି ଅମଙ୍ଗଳିଆ କଥା ତୁଣ୍ଡରେ ଧରନା । ବିଚରା ଛେଉଣ୍ଡଟିଏ !

ତା'ପରେ ସେ ମୁଣ୍ଡରେ ହାତଯୋଡ଼ି ଗୁଣୁଗୁଣେଇଲା- ହେ ପ୍ରଭୁ ମଉଳାଭଣଜା । ହେ ମା' ମଙ୍ଗଳା । ଗୋପାଳିଆକୁ ଘଣ୍ଟ ଘୋଡ଼େଇ ରଖ ।

ଗାଁ ଗୋଟାକୁ ଅନ୍ଧାର ଖପଖପ ଡେଇଁକରି ଆସି କବଳିତ କଲାବେଳକୁ କଥାଟି ଗାଁ ସାରା ରାଷ୍ଟ୍ର ହୋଇଯାଇଥିଲା- ଗୋପାଳିଆ ଜଙ୍ଗଲରେ ରହିଯାଇଛି । ଏବେ ଗାଁ ମଣ୍ଡପରେ ଦେଶର ମିଟିଂ ବସିଲା ।

କ'ଣ କରିବା ?

ଏବେ ତାକୁ ଖୋଜିବାକୁ ଯିବା ?

ଅନ୍ଧାର ଭିତରେ ପିଙ୍କା ଟାଣୁଥିବା ଯେଉଁ ବୃଦ୍ଧ ବ୍ୟକ୍ତିଙ୍କ ମୁହଁରୁ ନିଆଁର ଗୁଲ ଦିଶୁଥିଲା ପତ୍ରସନ୍ଧିରେ ବୁଲୁଥିବା ଜୁଳୁଜୁଳିଆ ପୋକପରି, ସେ ମନ୍ତ୍ରଣା ଦେଲେ- ପାଗଳ ହେଲକିରେ ପିଲେ ! ରାତିରେ ଜଙ୍ଗଲ ଭିତରକୁ ଯିବାମାନେ ବିପଦକୁ ଟାଣିଆଣିବା । କାଲି ସକାଳୁ କାଉ କା' ନ କରୁଣୁ ଯେଝାଯେଝା ଅସ୍ତ୍ରଶସ୍ତ୍ର ଧରି ବାହାରିଯିବା। ତା'ପରେ ତା'ର କପାଳ ।



x x x

ପଧାନ ଘର ଚାଳକୁ ଉଠି ନାଲିଆ ଗଞ୍ଜାଟା ଦୁଇଥର ରଡ଼ିଦେଲା ବେଳକୁ ପୂରା ଗାଁଟାର ନିଦ ଭାଙ୍ଗି ଯାଇଥିଲା ଏବଂ ଜଙ୍ଗଲକୁ ଯିବା ପାଇଁ ଗ୍ରାମବାସୀମାନେ ମଣ୍ଡପରେ ହାଜର ହୋଇଯାଇଥିଲେ । ସେମାନେ ଜଙ୍ଗଲ ଅଭିମୁଖରେ ଅଭିଯାନ କଲାବେଳେ ହୋହଲ୍ଲା କରୁଥିଲେ, ତା'ସହ ବାଡ଼ିରେ ରାସ୍ତାରେ ଦୁଇପାର୍ଶ୍ୱରେ ଗୁଳ୍ମଗୁଡ଼ିକୁ ପିଟି ପକାଉଥିଲେ କିମ୍ବା ଭୁଜାଲିରେ ଡାଳଗୁଡ଼ିକୁ ହାଣିପକାଉଥିଲେ ।

ଗୋପାଳର ଚିରାଚରିତ ଆଶ୍ରୟସ୍ଥଳରେ ପହଞ୍ଚିଲା ପୂର୍ବରୁ ଜନ୍ତୁଟିଏ ହେଣ୍ଟାଳ ଛାଡ଼ି ପଶିଗଲା ଶାଳବଣର ଅଭ୍ୟନ୍ତରରେ ।

ବୟସ୍କ ଅସନଗଛଟି ଯେଉଁଠି ଚାରିକେନା କରି ବାହୁ ମେଲିଥିଲା, ତା'ଉପରେ ଗୋପାଳ ବେକତଳେ ହାତର ମୁଚୁଳା ଦେଇ ଶୋଇଥିଲା ଏବଂ ତଳେ ଚାଲିଥିବା କୋଳାହଳ ଶୁଣି ଆଖି ମଳିମଳି ଉଠିଲା ।

ସେ ତଳକୁ ଆସିଲାପରେ ତାକୁ ଗୁଡ଼େଇତୁଡ଼େଇ କରି ପ୍ରଶ୍ନ ପଚରାଗଲା ।

କିରେ ! ସନ୍ଧ୍ୟାରେ ଗାଁକୁ ନଫେରି ଏଠି ଶୋଇଛୁ ଯେ ? ତୋ' ପାଇଁ ରାତିସାରା ଆମର ଚିନ୍ତା ।

କିଛି ଜନ୍ତୁ ହାବୁଡ଼ିଲୁ କି ?

'ହଁ' କହି ଗୋପାଳ ବିଗତ ଦିନର ଅନୁଭୂତି ସଂକ୍ଷେପରେ ବଖାଣି ଯୋଡ଼ିଲା- ଗଛ ଉପରକୁ କେମିତି ଆସିଲି ଜାଣେନି । ବାଘଟା ଟେକି ନେଇଥିବ ।

ଏ ସମ୍ବାଦ ଶୁଣି ଅଧିକାଂଶ ଗ୍ରାମବାସୀ ଅଟ୍ଟହାସ୍ୟ କରି ଉଠିଲେ । ଜଣେ ମନ୍ତବ୍ୟ ଦେଲେ- ଏ ଗୋପାଳିଆଟା ଭଲ ପିଲା ବୋଲି ଆମେ ଜାଣିଥିଲେ । ଶେଷକୁ ସେ ମିଛୁଆ ରାଧୁଆ ପାଲଟିଗଲା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
krupasagarsahoo1952@gmail.com




'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଅନେକ ଲେଖା ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:

www.sahityacharcha.com

ପ୍ରବନ୍ଧ

# ଭାରତୀୟ ଶବ୍ଦାର୍ଥ ବ୍ୟବସ୍ଥା ଓ ଆମ ଭାଷା



ନଟବର ଶତପଥୀ

ସ୍ୱାଧୀନତା ପରେ ଗୋଟିଏ ସାମ୍ବିଧାନିକ ବ୍ୟବସ୍ଥାରେ ଭାରତୀୟଙ୍କର ବିପୁଳ ବୈଚିତ୍ର୍ୟ ଏକ ସଂଘବଦ୍ଧ ସଂହତି ଭିତରେ ଆତ୍ମଗୋପନ କରିଥିବାର ଦେଖାଯିବ । କେହି ଅତୀତାଚାରୀ ମନେ କରନ୍ତି ଯେ ସାମାଜିକତା ଭିତରେ ଏକକତ୍ୱ ତା'ର ବୈଶିଷ୍ଟ୍ୟ ହରାଇ ବସିବ ବା ବସିଛି । ମାତ୍ର ଏହି ଆଶଙ୍କା ଅସାର ପ୍ରତିପାଦିତ ହୋଇଛି । ଭାରତୀୟ ଭାଷାବିତ୍‌ମାନେ ଭାରତୀୟ ସଂସ୍କୃତି ଓ ଭାଷିକ ପରଂପରା ଭିତରେ ଐକିକତା ଲକ୍ଷ୍ୟକରି ସେସବୁ ଆଲୋଚନା କରିଛନ୍ତି । ଏହି ଆଲୋଚକମାନେ ହେଉଛନ୍ତି, ମନ୍ଦେମ ବାପୁଜୀ, ଶ୍ରୀ ଜୟଦେବ ଓ ନୀଳାଦ୍ରିଶେଖର ଦାସ । ଏହି ଆଲୋଚନାକାଳରେ ବିଦ୍ୱାନମାନେ ଭାରତୀୟ ଜ୍ଞାନ ପରମ୍ପରାରେ ନିହିତ କାଳକ୍ରମିକ ଓ ସମସାମୟିକ ବୈଚିତ୍ର୍ୟଗୁଡ଼ିକୁ ଲକ୍ଷ୍ୟ କରିଛନ୍ତି, ପର୍ବପର୍ବାଣି, ଧର୍ମପରମ୍ପରା, ଆଧ୍ୟାତ୍ମିକ ବିଶ୍ୱାସ / ଜାଗରଣ, ଜନ୍ମ / ମୃତ୍ୟୁ ସମ୍ବନ୍ଧୀୟ ରହସ୍ୟ, ଖାଦ୍ୟପେୟ, ବିଶ୍ୱାସ ଓ ଅବବୋଧ ମୂଳ ସଂସ୍କାର, ଗମନାଗମନ ତଥା ସାଂସ୍କୃତିକ ବିଶ୍ୱାସ ଓ ଆଚରଣ ଭିତରେ । ବାସ୍ତବ ଜନଜୀବନ ସର୍ବତ୍ର ଗୋଟିଏ ରାଜନୀତିକ-ବ୍ୟବସ୍ଥା ଭିତରେ ବାନ୍ଧିହୋଇ ରହିନାହିଁ, ଅଧିକନ୍ତୁ ତାହା ସାଂସ୍କୃତିକ ଐକ୍ୟବୋଧରେ ଯେପରି ଜୀବନର ଜୟଗାନ କରେ ବା କରୁଛି ସେଥିରେ ଦେଖାଯାଉଛି ଯେ ଭାରତୀୟ ଭାଷା ପରିବାର ହିଁ ଏକତାର ସୂତ୍ର ।




ଆମେ ଜାଣୁ ଯେ ପ୍ରତ୍ୟେକ ୪୦/୫୦ କିଲୋମିଟରରେ ଭାଷା ବଦଳିଯାଏ । ବଦଳିବାର କାରଣ ସାଂସ୍କୃତିକ ଭିନ୍ନତା । ଭାଷାର ଜନନୀ ସଂସ୍କୃତି । ସାଂସ୍କୃତିକ ଭିନ୍ନତାରେ ଭାଷାର ଭିନ୍ନତା ଅବଶ୍ୟମ୍ଭାବୀ । ଭାଷାରେ ଭିନ୍ନତା, ପାରସ୍ପରିକ ବହୁ-ଆଶ୍ରୟମୂଳକ ଜୀବନଶୈଳୀ, ବସ୍ତୁଜଗତ ପ୍ରତି ଭିନ୍ନତାବୋଧ ବା ସ୍ୱତନ୍ତ୍ର ଆଭିମୁଖ୍ୟ ହୁଏତ ଏହାର କାରଣ ହୋଇପାରେ । ଭାରତୀୟ ଭାଷାବିଜ୍ଞାନୀ ମନେକରନ୍ତି, ଭାରତବର୍ଷର ଏହି ଲକ୍ଷଣ ବିଶ୍ୱରେ ଅନନ୍ୟ, ଏପରି ଅନ୍ୟତ୍ର ଦେଖାଯାଏ ନାହିଁ । ସମାଜ-ସାଂସ୍କୃତିକ ଏବଂ ଭାଷିକ ଲକ୍ଷଣରେ ଏପରି ଭିନ୍ନତା ଭାରତୀୟ ଅନୁଭୂତିର ହୁଏତ ଏକକ ବିଶେଷତ୍ୱ । କେହିକେହି ଭାଷାବିତ୍ ଏପରି ଲକ୍ଷଣ ବଳବତ୍ତର ଥିବା ସ୍ଥାନକୁ ଭାଷାର କ୍ଷେତ୍ର ମନେକରନ୍ତି । ଭାରତୀୟ ଉପମହାଦେଶ ଏହି ହେତୁ ଭାଷିକ ବିବିଧତା ସତ୍ତ୍ୱେ ସାମାଜିକ ଓ ସାଂସ୍କୃତିକ ଏକତ୍ୱର ନିଦର୍ଶନ ପ୍ରମାଣ କରନ୍ତି । ଜନୈକ ଭାଷାବିତ୍ କହନ୍ତି, ବିବିଧତା ଭିତରେ ଏକତ୍ୱ ବୈଦିକ କାଳରୁ ଚଳିଆସିଛି, ଅର୍ଥାତ୍ ଏହା ଏକବାଚକ । ଏପରି ଏକବାଚକତାକୁ ଯଦି ଗୋଟିଏ କ୍ଷେତ୍ର ମନେକରାଯାଏ, ତେବେ ତାହା ବହୁବାଚକତାର ଏକ ଅଂଶ । ଭାରତ ଏକକ ସଂଗଠିତ ସାଂସ୍କୃତିକ ଭୂଖଣ୍ଡ ଓ ଏହାର ପରିଚୟ ମିଳନ ସଂସ୍କୃତିର ଆଦର୍ଶ ।

### ବିବିଧତାଭରା ଭୂଖଣ୍ଡ

କେହିକେହି ସମାଜଶାସ୍ତ୍ରୀ ବା ଧର୍ମନୀତିବିତ୍ ମନେକରନ୍ତି, ବାହ୍ୟ ସ୍ତରରେ ଦେଖିଲେ ଏକକ ଭୂଖଣ୍ଡ ବୋଲି ଧରାଯାଏ । ବାସ୍ତବତଃ ଇଂରେଜ ଶାସନ ପୂର୍ବରୁ ଭାରତୀୟତା ବୋଲି ଗୋଟିଏ ଏକକ ଅବବୋଧ ନଥିଲା । ଭିନ୍ନଭିନ୍ନ ଅଞ୍ଚଳ ଭିନ୍ନଭିନ୍ନ ନାମରେ ଏବଂ ସମାଜ ଶୃଙ୍ଖଳାରେ ବିଭକ୍ତ ଥିଲା । ସେତେବେଳେ ପ୍ରତ୍ୟେକ ସ୍ୱତନ୍ତ୍ର । ସ୍ୱତନ୍ତ୍ର ରାଜନୀତିକ

ପରିଚୟ, ସ୍ୱତନ୍ତ୍ର ଶାସନ, ଶାସକୀୟ ମୂଲ୍ୟବୋଧ ବା ସଂସ୍କୃତି ଥିଲା ଅନ୍ୟ ଏକ ସ୍ଥାନରୁ ଭିନ୍ନ । ଭିନ୍ନଭିନ୍ନ ରାଜନୀତିକ ପରିଚୟ ନେଇ ପ୍ରତ୍ୟେକ ନିଜର ଭୂ-ସ୍ୱାତନ୍ତ୍ର୍ୟ ନୀତି ଯଥା: ସାମରିକ ଶକ୍ତି, ଅର୍ଥନୀତି ଓ ରାଜନୀତି ପ୍ରସ୍ତୁତ କରିଥିଲେ । ପ୍ରାଚୀନ ଉତ୍କଳ କଥା ଉଦାହରଣ ରୂପେ ନେଇ ବିଚାର କରିଲେ - ଆମେ ଜାଣୁ ଏହାର ଥିଲା ଏକ ସ୍ୱତନ୍ତ୍ର ସାମରିକ ସଂଗଠନ, ଥିଲା ଏକ ନିର୍ଦ୍ଦିଷ୍ଟ ବାଣିଜ୍ୟନୀତି ଏବଂ ଆନ୍ତର୍ମୂଲ୍ୟବୋଧ ବା ଆତ୍ମଶାସନର ନୀତି । ଆଧୁନିକ ଭାଷାବିଜ୍ଞାନୀ ମନେକରନ୍ତି ଯେ ଏହି ତିନୋଟି ସ୍ତରରେ ବା ଲକ୍ଷଣରେ ଗୋଟିଏ ଜାତି ବଳିଷ୍ଠ ହେଲେ ତା'ର ପରିଚୟରେ ଆସେ ସ୍ୱାତନ୍ତ୍ର୍ୟ ('ଏ ହିଷ୍ଟ୍ରି ଅଫ୍ ଦି ଇଣ୍ଡିଆନ୍ ଲାଙ୍ଗୁଏଜ୍') ଭାଷା ଆଲୋଚନା କାଳରେ ଆଲବର୍ଟ ସି ବାଗ୍‌ଙ୍କ ନିର୍ଦ୍ଦେଶିତ ତିନୋଟି ଲକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆମେ ଅନ୍ୟଆଡ଼େ ଦୃଷ୍ଟି ନ ଦେଇ ଅତୀତ ଓଡ଼ିଶାକୁ ବିଚାରକୁ ନେଲେ କ'ଣ ବୁଝିବା ? ଏହାର ବିପୁଳ ବାଣିଜ୍ୟିକ ଇତିହାସ, ବିଶାଳ ସୈନ୍ୟବାହିନୀ (ଖ୍ରୀଷ୍ଟ. ୧୫ଶ ଶତକ), ଆଭ୍ୟନ୍ତରୀଣ ଶୃଙ୍ଖଳା ବା ସାମାଜିକ ସ୍ଥିର ଜୀବନ ନିର୍ମାଣ କରିଥିଲା ବର୍ଦ୍ଧିଷ୍ଣୁ ଭାଷା ଓ ସଂସ୍କୃତି ଏବଂ ସାହିତ୍ୟ । ଅତୀତାଚରଣରୁ ବୁଝିହେବ ଯେ ସାମରିକ କଳା ନିପୁଣ ଗୋଟିଏ ଜାତିର ବାହ୍ୟ ପ୍ରକାଶର ନିଦର୍ଶନ ଚତୁର୍ଦ୍ଦଶ, ପଞ୍ଚଦଶ ଶତକରୁ ସାହିତ୍ୟ, କଳା ଏବଂ ଏକାଦଶରୁ ଦ୍ୱାଦଶ ଶତକ ମଧ୍ୟରେ ପ୍ରତିଷ୍ଠିତ ସ୍ଥାପତ୍ୟରେ ମୌଳିକତା ।




ଅତୀତ ଉତ୍କଳ / ଓଡ଼ିଶାର ଏହି ପରିଚୟ ପରି ଭାରତୀୟ ଅଞ୍ଚଳଗୁଡ଼ିକ ନିଜର ସ୍ୱାତନ୍ତ୍ର୍ୟ ସୃଷ୍ଟି କରିଥିଲେ । ଅବଶ୍ୟ ସେ କାଳରେ କେହି ନିଜକୁ କହୁନଥିଲେ ଭାରତୀୟ ବୋଲି । ମହାଭାରତ ଯୁଦ୍ଧରେ ଯୋଗ ଦେଇଥିବା ସେନାମାନେ ନିଜ ଅଞ୍ଚଳର ନାମରେ ଥିଲେ ପରିଚିତ । ଖଣ୍ଡିତାଂଶ ଅଖଣ୍ଡର ଏକ ଅଂଶ । ଏହାହିଁ ବିବିଧତାର ସମନ୍ୱୟରେ ସାମଗ୍ରିକତା । ଭାଷା ଅନୁରୂପରେ ଏହାହିଁ ସାଂସ୍କୃତିକ ଓ ଭାଷିକ ସମନ୍ୱୟ, ଭାରତବର୍ଷର ଅନ୍ୟତମ ବିଶେଷତା । ଏଠାରେ ଭାଷାର ତିନୋଟି ଧାରା ମୁଖ୍ୟ । ଯଥା: ପ୍ରାଦେଶିକ ଆର୍ଯ୍ୟଭାଷା, ଦ୍ରାବିଡ଼ ପରିବାର ଭାଷା ଓ ଅଷ୍ଟ୍ରିକ ଭାଷାଗୋଷ୍ଠୀ । ଓଡ଼ିଶାରେ ଏହି ତିନୋଟି ଧାରାର ବହୁଳାଂଶ ସମନ୍ୱୟରେ ବିକଶିତ । ମାଟିର ମୂଳ ଆର୍ଯ୍ୟ ଅଂଶ । ଏହାର ସମନ୍ୱୟ ଦ୍ରାବିଡ଼ ଗୋଷ୍ଠୀ ସହ । ତୃତୀୟ ଗୋଷ୍ଠୀ ଘନ ଅରଣ୍ୟାଞ୍ଚଳର ସୁରଭି ପରି ସ୍ୱତନ୍ତ୍ର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଓ ସଂପର୍କ ମଧ୍ୟରେ କ୍ରମ ପ୍ରଭାବରେ ଆର୍ଯ୍ୟ ଭାଷାଭାଷୀଙ୍କୁ ପୁଷ୍ଟ କରିଛି । କଥିତ ଦ୍ରାବିଡ଼ ଗୋଷ୍ଠୀ ରାଜନୀତିକ ଓ ବାଣିଜ୍ୟିକ ସଂପର୍କରେ ଆସି ମୂଳ ଓଡ଼ିଆ ଭାଷାକୁ ସମୃଦ୍ଧ କରିଛି । ତାତ୍ପର୍ଯ୍ୟ ଏହା ଯେ ଭାଷାର ପ୍ରସାର ମୂଳରେ ଅତୀତର ରାଜନୀତି, ସାମ୍ରାଜ୍ୟ ବିସ୍ତାର ଓ ବାଣିଜ୍ୟିକ ସହଯୋଗ କାର୍ଯ୍ୟ କରିଛି ।

**ଭାରତୀୟ ଜ୍ଞାନ ପଦ୍ଧତି**

ସଂପ୍ରତି ଭାରତୀୟ ଜ୍ଞାନ ପଦ୍ଧତି (କେଆଇଏସ୍- ଇଣ୍ଡିଆନ୍ ନଲେଜ୍ ସିଷ୍ଟମ୍)କୁ କ୍ରମାଗତ ଭାବରେ ବିଭିନ୍ନ ଭାଷିକ ସଂପ୍ରଦାୟ, ପ୍ରକୃତି, ଦର୍ଶନ ଏବଂ ବିବିଧ ଗୋଷ୍ଠୀଜୀବନର ଜୀବନଧାରା ସମୃଦ୍ଧ କରିଆସିଛି ଏବଂ ସେହି ଆଦର୍ଶ ଅତୁଟ ରହିଛି । ଧାରାବାହିକ ବ୍ୟାପ୍ତି, ଗ୍ରହଣଶୀଳତା ଓ ରୂପାନ୍ତରଣ ଫଳରେ ବିଭିନ୍ନ ସାଂସ୍କୃତିକ ବା ଭାଷିକ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ସମ୍ଭବ ହୋଇଛି । ଏହି ପ୍ରକ୍ରିୟା ମୂଳତଃ ମୌଖିକ ପରମ୍ପରାରେ ଜୀବିତ ଶ୍ରୁତି ଅନ୍ତର୍ଗତ । ଲୋକେ କହନ୍ତି, ଶୁଣିଶୁଣି ମନେରଖନ୍ତି ବୋଲି ବେଦର ଅନ୍ୟନାମ ଶ୍ରୁତି । ଏହି ଧାରଣାଟି ଭୁଲ୍ । ଶ୍ରୁତିର ଅର୍ଥ ତିନି, ବେଦକୁ 'ତ୍ରୟୀ' କୁହାଯାଏ । ତେବେ ଏହି ପ୍ରସଙ୍ଗ ଏଠାରେ ଅବାନ୍ତର । ଯାହା ବାନ୍ତର ତାହା ହେଉଛି ଗୁରୁଶିଷ୍ୟ ପରମ୍ପରା । ଏହା ଭାରତୀୟ ଶିକ୍ଷାର ମୌଳିକ ଆଧାର । ଭାରତୀୟ ଜ୍ଞାନ ପରମ୍ପରାରେ ଗୁରୁଶିଷ୍ୟ ପିତାପୁତ୍ର ପରି । ଶୃଙ୍ଖଳା, ସମ୍ମାନ, ଶିକ୍ଷାନୁଭୂତି ଓ ଲୋକସଂପର୍କ ଏହି ପରମ୍ପରାର କେତୋଟି ବୃତ୍ତି ଯାହା ଧର୍ମ, ଆଚରଣ ଓ ମୋକ୍ଷ ବିଷୟକ ଶିକ୍ଷାଦିଏ । ଫଳରେ ନୈତିକତା, ବିଜ୍ଞାନ ଓ ଦୈନନ୍ଦିନ ଜୀବନର ଆଚରଣ ପରସ୍ପର ସହ ଛନ୍ଦାଛନ୍ଦି ହୋଇ ରୁହେ । ଏହା ପରସ୍ପରାଶ୍ରୟୀ, ସ୍ୱତନ୍ତ୍ର ନୁହେଁ । ବ୍ୟକ୍ତିର

ଚାରିପାଖରେ ଥିବା ପ୍ରକୃତି ସହ ଅନାବିଳ ସଂପର୍କ ଫଳରେ ବୃକ୍ଷଲତା, ଅରଣ୍ୟ, ପର୍ବତ ସବୁକିଛି ସହ ଆତ୍ମିକ ସଂପର୍କ ଗଢ଼ିଉଠେ । ବ୍ୟକ୍ତି ଏତେବେଳେ ପ୍ରକୃତିର ମଣିଷ, ଫଳରେ ସେ ସମନ୍ୱୟ ସାଧନ ପାଇଁ ପ୍ରସ୍ତୁତ ହୁଏ । ଏହି ହେତୁ ମାର୍କସବାଦରେ ମଣିଷକୁ ସଂଯୋଗକାରୀ ତତ୍ତ୍ୱ ବୋଲି କୁହାଯାଇଛି । ଏହି ସଂଯୋଗର ହେତୁ ହେଉଛି ଆତ୍ମସମନ୍ୱୟ । ବ୍ୟକ୍ତି ପ୍ରକୃତିର ଅଂଶବିଶେଷ । ଏଣୁ ପ୍ରକୃତିକୁ ବୁଝିବା, ପ୍ରାକୃତିକ ବସ୍ତୁର ସୁରକ୍ଷା ଓ ବିବର୍ଦ୍ଧନ କରିବା, ଗ୍ରହନକ୍ଷତ୍ରର ଚଳନ ଓ ପ୍ରକ୍ରିୟା ଅନୁଧ୍ୟାନ କରିବା, ପରିବେଶର ସୁସ୍ଥତା ବୁଝିବା ପରି ଅନେକ ଦାୟିତ୍ୱ ବ୍ୟକ୍ତି ଉପରେ ନ୍ୟସ୍ତ ରହେ । ପ୍ରାଚୀନ ଅବବୋଧ ଭିତରେ ବୃକ୍ଷାୟୁର୍ବେଦ ପ୍ରତି ସଚେତନ ହେବା ଥିଲା ଏକ ଶିକ୍ଷା । ଭାରତୀୟ ଧର୍ମ ହିନ୍ଦୁ, ବୌଦ୍ଧ, ଜୈନ ଓ ଅନ୍ୟ ମତଗୁଡ଼ିକ ଏହି ଦାର୍ଶନିକ ଚିନ୍ତନର ଶିକ୍ଷା ବୌଦ୍ଧିକ ନୀତିବାଦ ନାମରେ ପ୍ରଚାରପ୍ରସାର କରିଥିଲେ । ଏହାର ଅର୍ଥ ସଂସ୍କୃତିରେ ସହଯୋଗ ପ୍ରବୃତ୍ତି ଥିଲା ଚରମ ସ୍ତରରେ ଏବଂ ଏଥିରେ ଭାଷାର ଭୂମିକା ଥିଲା ପରିବେଶ, ପ୍ରକୃତି, ସମାଜ ଏବଂ ଆତ୍ମଦର୍ଶନମୂଳକ ଅନ୍ୱେଷା, ଜ୍ଞାନ ବିକାଶର କ୍ଷେତ୍ର ପ୍ରସ୍ତୁତ କରିବା । ଫଳରେ ବ୍ୟକ୍ତି ମାନସିକ ଆଘାତ ଓ ଗ୍ଲାନିରୁ ମୁକ୍ତିର ପଥ ଆବିଷ୍କାର କରିପାରୁଥିଲା ।

ଭାଷାର ଭୂମିକା ପ୍ରଶସ୍ତ ହୁଏ ରକ୍ତ ସଂପର୍କ ବୋଧରୁ । ଭାରତବର୍ଷରେ ରକ୍ତଗତ ସଂପର୍କ ବା ଜ୍ଞାତିବୋଧର ଶୃଙ୍ଖଳା ବିଶ୍ୱରେ ଅନନ୍ୟ । ଏହି ସଂପର୍କରେ ବାପା, ମା', ଭାଇଭଉଣୀ, ଜେଜେ, ଜେଜେମା, କକେଇଖୁଡ଼ୀ (ସାନବାପା, ସାନ ମା') ଅତି ନିକଟ ସଂପର୍କ ଏବଂ ଏହାର ପ୍ରସାର ମାମୁ, ମାଇଁ, ଅଜା, ଆଈ ଏହିପରି ଅନେକ ସମ୍ବନ୍ଧର ଏକ ପ୍ରସାରିତ ବଳୟ । ଏହି ବଳୟର ସୀମା ଆଭୂମି ଭାରତବର୍ଷ, ଏହାର ସଂସ୍କୃତି ବିଶେଷକରି ନୃତତ୍ତ୍ୱ ଓ ଭାଷାତତ୍ତ୍ୱର ଅଧ୍ୟୟନର ବିଷୟ । ବିଶେଷକରି ବିଭିନ୍ନ ମାନବ ଗୋଷ୍ଠୀର ବୈଜ୍ଞାନିକ ବା ତୁଳନାତ୍ମକ ଅଧ୍ୟୟନ ଫଳରେ ଗୋଷ୍ଠୀର ପିତୃକୈନ୍ଦ୍ରିକ ବା ମାତୃକୈନ୍ଦ୍ରିକ ସତ୍ତାର ପରିଚୟ ସ୍ପଷ୍ଟ ହୋଇଛି । ଅନୁରୂପ ଭାବେ ଗୋଷ୍ଠୀ ଭିତରେ ଥିବା ଉତ୍ତରାଧିକାର ତତ୍ତ୍ୱ ନିୟମ, ବିବାହ ସମ୍ବନ୍ଧୀୟ ନିୟମ, ଜ୍ଞାତି ସମ୍ବନ୍ଧ ନିରୂପଣ ପରି ଅନେକ ନିୟମର ବିଶ୍ଲେଷଣ କରାଯାଏ । ମୋରଗାନ ନାମକ ଜନୈକ ତତ୍ତ୍ୱବିତ୍ ମନ୍ତବ୍ୟ ଦେଇ କହିଛନ୍ତି ଯେ 'ଜ୍ଞାତିତତ୍ତ୍ୱ ଭାଷାର ଅଧ୍ୟୟନ କ୍ଷେତ୍ର ଏବଂ ଏହି ତତ୍ତ୍ୱରେ ଦେଖାଯାଏ ଯେ ଜ୍ଞାତିବାଦ ପରିବର୍ତ୍ତନର ପକ୍ଷରେ ନଥାଏ, ଏହା ଖୁବ୍ ରକ୍ଷଣଶୀଳ । ଭାଷାର ଆଭ୍ୟନ୍ତରୀଣ ଶୃଙ୍ଖଳା ଏହିହେତୁ ରକ୍ଷଣଶୀଳ ।' ସଂପର୍କ ମଧ୍ୟରେ ଭେଦ ଖୁବ୍ ସଂକୀର୍ଣ୍ଣ । ଭାରତରେ ଆଧୁନିକତାର ସ୍ପର୍ଶରେ ଅଙ୍କଲ ଏକ ଘାତକ ସମ୍ବୋଧନ । ଏଥିରେ ସମସ୍ତେ ଅଙ୍କଲ । ଭାରତୀୟ ବ୍ୟବସ୍ଥାରେ ମାମୁ, ମଉସା, ପିଉସା, କକେଇ, ଦାଦା, ବଡ଼ବାପା, ଭିଣୋଇ ପ୍ରଭୃତି ସମ୍ବୋଧନ ସଂପର୍କର ବିଚିତ୍ର ବ୍ୟବସ୍ଥାରୁ ସ୍ଥିରହୁଏ । ବ୍ୟକ୍ତିକୁ ସମାଜର ମଧ୍ୟବିନ୍ଦୁ ଧରାହେଲେ ସମାଜ ତା'ର ବଳରେ ଏକ ବୃତ୍ତାକାର ଜନଗୋଷ୍ଠୀ ପ୍ରସ୍ତୁତକରେ । ଏହି ବଳୟରେ ରହନ୍ତି ବହୁ ସଂପର୍କିତ ବ୍ୟକ୍ତି । ସେମାନଙ୍କ ମଧ୍ୟରେ କିଏ ତା'ର ବାପା, କିଏ ଜେଜେ ବା ଅଜା, କିଏ କକା ବା କିଏ ମାମୁ, କିଏ ମଉସା ବା ପିଉସା, କିଏ ଶଶୁର, କିଏ ଶଳା, କିଏ ପୁତୁରା, କିଏ ଭଣଜା ଏହିପରି ବହୁବହୁ ପରିଚୟରେ ଥା'ନ୍ତି ସ୍ୱତନ୍ତ୍ର ବ୍ୟକ୍ତିଗଣ । ନାରୀ ସଂପର୍କ ଭିତରେ ଆଣ୍ଟି, ମା' (ବୋଉ) ବ୍ୟତୀତ ଅନ୍ୟ ସମସ୍ତେ । ଭାରତୀୟ ବିଚାରରେ କିଏ ଖୁଡ଼ୀ, କିଏ ମାଉସୀ ଅବା ପିଉସୀ କି ମାଇଁ । ରକ୍ତ ସଂପର୍କ ବାହାରେ ସାମାଜିକ ସ୍ଥିତିରେ ପ୍ରତ୍ୟେକ ମଉସା ଅବା ମାଉସୀ ଭାବେ ସମ୍ବୋଧିତ ହୁଅନ୍ତି । ଏପରିକି ଗାଁଗଣ୍ଡାରେ ଜଣେ ଉଚ୍ଚକୁଳର ଲୋକ ଗାଁର ଅଚ୍ଛବ ବା ହରିଜନ ଶ୍ରେଣୀର ଲୋକକୁ ଭାଇ / ଦାଦା / ମଉସା ବୋଲି ସମ୍ବୋଧନ କରେ । ଏପରି ସଂପର୍କଭିତ୍ତିକ ସମ୍ବୋଧନ ଭାରତୀୟ ଭାଷାଗୁଡ଼ିକରେ ସାମାନ୍ୟ ରୂପରେ ପରିବର୍ତ୍ତନ ହୋଇ ପ୍ରତିଷ୍ଠା ପାଇଛି ଲୋକଶବ୍ଦ ରୂପରେ । ଭାରତୀୟଙ୍କ ଭିତରେ ଥିବା ବିଭିନ୍ନ ଧାର୍ମିକ ମତ ବା ସଂଗଠନରେ କେତୋଟି ସାଧାରଣ ସମ୍ବୋଧନ ଠାକୁର, ଠାକୁରାଣୀ, ମା, ବାବା, କହ୍ନେଇ, କହ୍ନେୟା, ଦେବ, ଦେବୀ, ଶାରଳା (ଦା) ଭୋଲେ/ଭୁଲେ ବାବା ସ୍ଥାନ ବା ଭାଷା ନିର୍ବିଶେଷରେ ସବୁଠି ସୁଲଭ । ଧର୍ମନିରପେକ୍ଷତାର ବିଗୁଲ ଯେତେ ଉଚ୍ଚକଣ୍ଠ ହେଲେ ବି

**ଜ୍ଞାତିତତ୍ତ୍ୱ ଭାଷାର ଅଧ୍ୟୟନ କ୍ଷେତ୍ର ଏବଂ ଏହି ତତ୍ତ୍ୱରେ ଦେଖାଯାଏ ଯେ ଜ୍ଞାତିବାଦ ପରିବର୍ତ୍ତନର ପକ୍ଷରେ ନଥାଏ, ଏହା ଖୁବ୍ ରକ୍ଷଣଶୀଳ ।**

ଧର୍ମବନ୍ଧନ ଏକ ସାମାଜିକ ମୈତ୍ରୀ ବା ସହାବସ୍ଥାନର କାରଣ ସ୍ୱରୂପ ସଂପ୍ରୀତିର ମୂଳ କାରଣ ହୋଇଛି ।

**ଭାଷା ପାର୍ଥକ୍ୟର ଦେଶ**

ଆକୁମାରୀ ହିମାଚଳ ସମଗ୍ର ଭାରତବର୍ଷର ବସତି ବା ବାସସ୍ଥାନ ଗୋଟିଏ ନିର୍ଦ୍ଦିଷ୍ଟ ଭାବ ବା ନିୟମାଶ୍ରିତ । ହୁଏତ ବାସ୍ତୁଶାସ୍ତ୍ର ଅନୁମୋଦିତ ହେଉ ବା ନ ହେଉ ଲୋକ ବିଶ୍ୱାସ ହେଉଛି ପୂର୍ବ ଦିଗକୁ ମୁହଁ କରିଥିବା ଘରେ ନିଆଁପାଣିର ଭୟ ନଥାଏ । 'ଦକ୍ଷିଣମୁହାଁ ଘର, ମୁଁ କାହାକୁ କରିବି ପର' ଢଗଟି ବେଶ୍ ପୁରୁଣା । ଏହି ଦୁଇଦିଗମୁହାଁ ଘର ମୁଖ୍ୟତଃ ସୁଖବର୍ଦ୍ଧକ । ଆଧୁନିକ ନଗର ଯୋଜନାରେ ଗୃହନିର୍ମାଣ ସଂସ୍ଥାଗୁଡ଼ିକ ବାସ୍ତୁବିଚାର ନିସ୍ପୃହ ଏବଂ ଏହାର ଭାଷା ମଧ୍ୟ ସର୍ବତ୍ର ସମାନ, ବେଶିଭାଗ ଇଂରାଜୀ ଭାଷା ସମ୍ଭେଦ । ଯେପରି ଡ୍ରଇଁରୁମ୍, ବେଡରୁମ୍, କିଚେନ୍, ଲାଟ୍ରିନ୍, ରୁଫ୍, ଷ୍ଟେୟାରକେସ୍ ଇତ୍ୟାଦି । ଏହି ଦୃଷ୍ଟିରୁ ଆବିଶ୍ୱ ହୁଏତ ଭାଷା ପାର୍ଥକ୍ୟରେ ଦେଶ / ଜାତି/ ସମାଜ ଚିହ୍ନିବା ଆଦୌ ସମ୍ଭବ ନୁହେଁ । ଏହି ଆଧାରରେ ଭାଷାଭିତ୍ତିରେ ସଂସ୍କୃତିର ପରିଚୟ ସମ୍ଭବ ହେଉନାହିଁ ।

**ହୁଏତ ଭାଷା ପାର୍ଥକ୍ୟରେ ଦେଶ / ଜାତି / ସମାଜ ଚିହ୍ନିବା ଆଦୌ ସମ୍ଭବ ନୁହେଁ । ଏହି ଆଧାରରେ ଭାଷାଭିତ୍ତିରେ ସଂସ୍କୃତିର ପରିଚୟ ସମ୍ଭବ ହେଉନାହିଁ ।**

ଭାରତବର୍ଷର ସାଂସ୍କୃତିକ ବିବିଧତାର ଅନ୍ୟ ଏକ ଲକ୍ଷଣ ବେଶପୋଷାକ । ପୋଷାକ ପବିତ୍ରତାର ସଂକେତ ବୋଲି ଦିନେ ବିଚାର କରାଯାଉଥିଲା । ଧୋତିଚାଦର, ଲୁଙ୍ଗି, ଜାମା, ଶାଢ଼ି, ଦୋପଟା ଥିଲା ସର୍ବତ୍ର ଭାରତୀୟ ପୋଷାକ । ଏସବୁ ଥିଲା ହାତବୁଣା । ବୈଦିକ କାଳରୁ ଅଦ୍ୟାବଧି ଏହାର ପ୍ରସାର ଓ ବସ୍ତ୍ରାନୁରାଗ ନିବିଡ଼ ଓ ମହାର୍ଘ୍ୟ । ଏହି ପୋଷାକ ତିଆରିରେ ଆତ୍ମଗୋପନ କରିଛି ସୂକ୍ଷ୍ମ ସୂତକର୍ମ ଓ ଏହାସହିତ ଆତ୍ମିକ ମିଳନ ରଙ୍ଗର । ଏବେ ଇଣ୍ଡିଗୋ ବୋଲି କୁହାଯାଉଥିବା ରଙ୍ଗ ନୀଳ ବା ଲାଖ କି ହଳଦୀ ବା ଝୁଣା କି ଲାଲ ବା ଈଷତ ହଳଦୀ ରଙ୍ଗର ପ୍ରସିଦ୍ଧି ସର୍ବତ୍ର ସମାନ । ଧର୍ମ, ମଠ, ଆଧ୍ୟାତ୍ମ ସେବାଦି କ୍ଷେତ୍ରରେ ଏହାର ମାହାତ୍ମ୍ୟ ଆଭାରତ ଓଡ଼ିଶା ସବୁଠି ଏକାପ୍ରକାର । ଅନୁରୂପ ନାରୀ ଶରୀର ଶୋଭାମଣ୍ଡନକାରୀ ବିବିଧ ଅଳଙ୍କାର – ହାର, କୁଣ୍ଡଳ, ଫାସି, ମଥାମଣି, ମୁଦି, ବାଜୁବନ୍ଧ/ତାଇତ, ଚୁଡ଼ି, କର୍ଣ୍ଣକଣ୍ଟି, ନୂପୁର, ଘୁଙ୍ଗୁର ଆଦି ଶବ୍ଦରେ ସମତା ଖୁବ୍ ସାଧାରଣ । ଏସବୁ ତିଆରି ହେଉଥିବା ଦ୍ରବ୍ୟ/ଧାତୁ ସୁନା, ରୂପା, ସିଲଭର, ଚାନ୍ଦି, ତମ୍ବା, ପିତଳ, ବ୍ରୋଞ୍ଜ ବା କାଚ ସବୁ ଭାଷାର ଶବ୍ଦବିଭବ । ମଙ୍ଗଳସୂତ୍ର ବିବାହର ସଂକେତ ରୂପେ ସର୍ବତ୍ର ପରିଚିତ । ଅନୁରୂପ ସିନ୍ଦୂର, ଅଳତା, ନଖରଙ୍ଗ, କୁଙ୍କୁମ, ଚନ୍ଦନ, ଟୋପିଚନ୍ଦନ ଆଦିରେ ଭାଷାର ସର୍ବବ୍ୟାପକତା ଧର୍ମ ମିଳିଥାଏ । ବସ୍ତ୍ର ଅଙ୍ଗ ସୁନ୍ଦର; ମଧ୍ୟ କୁଳ ପରମ୍ପରା, ସାତ୍ତ୍ୱିକତା, ଆଧ୍ୟାତ୍ମିକତା ଓ ଚରିତ୍ରର ସଂକେତକ । କଳାବସ୍ତ୍ର ପିନ୍ଧା ଲୋକଠାରୁ ଅନ୍ୟ ରଙ୍ଗବସ୍ତ୍ର ପରିହିତ ବ୍ୟକ୍ତି ଅଧିକ ମର୍ଯ୍ୟାଦାପ୍ରାପ୍ତିର ଅଧିକାରୀ । ଋତୁ ଅନୁସାରେ ଖାଦ୍ୟପରି ବସ୍ତ୍ର ଭୂଷଣରେ ରହିଛି ଆଭୂମ ଭାରତ ଓଡ଼ିଶାରେ ଏକ ବୁଝାମଣାପରି ଅକଳ ।

**କୃଷି ସଂସ୍କୃତି**

ଭାଷାବିତ୍ ଏ.କେ. ରାମାନୁଜନ୍ (ଏ ଷ୍ଟ୍ରକର ଅଫ୍ ଭାରିଏସନ୍, ଏ ଷ୍ଟଡି ଇନ୍ କାଷ୍ଟ ଡାଇରେକ୍ଟସ) ବହୁ ସୁନ୍ଦର ବ୍ୟାଖ୍ୟା କରିଛନ୍ତି ଭାରତୀୟ ସମାଜରେ ଖାଦ୍ୟ ପରମ୍ପରା ବିଷୟରେ । ଖାଦ୍ୟ ପଛରେ ହୁଏତ ସେହି ସ୍ଥାନ ବା ଲୋକଙ୍କର ସାଂସ୍କୃତିକ ବା ସମାଜ-ଅର୍ଥନୀତିକ ପୃଷ୍ଠପଟ ଥାଏ, କିନ୍ତୁ ସମାଜ ଓ ଅର୍ଥନୀତି ଗୋଟିଏ କୃଷି ସମାଜରେ ନିର୍ଦ୍ଦିଷ୍ଟ । କୃଷି ଭାରତରେ ଅନୁକୂଳ ପାଣିପାଗ ବା ଜଳବାୟୁ ଉପରେ ନିର୍ଭରଶୀଳ । ଏଣୁ ଭାରତର ପର୍ବପର୍ବାଣି, ଯାନିଯାତ୍ରା, ସାମାଜିକ ନାଟତାମସା କୃଷିନିର୍ଭର । କୃଷକର ଅବସରକାଳ ହିଁ ଯାନିଯାତ୍ରାର ଉତ୍କୃଷ୍ଟ ସମୟ । ତେବେ ସାରା ଭାରତରେ ରୁଚି ଅନୁକୂଳ ଖାଦ୍ୟ ସରଞ୍ଜାମ କୃଷିଜାତ ଦ୍ରବ୍ୟ ନିର୍ଭର । ଧାନ, ଗହମ, ମୁଗ, ବିରି, ଭାତ/ ରୁଟି, ଡାଲି ସର୍ବତ୍ର ଗୃହୀତ ଭାଷିକ ଶବ୍ଦ । ଶସ୍ୟ, ଫଳମୂଳ, ପନିପରିବା, ମସଲା (ହଳଦୀ, ଧଣିଆ, ଜିରା, ଲଙ୍କା, ମଧୁରି, ସୋରିଷ, ଡାଲଚିନି, ଲବଙ୍ଗ, ଗୁଜୁରାତି, ଅଳେଇଚ, ନମକ / ଲୁଣ) ପ୍ରଭୃତି ସର୍ବଭାରତୀୟ ଭାଷା । ହୁଏତ ଉଚ୍ଚାରଣରେ ସାମାନ୍ୟ ଦୀର୍ଘବାହ ସ୍ୱରୀତି ଅବଲମ୍ବିତ ହୋଇପାରେ, ଅନ୍ୟଥା ବସ୍ତୁ ଓ ତାର ବ୍ୟବହାର ସହ ଶବ୍ଦାର୍ଥ ସବୁଠି ଏକପ୍ରକାର । ରସଗୋଲା, ନମକିନ୍, ଲଡ୍ଡୁ, କ୍ଷିରି, ପଲାଉ, ପାଏସ୍, ପଖାଳ (ପୋଖଳ / ପୋକଳା / ଫୋକଳ) ସର୍ବାଞ୍ଚଳୀୟ ଖାଦ୍ୟପରି ଗ୍ରହଣୀୟ ହୋଇଛି । ଏବେ ମାଣ୍ଡିଆ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ହେବାବେଳେ ଗୋଟିଏ କଥା ବିଚାରଣୀୟ ଯେ କୃଷି ଓ ଧର୍ମ

ମଧ୍ୟରେ ସଂପର୍କ ମୂଳରେ ଜଗନ୍ନାଥ ବା ଭେଙ୍କେଟେଶ୍ୱର ହାତ ମିଳାମିଳି ହେଲେଣି ।

ସଂସ୍କୃତି ଓ ଧର୍ମ ନିର୍ବିଶେଷରେ କୃଷି, ଗୋରକ୍ଷା ଓ ବାର୍ତ୍ତା (ବ୍ୟବସାୟ) ସର୍ବଭାରତୀୟ ବୃତ୍ତି ବା ପେସା । ଅତୀତରେ ଗ୍ରାମ ନଥିଲା ଯେଉଁଠି ନ(ଲ)ଙ୍ଗଳ ନଥିଲା । ଭାରତୀୟ ପବିତ୍ର ଗ୍ରନ୍ଥ ବେଦଠୁ ମହାଭାରତ, ରାମାୟଣ ପର୍ଯ୍ୟନ୍ତ ଜନସମାଜର ଚିତ୍ର ବର୍ଣ୍ଣନା ଆସିବାମାତ୍ରେ ଲୋକବୃତ୍ତିରେ କୃଷି, କୃଷିସଂରଜାମର ଇଙ୍ଗିତ ମିଳେ । ଅନୁରୂପ ପ୍ରଜା, ରାଜା, ମହାରାଜା, କୃଷକ, ବେପାରି / ବ୍ୟାପାରୀ, ଧନ, ଋଣ, ସୁଧ, ମୂଳ, ମହାଜନ, ଖାତକ, ମାଲିମକଦ୍ଦମା, ବିଚାର, ନ୍ୟାୟ, ଦଣ୍ଡ ସର୍ବ ଭାଷାଭିତ୍ତିକ ବ୍ୟାପାର ।


ଭାଷା ଓ ଭାଷାର ସଂଯୋଗାତ୍ମକ ବ୍ୟବସ୍ଥା ପ୍ରାଚୀନ ଏବଂ ଏହା ବ୍ୟାପକ । ମଣିଷର ସକଳ ପ୍ରବୃତ୍ତି ବା ବୃତ୍ତି, ଚିନ୍ତା ଓ କର୍ମ, ଧାରଣା ଓ ଜ୍ଞାନ ପ୍ରତ୍ୟେକ ବିଷୟ ଭାଷାରେ ସଂଗଠିତ ଓ ଅଭିବ୍ୟକ୍ତ ହୁଏ । ଭାବର ମୂଳରେ ଭାଷା ପୁଣି ଭାବର ବିସ୍ତରଣ ଭାଷାରେ । ଉପର ଅଂଶରେ ଭାରତୀୟ ଜ୍ଞାନ ପରମ୍ପରାର ବହୁବିଧ ରକମ ବା ପର୍ଯ୍ୟାୟର କେତୋଟି ମାତ୍ର ସୂଚନାକ୍ରମେ ଉପସ୍ଥାପନ କରାଯାଇଛି । ସେସବୁ ସଂକେତାତ୍ମକ, ଆଲୋଚିତ ବିଷୟ ବାହାରେ ଭାରତୀୟମାନଙ୍କର ୧. ଜୀବନଚକ୍ର ଓ ଜୀବନଯାପନ ପ୍ରଣାଳୀ, ୨. ଜରାବ୍ୟାଧି ରୋଗ କାରଣ, ଚିକିତ୍ସା ଓ ଉପଶମ, ୩. ମାନସିକ ସ୍ୱାସ୍ଥ୍ୟ ଓ ପ୍ରତିକାର, ୪. ଦ୍ରବ୍ୟ, ବସ୍ତୁର ଓଜନ ଓ ମାପ, ୫. ଖେଳ ଓ କୌତୁକ; ଅବସର ବିନୋଦନ, ୬. ଭାରତୀୟ ନୃତ୍ୟଗୀତ, ବାଦ୍ୟ, ୭. ଜନଯାତ୍ରା ପର୍ବପର୍ବାଣି, ୮. ବାଣିଜ୍ୟ ବ୍ୟବସାୟ, ୯. ପ୍ରାଚୀନ ବିଚାର ବ୍ୟବସ୍ଥା, ୧୦. ଭାରତୀୟ ଭାଷା / ପାଣ୍ଡୁଲିପି (ପୋଥି), ୧୧. ଲୋକବୃତ୍ତି / କଳା, ଲୋକସଂସ୍କାର, ୧୨. ସ୍ଥାପତ୍ୟ କଳା ଆଦି ବହୁକ୍ଷେତ୍ର ଅନାଲୋଚିତ ରହିଛି ଭାଷା କ୍ଷେତ୍ରରେ । ଭାଷା ଭାବେ ଓଡ଼ିଆ ଖ୍ରୀଷ୍ଟପୂର୍ବ କାଳରୁ ଲୋକରେ ବିଦିତ, ଖ୍ରୀଷ୍ଟପର କାଳରେ ବିକଶିତ ଏବଂ ଓଡ଼ିଶା ସାମ୍ରାଜ୍ୟର ବିକାଶ କାଳରେ ପ୍ରସାରିତ । ଏହାର ଅନ୍ତଃପ୍ରବୃତ୍ତି ସଂଯୋଗାତ୍ମକ ପ୍ରତି ବାକ୍ୟ ଓ ଅର୍ଥ ବ୍ୟବସ୍ଥାରେ ବିବଧ ବ୍ୟାକରଣ ମୂଲ୍ୟଭିତ୍ତିକ । ଓଡ଼ିଶାରେ ଭାଷାଶିକ୍ଷାର ଆଦର, ସୁଯୋଗ ଓ ବ୍ୟବସ୍ଥା କୃପଣ । ତଥାପି ଏହାର ଅନ୍ତଃସୌନ୍ଦର୍ଯ୍ୟ ଅନୁସନ୍ଧାନ କରିବା ଭାଷାପ୍ରେମୀର କର୍ତ୍ତବ୍ୟ ହେବା ଉଚିତ ।

**ଭାଷା ଭାବେ ଓଡ଼ିଆ ଖ୍ରୀଷ୍ଟପୂର୍ବ କାଳରୁ ଲୋକରେ ବିଦିତ, ଖ୍ରୀଷ୍ଟପର କାଳରେ ବିକଶିତ ଏବଂ ଓଡ଼ିଶା ସାମ୍ରାଜ୍ୟର ବିକାଶ କାଳରେ ପ୍ରସାରିତ ।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
prof.satapathy@gmail.com

# ଏହି ସଂଖ୍ୟାର ମଲାଟ ଚିତ୍ର




ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ଓଡ଼ିଶାର ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର ।

ଭୁବନେଶ୍ୱରର ଗଲ୍‌ଫ୍ କ୍ଲବ୍ ପରିସରର ଗୋଟିଏ ଦୃଶ୍ୟକୁ ସେ ଏଠାରେ ପ୍ରସ୍ତୁତ କରିଛନ୍ତି । ରାଜ୍ୟର ଅନେକ ଫଟୋଗ୍ରାଫି ପ୍ରଦର୍ଶନୀରେ ଭାଗ ନେଇ ସେ ପ୍ରଶଂସା ଅର୍ଜନ କରିଛନ୍ତି ।





ଅନୁଭୂତି

# ଚିଠି

## ସନ୍ତୋଷ କୁମାର ପଟ୍ଟନାୟକ

ମୋ' ସାନଭଉଣୀ ସାଙ୍ଗେ ସପ୍ତମ ଶ୍ରେଣୀରେ ପଢୁଥିବା ରୂପାଲି ବେଳେବେଳେ ଆମ ଘରକୁ ଆସୁଥିଲା । ତା'ର ମୁହଁଟା ଗୋଲଗାଲ ଥିଲେ ବି ହାତଗୋଡ଼ ଖୁବ୍ ପତଳାଥିଲା । ମୋ'ର ସାନଭଉଣୀ କହୁଥିଲା, ରୂପାଲି କିନ୍ତୁ ଖେଳକୁଦରେ ତାଙ୍କ ଶ୍ରେଣୀରେ ସର୍ବଦା ପ୍ରଥମ ହେଉଥିଲା । ମୁଁ ଥରେ ସାନଭଉଣୀର ସ୍କୁଲର କ୍ରୀଡ଼ା ବାର୍ଷିକୋତ୍ସବକୁ ଯାଇଥିଲି । ରୂପାଲି ଦୌଡ଼ ପ୍ରତିଯୋଗିତାରେ ତା'ଠାରୁ ଉଚ୍ଚ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ଅନାୟସରେ ହରାଇ ପ୍ରଥମ ସ୍ଥାନ ଅଧିକାର କରିଥିଲା । ବିଭିନ୍ନ ପ୍ରକାରର ଦୌଡ଼ରେ ତା'ର ଏହି ପାରଦର୍ଶିତା ଦେଖି ମୁଁ ତାକୁ ଥଟ୍ଟାରେ ହରିଣୀ ବୋଲି ଡାକୁଥିଲି ଓ କହୁଥିଲି, 'ରୂପାଲି ତୁ ଗତ ଜନ୍ମରେ ନିଶ୍ଚିତ ହରିଣ ଥିଲୁ ।' ଏତେ ସୁନ୍ଦର କେମିତି ଦୌଡୁଛୁ ? ସେ କହିଥିଲା, 'ଭାଇ, ମୁଁ ଦୌଡ଼ିଲା ବେଳେ ତୁମେ ତ ସବୁଠାରୁ ବେଶି ତାଳିମାରି ମତେ ଉତ୍ସାହିତ କରୁଥିଲ । ସେଥିରେ ମୁଁ 'ଜୋସ୍'ରେ ଆସି ମୋ'ଠାରୁ ବଡ଼ ପିଲାଙ୍କୁ ମଧ୍ୟ ପଛରେ ପକାଇଦେଇପାରିଲି ।'

> **ଅନୁଭବ କରୁଥିଲି, ତା' ପ୍ରତି ମୋର ଆକର୍ଷଣ ବଢ଼ି ଚାଲିଛି । ମୁଁ ତା' ବିଷୟରେ ଭାବୁଥିବା ଅନ୍ତରର କଥା ତାକୁ କହିପାରୁନଥିଲି ।**

### ପୁଣି ଫେରିଆସିଲା

କିଛିଦିନ ପରେ ରୂପାଲିର ବାପାଙ୍କର ଅନ୍ୟ ସହରକୁ ବଦଳି ହୋଇଯାଇଥିଲା । ଆମେ ରୂପାଲି ତଥା ତାଙ୍କ ପରିବାରକୁ ଧୀରେଧୀରେ ଭୁଲି ଯାଇଥିଲୁ । ଯା'ଭିତରେ ପ୍ରାୟ ପାଞ୍ଚବର୍ଷ ବିତିଯାଇଥିଲା । ଦିନେ ହଠାତ୍ ମୋର ସାନଭଉଣୀ ମତେ ଆଶ୍ଚର୍ଯ୍ୟ କଲାପରି ଗୋଟିଏ ଖବର କହିଥିଲା । ସେ କହିଥିଲା, 'ଭାଇ ଜାଣିଛୁ, ରୂପାଲିର ବାପା ଟ୍ରାନ୍ସଫର୍ ହୋଇ ପୁଣି ଏଠିକି ଆସୁଛନ୍ତି । ଆମ ଘର ପାଖରେ ଘର ପାଇଛନ୍ତି । ରୂପାଲି ବେଶ୍ ବଡ଼ ଓ ଗୋଲଗାଲ ହୋଇଯାଇଛି । ତୁ ଦେଖିଲେ ହଠାତ୍ ଚିହ୍ନିପାରିବୁ ନାହିଁ । ସେ ତୋରି କଲେଜରେ ପଢ଼ିବ । ଆଉ କୋଉ କଲେଜରେ ତାକୁ ସିଟ୍ ମିଳିଲା ନାହିଁ ।' କିଛିଦିନ ପରେ ମାଉସୀ ଅର୍ଥାତ୍ ରୂପାଲିର ମା'ଙ୍କର ଡାକରାପାଇ ସାନଭଉଣୀ ସାଙ୍ଗେ ତାଙ୍କ ଘରକୁ ଯାଇଥିଲି । ମାଉସୀ କହିଥିଲେ 'ବାବୁ ରୂପାଲିକୁ କେବଳ ତୁମ କଲେଜରେ ସିଟ୍ ମିଳିଲା । କିନ୍ତୁ ମୁଁ ଶୁଣୁଛି, ତମ କଲେଜର ପିଲାଗୁଡ଼ା ଅଭଦ୍ର ଓ ବଦମାସ । ସେମାନେ ଝିଅମାନଙ୍କୁ କମେଣ୍ଟ୍ ମାରନ୍ତି ଓ ହଇରାଣ କରନ୍ତି । କିନ୍ତୁ ମୁଁ ଭାବୁଛି, ରୂପାଲି ତମ ସାଙ୍ଗେ କଲେଜକୁ ଗଲେ ମୁଁ ଟିକେ ନିଶ୍ଚିନ୍ତ ହୁଅନ୍ତି ।' ମୁଁ କହିଥିଲି, 'ମାଉସୀ ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ସେ ପରା ମୋ' ସାନଭଉଣୀର ସାଙ୍ଗ । ମୋ' ସାଙ୍ଗରେ କଲେଜ ଗଲେ କେହି ତାକୁ କୌଣସି ପ୍ରକାର ଅସୁବିଧା କରିବେନି ।' ଆମର ଏପରି କଥାବାର୍ତ୍ତା ଚାଲିଥିବାବେଳେ ରୂପାଲି ଆସି ମତେ ନମସ୍କାର କରିଥିଲା । ମୁଁ ତାକୁ ହଠାତ୍ ଚିହ୍ନିପାରିଲି ନାହିଁ । ସେ ବେଶ୍ ସତେଜ ଓ ସୁନ୍ଦର ଦେଖାଯାଉଥିଲା । କଥାବାର୍ତ୍ତା ଆଗ ଅପେକ୍ଷା ଧୀର ଓ ସଂଯତ । ଯା'ପରେ ରୂପାଲି ମୋ' ସାଙ୍ଗରେ କଲେଜ ଯାଉଥିଲା । ରାସ୍ତାରେ ଆମେ ବହୁତ କିଛି କଥାବାର୍ତ୍ତା କରୁଥିଲୁ । କ୍ରମେ ମୁଁ ଅନୁଭବ କରୁଥିଲି ଯେପରି ତା' ପ୍ରତି ମୋର ଆକର୍ଷଣ ବଢ଼ି ଚାଲିଛି । ମୁଁ ତା' ବିଷୟରେ ଭାବୁଥିବା ଅନ୍ତରର ଗହନକଥା ତାକୁ କହିବାକୁ ଚେଷ୍ଟା କରୁଥିଲେ ବି କହିପାରୁନଥିଲି । କଲେଜରେ ଆମ ସିନିୟର ତଥା ଛାତ୍ରନେତା ସ୍ୱାଇଁବାବୁଙ୍କ ସାଙ୍ଗେ ମୋ'ର ବିଶେଷ ଘନିଷ୍ଠତା ଥିଲା । ପ୍ରେମ ବିଷୟରେ ଅନେକ ତିକ୍ତ, ମଧୁର ତଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଅନୁଭୂତି ତାଙ୍କର ଥିଲା ବୋଲି ଆମେ ଜାଣିଥିଲୁ । କଲେଜ କ୍ୟାଣ୍ଟିନଠାରୁ ସାମାନ୍ୟ ଦୂରରେ ଗୋଟିଏ ଛୋଟିଆ ପାର୍କ ପାଖରେ ଆମର ଖଟି ହେଉଥିଲା । ଅନେକ ବିଷୟରେ ଆମେ

ତାଙ୍କ ପରାମର୍ଶ ନେଇଥାଉ । ଦିନେ ଏକାନ୍ତରେ ତାଙ୍କୁ ଭେଟି ପଚାରିଥିଲି 'ବଡ଼ଭାଇ, ମୁଁ ଗୋଟିଏ ଝିଅକୁ ଭଲପାଇ ବସିଛି । କିନ୍ତୁ ତା'ର ମୋ' ପ୍ରତି କି ପ୍ରକାର ଧାରଣା ମୁଁ ସଠିକ୍ ଜାଣିପାରୁନି । ଯଦି ତାକୁ ମୁଁ ଭଲପାଉଛି ବୋଲି କହିବି କିନ୍ତୁ ତା'ର ମୋ' ପ୍ରତି ସେପରି କିଛି ମନୋଭାବ ନଥାଏ, ତା'ର ବାପା, ମା'ଙ୍କୁ କହିଦେଲେ ଘୋର ଅନର୍ଥ ହୋଇଯିବ । ମୋ'ର କଲେଜ ପଢ଼ା ବନ୍ଦ ହେଲାଭଳି ପରିସ୍ଥିତି ମଧ୍ୟ ଉପୁଜିପାରେ । ସ୍ୱାଇଁବାବୁ କିଛି ସମୟ ଚିନ୍ତାକରି କହିଥିଲେ, 'ସେ ତମ ସାଙ୍ଗରେ କଥାବାର୍ତ୍ତା କରୁଛି ତ?' ମୁଁ ଉତ୍ତର ଦେଇଥିଲି, 'ବହୁତ କଥାବାର୍ତ୍ତା କରୁଛୁ । କିନ୍ତୁ ସଂକୋଚ ତଥା ବିଭିନ୍ନ ଆଶଙ୍କା କରି ତାକୁ ମୁଁ ଭଲପାଉଛି ବୋଲି କହିପାରୁନି ।' ତା'ହେଲେ ତମେ ଗୋଟିଏ ଖାଲି ଧଳାକାଗଜ ଚାରିଭାଙ୍ଗକରି ନିଅ; କଥାବାର୍ତ୍ତା ଆଳରେ ତାକୁ କହିବ, ତୋ' ବିଷୟରେ ମୁଁ ଭାବୁଥିବା କେତେଟା କଥା ମୁଁ କହିପାରୁନି, ଗୋଟିଏ ଚିଠିରେ ସେସବୁ କଥା ଲେଖି ଆଣିଛି କହି ତାକୁ ସେ ଚିଠିଟା ଦେବାକୁ ଚେଷ୍ଟା କରିବ, ଯଦି ବିନା ଦ୍ୱିଧାରେ ନେଇଗଲା, ତା'ହେଲେ ଜାଣିବ ତମ ପ୍ରତି ତା'ର ପ୍ରେମ ଅଛି । ଯଦି ଅନ୍ୟ କିଛି ଭାବନା ଅଛି, ତମପ୍ରତି ସେଭଳି କିଛି ସ୍ୱତନ୍ତ୍ର ଆକର୍ଷଣ ନାହିଁ, ତା'ହେଲେ ତାଙ୍କ ଘରେ ବା ଅନ୍ୟ କୌଣସି ସ୍ଥାନରେ ତମେ ଚିଠି ଦେବା କଥା କହିଲେ ବି ତମେ ବିପଦରେ ପଡ଼ିବନାହିଁ । କାରଣ, ତମେ ଦେଇଥିବା କାଗଜଟା ଖାଲି । ଯଦି ସେ ଆଗ୍ରହ ସହକାରେ ସେ ଚିଠିଟି ନେବ, ଜାଣିବ, ସେ ତମକୁ ଭଲପାଉଛି । ଯଦି ସେ କହେ, ତମେ ଦେଇଥିବା ଚିଠିରେ କିଛି ଲେଖାନାହିଁ, ତା'ହେଲେ ଭୁଲ୍ ହୋଇଗଲା ବୋଲି କହି ତୁମେ ଯାହା ଭାବୁଛ ପରେ ଗୋଟିଏ ଚିଠିରେ ସେକଥା ଲେଖି ତାକୁ ଦେଇଦେବ ।' କଥାଟା ମୋ' ମନକୁ ପାଇଥିଲା ।



## କେମିତି ଦେଲି ଚିଠି

ତା'ପରଦିନ କଲେଜ ଯିବା ଆଗରୁ ଗୋଟିଏ ସାଦା ଧଳାକାଗଜକୁ ଚାରିଭାଙ୍ଗକରି ବହି ଭିତରେ ରଖିଥିଲି । ରୂପାଲିକୁ କ'ଣ କହି ଏ କାଗଜଟାକୁ ଦେବି ବୋଲି ଭାବୁଭାବୁ ଗୋଟିଏ ଉଦ୍ଭଟ ଚିନ୍ତା ମୋ'ମନକୁ ଆସିଥିଲା । ସେ କାଗଜକୁ ଖୋଲି ତା'ଦେହରେ ଇଂରାଜୀରେ 'ଏପ୍ରିଲ ଫୁଲ୍' ବୋଲି ଲେଖି ପୁଣି ଭାଙ୍ଗକରି ରଖିଦେଇଥିଲି । ତା'ପରଦିନ କଲେଜ ଯିବା ରାସ୍ତାରେ ତାକୁ କିଛି ନ କହି ଦୁଇ/ତିନିଥର ନିରେଖି ଚାହିଁବାରେ ସେ ପଚାରିଥିଲା, 'କ'ଣ ହେଇଛି ଭାଇ । ଏମିତି ଆଜି କାହିଁକି ମତେ ଦେଖୁଛ?' ମୁଁ କହିଥିଲି, 'ଗୋଟିଏ କଥା ତତେ କହିବି ବୋଲି ଭାବୁଥିଲି, ଗୋଟିଏ ଚିଠିରେ ସେକଥା ଲେଖି ଆଣିଛି ।' ରୂପାଲିର ମୁହଁ ରକ୍ତିମ ହୋଇଯାଇଥିଲା । ମୋ'ଠାରୁ ଚିଠିଟି ନେଇ ତା'ର ଖାତା ଭିତରେ ରଖିଦେଇଥିଲା । କିନ୍ତୁ ଏହି ଘଟଣା ପରେ ମୋ' ପାଇଁ ଏକ ଚରମ ଦୁର୍ଦ୍ଦଶା ଅପେକ୍ଷାକରି ରହିଥିବା କଥା ମୁଁ ଆଶା କରିନଥିଲି ।

ତା'ପରଦିନ ମୁଁ ସାମାନ୍ୟ ଆଶ୍ଚର୍ଯ୍ୟ ହେଇଥିଲି ଯେ ରୂପାଲି ମତେ ଅପେକ୍ଷା ନକରି ଏକୁଟିଆ କଲେଜ ଚାଲିଯାଇଥିଲା । ମତେ କଲେଜରେ ଦେଖିଲା ପରେ ମଧ୍ୟ ନ ଦେଖିଲା ପରି ମୁହଁ ବୁଲାଇ ସାଙ୍ଗମାନଙ୍କ ସାଙ୍ଗେ ଗପୁଥିଲା । ମୁଁ ନିଶ୍ଚିତ ହେଲି, ରୂପାଲି ମୋ' ଚିଠିଟା ପାଇ ରାଗିଯାଇଛି । ତା'ର ବାପା-ମା'ଙ୍କୁ କ'ଣ କହିଥିବ ଓ ମୋ'ର କ'ଣ ହେବ ଭାବି ଆଶଙ୍କାରେ ଥିଲି । ଏହିପରି ମାସ ପରେ ମାସ ବିତିଗଲା ପରେ ବି ରୂପାଲି ଆଉ ମୋ' ସାଙ୍ଗରେ କିଛି କଥାବାର୍ତ୍ତା କରୁନଥିଲା । କେତେମାସ ପରେ ରୂପାଲିର ବାପା ଅବସର ନେଇ ନିଜର ଗ୍ରାମକୁ ଯିବେ ବୋଲି ମୁଁ ଶୁଣିଲି । ତାଙ୍କର ଓ ଆମ ପରିବାର ବେଶ ଘନିଷ୍ଠ ହୋଇଯାଇଥିଲେ । କିନ୍ତୁ ରୂପାଲି ମୋ' ସାଙ୍ଗରେ ମିଳାମିଶା ଓ କଥାବାର୍ତ୍ତା ସଂପୂର୍ଣ୍ଣ ବନ୍ଦ


କରିଦେଇଛି ବୋଲି କେହି ଜାଣିନଥିଲେ । ସେମାନେ ଆମ ସହର ଛାଡ଼ି ସବୁଦିନ ପାଇଁ ଯିବାକୁ ବିଦାୟ ନେଇଥିଲେ । ବୋଉ ସେମାନଙ୍କ ପାଇଁ ଜଳଖିଆ ତିଆରିକରି ଗୋଟିଏ ଟିଫିନ୍‌ରେ ସେମାନେ ଯାଉଥିବା ବସ୍‌ରେ ଦେବାକୁ ମତେ କହିଥିଲା । ମୁଁ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଦେଖିଲି ରୂପାଲି ବସ୍‌ର ଝରକା ପାଖରେ ବସିଛି । ମତେ ଦେଖି ସେ ଅନ୍ୟଆଡ଼େ ମୁହଁ ବୁଲାଇ ଦେଇଥିଲା । ତଥାପି ମୁଁ ତା’ପାଖକୁ ଯାଇ କହିଥିଲି, ‘ରୂପାଲି ରାସ୍ତାରେ ଖାଇବା ପାଇଁ ବୋଉ ଜଳଖିଆ ଟିଫିନ୍‌ରେ ଦେଇଛି ନିଅ ।’ ଅନେକଦିନ ପରେ ସେ ମତେ ସିଧା ଚାହିଁଥିଲା । ମୁଁ ଧୀରେ କହିଥିଲି, ‘ସେ ଚିଠି ପାଇଁ ମୁଁ ଦୁଃଖିତ ରୁପାଲି ।’ ‘ଦୁଃଖିତ?’ ସେ କହିଥିଲା, ଭାଇ ତମେ ଜୀବନରେ କୌଣସି ଝିଅର ପ୍ରତ୍ୟାଶା ଓ ଆବେଗକୁ ନେଇ ଖେଳିବ ନାହିଁ । ତୁମେ ସେ ଚିଠିରେ କେତେ କ’ଣ ଲେଖିଥିବ ବୋଲି ମୁଁ ଆଶା କରୁଥିଲି, ଅଥଚ କ’ଣ ଲେଖିଥିଲ ତୁମେ? ‘ଏପ୍ରିଲ୍ ଫୁଲ୍?’ ପ୍ରକୃତରେ ୟୁ ଆର୍ ଏ ଫୁଲ୍ ।’ ମୁଁ ବୁଝାଇବାକୁ ଚେଷ୍ଟାକରି କହିଥିଲି, ‘ସରି ରୂପାଲି, ଆଗକୁ ଏପରି କେବେ ହେବନାହିଁ.... ପ୍ରମିସ୍.... । ବସ୍ ଛାଡ଼ି ଦେଇଥିଲା, ଟିଫିନ୍‌ଟା ମୋ’ ହାତରେ ରହିଯାଇଥିଲା ।

**“ତୁମେ ସେ ଚିଠିରେ କେତେ କ’ଣ ଲେଖିଥିବ ବୋଲି ମୁଁ ଆଶା କରୁଥିଲି, ଅଥଚ କ’ଣ ଲେଖିଥିଲ ତୁମେ?”**

(ଲେଖକ ନିଜ ବାସ୍ତବ ଜୀବନର ଏହି ଅନୁଭୂତିରେ ଚରିତ୍ରମାନଙ୍କର ନାମ ବଦଳାଇ ଦେଇଛନ୍ତି । - ସମ୍ପାଦକ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
santoshpatnaikcb@gmail.com


ମୂଲ୍ୟ: ଟ.୨୯୯/-

ପଢ଼ନ୍ତୁ !

ଶ୍ରୀମଭଗବଦ୍‌ଗୀତା

(ମୂଳ ଶ୍ଳୋକ, ଅନ୍ୱୟ, ଶବ୍ଦାର୍ଥ, ଗଦ୍ୟାନୁବାଦ ଓ ଇଂରାଜୀ ଅନୁବାଦ ସହ)

ଉପସ୍ଥାପନା:
ବାମନ ଚନ୍ଦ୍ର ମହାପାତ୍ର

ପ୍ରକାଶକ :
ବି.କେ. କ୍ଲାସିକ୍ସ
ବି.କେ. ପବ୍ଲିକେଶନ୍ସ ପ୍ରା.ଲି.
ଭୁବନେଶ୍ୱର

CLASSICS

**ସାକ୍ଷାତକାର**

# ବୟୋଜ୍ୟେଷ୍ଠ କବି ଅଶ୍ୱିନୀ କୁମାର ମିଶ୍ରଙ୍କ ସହିତ ସାରସ୍ୱତ ଆଳାପ

**ଅଶ୍ୱିନୀ କୁମାର ମିଶ୍ର ଜଣେ ପ୍ରବୀଣ କବି ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ସୁବିଦିତ। କବିତା ରଚନା ବ୍ୟତୀତ ସେ ସମାଲୋଚନା ସାହିତ୍ୟରେ ମଧ୍ୟ ସିଦ୍ଧହସ୍ତ। ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ ଏବଂ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପଦରେ ମଧ୍ୟ ଅବସ୍ଥାପିତ ହୋଇଥିଲେ। ଚଳିତବର୍ଷ ସେ ବିଷୁବ ପୁରସ୍କାରରେ ଭୂଷିତ ହୋଇଛନ୍ତି । ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆମ ଓଡ଼ିଶାରେ କବିଧର୍ମ କହିଲେ ଯୋଡ଼ିଏ କଥାକୁ ବୁଝାଏ; ଗୋଟିଏ ତ ହେଲା ନିମଗ୍ନ ଚିତ୍ତରେ କବିତା ଲେଖିବା, ଆଉ ଦ୍ୱିତୀୟଟି ମଞ୍ଚ ଉପରେ ସାହିତ୍ୟକୁ ନେଇ ଲମ୍ବା ଲମ୍ବା ଭାଷଣ ଦେବା। କିନ୍ତୁ ଆପଣ ଏହି ଦ୍ୱିତୀୟ କର୍ମଟିରେ ଲିପ୍ତ ହେବାର ବେଶି ଦେଖାଯାଏନି କାହିଁକି ?

**ଅଶ୍ୱିନୀ କୁମାର ମିଶ୍ର:** ସଭାକୁ ତ ମୁଁ ଯାଏ; କିନ୍ତୁ ସଭାମଞ୍ଚରୁ ସାହିତ୍ୟ ସୃଷ୍ଟି ପାଇଁ ସେମିତି କିଛି ପ୍ରେରଣା ହାସଲ କରିବାର କଥା ମୋ' ମନକୁ କେବେ ଆସିନାହିଁ। କାରଣ ସାହିତ୍ୟ ସାଧନା ଏକ ନିଭୃତ ବ୍ୟାପାର। ସଭାସମିତିରେ ନିଜକୁ ବ୍ୟସ୍ତ ରଖିଲେ ପଢ଼ାପଢ଼ି ତ ନଷ୍ଟ ହେବ, ନିଜର ସର୍ଜନା ଶକ୍ତି ମଧ୍ୟ କ୍ଷୟ ହେବ। ତାପରେ, ମୁଁ ମଧ୍ୟ ଭାବେ ଯେ, ମୁଁ କ'ଣ ଏତେ କିଛି ଜାଣିଛି ଯେ ଭାଷଣ ଦେଇ ଶ୍ରୋତାମାନଙ୍କୁ ମୁଗ୍ଧ କରିପାରିବି ?

**ସାହିତ୍ୟ ଚର୍ଚ୍ଚା:** ଏହାର ବିପରୀତ, ଅନେକ କବି ଭାବନ୍ତି, 'ମୁଁ ଏତେ ଜାଣିଛି ଯେ ମୋ'ର ବକ୍ତବ୍ୟ ହୋଇପାରେ ଅସରନ୍ତି।' ଏହାର ଏକ ବ୍ୟତିକ୍ରମ ଆପଣ, ଯିଏ କହନ୍ତି, 'ମୁଁ କ'ଣ ଏତେ ଜାଣିଛି ?' ଆଉ ଗୋଟିଏ କଥା, ସଭା ମଞ୍ଚରେ ଛନ୍ଦାୟିତ ଭାବରେ ଅନ୍ତତଃ ନିଜ କବିତାର ଆବୃତ୍ତି କରି ମଧ୍ୟ କବିମାନେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିପାରନ୍ତେ। ସେତିକି ହେଉଥିବାର ତ ଆମେ କାହିଁ ଦେଖୁନାହୁଁ ଆମ କବିତା ପାଠୋତ୍ସବଗୁଡ଼ିକରେ, ଯେମିତି ଅନ୍ୟତ୍ର ହୁଏ। ଆପଣ ଜାଣନ୍ତି, ଆମର କବି ସମ୍ମିଳନୀଗୁଡ଼ିକ କେତେ ନିରସ ଓ ବିରକ୍ତିକର ମନେହୁଅନ୍ତି !

**ଅଶ୍ୱିନୀ କୁମାର ମିଶ୍ର:** ଏହା ସାକ୍ଷରତା ସଂଖ୍ୟା ବୃଦ୍ଧି ଉପରେ ବହୁମାତ୍ରାରେ ନିର୍ଭର କରେ। ଆମେ ଦେଖୁ ଯେ

କେରଳରେ ଶ୍ରୋତାମାନେ ବହୁ ସମୟ ଧରି ବସିରହି କବିତା ଶୁଣନ୍ତି। ଥରେ ଜଣେ ନୋବେଲ୍ ପୁରସ୍କାରପ୍ରାପ୍ତ କବି, ପେବ୍‌ଲା ନେରୁଦା ଗୋଟିଏ କୋଇଲା ଖଣି ପାଖରେ କବିତା ପଢୁଥିଲେ ଏବଂ କୋଇଲା ଖଣିର ଯେଉଁ ଶ୍ରମିକମାନେ ଆସି ସେଠାରେ ତା'ଙ୍କୁ ଶୁଣୁଥିଲେ ସେମାନେ କହିଲେ ଯେ 'ଆପଣ ଆମରି କଥା କହୁଛନ୍ତି।' ତେଣୁ ଲୋକମାନଙ୍କର ସୁଖ, ଦୁଃଖ, ନୈରାଶ୍ୟ, ଯନ୍ତ୍ରଣା ଓ ସଂଘର୍ଷର କଥା ଯଦି କବିତାରେ ଉଠୁନାହିଁ, ସେମାନେ ଆପଣଙ୍କୁ କାହିଁକି ଶୁଣିବେ ?

**ସାହିତ୍ୟ ଚର୍ଚ୍ଚା:** ଠିକ୍ କଥା; ଯଦି ପାଠକ କି ଶ୍ରୋତା ନିଜକୁ ପାଉନାହିଁ କବିତା ଭିତରେ, ସେ କାହିଁକି ଘଣ୍ଟାଘଣ୍ଟା ଧରି ବସି ମଞ୍ଚକୁ କାନ ଡେରିବ ? ବୋଧହୁଏ ଏହିଭଳି ଏକ ଅପ୍ରୀତିକର ଅବସ୍ଥା ସୃଷ୍ଟିହୋଇଛି ଆମ କବିତାରାଜ୍ୟରେ।

**ଅଶ୍ୱିନୀ କୁମାର ମିଶ୍ର:** କେବଳ ଓଡ଼ିଶା ବୋଲି ନୁହଁ। ଗୋଟିଏ କଥା ହେଲା ଯେ ଆମର ଗୋଟିଏ ସାମନ୍ତବାଦୀ ଅଭିଳାଷ, ଅର୍ଥାତ୍ 'ଡିଭିଜନ୍ ଅଫ୍ ଲେବର୍' ହେବାପରେ ଗୋଟିଏ ଆଳସ୍ୟ ବିଳାସୀ ଶ୍ରେଣୀ ସୃଷ୍ଟିହେଲା; ସେମାନେ କିଛି ମଜାକଥା, କିଛି ଚୁଟ୍‌କୁଲି, କିଛି ଗପ, କିଛି ହସ, କିଛି ରାସ – ଏଇସବୁକୁ ନେଇ ତିଷ୍ଠି ରହିଛନ୍ତି। ସେମାନଙ୍କର ଯାଏଆସେ ନାହିଁ। ଆପଣଙ୍କର ହସ, ଦୁଃଖ, କାନ୍ଦ, ସଂଘର୍ଷ, ଆପଣ କେଜିଏ ଚାଉଳ କେତେ ଟଙ୍କା ଦେଇ କିଣିଲେ, କି ପେଟ୍ରୋଲ୍ କେତେ ଟଙ୍କା ଦେଇ କିଣିଲେ, ସେଥିରେ ତାଙ୍କର କିଛି ଯାଏଆସେ ନାହିଁ।

> **ଲୋକମାନଙ୍କର ସୁଖ, ଦୁଃଖ, ନୈରାଶ୍ୟ, ଯନ୍ତ୍ରଣା ଓ ସଂଘର୍ଷର କଥା ଯଦି କବିତାରେ ଉଠୁନାହିଁ, ସେମାନେ ଆପଣଙ୍କୁ କାହିଁକି ଶୁଣିବେ ?**

**ସାହିତ୍ୟ ଚର୍ଚ୍ଚା:** ଆମେ ଓଡ଼ିଶା କଥା ଏଇଥିପାଇଁ କହିଲୁ, ଆମେ ଏଠି କବି ସମ୍ମିଳନୀଗୁଡ଼ିକରେ ପାଉ ଯେ ହାତରେ ଧରିଥିବା କାଗଜକୁ ଅତି ନିଃସ୍ପୃହ ଭାବରେ ଚାହିଁ, ଏପରିକି ମୋବାଇଲ୍‌କୁ ଚାହିଁ ମଧ୍ୟ, କବିମାନେ କବିତା ପଢୁଛନ୍ତି। ଯେମିତି ମନେହୁଏ, ସେମାନଙ୍କର କବିତା ସେମାନଙ୍କ ନିଜ ମନକୁ ମଧ୍ୟ ଛୁଉଁ ନାହିଁ। ଓଡ଼ିଆ କବିତା ପାଠୋତ୍ସବଗୁଡ଼ିକ ଏଭଳି ଏକ ସ୍ତରକୁ ଖସି ଆସିନାହାନ୍ତି କି ?

**ଅଶ୍ୱିନୀ କୁମାର ମିଶ୍ର:** ଆପଣ ଏଇ ଯେଉଁ କଥାଟି କହିଲେ, ତାହା ଗୋଟିଏ 'ମିଲିଅନ୍ ଡଲାର୍'ର ପ୍ରଶ୍ନ। ଆପଣ କେଉଁ ଭଳିଆ କବିମାନଙ୍କୁ ଡାକୁଛନ୍ତି ଏବଂ କେଉଁ ଭଳିଆ ଶ୍ରୋତାମାନଙ୍କୁ ଡାକୁଛନ୍ତି ତା' ଉପରେ ଏସବୁ ନିର୍ଭର କରେ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଲେଖକୀୟ ବ୍ୟକ୍ତିତ୍ୱକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଆପଣ ମୋଟେ ଆତ୍ମପ୍ରଚାରମୁଖୀ ନୁହନ୍ତି। ସାହିତ୍ୟ ଜଗତରେ ନିଜର ଛବି ଗଢ଼ିବା ପାଇଁ ଆପଣ କେବେ ପ୍ରୟାସୀ ହୋଇନାହାନ୍ତି। ତେଣୁ ଏବେ ଯେତେବେଳେ ବିଷୁବ ପୁରସ୍କାର ପାଇଁ ଆପଣଙ୍କ ନାମ ଘୋଷଣା କରାଗଲା, ଆପଣ ହଠାତ୍ ଚର୍ଚ୍ଚାକୁ ଆସିଗଲେ ଏବଂ ଅନେକେ ବିସ୍ମିତ ହୋଇ ଆପଣଙ୍କର ପରିଚୟ ଜାଣିବାକୁ ଚେଷ୍ଟା କଲେ।


**ଅଶ୍ୱିନୀ କୁମାର ମିଶ୍ର:** ବିଷୁବ ପୁରସ୍କାର ହେଉ, ବା ଅନ୍ୟ ଯେ କୌଣସି ପୁରସ୍କାର, ସେ ସମ୍ପର୍କରେ ମୋ'ର ଭିନ୍ନ ପ୍ରକାର ମତ ଅଛି। ମାତ୍ର ୫୮ ବର୍ଷ ବୟସରେ ବିଶିଷ୍ଟ ସ୍ଥିତିବାଦୀ ଦାର୍ଶନିକ ଜାଁ ପଲ୍ ସାର୍ତ୍ ସାହିତ୍ୟରେ ନୋବେଲ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ, ମୁଁ ଯାହା ଲେଖୁଛି ତାହା ଯଦି ସ୍ଥିତାବସ୍ଥାକୁ ସୁହାଇଲା ଭଳି ହୁଏ, ତେବେ ସେମାନେ ମୋତେ ପୁରସ୍କାର ଦେବେ। କିନ୍ତୁ ମୁଁ ହେଲି ସ୍ଥିତାବସ୍ଥାର ବିରୋଧୀ; ତେଣୁ ଯେଉଁ ସିଂହାସନ ପାଇଁ ଆପଣ ଲେଖିବେ, ସେହି ସିଂହାସନଟି ମୁଗ୍ଧ ହେଲେ ଗୋଟିଏ ଫୁଲମାଳ ଆପଣଙ୍କର ବେକରେ ପକାଇଦେବେ। ସେ ସିଂହାସନ ଯଦି ଟଳମଳ ହୁଏ ଆପଣଙ୍କ କଲମରେ, ସେମାନେ କେବେ ବି ଆପଣଙ୍କ ମୁହଁ ଚାହିଁବେ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ବିଷୁବ ପୁରସ୍କାର କର୍ତ୍ତୃପକ୍ଷ ଆପଣଙ୍କ ପ୍ରତି ଏ ବର୍ଷ ପ୍ରୀତ ହୋଇଥିବାର କାରଣ କ'ଣ ହୋଇଥାଇପାରେ ?

**ଅଶ୍ୱିନୀ କୁମାର ମିଶ୍ର:** ଆପଣ ଯେଉଁ ଶବ୍ଦଟି କହୁଛନ୍ତି, ମୁଁ ତା'କୁ ଅନ୍ୟ ଗୋଟିଏ ବାଗରେ ଅନୁଧ୍ୟାନ କରୁଛି। ଦେଖନ୍ତୁ, 'ଝଙ୍କାର'ର ମୁଁ କେବଳ ଆଜିର ଲେଖକ ନୁହଁ। ମୁଁ ଯେତେବେଳେ ଏମ୍.ଏ, ଇଂରାଜୀ ଶ୍ରେଣୀର ଛାତ୍ର ଥିଲି ୧୯୭୪ ମସିହାରେ, ମୋ'ର ପ୍ରଥମ କବିତା ସେଥିରେ ବାହାରିଛି। ସେଦିନଠାରୁ ନେଇ ଆଜି ପର୍ଯ୍ୟନ୍ତ ପଚାଶ ବର୍ଷ ଧରି ମୁଁ ଝଙ୍କାରରେ ଲେଖିଆସିଛି। ଝଙ୍କାରରେ କବିତା

ଲେଖୁଥିବା ଜଣେ ବ୍ୟକ୍ତିକୁ, କାରଣ କବି ବୋଲି ମୁଁ ନିଜକୁ କୁହେ ନାହିଁ, ଏବଂ ନିର୍ଦ୍ଦିଷ୍ଟ ଭାବରେ ମୋ'ର ଯେଉଁ ଅନ୍ତଃସ୍ୱର, ତା'କୁ ପୁରସ୍କାର ଦେବାବେଳେ ସରୋଜ ରଂଜନ ମହାନ୍ତି ନିଶ୍ଚିତ ଭାବରେ ଏହାର ମଞ୍ଜାକୁ ଯାଇଛନ୍ତି, ଏବଂ ପାଠକମାନେ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି ବୋଲି ମୁଁ ଭାବେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ନିଜର ଛାତ୍ରାବସ୍ଥାରୁ କବିତା ରଚନା ଆରମ୍ଭ କରିଛନ୍ତି। ଆପଣଙ୍କର ସେତେବେଳର ରଚନା ଓ ଏବର ରଚନାକୁ ତୁଳନା କଲେ, ଲାଗେ ଯେ ଏହା ଭିତରେ ଆପଣଙ୍କ କବିସ୍ୱରରେ କିଛି ଗୋଟିଏ ପରିବର୍ତ୍ତନ ଘଟିଛି। କାରଣ ଛାତ୍ରାବସ୍ଥାରେ ଆପଣ ପ୍ରଗତିବାଦୀ ବା ସାମ୍ୟବାଦ ଦ୍ୱାରା ପ୍ରଭାବିତ ଥିଲେ। ସମାଲୋଚକମାନେ କହନ୍ତି ଯେ ବର୍ତ୍ତମାନ ଆପଣ ଏବେ ମାନବବାଦ ପ୍ରତି ଟିକିଏ ଅଧିକ ଢଳିଛନ୍ତି। ଆପଣ ଏଥିରେ ଏକମତ କି?



**ଅଶ୍ୱିନୀ କୁମାର ମିଶ୍ର:** 'ବାଦ' ସମ୍ପର୍କରେ ଆପଣ ଯାହା କହିଲେ, ଅତୀତରେ ମୁଁ ମାର୍କସ୍‌ବାଦୀ ଦର୍ଶନକୁ ନେଇ କବିତା ଲେଖୁଥିଲି। ଏଇଟା ସମାଲୋଚକଙ୍କ ମତ, କି ପାଠକପାଠିକାଙ୍କର ମତ, ମୁଁ କହିପାରୁନାହିଁ। ସାଧାରଣ ଭାବେ ସେ ମାର୍କସ୍‌ବାଦ ହେଉ, ମାନବବାଦ ହେଉ, ବା ଅତିବାସ୍ତବବାଦ – ଏସବୁ ଭିତରେ ମୁଁ ଗୋଟିଏ କଥା ବୁଝିଛି ଯେ ଏ ପୃଥିବୀ ଦୁଇ ଭାଗରେ ବିଭକ୍ତ; ଗୋଟିଏ ହେଲା ଲୁଟିଖିଆଙ୍କର ଓ ଅନ୍ୟଟି ଖଟିଖିଆଙ୍କର। ମୁଁ ଯେତେବେଳେ ବି କବିତା ଲେଖିଛି, ଗୋଟିଏ ନିଷ୍ପେସିତ ମଣିଷ ଆସି ମୋ ଆଗରେ ଛିଡ଼ାହୋଇଛି। ତେବେ କୌଣସି 'ବାଦ'ର ବଶବର୍ତ୍ତୀ ହୋଇ ମୁଁ କବିତା ଲେଖିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏକଥା ଆମେ ମଧ୍ୟ ଲକ୍ଷ୍ୟ କରିଛୁ। ବର୍ତ୍ତମାନ ବାଦମାନଙ୍କର ବନ୍ଧନରୁ ବୋଧହୁଏ ମୁକ୍ତ ହୋଇଛି ଆପଣଙ୍କର କବିତା।

**ଅଶ୍ୱିନୀ କୁମାର ମିଶ୍ର:** ଏହି ପ୍ରସଙ୍ଗରେ ମୁଁ ଜେବିନିଓ ହର୍ବର୍ଟଙ୍କ ଛୋଟିଆ କବିତାଟିଏ କହୁଛି, 'ଦେଆର୍ ଇଜ୍ ନୋ ଟାଇମ୍ ଟୁ ଗ୍ରିଭ୍ ଫର୍ ଦି ରୋଜେସ୍, ହ୍ୱେନ୍ ଦି ଫରେଷ୍ଟ ଇଜ୍ ବର୍ଣିଂ।' କିନ୍ତୁ ମୁଁ କହିବି ନାହିଁ ଯେ ନିଆଁ ଜଳୁଛି ଏବଂ ଫୁଲବନଟି ନଷ୍ଟ ହୋଇଯାଇଛି। ସେହି ଫୁଲବନକୁ ସମ୍ଭାଳିବାର ଦାୟିତ୍ୱ ମଧ୍ୟ ମୋ'ର।

**ସାହିତ୍ୟ ଚର୍ଚ୍ଚା:** ଆପଣ ଏଭଳି ଏକ ସମୟରେ କବିତାର ମୁଖ୍ୟଧାରାରେ ପାଦ ଥାପିଲେ, ଯେତେବେଳେ ଆମର ଓଡ଼ିଆ କବିତା ଆଧୁନିକତାର ସରହଦ ଡେଇଁ ଉତ୍ତର-ଆଧୁନିକତା ଆଡ଼କୁ ମୁହାଁଇଥିଲା। ସେହି ସମକାଳୀନ ଉତ୍ତର-ଆଧୁନିକତାର ଧାରା ଆପଣଙ୍କ କବିତାରେ ମଧ୍ୟ ପ୍ରତିଫଳିତ ହୋଇଛି ବୋଲି ଆପଣ ଭାବନ୍ତି କି?

**ଅଶ୍ୱିନୀ କୁମାର ମିଶ୍ର:** ଆଧୁନିକ ଓ ଉତ୍ତର-ଆଧୁନିକ – ଏହା ହେଉଛି ସମାଲୋଚକମାନଙ୍କର ଶବ୍ଦ। କିନ୍ତୁ କବି ଯେତେବେଳେ କଲମ ଧରି ବସେ, ସେତେବେଳେ ସେ ଆଧୁନିକ ଲେଖୁଛି, କି ଉତ୍ତର-ଆଧୁନିକ ଲେଖୁଛି, କି କ୍ଲାସିକାଲ ଲେଖୁଛି – ସେମିତି ଭାବେ ନାହିଁ। ତାପରେ ଆଧୁନିକ କବିତାଟି କେଉଁ ବିନ୍ଦୁରୁ ଉତ୍ତର-ଆଧୁନିକ ହେବା ଆରମ୍ଭ ହେଲା ଏବଂ ଏହି ଉତ୍ତର-ଆଧୁନିକତାର ନିର୍ଦ୍ଦିଷ୍ଟ ଦର୍ଶନ କ'ଣ ସେକଥା ମୋତେ ଜଣାନାହିଁ। ମୁଁ ଭାବେ ଯେ ଆଧୁନିକତା ଏକ ଆପେକ୍ଷିକ ଶବ୍ଦ।

**ସାହିତ୍ୟ ଚର୍ଚ୍ଚା:** ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀର ମୁଖପତ୍ର 'ଇଣ୍ଡିଆନ୍ ଲିଟରେଚର'ରେ ଥରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ ଯାହାର ଶିରୋନାମା ଥିଲା, 'ଓରିଆ ପୋଏଟ୍ରି ଆଫ୍‌ଟର୍ ଦି ସିକ୍ସ୍‌ଟିଜ୍'। ଷାଠିଏ ଦଶକ ପରବର୍ତ୍ତୀ କବିତାକୁ ଆପଣ ଏଥିରେ କେଉଁଭଳି ଭାବରେ ଚିତ୍ରଣ କରିଛନ୍ତି?

**ଅଶ୍ୱିନୀ କୁମାର ମିଶ୍ର:** ସତ କହିବାକୁ ଗଲେ, ସେଇଟା କେବଳ ଷାଠିଏ ପରବର୍ତ୍ତୀ ବିଭିନ୍ନ କବିଙ୍କର ଓଡ଼ିଆ କବିତାର ଇଂରାଜୀ ଅନୁବାଦ ଓ ତତ୍‌ସମ୍ପର୍କୀୟ କିଛିକିଛି ଟିପ୍ପଣୀ। ଏଇଟା ସେତେବେଳର କବିତାର ଏକ ଡକ୍ୟୁମେଣ୍ଟେସନ୍ ମାତ୍ର ଥିଲା ବୋଲି ମୁଁ କହିପାରେ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସମାଲୋଚନା ସାହିତ୍ୟକୁ ଆପଣଙ୍କର ଅବଦାନ ସୁସ୍ପଷ୍ଟ। ଇଂରାଜୀ ସାହିତ୍ୟର ଜଣେ ଛାତ୍ର ଭାବରେ କହିବେ କି, ପାଶ୍ଚାତ୍ୟ କାବ୍ୟଶିଳ୍ପର ପ୍ରଭାବ ଆମ ଓଡ଼ିଆ ସମାଲୋଚନା ସାହିତ୍ୟରେ କେତେ ଦୂର ପଡ଼ିଛି ?

**ଅଶ୍ୱିନୀ କୁମାର ମିଶ୍ର:** ହୋମର୍ ଓ ପ୍ଲାଟୋଙ୍କଠାରୁ ଆରମ୍ଭ କରି ଷ୍ଟିଫେନ୍ ଓ ଇଲିଅଟ୍‌ଙ୍କ ପର୍ଯ୍ୟନ୍ତ ବହୁ ସମାଲୋଚକ ପାଶ୍ଚାତ୍ୟ ସମାଲୋଚନା ସାହିତ୍ୟକୁ ଗଢ଼ିଛନ୍ତି। ବିଶେଷତଃ ଇଲିଅଟଙ୍କର 'ଟ୍ରାଡିସନ୍ ଏଣ୍ଡ ଇଣ୍ଡିଭିଜୁଆଲ ଟାଲେଣ୍ଟ୍'ର ପ୍ରଭାବ ସୁଦୂରପ୍ରସାରୀ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସମାଲୋଚନା ସାହିତ୍ୟ ଖୋଲା ହୃଦୟରେ ଏହି ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱକୁ ଗ୍ରହଣ କରିଛି କି ? ଆମର ଏଠି ତ ସମାଲୋଚନା ନାମରେ କବି ବା ଲେଖକଙ୍କର ଜୀବନୀ ହିଁ ଆଲୋଚନା ହୁଏ।

**ଅଶ୍ୱିନୀ କୁମାର ମିଶ୍ର:** ଆଇ.ଏ ରିଚାର୍ଡସ୍ ହୁଅନ୍ତୁ, କି ଏଫ୍. ଆର୍ ଲେଭିସ୍ ହୁଅନ୍ତୁ, କି ଇଲିଅଟ୍ ହୁଅନ୍ତୁ - ଏମାନଙ୍କ ଲେଖା ପଢ଼ିଲେ ଜଣାଯାଏ ଯେ କୌଣସି ଲେଖକଙ୍କୁ ଉଚ୍ଚ ଆସନ ଦେବାପାଇଁ ସେମାନେ ନିଜର ସମାଲୋଚନା ଲେଖୁନଥିଲେ। ଆମର ସମାଲୋଚନା ସାହିତ୍ୟରେ ତ ଏହାର ବିପରୀତ କଥା ଘଟୁଛି। ଏପରିକି ଏଠାରେ ଆମେ ବହୁମାତ୍ରାରେ ବରାଦିଆ ସମାଲୋଚନା ମଧ୍ୟ ପାଉ।

**ପାଶ୍ଚାତ୍ୟ ସମାଲୋଚକମାନେ କୌଣସି ଲେଖକଙ୍କୁ ଉଚ୍ଚ ଆସନ ଦେବାପାଇଁ ନିଜର ସମାଲୋଚନା ଲେଖୁନଥିଲେ।**

**ସାହିତ୍ୟ ଚର୍ଚ୍ଚା:** 'ସମାସ' ପତ୍ରିକାର ଜଣେ ପ୍ରାକ୍ତନ ସମ୍ପାଦକ ଭାବରେ ଆପଣଙ୍କର ସମ୍ପାଦନା ଜନିତ ଅନୁଭୂତି ମଧ୍ୟ ରହିଛି। ନିଜର ସେହି ଅଭିଜ୍ଞତାକୁ ନେଇ କହିବେ କି, ଗୋଟିଏ ସାହିତ୍ୟ ପତ୍ରିକାକୁ ବଞ୍ଚାଇ ରଖିବାପାଇଁ କି କି ପ୍ରତିବନ୍ଧକର ସାମନା କରିବାକୁ ପଡ଼େ ?

**ଅଶ୍ୱିନୀ କୁମାର ମିଶ୍ର:** ଆପଣ କେଉଁ ସ୍ଥାନରୁ ସେହି ପତ୍ରିକାଟି ପ୍ରକାଶ କରୁଛନ୍ତି, ସେଇଟା ହେଉଛି ଗୋଟିଏ ମୁଖ୍ୟ କଥା। କଟକ କି ଭୁବନେଶ୍ୱରରେ ଥାଇ ପତ୍ରିକାର ସମ୍ପାଦନା କରିବା ଜଣେ ସମ୍ପାଦକଙ୍କୁ ବିଶେଷ ଅସୁବିଧାରେ ପକାଇବ ନାହିଁ। କିନ୍ତୁ ଗ୍ରାମାଞ୍ଚଳରୁ କି ଅନ୍ୟ କୌଣସି ଛୋଟିଆ ସ୍ଥାନରୁ ପତ୍ରିକାଟିଏ ପ୍ରକାଶ କଲେ ହଇରାଣ ହେବାକୁ ପଡ଼େ।

**ସାହିତ୍ୟ ଚର୍ଚ୍ଚା:** ଆପଣ କେବଳ ଜଣେ ପ୍ରବୀଣ ସାହିତ୍ୟିକ ହିଁ ନୁହନ୍ତି, ଜଣେ ଦକ୍ଷ ସାହିତ୍ୟ-ପ୍ରଶାସକ ମଧ୍ୟ। ଆପଣ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ଏହି ପ୍ରେକ୍ଷାପଟରେ କହିବେ କି, ଏକାଡେମୀର ପୁରସ୍କାର ନିର୍ଣ୍ଣୟ କରିବାର ପ୍ରକ୍ରିୟାରେ ଆପଣଙ୍କୁ କେବେ କୌଣସି ଚାପର ସମ୍ମୁଖୀନ ହେବାକୁ ପଡ଼ିଛି କି ?

**ଅଶ୍ୱିନୀ କୁମାର ମିଶ୍ର:** ଏହା ତ ସାମାନ୍ୟ କଥା। ତେବେ ମୁଁ ବ୍ୟକ୍ତିଗତ ଭାବରେ ଏଭଳି ଚାପର ସମ୍ମୁଖୀନ ହୋଇନାହିଁ, କି ହେବାକୁ ଦେଇନାହିଁ ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ଏବେ ନଅ ବର୍ଷ ହେଲା ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ଯେ ଦିଆହୋଇପାରିନାହିଁ, ସେ ବିଷୟରେ ଆପଣଙ୍କର ମତ କ'ଣ ?

**ଅଶ୍ୱିନୀ କୁମାର ମିଶ୍ର:** ଓଡ଼ିଶା ସାହିତ୍ୟ ଏକାଡେମୀ ନିଜର 'ବାଇ-ଲ' ଦ୍ୱାରା ପରିଚାଳିତ। ଏ ଦୃଷ୍ଟିରୁ ଏହା ଏକ ସ୍ୱୟଂଚାଳିତ ସଂସ୍ଥା। କିନ୍ତୁ ପରେ ଏହା ସିଧାସଳଖ ସରକାରଙ୍କ ପରିଚାଳନାଧୀନକୁ ଆସିବା ଦ୍ୱାରା ବର୍ତ୍ତମାନ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅବଶ୍ୟ ପୁରସ୍କାର ଦିଆଯିବା, ବା ନ ଦିଆଯିବାର ବିଶେଷ ପ୍ରଭାବ ଆମର ସାହିତ୍ୟ ଉପରେ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଶେଷରେ ଆପଣଙ୍କୁ ପଚାରିବାକୁ ଚାହିବୁ, ଆଜିର ବା ଆଗାମୀ ଦିନର ଓଡ଼ିଆ କବିତା କିଛି ନୂଆ ମୋଡ଼ ନେଉଥିବା ଆପଣ ଅନୁଭବ କରନ୍ତି କି ? ବିଶେଷତଃ ଆମ ଯୁବଗୋଷ୍ଠୀଙ୍କ କବିତାରେ ଧୀରେଧୀରେ ପାରମ୍ପରିକ ଛନ୍ଦ ଓ ଲାଳିତ୍ୟ ଫେରିଆସୁଛି କି ?

**ଅଶ୍ୱିନୀ କୁମାର ମିଶ୍ର:** ସତରେ ଯଦି ଜଣେ ପ୍ରତିଭାଶାଳୀ କବି, ସେ ଛାନ୍ଦସିକ ହେବାପାଇଁ କେତେକାଂଶରେ ବାଧ୍ୟ। କେତେଜଣ କବି ଅକ୍ଷରବୃତ୍ତ ଉପରେ ନିର୍ଭର କରୁଛନ୍ତି, ତ ଆଉ କେତେଜଣ ସ୍ୱରବୃତ୍ତ ଉପରେ। ତେଣୁ ଛନ୍ଦ ଆତ୍ମପ୍ରକାଶ କରୁଛି ବିବିଧ ରୂପରେ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପାଦେୟ ଆଲୋଚନା ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ।

ଗଳ୍ପ

# ଆଗାମୀ ଜନ୍ମରେ



ସଚ୍ଚିଦାନନ୍ଦ କର

'ହଁ, ମୁଁ ତାକୁ ଭଲପାଉଛି।'

ଭିତରୁ କବାଟ ବନ୍ଦକରି ଏଇକଥା ପଦିକ ଏବେ ନିୟମିତ ଅଭ୍ୟାସ କରୁଥିଲା ଚାରୁ।

- 'ତୁ କ'ଣ ଗଗନକୁ ଭଲପାଉଛୁ?'

କାଳେ କେତେବେଳେ ତା'ର ମାଆ ଏଇ ପ୍ରଶ୍ନ ପଚାରିଦେବ! ସେତେବେଳେ ହଡ଼ବଡ଼େଇ ନ ଯାଇ ଏପରି କହିଦେବାକୁ ନିଜକୁ ପ୍ରସ୍ତୁତ କରି ରଖୁଥିଲା ସେ।



ପ୍ରେମ କ'ଣ ଜାଣି ନ ଥିଲା ଚାରୁ। ପ୍ରେମ କିପରି ହୁଏ ଜାଣି ନ ଥିଲା। ସେ ଦିନେ କାହାକୁ ଭଲପାଇବ, ତାହାଥିଲା ତା'ର ସ୍ୱପ୍ନର ବାହାରେ। ତାକୁ କେହିଜଣେ ଭଲପାଇବ, ସେପରି ମଧ୍ୟ ଭାବି ନ ଥିଲା ସେ। ଗଗନ ସହିତ ତା'ର ପ୍ରେମ ହୋଇଗଲା।

ଗଗନକୁ ଭଲପାଇବା ପରେ ପ୍ରେମକୁ ବୁଝିଲା ଚାରୁ। ସବୁବେଳେ ଗୋଟିଏ ମାତ୍ର ସତ୍ତାର ଅସ୍ତିତ୍ୱକୁ ଉପଲବ୍ଧି କଲା। ଗୋଟିଏ ମାତ୍ର ଆଗ୍ରହ ତା'ର ସମଗ୍ର ଅନ୍ତରକୁ ଆଲୋଡ଼ିତ କଲା। ଗୋଟିଏ ନାଁ ହିଁ ବାରମ୍ବାର ତା' ମନରେ ପଡ଼ିଲା। ପରିପାର୍ଶ୍ୱରେ ଆଉ ଯାହା ଥିଲା ସେସବୁର ଅସ୍ତିତ୍ୱ ଲୋପପାଇଗଲା ତା' ମନରୁ।

ଜୀବନରେ ଥରେ ମାତ୍ର ପ୍ରେମ ଆସେ। ଥରେ ତା'ର ଉନ୍ମେଷ ଘଟେ, କିନ୍ତୁ ଜୀବନତମାମ୍ ଅନ୍ତଃସ୍ତଳରେ ତାହା ଜାଗ୍ରତ ହୋଇରହିଥାଏ। ଚାରୁ କ୍ଷେତ୍ରରେ ଠିକ୍ ତାହା ହିଁ ହୋଇଥିଲା। ଗଗନର ପ୍ରେମ ଓ ସୋହାଗପଣ ତାକୁ ଏତେ ଭଲଲାଗିଥିଲା ଯେ ସେ ତା' ଆପଣା ଅନ୍ତରର ସମସ୍ତ ପ୍ରେମ ଗଗନକୁ ଅଜାଡ଼ି ଦେଇ ନିଃସ୍ୱ ହୋଇଯାଇଥିଲା। ତା' ସହିତ ପ୍ରତିଟି ମୁହୂର୍ତ୍ତ କଟାଇବାକୁ ଚାହୁଁଥିଲା ସେ।

ଏକ ବର୍ଷା ଅପରାହ୍ନରେ ଗଗନ ସହିତ ଚାରୁର ପ୍ରଥମ ସାକ୍ଷାତ ହୋଇଥିଲା। ସତେ ଫାଟିପଡ଼ିଥିଲା ଆକାଶର ହୃଦୟ। ବିଜୁଳି ଚକ୍‌ଚକ୍ ମାରୁଥିଲା। ଘଡ଼ଘଡ଼ି ନାଦରେ କାନରେ ଅତଡ଼ା ପଡୁଥିଲା। ତିନ୍ତିତିନ୍ତି କିଛି ବାଟ ଚାଲିଆସିଥିବା ଗଗନ ରାସ୍ତା କଡ଼ରେ ଥିବା ଗୋଟେ ଗୁହାଳ ପିଣ୍ଡାରେ ଠିଆ ହୋଇଗଲା। କିଏ ଆସିଲା ବୋଲି ଭାବି ଚାରୁ ଗୁହାଳୁ ବାହାରି ଦେଖିଲାବେଳକୁ ଠିଆହୋଇଛି ଗଗନ।

- 'କିଏ ସେଠି?' କହିଲା ଚାରୁ।

- 'ମୁଁ ଗଗନ। ଗଗନ ଫେରିବାଲା।' ଗଗନ କହିଲା।

ସାରାଦିନ ଗଗନର ଫେରିକାମ। ନାନା କିସମର ଜିନିଷପତ୍ର ଧରି ଗାଆଁରେ ବୁଲେ ସେ। ଜିନିଷପତ୍ରକୁ ସାଇକେଲରେ ବଡ଼ ସୁନ୍ଦର ଭାବରେ ସଜାଇଥାଏ। ଅଗତ୍ୟା ବର୍ଷା ଆସିଯାଇଥିଲା। ଜିନିଷପତ୍ର ଉପରେ ଗୋଟିଏ ଜରି ଘୋଡ଼େଇ ଦେଇ ପିଣ୍ଡା ଉପରକୁ ଉଠିଆସିଥିଲା ସେ।

ବର୍ଷା ଆସିଯିବାରୁ ବାହାରେ ଥିବା ଗୋରୁଗାଈଙ୍କୁ ନେଇ ଗୁହାଳେ ବାନ୍ଧୁଥିଲା ଚାରୁ। ଗଗନର ଉତ୍ତର ପରେ ପୁଣି କହିଲା - 'ଭିତରକୁ ଚାଲିଆସ। ସେଠାରେ ତୁମେ ଓଦା ହୋଇଯିବ। ଆଜି ବହୁତ ବର୍ଷା ହେଉଛି।'

- 'ନାଇଁ, କିଛି ହବନାହିଁ। ବର୍ଷା ବନ୍ଦ ହେଇଗଲେ ମୁଁ ଚାଲିଯିବି।' କହିଲା ଗଗନ।

ମୁଷଳ ଧାରାରେ ବର୍ଷା ହେଉଥିଲା। ଛାଡ଼ିବାର ନାଁ ଧରୁ ନ ଥିଲା। ଚାରୁ କହିଲା - 'ଲାଗୁଛି ବର୍ଷା ବୋଧେ ଆଜି ଛାଡ଼ିବନି। ବର୍ଷାରେ ତିନ୍ତିବା କ'ଣ ଭଲକଥା! ସେମିତି ହେଲେ ତ ତୁମର ଦେହ ଖରାପ ହେଇଯିବ।'


ଚାରୁର ସହାନୁଭୂତିପୂର୍ଣ୍ଣ କଥା ଗଗନକୁ ବହୁତ

ଭଲଲାଗିଲା। ସେ କହିଲା - 'ଆମେ ହେଲୁ ଫେରିବାଲା। ସାରାଦିନ ବୁଲିବା ଆମର କାମ। ଆମର ଖରା, ବର୍ଷା ଗୋଟେ କ'ଣ! ଖରା, ବର୍ଷାକୁ ଡରିଲେ ଆମେ କ'ଣ ଆମ ବେପାର କରିପାରିବୁ ?'

- 'ବାହାହୋଇ ଘରସଂସାର କରିସାରିଲଣି ବୋଧେ। ସେଥିଲାଗି ଏତେ କଷ୍ଟ କରିବାକୁ ପଡୁଛି।' କହିଲା ଚାରୁ।

ଗଗନ ହସିଲା। କହିଲା - 'ନା, ମୁଁ ବାହା ହୋଇନାହିଁ। ଆଗକୁ ମୋର ବାହାଘର ହେବ। ଏଇ କେତେଦିନ ହେଲା ମୁଁ ଏଇ ଧନ୍ଦା କରୁଛି।'

- 'ସତରେ କିଛି ଗୋଟିଏ ଧନ୍ଦା ନ କଲେ ତୁମେ ବାହାହେବ କେମିତି ?' ଚାରୁ କହିଲା।



ସାମାନ୍ୟ ହସିଦେଇ ବର୍ଷାମନସ୍କ ହୋଇଗଲା ଗଗନ। କହିଲା - 'ଲାଗୁଛି ବୋଧେ ଏଇ ଗାଆଁରେ ମୋତେ ଆଜି ରାତି କାଟିବାକୁ ପଡ଼ିବ।'

- 'ହଁ, ବର୍ଷା ନ ଛାଡ଼ିଲେ ଆଉ କ'ଣ କରିବ ତୁମେ ? ଆମ ଗାଆଁ ଭାରି ଭଲ। ତୁମର ଅସୁବିଧା ହେବନି।' ଚାରୁ କହିଲା।

- 'ଏଠି ରହିବାକୁ କିଛି ଭଲ ଜାଗା ଅଛି କି ?' ଗଗନ କହିଲା।

- 'ନାହିଁ କାହିଁକି ? ଅଛି। ରୁହ ମୁଁ ଟିକେ ଘରେ ପଚାରିକରି ଆସେ।' କହିଲା ଚାରୁ। ପାଖରେ ଥିବା ଛତା ଖଣ୍ଡିକ ଧରି ଗୁହାଳରୁ ଘରକୁ ଆସିଲା।

କାହାକୁ ପଚାରିବାକୁ ଗଲା ଏ ଝିଅ ? ମାଆକୁ! ନା ତା' ବାପାକୁ! ମନେମନେ କହିଲା ଗଗନ। ପୁଣି ବର୍ଷାମନସ୍କ ହେଲା। ବର୍ଷା ଅବିରାମ ଗତିରେ ବର୍ଷୁଥିଲା।

ସତରେ କ'ଣ ବର୍ଷା ଆଜି ଛାଡ଼ିବନି! ମତେ ଏ ଗାଆଁରେ ରହିବାକୁ ପଡ଼ିବ! ପୁଣି ମନେମନେ କହିଲା ଗଗନ। ତା' ମନରେ ବ୍ୟସ୍ତତା ବଢୁଥିଲା।

ଚାରୁ ଆସି ଘରେ ତା' ମା' ପାଖରେ ପହଞ୍ଚିଲା। କହିଲା - 'ମା'! ଗୋଟେ କଥା!'

- 'କି କଥା ? ଏ ବର୍ଷାରେ କୁଆଡ଼େ ଯିବାକୁ ବାହାରିଲୁ ନା କ'ଣ ?' ମାଆ କହିଲା।

ଚାରୁର ମାଆ ସବୁଦିନେ କାମ କରିବାକୁ ବାହାରକୁ ଯାଏ। ସକାଳେ ଯାଇ ଅପରାହ୍ଣରେ ଘରକୁ ଫେରିଆସେ। ସେଇ ସମୟତକ ଘରୁ ବାହାରି କୁଆଡ଼େ ଯାଇପାରେନାହିଁ ଚାରୁ। ମାଆ ଘରକୁ ଫେରିଲା ପରେ ସେ ତା' ନିଜ ଇଚ୍ଛାରେ ଘରୁ ବାହାରିଯାଏ। ସାଙ୍ଗମାନଙ୍କ ପାଖରେ ବସି ଗପସପ ହୋଇ ଫେରେ। ସେଦିନ କିନ୍ତୁ ସେପରି କଥା ନ ଥିଲା। ତେଣୁ ସେ କହିଲା - 'ଆଜି ବହୁତ ବର୍ଷା ହେଉଛି। ତୁ କେମିତି ଭାବୁଛୁ ମୁଁ ବାହାରକୁ କୁଆଡ଼େ ଯିବି ବୋଲି! ଫେରିବାଲା ପିଲାଟିଏ ବର୍ଷାରେ ଓଦା ହୋଇ ଆମ ଗୁହାଳ ପିଣ୍ଡାରେ ଠିଆହୋଇଛି। ଆଜି ରାତିକ ସେ ଆମ ଗାଆଁରେ ରହିବାକୁ ଚାହୁଁଛି। ପଚାରୁଛି ଏଠି ରହିବାକୁ କିଛି ଭଲ ଜାଗା ଅଛି କି!'

-'ଫେରିବାଲା! ଗୁହାଳ ପିଣ୍ଡାରେ ଠିଆହୋଇଛି!' ଚାରୁର ମାଆ ବ୍ୟସ୍ତ ହୋଇପଡ଼ି କହିଲା।

- 'ହଁ, ତାକୁ ଭିତରକୁ ଆସିବାକୁ କେତେକରି କହିଲି। ହେଲେ ସେ ଆସିଲାନି।' ଚାରୁ କହିଲା।

ଦେଖେ ... ଦେଖେ... କହି ବାହାରକୁ ଆସିଲା ଚାରୁର ମାଆ। ଦେଖିଲା ଗୁହାଳ ପିଣ୍ଡାରେ ଓଦା ଦେହରେ ଗଗନ ଠିଆହୋଇଛି। କହିଲା - 'ପିଲାଟି ଆଜି ନୂଆକରି ଆମ ଗାଆଁକୁ ଆସିଥିଲା ପରି ଲାଗୁଛି। ଏଡ଼େ ବର୍ଷାରେ ସେ ଯିବ କୁଆଡ଼େ ? ସିଏ ତ ପୂରା ଓଦା ହୋଇଯାଇଛି। ତୁ ତାକୁ ଆମ ଘରେ ରହିବାକୁ କହିଦେ।'

- 'ଆମ ଘରେ !' କହିଲା ଚାରୁ।

- 'ହଁ, ଆମରି ଘରେ। ସେଥିରେ ଅସୁବିଧା କ'ଣ ଅଛି ?' ଚାରୁର ମାଆ କହିଲା।

- 'ହଉ,ଏ ସମୟରେ ତାକୁ ଟିକେ ସାହାଯ୍ୟ କରିବା ଭଲହେବ। ଯାଉଛି ତାକୁ ସେଇକଥା କହିଦେବି।' ମାଆକୁ ଏତିକି କହିଦେଇ ଗଗନ ପାଖକୁ ଆସିଲା ଚାରୁ।

- 'କେବେକେବେ ଏମିତି ବର୍ଷା ହୁଏ। ଛାଡ଼ିବାର ନାଁ ଧରେନି।' ଗଗନ କହିଲା।

- 'ହଁ, ହେଲେ ସେଥିପାଇଁ ତୁମର ଆଉ ଚିନ୍ତା

କରିବାର କିଛି ନାହିଁ। ମାଆ କହିଲା, ତୁମେ ଆଜି ଆମରି ଘରେ ରହିବ।' ଚାରୁ କହିଲା।

ଚାରୁର ଏଇ କଥାପଦକ ଗଗନର ମୁହଁରେ ହସ ଫୁଟାଇଦେଲା। ସେ କହିଲା - 'ଘରେ ତୁମର କିଏ ଅଛନ୍ତି ?'

- 'ଆମେ ମା' ଝିଅ ଦୁଇଜଣ। ବାପା ନାହାନ୍ତି। ସେ କେବେଠୁ ଚାଲିଗଲେଣି।' ଚାରୁ କହିଲା।

- 'କିଛି ଅସୁବିଧା ହେବନାହିଁ ତ ?' ଗଗନ କହିଲା।

- 'ଅସୁବିଧା କାହିଁକି ହେବ ? କାହିଁକି ସେପରି ଭାବୁଛ ? ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା ପରା ମଣିଷର ଧର୍ମ। ମାଆ ତୁମର ସବୁ ବନ୍ଦୋବସ୍ତ କରିଦେବେ।' ଚାରୁ କହିଲା।

- 'ମାଆଙ୍କୁ କଷ୍ଟ ହେବନାହିଁ ତ ?' କହିଲା ଗଗନ।

- 'କଷ୍ଟ ଗୋଟେ କ'ଣ ? ଗୋଟିଏ ରାତିର କଥା। ମାଆ ରାଜି ଅଛି।' ଚାରୁ କହିଲା।

- 'ବର୍ଷା ଛାଡ଼ିଲେ ମୁଁ ଚାଲିଯିବି। ତୁମକୁ କଷ୍ଟ ଦେବାକୁ ମୋ'ର ଇଚ୍ଛା ନାହିଁ।' ଗଗନ କହିଲା।

**'ତୁମେ ଆଉ ତୁମର ମାଆ ବହୁତ ଭଲ। ନ ହେଲେ ମୋତେ ଆଜି ଏ ବର୍ଷାରେ ଏତିକି ସାହାଯ୍ୟ ମିଳିପାରି ନ ଥାନ୍ତା।'**

- 'ଏମିତି ହୁଏ। ଏବେ ଘରକୁ ଆସ। ଜିନିଷପତ୍ର ସହିତ ସାଇକେଲ୍ ଘର ପିଣ୍ଡାକୁ ଉଠାଇଦିଅ। ବର୍ଷା ଏବେ ଛାଡ଼ିଲା ଭଳି ଲାଗୁନି।' ଚାରୁ କହିଲା।

ମଣିଷର ଏମିତି ଶ୍ରଦ୍ଧା ଓ ସହାନୁଭୂତି କ୍ୱଚିତ ଦେଖିଥିଲା ଗଗନ। ମାଆ ଝିଅଙ୍କର ଆନ୍ତରିକତା ତାକୁ ଅକୃତ୍ରିମ ମନେହେଲା। ଭାବିବାକୁ ଆଉ କିଛି କଥା ନ ଥିଲା। ସେ କହିଲା - 'ତେବେ ତୁମ ଛତାଟା ମୋତେ ଟିକେ ଦିଅ। ମୁଁ ମୋର ଜିନିଷପତ୍ର ସହିତ ସାଇକେଲ୍ ଘର ପିଣ୍ଡାକୁ ଉଠାଇଦେବି।'

ଗଗନର ହାତକୁ ଚାରୁ ଛତାଟି ବଢ଼ାଇଦେଲା। ହସିଦେଇ କହିଲା - 'ତୁମେ ଆଜି ଆମର ଅତିଥି। ତୁମର ସବୁ ସୁବିଧା କରିବା ଆମ ପାଇଁ ସୌଭାଗ୍ୟର କଥା ହେବ।'

ଚାରୁର ଏଇ କଥାଟି ଗଗନକୁ ବହୁତ ଭଲଲାଗିଲା। ସେ ହସିଦେଇ କହିଲା - 'ତୁମେ ଆଉ ତୁମର ମାଆ ବହୁତ ଭଲ। ନ ହେଲେ ମୋତେ ଆଜି ଏ ବର୍ଷାରେ ଏତିକି ସାହାଯ୍ୟ ମିଳିପାରି ନ ଥାନ୍ତା।'

ଚାରୁ ଠିଆ ହୋଇରହିଲା। ଗଗନ ଜିନିଷପତ୍ର ସହିତ ତା'ର ସାଇକେଲ୍ ଘର ପିଣ୍ଡାକୁ ଉଠାଇଲା। ଆସି ଚାରୁର ମାଆ ପାଖରେ ଠିଆହୋଇ କହିଲା- 'ଆଜି ତୁମକୁ କଷ୍ଟ ଦେଲି, ମା' !'

- 'ତୁ ଏପରି କଥା କାହିଁକି କହୁଛୁ, ପୁଅ ? ଏଥିରେ ପୁଣି କଷ୍ଟ ଗୋଟାଏ କ'ଣ ? କଷ୍ଟ କଥା ମୋତେ କହିବୁ ନାହିଁ।' ଚାରୁର ମାଆ କହିଲା।

ମୁଣ୍ଡରେ ଗୋଟେ କପଡ଼ା ପକେଇ ଚାରୁ ଆସି ସେଇଠି ପହଞ୍ଚିଲା ସେତିକିବେଳେ। ଗଗନ ମୃଦୁ ହସୁଥିଲା। ଚାରୁ କହିଲା - 'ଏବେ ଘରକୁ ଆସ।'

ଚାରୁ ପଛେପଛେ ଘର ଭିତରକୁ ଆସିଲା ଗଗନ। ଦାଣ୍ଡ ବଖରାରେ ଚାରୁ ଗୋଟିଏ ସପ ବିଛେଇଦେଲା। ସେଇଠି ବସିଲା ଗଗନ। ବାହାରକୁ ଚାହିଁଲା। ବାହାରେ ଖୁବ୍ ବର୍ଷା ହେଉଥିଲା।

ନିଶ୍ଚିନ୍ତ ହୋଇସାରିଥିଲା ଗଗନ। ତା'ର ମୁହଁଟି ଖୁସି ଫଣଫଣ ଦିଶୁଥିଲା। ମାଆ ଝିଅ ଦୁହେଁ ଆସି ତା'ପାଖରେ ବସିପଡ଼ିଲେ। ଘର କେଉଁଠି ? ଘରେ କିଏ ସବୁ ଅଛନ୍ତି ? ବାହାହୋଇଛୁ ନା ନାହିଁ ? ଏମିତି ପ୍ରଶ୍ନସବୁ ପଚାରି ଚାରୁର ମାଆ ତା' ସହିତ କଥାବାର୍ତ୍ତା ହେଲା। ହସହସ ମୁହଁରେ ସବୁ ପ୍ରଶ୍ନର ଉତ୍ତର ଦେଲା ଗଗନ।

ଭଲ ଲାଗୁଥିବା ନୂଆ ମଣିଷଟି ସହିତ କଥାବାର୍ତ୍ତା ହେବାକୁ ଖୁସିଲାଗେ। ମାଆ ଝିଅ ଦୁହେଁ ସେଦିନ ଗଗନ ସହିତ ଖୁସିଖୁସିରେ ବହୁତ କିଛି କଥାବାର୍ତ୍ତା ହେଲେ। ସମୟ କେତେବେଳେ ଚାଲିଗଲା ଜଣାପଡ଼ିଲାନି। ରାତିରେ ଖାଇସାରିବା ପରେ ଆଉ ସେମାନେ କଥାବାର୍ତ୍ତା ହେଲେନାହିଁ। ଦିନସାରା ବୁଲାବୁଲି କରିଥିବାରୁ ଗଗନକୁ ଟିକିଏ କ୍ଳାନ୍ତି ବି ବୋଧ ହେଉଥିଲା। ସେ ସେଇଠି ସପ ଉପରେ ଶୋଇପଡ଼ିଲା।

ରାତି ପାହିଲା। ଫର୍ଚ୍ଚା ଦିଶୁଥିଲା ଆକାଶ। ସକାଳର କାମ ସାରି ଗଗନ ତା'ର ଜିନିଷପତ୍ର ଧରି ବାହାରିଯିବାକୁ ତରତର ହେଲା। ସେତିକିବେଳେ ଚାରୁ ଆସି ତା' ପାଖରେ ଠିଆହେଲା। ଚାରୁ ଆଡ଼କୁ କେତୋଟି ଟିକିଲି ପ୍ୟାକେଟ୍ ବଢ଼ାଇ ସେ କହିଲା - 'ଏସବୁ ରଖ। ବ୍ୟବହାର କରିବ।'

ଅଳ୍ପ ହସିଦେଇ ଚାରୁ କହିଲା - 'ଏସବୁ ତୁମର କେତେ ଟଙ୍କା ?'

- 'ଟଙ୍କା କ'ଣ ହେବ ? ମୁଁ ଶ୍ରଦ୍ଧାରେ ଦେଉଛି। ତୁମେ

ବ୍ୟବହାର କଲେ ମୁଁ ଖୁସି ହେବି।' ଗଗନ କହିଲା।

- 'ପୁଣି କେବେ ଆମ ଗାଁ ଆଡ଼େ ଆସିବୁ, ପୁଅ। ଆମକୁ ଭୁଲିଯିବୁନି।' ସେତିକିବେଳେ ଚାରୁର ମାଆ କହିଲା।

- 'ତୁମ ଶ୍ରଦ୍ଧା ଆଉ ଆନ୍ତରିକତା ଭାଷାରେ ବର୍ଣ୍ଣନା କରିହେବନି। ଭୁଲିଯିବି କେମିତି? ପୁଣି ଆସିବି ନିଶ୍ଚୟ।' ଗଗନ କହିଲା। ଅଳ୍ପ ହସିଦେଇ ସାଇକେଲ୍ ଆଗକୁ ଗଡ଼ାଇଲା।

- 'ତୁମେ ପୁଣି ଆସିଲେ ମୁଁ ନିଶ୍ଚୟ ତୁମଠାରୁ କିଛି ଦରକାରୀ ଜିନିଷ ରଖିବି।' କହିଲା ଚାରୁ।

- 'ହଉ, ରଖିଲେ ମୁଁ ଖୁସି ହେବି।' କହିଲା ଗଗନ। ସାଇକେଲ୍ ଚଳାଇ ଚାଲିଗଲା।


ମାଆ ଓ ଝିଅ ଦୁହେଁ ଆଖିରୁ ଅଦୃଶ୍ୟ ହେବାଯାକେ ଗଗନକୁ ଚାହିଁ ରହିଲେ। - 'ଭଲ ପିଲାଟିଏ। ଦି'ପଇସା ରୋଜଗାର କରିବାକୁ ବୁଲିବୁଲି ବେପାର କରୁଛି। ଆଉ କୋଉ ପିଲା ଭଳି ବେକାର ବସିରହିନାହିଁ।' ମାଆ କହିଲା।

- 'ହଁ, ମା'! ସିଏ ଭଲ ପିଲାଟିଏ। ଦେଖୁନୁ ମୋ'ଠାରୁ କିଛି ପଇସା ନ ନେଇ ମୋତେ କେମିତି ଏଇ ଟିକିଲି ପ୍ୟାକେଟ୍ ସବୁ ଦେଇଛି। ମୁଁ ଏହାକୁ ନିଶ୍ଚୟ ବ୍ୟବହାର କରିବି।' ଚାରୁ କହିଲା।

ଗଗନ ଆଖି ଆଗରୁ ଅଦୃଶ୍ୟ ହୋଇଗଲାଣି କେତେବେଳୁ। ମାଆ ଝିଅ ଦୁହେଁ ତା' ବିଷୟରେ ଆଉ କିଛି ସମୟ କଥାବାର୍ତ୍ତା ହେଲେ।ଘରକୁ ଫେରିଲେ। ଘରକୁ ଫେରିଲା ପରେ ଚାରୁର ମନରେ ଗଭୀର ନିରବତା ଆସିଗଲା। ସେ ଗଗନକୁ ଭାବିବାକୁ ଲାଗିଲା।

ଚାରୁର ବୟସ ସେତେବେଳକୁ ଷୋହଳ। ସେଇ ମାତ୍ର ତା' ତନୁଲତାରେ ପ୍ରଥମ ଯୌବନ ଆସିଥିଲା। ମନେମନେ ସେ ଗଗନ ପ୍ରତି ବହୁତ ଆଗ୍ରହୀ ହୋଇପଡ଼ିଲା। ତା'ର ମାନସିକ ପରିସ୍ଥିତି ଆଶା-ଆକାଂକ୍ଷାରେ ଆନ୍ଦୋଳିତ ହେବାରେ ଲାଗିଲା। ଗୁପ୍ତ ପ୍ରେମ ଓ ପ୍ରଣୟ ପାଇଁ ତା'ର ଆଗ୍ରହ ବୃଦ୍ଧି ପାଇବାରେ ଲାଗିଲା।

ମନେପଡୁଥିଲା ଚାରୁର ଆଖି, ଓଠ, ହସ ଓ ମିଠାମିଠା କଥା। ସାଇକେଲ୍ ଚଳାଇ ଯାଉଥିବାବେଳେ ଅନ୍ୟମନସ୍କ ହେଉଥିଲା ଗଗନ। ସ୍ନେହ, ଶ୍ରଦ୍ଧା, ଆଦର, ସହାନୁଭୂତି ଭୁଲିହୁଏ କ'ଣ! ସେ ଭୁଲିପାରୁ ନ ଥିଲା। ଚାରୁ ପାଖକୁ ସେଇକ୍ଷଣି ଫେରିଆସିବାକୁ ତା'ର ମନ କହୁଥିଲା। ହେଲେ ସେତେବେଳେ ସେ ସେପରି କରିପାରିବନି ଭାବିଲା। ଚାରୁ ଭଲ ଝିଅଟିଏ। କିଛି ଦିନ ଯାଉ। ପୁଣି ସେ ଗାଆଁକୁ ଆସିବି। ତାକୁ ଦେଖିବି। ତା' ସହିତ କଥାହେବି। ମନେମନେ କହୁଥିଲା ସେ।



ମନରେ କେବଳ ଚାରୁ ହିଁ ଥିଲା। ସପ୍ତାହକ ପରେ ପୁଣି ସେଇ ଗାଆଁରେ ଆସି ପହଞ୍ଚିଲା ଗଗନ। ସ୍ନୋ, ପାଉଡର, ଟିକିଲି, ଅଳତା ରଖିବ....! ଗାଆଁରେ ଶୁଭିଲା ତା'ର ଡାକ। ସତେ ଯେମିତି ତା'ର ଡାକକୁ ଚାହିଁରହିଥିଲା ଚାରୁ। ଘରୁ ବାହାରି ଆସି ତା' ପାଖରେ ପହଞ୍ଚିଲା। ହସିଦେଇ କହିଲା - 'ଆଜି ମୁଁ ତୁମଠାରୁ କିଛି ଜିନିଷ କିଣିବି।'

- 'ହେଲେ ମୁଁ ତୁମକୁ କିଛି ଜିନିଷ ବିକିପାରିବିନି।' ଗଗନ କହିଲା।

- 'କାହିଁକି? ମୋ' ପଇସା କ'ଣ ପଇସା ନୁହେଁ?' ଚାରୁ କହିଲା।

- 'ସେକଥା ମୁଁ କହିଲି କୋଉଠି? ଋଣୀ ଅଛି। ଯାହା ଚାହିଁବ ଦେବି। ବିକିପାରିବିନି।' ଗଗନ କହିଲା।

- 'ସତେ ନା କ'ଣ? ମନେରଖିଛ ତା' ହେଲେ!' ଚାରୁ କହିଲା।

- 'ହଁ, ସେଦିନ କଥା ମୁଁ ଭୁଲିପାରିଥାନ୍ତି କେମିତି? ବର୍ଷାରେ ତୁମେ ମୋତେ ଘରେ ଆଶ୍ରୟ ଦେଇଥିଲ।' ଗଗନ କହିଲା।

- 'ଆରେ! ଫେରିବାଲା ପୁଅ ଆଜି ପୁଣି ଆସିଛିକି?' ସେତିକିବେଳେ ଚାରୁର ମାଆ ଘରୁ ବାହାରି ଆସି କହିଲା।

- 'ନମସ୍କାର, ମାଆ। ତୁମେ କେମିତି ଅଛ?' ଗଗନ ଚାରୁର ମାଆ ଉଦ୍ଦେଶ୍ୟରେ କହିଲା।

ଗଗନର ଏଇକଥା ଶୁଣି ଚାରୁର ମାଆ ଖୁସି ହୋଇଗଲା। ତା' ମୁହଁରେ ହସ ଉଛୁଳି ପଡ଼ିଲା। ସେ କହିଲା - 'ହଁ, ପୁଅ। ମୁଁ ଭଲ ଅଛି।ଯା' ହେଉ ତୁ ଆସିଲୁ। ତତେ ପୁଣି ଦେଖିପାରିଲି।'

– 'କହିଥିଲି ଆସିବାକୁ। ତେଣୁ ଆସିଲି। ସେଦିନ ତୁମେ ମୋତେ ବହୁତ ସାହାଯ୍ୟ କରିଛ, ମା'।' ଗଗନ କହିଲା।

– 'ମଣିଷ ଜଣେ ଯାହା କରିବା କଥା ମୁଁ ସେତିକି କରିଛି। ବେଶି କିଛି କରିନାହିଁ।' ଚାରୁର ମାଆ କହିଲା।

ସେ କହିଲା – 'ମା' ! ତୁମ ଭଳି ମଣିଷ ମୁଁ କ୍ୱଚିତ ଦେଖିଛି। ଯେବେ ତୁମ ଗାଆଁକୁ ଆସିବି ତୁମକୁ ନିଶ୍ଚୟ ଦେଖାକରିବି।'

– 'ହଉ, ଚାରୁ କ'ଣ କିଣିବାକୁ ଚାହୁଁଛି ବୋଧେ !' ଚାରୁର ମାଆ କହିଲା।

– 'ହଁ, ମା'। ସେ ଯାହା ନେବେ ମୁଁ ତାଙ୍କୁ ଦେବାକୁ କହିଛି। ସିଏ ତୁମର ଭଲ ଝିଅଟିଏ। ତାଙ୍କ ବ୍ୟବହାର ମୋତେ ଭଲଲାଗିଛି।' ଗଗନ କହିଲା।

ଆଉ କିଛି ନ କହି ଚାରୁର ମାଆ ବାରି ଆଡ଼କୁ ଚାଲିଗଲା। ବୋଧହୁଏ ତାକୁ କିଛି କାମ ଦେଖାଗଲା।

ଗଗନ ଚାରୁ ଆଡ଼କୁ ଚାହିଁଲା। ଚାରୁ ହସିଦେଇ କହିଲା – 'ମୋର ଅଳତା ଆଉ ନେଲପଲିସ୍ ଦରକାର।'

ଅଳତା ଆଉ ନେଲପଲିସ୍ ବାହାରକରି ଚାରୁର ହାତକୁ ବଢ଼ାଇଲା ଗଗନ। କହିଲା – 'ଭଲ ଜିନିଷ ଦେଇଛି। ଦେଖ ତୁମର ପସନ୍ଦ ହେଉଛି ତ ?'

**ଦିନେ ସେ ସାହସୀ ଓ ବେପରୁଆ ହୋଇ ଚାରୁକୁ କହିଲା – 'ଚାରୁ ! ମୁଁ ତୁମକୁ ଭଲପାଏ।'**

– 'ପସନ୍ଦ ହେବନି କାହିଁକି ? ବହୁତ ପସନ୍ଦ। କେତେ ଟଙ୍କା ଦେବି ?' ଜିନିଷ ଦୁଇଟି ହାତରେ ଧରି ଦେଖିସାରି କହିଲା ଚାରୁ।

– 'ଟଙ୍କା ପୁଣି କ'ଣ ? ମୋତେ ତୁମ ଋଣ ସୁଝିବାକୁ ତ ଥରେ ସୁଯୋଗ ଦିଅ।' ଗଗନ କହିଲା।

ସତେ ମନ କିଣିନେଲା ଗଗନ ! ଆଉ ପଦେ ବି କିଛି କହିଲାନି ଚାରୁ। ସେତିକିବେଳେ ପାଣି ପିଇବାକୁ ମାଗିଲା ଗଗନ। ଚାରୁ ପାଣି ଆଣିବାକୁ ଘର ଭିତରକୁ ଚାଲିଗଲା। ମନେମନେ ଖୁସି ହେଉଥିଲା ଗଗନ। ଚାରୁ ପାଇଁ କିଛି କରିପାରିଥିବାରୁ ତା'ମନରେ ଖୁବ୍ ସନ୍ତୋଷ ଆସୁଥିଲା। ସେ ଅପେକ୍ଷା କରିଥିଲା ଚାରୁକୁ। ଚାରୁ ତାକୁ ପାଣି ଆଣି ଦେଲା। ପାଣି ପିଇଦେଇ ଯିବାକୁ ବାହାରିଲା ସେ। ସେତିକିବେଳେ ଚାରୁ କହିଲା – 'ପୁଣି ଆସିବ। ଆମକୁ ଭୁଲିଯିବନି।'

– 'ଆସିବି। ନିଶ୍ଚୟ ଆସିବି।' କହି ହସିଦେଇ ଚାଲିଗଲା ଗଗନ।

ବେପାରରେ ମନ। ଚାରୁ ପାଖରେ ବି ମନ। ତେଣୁ ନିୟମିତ ବ୍ୟବଧାନରେ ଗାଆଁକୁ ଆସୁଥିଲା ଗଗନ। ସେ ଆସିଲେ ଚାରୁ ଆସି ତା' ପାଖରେ ପହଞ୍ଚି ଯାଉଥିଲା। ଚାରୁକୁ ତା'ର ଦରକାରୀ ଜିନିଷ ମାଗଣାରେ ଦେଉଥିଲା ସେ। ଦୁହେଁ ହସଖୁସିରେ କଥାବାର୍ତ୍ତା ହେଉଥିଲେ। କିଛି ସମୟ ସେଠାରେ ରହି ଗଗନ ତା' ବେପାର କରିବାକୁ ଚାଲିଯାଉଥିଲା।

ଗଗନ ଏବେ ଚାରୁ ପାଇଁ ସବୁକିଛି କରିପାରିବ ବୋଲି ଭାବୁଥିଲା। ତା'ର ଆଖି,ଓଠ,ହସ ତ ତା' ସ୍ନାୟୁରେ ନିଆଁ ଧରାଇ ଦେଉଥିଲା। ରକ୍ତରେ ଉନ୍ମାଦନା ସୃଷ୍ଟି କରୁଥିଲା। ଦିନେ ସେଇ ଗାଆଁକୁ ଆସିଥିବା ଅବସରରେ ସେ ସାହସୀ ଓ ବେପରୁଆ ହୋଇ ଚାରୁକୁ କହିଲା – 'ଚାରୁ ! ମୁଁ ତୁମକୁ ଭଲପାଏ।'

ବାସ୍, ପ୍ରେମ ହେଲା। ଗଗନର ଏଇକଥା ପଦକରେ ଚାରୁର ସର୍ବାଙ୍ଗରେ ଶିହରଣ ଖେଳିଗଲା। ସେ ଲାଜେଇଗଲା।ମୁର୍କି ହସିଲା। କହିଲା – 'ଧୀରେ କୁହ। କାଳେ ମା' ଶୁଣିନେବ !'

ଚାରୁ ବି ତାକୁ ଭଲପାଏ, ତା'ର ଏଇକଥାରୁ ବୁଝିଲା ଗଗନ।ଚାରିଆଡ଼କୁ ଦୃଷ୍ଟି ଦେଇ କହିଲା – 'ମୋ' ମନରେ ଯାହା ଥିଲା ମୁଁ କହିଦେଲି। ତୁମେ ମୋତେ ଖରାପ ଭାବିନାହଁ ତ ?'

ଗଗନକୁ ଶିଶୁଟିଏ ପରି ଚାହିଁରହିଥିଲା ଚାରୁ। ତା' ମୁହଁରେ ହସ ଲାଖିରହିଥିଲା। ସେ କହିଲା – 'ଯେ କି କଥା ! ମୁଁ ତୁମକୁ ଖରାପ ଭାବିବି କାହିଁକି ?'

ଚାରୁ ଯେ ତା'ର ପ୍ରେମକୁ ସ୍ୱୀକୃତି ଦେଇଛି, ବୁଝିଲା ଗଗନ। କହିଲା – 'ହଉ, ମୁଁ ଆସିବି। ତୁମେ ମୋ'ଠାରୁ ଯାହା ଚାହିଁବ ଦେବି। ମୋତେ ଆଉ କେବେ ପଇସା ଯାଚିବନି।'

– 'ସେମିତି ହେଲେ ତୁମେ ମୋତେ ସ୍ୱାର୍ଥପର ବୋଲି ଭାବିବନି ତ ?' ଚାରୁ ଅଳ୍ପ ହସିଦେଇ କହିଲା।

– 'ସେମିତିରେ ତୁମେ ଯଦି ସ୍ୱାର୍ଥପର ହେବ, ମୁଁ ଖୁସି ହେବି। ଆସୁଛି...।' କହିଦେଇ ହସିହସି ଚିରାଚରିତ ଢଙ୍ଗରେ ସାଇକେଲ୍ ଗଡ଼େଇ ଚାଲିଗଲା ଗଗନ।

ଏହାପରେ ସବୁଦିନେ ସଜେଇ ହୋଇ, ମଥାରେ ଟିକିଲି ନାଇ ଗଗନର ଆସିବା ବାଟକୁ ଚାହିଁରହିଲା ଚାରୁ।

ଦେଖ, ତୁମେ ଦେଇଥିବା ଜିନିଷ ମୁଁ ବ୍ୟବହାର କରୁଛି। କେମିତି ଦିଶୁଛି ? ଦେଖାହେଲେ ତାକୁ ଏତିକି କହିଦେବାକୁ ବି ମନେମନେ ଭାବିରଖିଲା।

ଗଗନ ଗାଆଁକୁ ଆସିଲେ ତା’ ପାଖକୁ ଖୁବ୍ ଆଗ୍ରହରେ ଧାଇଁଯାଉଥିଲା ଚାରୁ।ତା’ ଠାରୁ ଜିନିଷ ରଖୁଥିଲା। କେମିତି ଦିଶୁଛି ବୋଲି ହସିହସି ପଚାରୁଥିଲା। ମାଆ ତା’ର ହାବଭାବରୁ କ’ଣ ଠଉରେଇଲା କେଜାଣି,ଦିନେ ତାକୁ ପାଖକୁ ଡାକି ପଚାରିଲା – ‘ତୁ କ’ଣ ଗଗନକୁ ଭଲପାଉଛୁ ?’

– ‘ହଁ, ମୁଁ ତାକୁ ଭଲପାଉଛି। ତୁ କ’ଣ କହିବାକୁ ଚାହୁଁଥିଲୁକି ମୋତେ ?’ ଚାରୁ କହିଲା।

– ‘ହଉ, ଏଥର ସେ ପୁଅ ଆସୁ। ମୁଁ ତା’ ସହିତ କଥାବାର୍ତ୍ତା କରିବି। ଯଦି ତା’ର ଇଚ୍ଛା ଥାଏ, ମୁଁ ତାଙ୍କ ଘରକୁ ତୋ ବାହାଘର ପ୍ରସ୍ତାବ ପଠାଇବି।’ ଚାରୁର ମାଆ କହିଲା।

ମୃଦୁ ହସରେ ମାଆର ଏଇକଥାକୁ ହୃଦୟରୁ ସ୍ୱୀକୃତି ଦେଇଦେଲା ଚାରୁ।

ଏହାପରେ ଚାରୁର ମାଆ ଗଗନର ଆସିବା ବାଟକୁ ଚାହିଁରହିଲା। ସେ ଆସିଲେ ତା’ ସହିତ କଥାବାର୍ତ୍ତା ହେବାକୁ ମନସ୍ଥିର କଲା।ଚାରୁର ଷୋହଳ ବର୍ଷର ସୌନ୍ଦର୍ଯ୍ୟ ଓ ଲତା ପରି ଢଳିଲା ଦେହ ଆଡ଼େ ଚାହିଁଲେ ତା’ର ମନେହେଲା ଯେପରି ଚାରୁ ପାଇଁ ଉପଯୁକ୍ତ ପିଲାଟିଏ ମିଳିବାକୁ ଯାଉଛି।

**ଏ ଜନ୍ମରେ ନ ହେଲା ନାହିଁ, ଆଗାମୀ ଜନ୍ମରେ ତୁମ ସହ ଭେଟହେବକି ଏକା !**

ଚାରୁର ମାଆର ମନରେ କେବଳ ଏଇକଥା ହିଁ ଥିଲା। ଗଗନକୁ ସେ ମନେମନେ ଏମିତି ଖୋଜୁଥିଲା ଯେ ରାତିରେ ସେଇକଥାକୁ ନେଇ ତା’ ଆଖିରେ ନିଦ ଆସୁ ନ ଥିଲା। କେବେ ସେ ପିଲାଟି ଆସିବ ? କାହିଁକି ଆସୁନି ସେ ? ନିଜକୁ ପଚାରୁଥିଲା।

ସବୁଦିନ ସଜେଇ ହୋଇ ଦାଣ୍ଡ ପିଣ୍ଡାରେ ବସିରହୁଥିଲା ଚାରୁ। ଏଇନା ଆସିଯିବକି ଗଗନ ! ମନେମନେ ଭାବୁଥିଲା। ଗଗନକୁ ଦେଖିବାକୁ ଏବେ ତା’ର ଭାରି ଇଚ୍ଛା ହେଉଥିଲା। ଦେଖାହେଲେ ସେ ତାକୁ କହିଦେବାକୁ ଚାହୁଁଥିଲା – ‘ଶୁଣ, ମା’ ତୁମ ସହିତ ମୋର ବାହାଘର କରିବାକୁ ଚାହୁଁଛି।’

ଦିନ ଗଡୁଥିଲା। ଗାଆଁକୁ ଆସୁ ନ ଥିଲା ଗଗନ। ୟା’ ଭିତରେ ପ୍ରାୟ ତିନି ମାସ ବିତିଯାଇଥିଲା। କୁଆଡ଼େ ଗଲା ଗଗନ ? କାହିଁକି ଆସୁନି ? ଚାରୁର ମନରେ ବ୍ୟସ୍ତତା ବଢୁଥିଲା। ତା’ର ମାଆ ବି ଖୁବ୍ ବ୍ୟସ୍ତ ହେଉଥିଲା।

ମାଆ ଝିଅ ଦୁହେଁ ଖୁବ୍ ଆଶା ଓ ଆଶଙ୍କାରେ ଘରେ ଥିବାବେଳେ ଦିନେ ଆଉ ଜଣେ ଫେରିବାଲା ଆସି ପହଞ୍ଚିଲା। ଅଳତା, ସିନ୍ଦୂର ନେବ ? ଅତର, ପାଉଡର, ଟିକିଲି ରଖିବ ? ଗାଆଁ ଦାଣ୍ଡରେ ଶୁଭିଲା ତା’ର ଡାକ। ମାଆ ଝିଅ ଦୁହେଁ ତା’ର ଡାକ ଶୁଣି ଘରୁ ବାହାରିଆସିଲେ। ବୟସ୍କ ଲୋକଟିଏ। ପାଖକୁ ଆସି ଚାରୁର ମାଆ କହିଲା – ‘ତୁମେ ଗଗନର ବାପା ହେବକି ? ସେପରି ଦିଶୁଛ।’

– ‘ହଁ, ମୁଁ ଗଗନର ବାପା। ସେ ବାହାହେବ ବୋଲି ମୁଁ ତାକୁ କେତେଦିନ ହେଲା ଏଇ ଧନ୍ଦାରେ ପୂରାଇଥିଲି। ଦିନେ ଫେରିକାମ ସାରି ସେ ଘରକୁ ଫେରିଲା। ରାତିରେ ତା’ର ପେଟକଷ୍ଟ ହେଲା। ସେ ବିକଳ ହୋଇ ଭୂଇଁରେ ଗଡ଼ିଲା। ମୁଁ ତାକୁ ଡାକ୍ତରଖାନା ନେବା ବାଟରେ ସେ ଚାଲିଗଲା। ବଡ଼ ଦୁଃଖର କଥା, ମା’। କ’ଣ କରିବି ! ମୋତେ ପୁଣି ଜିନିଷପତ୍ର ଧରି ବାହାରିବାକୁ ହେଲା।’ ଲୋକଟି କରୁଣ ସ୍ୱରରେ କହିଲା।

ଲୋକଟିର ମୁହଁରୁ ଏହି ଦୁଃଖର କଥା ଶୁଣିବା ପରେ ଚାରୁ କାନ୍ଦକାନ୍ଦ ହୋଇ ସେଠାରୁ ଦୌଡ଼ି ଘରକୁ ପଳାଇଆସିଲା। ଘର ଭିତରେ ବସି ଦୁଃଖରେ ଜଡ଼ସଡ଼ ହୋଇ କାନ୍ଦିବାକୁ ଲାଗିଲା। ଅନୁଭବ କଲା ଯେମିତି ତା’ର ପ୍ରେମ ମରିଗଲା । ଆଶା ନିରାଶାରେ ପରିଣତ ହୋଇଗଲା।

ଫେରିବାଲା ଲୋକଟିର ଦୁଃଖରେ ଦୁଃଖୀ ହେଲା ଚାରୁର ମାଆ। ତାକୁ କିଛି ସାନ୍ତ୍ୱନା ଦେଇ ଚାରୁ ପାଖକୁ ଫେରିଲା ସେ। ଚାରୁକୁ ଦେଖି ସ୍ତବ୍ଧ ହୋଇ ଗୋଟେ ନିର୍ବାକ ଚେହେରା ଧରି ଠିଆ ହୋଇରହିଲା। ଚାରୁ କିଛି କହୁଥିବା ଭଳି ତା’ର ମନେହେଲା।

ଗଗନ ! ଏ ଜନ୍ମରେ ନ ହେଲା ନାହିଁ, ଆଗାମୀ ଜନ୍ମରେ ତୁମ ସହ ଭେଟହେବକି ଏକା ! ସମ୍ଭବତଃ ଏତିକି କହୁଥିଲା ଚାରୁ।

ଆଗାମୀ ଜନ୍ମରେ !

□□

ଲେଖକଙ୍କ ଇ-ମେଲ୍ ଠିକଣା:
sachidanandakar62@gmail.com

ପ୍ରବନ୍ଧ

# ସ୍ୱପ୍ନ-ବିଶ୍ଳେଷଣ ଶୈଳୀ ଓ ଆଧୁନିକ ଓଡ଼ିଆ କବିତା



ଫକୀର ମୋହନ ସାହୁ

ଆଧୁନିକ କବିତା ବିଶେଷକରି ଅତ୍ୟାଧୁନିକ କବିତାକୁ ଅନେକ ଲୋକ ଅବୋଧ ଓ ଦୁର୍ବୋଧ ମନେକରନ୍ତି । କବିତାଟିରେ ପ୍ରୟୋଗ କରାଯାଇଥିବା ପ୍ରତୀକ ଓ ରୂପକଳ୍ପକୁ ଭେଦକରି ପ୍ରକୃତ ଅର୍ଥ ଉତ୍ତରଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନାହିଁ । ଆଧୁନିକ ଓଡ଼ିଆ କବିତା କେତେ ପରିମାଣରେ ଅବୋଧ ବା ଦୁର୍ବୋଧ, ତାହାର ବିଚାର ଆଲୋଚନା କରିବା ଏ ପ୍ରବନ୍ଧର ଲକ୍ଷ୍ୟନୁହେଁ । କିନ୍ତୁ ଏ କଥା ସ୍ୱୀକାର୍ଯ୍ୟ ଯେ ଆମର ସ୍ୱପ୍ନ ମଧ୍ୟ ରହସ୍ୟାବୃତ୍ତ । ଏହା ମନର କେଉଁ ଭାବ ଓ ଭାବନାକୁ ପ୍ରକାଶ କରୁଛି ତାହା ସହଜରେ ଜାଣିହୁଏନାହିଁ । ସ୍ୱପ୍ନ-ଭାଷାର ବ୍ୟାକରଣ ନାହିଁ ଏବଂ ଏଥିରେ ଯୁକ୍ତିଯୁକ୍ତତା ମଧ୍ୟ ନାହିଁ । ପୁନଶ୍ଚ ଏହା ପ୍ରତୀକ-ବହୁଳ । ତଥାପି ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱପ୍ନର ପ୍ରକୃତ ଅର୍ଥ ବ୍ୟାଖ୍ୟାନ କରିବାକୁ ଯାଇ କେତେକ କୌଶଳ ପ୍ରୟୋଗ କରିଛନ୍ତି । ସମ୍ଭବତଃ ଏହିସବୁ କୌଶଳ ସହିତ ଆମର ପରିଚିତି କେବଳ ସ୍ୱପ୍ନ-ବିଚାର କ୍ଷେତ୍ରରେ ସହାୟକ ନୁହେଁ, ଆଧୁନିକ କବିତାର ରସ ଆସ୍ୱାଦନରେ ମଧ୍ୟ ସଫଳ ପ୍ରୟାସର କାର୍ଯ୍ୟ କରିଥାଏ ।



ସ୍ୱପ୍ନର ଅନ୍ତରାଳରେ ସକ୍ରିୟ ଥିବା ଭାବ ଓ ଭାବନାର ଆବିଷ୍କାର ପାଇଁ ଅନୁସୃତ ହେଉଥିବା କୌଶଳର ଆଲୋଚନା ପୂର୍ବରୁ ସ୍ୱପ୍ନର ଭିତ୍ତି ସଂପର୍କରେ ସଂକ୍ଷିପ୍ତ ସୂଚନା ଆବଶ୍ୟକ । ମନେରଖିବାକୁ ହେବ ଯେ ନିଦ୍ରା ଓ ସ୍ୱପ୍ନ ଏକ ସମ୍ମିଳିତ ଅନୁଭବ । ଏ ଦୁଇଟିର ଅନୁଶୀଳନ କଳା ଓ ବିଜ୍ଞାନର ଏକ ସମ୍ମିଳିତ ପ୍ରୟାସ । ନିଦ୍ରାର ଅନୁଧ୍ୟାନ କ୍ଷେତ୍ରରେ ଆମେ ମୁଖ୍ୟତଃ ଜୀବବିଜ୍ଞାନୀଙ୍କ ଗବେଷଣା ଉପରେ ନିର୍ଭର କରିଥାଉ । ନିଦ୍ରା ଆମର କେଉଁକେଉଁ ମାନସିକ ଓ ଶାରୀରିକ ଚାହିଦା ପୂରଣକରେ, ନିଦ୍ରାର କେଉଁ ପର୍ଯ୍ୟାୟରେ ଆମେ ସ୍ୱପ୍ନ ରାଜ୍ୟରେ ପ୍ରବେଶ କରୁ ଏବଂ କେଉଁସବୁ ପାରିପାର୍ଶ୍ୱିକ ଅବସ୍ଥା ଆମ ସ୍ୱପ୍ନର ଗୁଣାତ୍ମକ ଓ ପରିମାଣାତ୍ମକ ଦିଗକୁ ପ୍ରଭାବିତକରେ, ସେ ଦିଗରେ ଜୀବବିଜ୍ଞାନୀମାନେ ଆଲୋକପାତ କରନ୍ତି । ତାହା ଏଠାରେ ଆଲୋଚ୍ୟ ନୁହେଁ; ବାରାନ୍ତରେ ଚର୍ଚ୍ଚା କରାଯାଇପାରେ । ମାତ୍ର ଆମେ ଯେଉଁସବୁ ସ୍ୱପ୍ନଦେଖୁ ତାହାର ପ୍ରକୃତ ଅର୍ଥ କ'ଣ ଏବଂ ଆମେ କାହିଁକି ସେପରି ସ୍ୱପ୍ନ ଦେଖୁ ସେ ସଂପର୍କରେ ଜୀବବିଜ୍ଞାନୀ ବିଶେଷ ଆଲୋକପାତ କରିନଥାନ୍ତି । ମନସ୍ତତ୍ତ୍ୱବିତ୍ ବିଶେଷକରି ମନସମୀକ୍ଷା ପରମ୍ପରାର ମନୋବିଜ୍ଞାନୀମାନେ ଏ ଦିଗରେ ବିସ୍ତୃତ ତଥ୍ୟର ସମ୍ବଳ ପ୍ରଦାନ କରନ୍ତି ।

### ସ୍ୱପ୍ନ ବନାମ ଭାବନା

ସ୍ୱପ୍ନର ଅନ୍ତରାଳରେ ଭାବ ଓ ଭାବନାର ଆବିଷ୍କାର ପାଇଁ ଅନୁସୃତ ହେଉଥିବା କୌଶଳର ଆଲୋଚନା ପୂର୍ବରୁ ଆମକୁ ସ୍ୱୀକାର କରିବାକୁ ହେବ ଯେ ବିଶ୍ୱବିଶ୍ରୁତ ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ୍‌ଙ୍କ ବିଶାଳ ରଚନାବଳୀ ମଧ୍ୟରୁ ୧୯୦୦ ମସିହାରେ ପ୍ରକାଶିତ 'ସ୍ୱପ୍ନ ବିଚାର' ପୁସ୍ତକକୁ ଶ୍ରେଷ୍ଠକୃତିର ମର୍ଯ୍ୟାଦା ଦିଆଯାଏ । ତେବେ ଫ୍ରଏଡୀୟ ଶୈଳୀ ସ୍ୱପ୍ନ-ବିଚାରର ମୁଖ୍ୟ ସ୍ରୋତର ସ୍ୱୀକୃତି ପାଇଥିଲେ ମଧ୍ୟ ଏହା ଏକମାତ୍ର ମାର୍ଗଦର୍ଶକ ନୁହେଁ । ଫ୍ରଏଡ୍‌ଙ୍କର ଏକଦା ଶିଷ୍ୟ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ 'ସମଷ୍ଟିଗତ ଚେତନା'ର ପ୍ରଖ୍ୟାପକ କାର୍ଲ ୟୁଙ୍ଗ୍ ଏ ଦିଗରେ ଜଣେ ଅଗ୍ରଣୀ ବ୍ୟାଖ୍ୟାକାର । ପୁନଶ୍ଚ ବିଂଶ ଶତକର ଦ୍ୱିତୀୟ ଭାଗରେ ଲୋଗୋଥେରାପି ବା ଅର୍ଥପୂର୍ଣ୍ଣତାର ଚିକିତ୍ସା ପ୍ରବର୍ତ୍ତନ କରିଥିବା ସ୍ଥିତିବାଦୀ ମନୋଚିକିତ୍ସକ ଭିକ୍ଟର ଫ୍ରାଙ୍କଲ୍‌ଙ୍କ ମତବାଦ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତେବେ

ଫ୍ରଏଡ୍‌ଙ୍କ ମୁଖ୍ୟ ଧାରାଟି ବୁଝିବା ପରେ ଅନ୍ୟମାନଙ୍କ ତଥ୍ୟର ମୂଲ୍ୟାୟନ ଅଧିକ ସହଜ ହୋଇଥିବାରୁ ଫ୍ରଏଡୀୟ ତତ୍ତ୍ୱ ପ୍ରଥମେ ବିଚାର୍ଯ୍ୟ ।

### ଫ୍ରଏଡୀୟ ଶୈଳୀ

ଏହା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଯେ ନିଜର ଉଚ୍ଚ ବୌଦ୍ଧିକତା କିମ୍ବା କଳ୍ପନା-ବିଳାସର ପ୍ରଦର୍ଶନ ପାଇଁ ସ୍ୱପ୍ନ-ବିଶ୍ଳେଷଣ ପ୍ରୟୋଗ କରୁନଥିଲେ । ତାଙ୍କର ମୁଖ୍ୟ ଆଭିମୁଖ୍ୟ ଥିଲା ଦୁର୍ଦ୍ଦଶାଗ୍ରସ୍ତ ମନୁଷ୍ୟର କଲ୍ୟାଣ । ସୁତରାଂ ମାନସିକ ରୋଗର ଚିହ୍ନଟ ଓ ବିଲୋପ ପାଇଁ ସେ ସ୍ୱପ୍ନ-ବିଶ୍ଳେଷଣ କରୁଥିଲେ । ସ୍ୱପ୍ନ-ବିଶ୍ଳେଷଣ କରିବା ସମୟରେ ସେ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିର ଜୀବନ-ବୃତ୍ତାନ୍ତର ମୁଖ୍ୟ ଅଂଶ, ବ୍ୟକ୍ତି ସହିତ କଥୋପକଥନ ଏବଂ ଅନ୍ୟ କେତେକ ମନସ୍ତାତ୍ତ୍ୱିକ ପରୀକ୍ଷା, ନିରୀକ୍ଷା ମଧ୍ୟ ପ୍ରୟୋଗ କରୁଥିଲେ । ସାମଗ୍ରିକ ଓ ସଂଗତିପୂର୍ଣ୍ଣ ଭାବରେ ବ୍ୟକ୍ତି ସଂପର୍କରେ ଯେଉଁ ଚିତ୍ର ମିଳୁଥିଲା, ତାହା ସେ ଗ୍ରହଣ କରୁଥିଲେ । ତଦନୁସାରେ ତାଙ୍କର ଚିକିତ୍ସା ପ୍ରଣାଳୀର ଉପଯୋଗ କରୁଥିଲେ । ଅନ୍ୟପକ୍ଷରେ ସ୍ୱପ୍ନ-ବିଶ୍ଳେଷଣ-ଲବ୍ଧ ଫଳାଫଳ ଅନ୍ୟସବୁ ପରୀକ୍ଷାନିରୀକ୍ଷା ସହିତ ଅମେଳ ହେଲେ ସେ ସ୍ୱପ୍ନ-ବିଚାରର ଫଳାଫଳକୁ ଅସ୍ୱୀକାର କରୁଥିଲେ । ଏ ଦୃଷ୍ଟିରୁ ଫ୍ରଏଡ୍ ଅପରିପକ୍ୱ ସ୍ୱପ୍ନ-ବ୍ୟାଖ୍ୟାକାରୀ ସୌଖୀନ ବ୍ୟକ୍ତିଠାରୁ ଭିନ୍ନ ଓ ଅନନ୍ୟ ।

**ଫ୍ରଏଡ୍‌ଙ୍କ ସ୍ୱପ୍ନ-ବିଚାର ଯେଉଁ ମୌଳିକ ତଥ୍ୟ ଉପରେ ଆଧାରିତ, ତାହା ହେଉଛି ଅଚେତନ ମନର ତତ୍ତ୍ୱ ।**

ଫ୍ରଏଡ୍‌ଙ୍କ ସ୍ୱପ୍ନ-ବିଚାର ଯେଉଁ ମୌଳିକ ତଥ୍ୟ ଉପରେ ଆଧାରିତ, ତାହା ହେଉଛି ଅଚେତନ ମନର ତତ୍ତ୍ୱ । ଏହାର ପରିକଳ୍ପନା ଓ ଭାବସଂପ୍ରସାରଣ ଫ୍ରଏଡ୍‌ଙ୍କର ଏକ ବିଶିଷ୍ଟ ଅବଦାନ । ଫ୍ରଏଡୀୟ ସ୍ୱପ୍ନ-ବିଶ୍ଳେଷଣ ବୁଝିବା ପାଇଁ ଏହାର ସୂଚନା ଅପରିହାର୍ଯ୍ୟ ।

### ଅଚେତନ ମନ

ଫ୍ରଏଡ୍ ମନୁଷ୍ୟ ମନର ଯେଉଁ ପରିକଳ୍ପନା କରିଥିଲେ, ତାହା ତିନିସ୍ତରୀୟ: ଚେତନ, ପ୍ରାକ୍‌ଚେତନ ଓ ଅଚେତନ । ଆମର ବର୍ତ୍ତମାନର ଭାବନା ଓ ପ୍ରତ୍ୟକ୍ଷ କ୍ରିୟାକୁ ନେଇ ଆମର ଚେତନ ମନ ଗଠିତ । ଧରାଯାଉ, ବର୍ତ୍ତମାନ ଆପଣମାନେ ଏ ପ୍ରବନ୍ଧଟି ପାଠ କରିବା ସମୟରେ ଏହାର ବିଷୟବସ୍ତୁ ପ୍ରତି ସଚେତନ ଅଛନ୍ତି । କେଉଁ ସ୍ଥାନ, କେଉଁ ପରିବେଶରେ ରହି ଏହା ପାଠ କରୁଛନ୍ତି, ତାହା ମଧ୍ୟ ଜାଣିଛନ୍ତି । ସୁତରାଂ ଏହା ଆପଣଙ୍କ ଚେତନ ମନର ଅଂଶବିଶେଷ ।


ଫ୍ରଏଡୀୟ ବିଚାରରେ ଅଚେତନ ମନ ଗଭୀର ଓ ଏହାର ପରିସର ବିସ୍ତୃତ । ଫ୍ରଏଡ୍‌ଙ୍କ ପରି ମନସମୀକ୍ଷକମାନେ ମନର ଦଶ ଭାଗରୁ ନ'ଭାଗ ବୋଲି ବିଚାର କରୁଥିଲେ । ଗୋଟିଏ ଭାସମାନ ବରଫଖଣ୍ଡର ବେଶି ଭାଗ ଜଳରେ ନିମଗ୍ନ ରହି କେବଳ ଅଳ୍ପ ଅଂଶଟି ଉପରକୁ ଦିଶୁଥିବା ପରି ଚେତନ ମନ ସମୁଦାୟ ମନର ଖୁବ୍ କମ୍ ଅଂଶ ବୋଲି ସେ ବିଶ୍ୱାସ କରୁଥିଲେ । ଅନ୍ୟପକ୍ଷରେ ଅଚେତନ ମନର ପରିସର ସୁବିସ୍ତୃତ । ଆମର ଭୟ, ଆଶଙ୍କା, ଭାବାବେଗ, ଅଶ୍ଳୀଳ ଭାବନା, ଅପୂରିତ ବାସନା, ବିଭସ୍ସ ଚିନ୍ତାଧାରା, ଅନୈତିକ ଭାବନା ଓ ଲଜ୍ଜାର ଅନୁଭବ ସବୁ ଅବଦମିତ ହୋଇ ଏଠାରେ ସ୍ଥାନ ପାଇଥାଏ ।

ଅବଦମନ ବା ରିପ୍ରେସନ୍ ହିଁ ଅଚେତନ ମନର ବଳୟ ଗଠନକରେ । ସାମାଜିକ ଅନୁମୋଦନ ଅଭାବରୁ ଏସବୁ ସାମଗ୍ରୀ ଚାପିହୋଇ ଏଠାରେ ସ୍ଥାନ ପାଇଥାଏ । ଆମର ଜାଗ୍ରତ ମୁହୂର୍ତ୍ତରେ ଏସବୁ ଅବଦମିତ ଅପୂରିତ କାମନା, ବାସନା ପ୍ରକାଶ୍ୟ ରୂପ ନେଇପାରେ ନାହିଁ । ମାତ୍ର ନିଦ୍ରା ସମୟରେ ଆମ ଚେତନ ମନର ନିରୀକ୍ଷଣ ପ୍ରକ୍ରିୟା କମିଯାଏ । ଶରୀରର ଅଙ୍ଗପ୍ରତ୍ୟଙ୍ଗର କ୍ରିୟାକଳାପ କମିଯାଏ । ମସ୍ତିଷ୍କର କ୍ରିୟାକଳାପ ପୂରାପୂରି ବନ୍ଦ ନ ହେଲେ ମଧ୍ୟ ସୀମିତ ରହେ । ମନର ଜଗୁଆଳି ବ୍ୟବସ୍ଥା ଦୁର୍ବଳ ଥିବାରୁ ଅବଦମିତ ଭାବନା ଛଦ୍ମବେଶରେ ଆସିଥାନ୍ତି । ଫଳରେ ସ୍ୱପ୍ନରେ ବହୁଚିତ୍ର ଓ ବହୁଘଟଣାର ଦୃଶ୍ୟାନୁଭୂତି ସମ୍ଭବ ହୁଏ । ମୂଳ ଭାବନା ସବୁ ଅବିକଳ ଚିତ୍ର ରୂପରେ ଆସିଥିଲେ ନିଦ ଭାଙ୍ଗିଯାଏ । ସୁତରାଂ ନିଦ ସୁରକ୍ଷିତ ରହିବା ପାଇଁ ଭାବନା ସବୁ ଛଦ୍ମରୂପରେ ଆସିଥାନ୍ତି । ସ୍ୱପ୍ନରେ ଆମେ ଯାହାସବୁ ଦେଖୁ, ସେସବୁ ହେଉଛି ପ୍ରକାଶ୍ୟ ରୂପ । ଏହାର ଅନ୍ତରାଳରେ ଯେଉଁ ପ୍ରକୃତ ଅର୍ଥ ଓ ଭାବନା ରହିଥାଏ, ସେଗୁଡ଼ିକ ହେଉଛି ପ୍ରଚ୍ଛନ୍ନ ରୂପ ।

### ସ୍ଥାନାନ୍ତରଣ

ପ୍ରଥମେ ଫ୍ରଏଡୀୟ ପରମ୍ପରାରେ ସ୍ୱପ୍ନ-ବିଶ୍ଳେଷଣ ଏକ ଶୈଳୀ ହିସାବରେ ସ୍ଥାନାନ୍ତରଣର ଭୂମିକା ଜାଣିବାକୁ ହେବ । ଧରାଯାଉ, ଜଣେ କିଶୋର ଦିନରାତି ଧରି ନିଜର ଶଯ୍ୟାଶାୟୀ ରୋଗଗ୍ରସ୍ତ ପିତାଙ୍କର ସେବା ଶୁଶ୍ରୂଷା କରୁଛି । ଦୀର୍ଘଦିନର

କ୍ଳାନ୍ତି ଓ ଯନ୍ତ୍ରଣା ସମୟରେ ହୁଏତ କିଶୋର ମନରେ କ୍ଷଣିକ ପାଇଁ ଭାବନା ଆସିପାରେ, "ବାପା ମରିଗଲେ ଭଲ ହୁଅନ୍ତା ।" ମାତ୍ର ପରମୁହୂର୍ତ୍ତରେ ସଚେତନ ହେବା ମାତ୍ରେ ତା'ର ବିବେକ ଦଂଶନ ଅପରାଧବୋଧ ତୀବ୍ର ହେବ । ପୁତ୍ର ହିସାବରେ ପିତାଙ୍କର ମୃତ୍ୟୁ କାମନା କରିବା ଏକ ନୈତିକ ଓ ସାମାଜିକ ଅପରାଧ । ଫଳତଃ ତାର ଏପରି ଚିନ୍ତନ ଅବଦମିତ ହୋଇ ଅଚେତନ ସ୍ତରକୁ ଚାଲିଯବ । ସେ ନିଦ୍ରିତ ଥିବା ଅବସ୍ଥାରେ ଏପରି ଅବଦମିତ ଭାବନାଟି ସ୍ୱପ୍ନରେ ପ୍ରକାଶ ପାଇବାର ସମ୍ଭାବନା ଅଧିକ । କିନ୍ତୁ ଅବିକଳ ମୂଳଭାବନା (ପିତାଙ୍କର ମୃତ୍ୟୁ) ସ୍ୱପ୍ନରେ ଦେଖିଲେ ନିଦ୍ରାଭଙ୍ଗର ଆଶଙ୍କା ରହିଛି । ସୁତରାଂ ଏହାର ସ୍ଥାନାନ୍ତରଣ ଘଟିବ । କିଶୋର ହୁଏତ ସ୍ୱପ୍ନ ଦେଖିବ ଯେ ତା'ର ଶିକ୍ଷକ ମରିଛନ୍ତି କିମ୍ବା ତା' ସହରର କୌଣସି ଜଣାଶୁଣା ଲୋକଙ୍କ ମୃତ୍ୟୁ ଘଟିଛି କିମ୍ବା ସେ ଚାକିରି କରୁଥିବା ଅଫିସରଙ୍କ ମୃତ୍ୟୁ ଘଟିଛି । କୌଣସି ରାଜନେତାଙ୍କ ମୃତ୍ୟୁ ମଧ୍ୟ ସ୍ୱପ୍ନରେ ଦେଖିପାରେ । ଲକ୍ଷ୍ୟ କରିବାର କଥା ଯେ ମୂଳ ଭାବନା 'ପିତା' ହୋଇଥିଲେ ମଧ୍ୟ କେନ୍ଦ୍ରଚ୍ୟୁତ ହୋଇ ଅନ୍ୟ ଏକ ମୁଖ୍ୟ ବ୍ୟକ୍ତିର ରୂପ ନେଇଛି । ଏହାଫଳରେ ନିଦ୍ରା ସୁରକ୍ଷିତ ରହିବା ସଂଗେ ସଂଗେ ଅବଦମିତ କାମନା ମଧ୍ୟ ପରିପୂରିତ ହୋଇଛି ।




**କବିତାରେ ସ୍ଥାନାନ୍ତରଣ**

ଆଧୁନିକ ଓଡ଼ିଆ କବିତାରେ ଏପରି ସ୍ଥାନାନ୍ତରଣ ସ୍ପଷ୍ଟ । ଭାନୁଜୀ ରାଓଙ୍କ 'ନଈ ଆରପାରି' ନାମକରଣ ସ୍ଥାନାନ୍ତରଣର ସୂଚକ । 'ନଈ' ବ୍ୟକ୍ତିର ଜୀବନର ଦ୍ୟୋତକ, ନଈ ହିଁ ଜୀବନ, ତହିଁର ଆରପାରି ମୃତ୍ୟୁ । ଏହି କବିତା ପୁସ୍ତକର ଶେଷ କବିତା 'ନଈ ଆରପାରି' । କବିତାରେ କବି ନଈ ଆରପାରିର ଛବି ଦେଖାଇଛନ୍ତି । ନଈ ଏପାରିରେ ନିଃସଙ୍ଗତା ଓ ଅସହାୟତା ପ୍ରତୀକିତ ହୁଏ ଏକାକୀ 'ଚକୋର' ଚିତ୍ରରେ । କବିଙ୍କ ଭାଷାରେ-

"ସେପାରିକରେ ଯେତେ ସ୍ୱପ୍ନ
ପ୍ରତ୍ୟାଶାର ହାତଧରି ଚାଲିଯିବି ଦିନେ ଆରପାରି
ଦିଗ୍‌ବଳୟ ବୋଲିହେବି ମୁଠାମୁଠା ମାୟାବୀ ଅବିର
ଠିକ୍ ଯାଇ ପହଞ୍ଚିବି ଚନ୍ଦନବନରେ
ଯେଉଁଠାରେ ବସିଥିଲେ ଏକଦା ଈଶ୍ୱର ।" (ପୃ.୫୩)

ଜୀବନର ଶୂନ୍ୟବୋଧ ସେହିପରି ସ୍ଥାନାନ୍ତରଣ ପ୍ରକ୍ରିୟାରେ ପ୍ରକାଶ ପାଇଛି କବି ଶ୍ରୀକାନ୍ତ ମହାନ୍ତିଙ୍କ 'ନିଦ୍ରିତ କଚ୍ଛପ' ପୁସ୍ତକର 'ସ୍ୱୀକାରୋକ୍ତି' କବିତାରେ ।

"ଆଜି ସିଏ ଆସିନାହିଁ...
ସବୁଠି ତାର ଅନୁପସ୍ଥିତି
ଶାଗୁଣା ଭଳି ଡେଣା ଝାଡୁଛି ।
ପକ୍ଷୀ ଶାବକକୁ ମୋର
ଝାମ୍ପି ନେଉଛି ସେ
ଅଣ୍ଡା ଖୋଳପା ପରି
ଏ' ଦେହଟା ଯାହା ଏଇ ଖଟରେ ପଡ଼ିଛି ।" (ପୃ.୨୫)

ସ୍ୱପ୍ନର ପ୍ରକୃତ ଅର୍ଥ ବିଶ୍ଳେଷଣ ପାଇଁ ପ୍ରୟୋଗ କରାଯାଉଥିବା ଦ୍ୱିତୀୟ ଶୈଳୀଟି ହେଉଛି ନାଟକୀୟତା । ସମୀକ୍ଷକ ଜାଣନ୍ତି ଯେ ଗୋଟିଏ ମୂଳ ସଂକ୍ଷିପ୍ତ (ଅଥଚ ଅପୂରିତ ଓ ଅନୈତିକ) କାମନା ଏକ ବିସ୍ତାରିତ ଭାବରେ ନାଟକୀୟ ରୂପନିଏ । ଧରାଯାଉ, ଗୋଟିଏ ଦରିଦ୍ର ବାଳିକା ଅନ୍ୟ ଗୋଟିଏ ଧନୀ ବାଳିକାର ଆକର୍ଷଣୀୟ ବେଶଭୂଷା ଦେଖି ଅନୁରୂପ ପ୍ରାଚୁର୍ଯ୍ୟ କାମନା କଲା । ଖୁବ୍ ଅଳ୍ପ ସମୟ ପାଇଁ ଏ ଭାବନା ଆସିଲା ଓ ଚାଲିଗଲା । ସେ ଭାବିଲା - "ମୋର ହଲେ ସୁନା କାନଫୁଲ ଥିଲେ କେତେ ସୁନ୍ଦର ହୋଇଥାନ୍ତା ସତେ ।" ପରକ୍ଷଣରେ ନିଜର ଦାରିଦ୍ର୍ୟ କଥା ଭାବି ସେ ଭୁଲିବାକୁ ଚେଷ୍ଟାକଲା ।

ଏ କ୍ଷେତ୍ରରେ ପିଲାଟିର ସ୍ୱପ୍ନ ଖୁବ୍ ବର୍ଣ୍ଣନା-ବହୁଳ ହୋଇପାରେ । ସେ ହୁଏତ ଦେଖିବ ଯେ ସେ ଗୋଟିଏ ଶୋଭାଯାତ୍ରାରେ ବିବାହ ଉତ୍ସବକୁ ଯାଉଛି । ଅନ୍ୟସବୁ ଘଟଣା ମଧ୍ୟ ଏଥିରେ ସଂଯୋଜିତ ରହିଛି । ସୁନା ଜରିକାମ ଥିବା ଛତାଟିଏ ଧରିଥିବାର ଦୃଶ୍ୟ ସେ ହୁଏତ ଦେଖିବ । ମୋଟ ଉପରେ ସୁନା ଅଳଙ୍କାରର ଅପୂରିତ କାମନା ଏକ ବିସ୍ତାରିତ ଗଳ୍ପର ରୂପ ନେବ । ମୂଳ ଭାବନାଟିର ନାଟକୀୟ ବିସ୍ତାରଣ ଘଟିବ । ମନସମୀକ୍ଷକ ଏପରି ସମ୍ଭାବନାକୁ ଆଖିରେ ରଖି ପ୍ରକାଶ

ସାମଗ୍ରୀ ମଧ୍ୟରୁ ପ୍ରଚ୍ଛନ୍ନ ରୂପ (ପ୍ରକୃତ ଅର୍ଥ) ନିରୂପଣ କରନ୍ତି ।

ଆଧୁନିକ କବିତାରେ ମଧ୍ୟ ଏହା ସଂଘଟିତ ହୋଇଥାଏ । ଗୋଟିଏ କେନ୍ଦ୍ରୀୟ ଧାରଣାକୁ ବିସ୍ତାରିତ ଓ ନାଟକୀୟ ରୂପ ଦିଆଯାଏ । ଗଳ୍ପ, ପ୍ରବାଦ ଓ ମିଥ୍‌ର ସାହାଯ୍ୟ ନିଆଯାଇ ମୂଳ ଭାବନାର ବିସ୍ତାରଣ କରାଯାଏ । ଏପରି ବିସ୍ତାରଣ ଫଳରେ ପାଠକପାଠିକା ମୂଳ ଭାବନାଟି ହଠାତ୍ ଧରିପାରନ୍ତି ନାହିଁ । ଅନ୍ୟପକ୍ଷରେ ଏପରି ନାଟକୀୟତାର ସମ୍ଭାବନାକୁ ସ୍ୱୀକାର କଲେ ବର୍ଣ୍ଣନାବହୁଳତାକୁ ଭେଦକରି ମୂଳ ଭାବନାଟିକୁ ଚିହ୍ନଟ କରିବା ଏବଂ ରସ ଆସ୍ୱାଦନ କରିବା ସମ୍ଭବ ହୁଏ । କବି ରମାକାନ୍ତ ରଥଙ୍କର 'ଶ୍ରୀରାଧା' ପୁସ୍ତକରେ ଶ୍ରୀରାଧା 'ଗୋବର୍ଦ୍ଧନ ଧାରଣ' ଚିତ୍ରକଳ୍ପକୁ ଭିତ୍ତିକରି ଯେଉଁ ଘଟଣାସମୂହର କଳ୍ପନା କରିଛନ୍ତି, ତାହା କବି ମନୋଜ୍ଞ ବର୍ଣ୍ଣନା ସହିତ ପ୍ରକାଶ କରିଛନ୍ତି:

"ତୁମ ନାଆଁ ସବୁବେଳେ
ସେମାନଙ୍କ ତୁଣ୍ଡରେ ତୁମେ ତ
ରକ୍ଷାକଲ ସେମାନଙ୍କ ନଗରକୁ
ଯେତେବେଳେ ଚିହ୍ନବର୍ଣ୍ଣ ତାର
ଭାସି ଚାଲିଯାଇଥାନ୍ତା ବର୍ଷାରେ
ନଈକୁ,
ସେ ନଈରୁ ଅନ୍ୟ ଏକ ନଈକୁ, ତା'ପରେ ସମୁଦ୍ରକୁ ।
ସେମାନଙ୍କ ଗାଈଗୋରୁ ଆଜିକାଲି ନିର୍ବିଘ୍ନରେ ଚରି
ବେଳବୁଡ଼େ ଫେରି ଆସୁଛନ୍ତି ଗୁହାଳକୁ ।
ବାଳକବାଳିକାମାନେ ନିର୍ଭୟରେ ପହଁରନ୍ତି ପୋଖରୀରେ ଏବଂ
ଜଙ୍ଗଲକୁ ଯାଉଛନ୍ତି ବଣଭୋଜି କରି,
ମୂକ ଲୋକଙ୍କର ପାଟି ଫିଟିଲାଣି, କଦବା କେମିତି
ପଙ୍ଗୁମାନେ ଲଂଘିଲେଣି ଗିରି ।"

**ବ୍ୟକ୍ତି ହୁଏତ ବିସ୍ତାରିତ ଭାବରେ କୌଣସି ବିଷୟରେ ଭାବିଥାଏ, ଅଥଚ ସ୍ୱପ୍ନରେ ତାହା କ୍ଷଣିକ ପାଇଁ ପ୍ରକାଶିତ ହୋଇ ତିରୋହିତ ହୋଇଯାଏ ।**

(ଶ୍ରୀରାଧା, ପୃ.୭)

### ସଂକ୍ଷିପ୍ତକରଣ

ସ୍ୱପ୍ନରେ ଦେଖାଯାଇଥିବା ପ୍ରକାଶ୍ୟ ରୂପକୁ ପ୍ରଚ୍ଛନ୍ନ ରୂପରେ ରୂପାନ୍ତର କରିବାର ତୃତୀୟ କୌଶଳଟି ହେଉଛି ସଂକ୍ଷିପ୍ତକରଣ । ଏହା ନାଟକୀୟତାର ବିପରୀତ ପ୍ରକ୍ରିୟା । ବ୍ୟକ୍ତି ହୁଏତ ବିସ୍ତାରିତ ଭାବରେ କୌଣସି ବିଷୟରେ ଭାବିଥାଏ, ଅଥଚ ସ୍ୱପ୍ନରେ ଯେ କ୍ଷଣିକ ପାଇଁ ପ୍ରକାଶିତ ହୋଇ ତିରୋହିତ ହୋଇଯାଏ । ଖୁବ୍ କମ୍ ସମୟ ପାଇଁ ନିଦ୍ରାରେ ଏହା ପ୍ରଦର୍ଶିତ ହୋଇଥିବାରୁ ଏହାକୁ ଚିହ୍ନଟ କରି ତାହାର ପ୍ରଚ୍ଛନ୍ନ ରୂପ ଜାଣିବା କଷ୍ଟକର ହୁଏ । ଏହାଫଳରେ ବ୍ୟକ୍ତିର ନିଦ୍ରା ସୁରକ୍ଷିତ ରହେ । ମନେକରାଯାଉ, ଗୋଟିଏ ଦରିଦ୍ର ମହିଳା ଏକ ନିଚ୍ଛକ ସ୍ଥାନରେ ଆଳସ୍ୟପରାୟଣ ହୋଇ ବସିରହି ଦିବାନିଦ୍ରାରେ ମଜ୍ଜିରହିଛି । କଳ୍ପନା ଜଗତରେ ବିଚରଣକରି ଚାକଚକ୍ୟପୂର୍ଣ୍ଣ ବେଶଭୂଷା ଭଲ ଖାଦ୍ୟ ଓ ଆକର୍ଷଣୀୟ ବାସଗୃହର ମନୋବିଳାସରେ ନିମଗ୍ନ ରହିଛି । କିନ୍ତୁ ହଠାତ୍ ସଚେତନ ହୋଇ ଅନୁଭବ କରିଛି ଯେ ତା'ର ଦାରିଦ୍ର୍ୟ ଫଳରେ ଏସବୁ ଅସମ୍ଭବ । ସୁତରାଂ ଏ କ୍ଷେତ୍ରରେ ସେ ହୁଏତ ସ୍ୱପ୍ନ ଦେଖିପାରେ ଯେ ଅଳ୍ପ ସମୟ ପାଇଁ ଦୌଡ଼ିକରି ଗୋଟିଏ ସ୍ଥାନକୁ ଯାଉଛି, ଅଥଚ ସେ ଗୋଟିଏ ମୂଲ୍ୟବାନ ସୁନାହାର ପିନ୍ଧିଛି ।

ଆଧୁନିକ କବିତାରେ ମଧ୍ୟ ବିସ୍ତୃତ ଭାବରାଜିର ସଂକ୍ଷିପ୍ତକରଣ ଘଟି ଅଳ୍ପ ଚିତ୍ରକଳ୍ପ ମାଧ୍ୟମରେ ସେ ପ୍ରକାଶିତ ହୋଇପାରେ । କବି ପ୍ରସନ୍ନ କୁମାର ମିଶ୍ରଙ୍କ 'ବେଙ୍ଗ ମା'' କବିତାରେ ବେଙ୍ଗ ମା' ଜଣେ ଦାଦନ ଶ୍ରମିକ ଯିଏ ତା'ର ପତିଙ୍କ ସଂସର୍ଗ ହରାଇଛି । ସେ ପେଟପାଟଣା ପାଇଁ ଅନ୍ୟ କେଉଁ ରାଜ୍ୟକୁ ଯାଇ ଫେରିନାହାନ୍ତି । ଅପେକ୍ଷାମାଣ ପତ୍ନୀର ବ୍ୟାକୁଳତା ଓ ଅନ୍ୱେଷଣ ପ୍ରକ୍ରିୟା ଚମତ୍କାର ଭାବରେ ସଂକ୍ଷିପ୍ତ ଚିତ୍ରକଳ୍ପର ରୂପ ନେଇଛି ।

"ମାତ୍ର ତା' ଆଖି ଦୁଇଟି କରେ ଜକଜକ
ଶୁଖିଲା ବାଉଁଶେ ଉଚ୍ଚା ଆକାଶ-ପ୍ରଦୀପ ।"

(ଏ ପକ୍ଷୀ ଫେରିଆ, ପୃ.୭୪)

### ଗୌଣବିସ୍ତାରଣ

ଫ୍ରଏଡୀୟ ସ୍ୱପ୍ନ ବିଶ୍ଳେଷଣର ଚତୁର୍ଥ କୌଶଳ ଗୌଣବିସ୍ତରଣ । ଏହାର ତାତ୍ପର୍ଯ୍ୟ ଏହିପରି । ଗୋଟିଏ ଗଳ୍ପ ଉପନ୍ୟାସ କିମ୍ବା ନାଟକରେ ଗୋଟିଏ ମୁଖ୍ୟ ବିଷୟବସ୍ତୁ ରହିଥାଏ, ମାତ୍ର ଏହାସହିତ ଏକ କିମ୍ବା ଅଧିକ ଗୌଣ ସାମଗ୍ରୀ ମଧ୍ୟ ରହିଥାଏ । ଠିକ୍ ସେହିପରି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଭାବନାର ଗୋଟିଏ ମୁଖ୍ୟ କଥା ରହିଥାଏ ଏବଂ ତାହା ସହିତ ଅନ୍ୟ କେତୋଟି ଗୌଣ ଭାବନା ସଂଶ୍ଲିଷ୍ଟ ଥାଏ । ମାତ୍ର ସ୍ୱପ୍ନରେ ମୁଖ୍ୟ ଭାବନାଟି ସଂକ୍ଷିପ୍ତ ଭାବରେ (ଅବଶ୍ୟ ଛଦ୍ମ ଭାବରେ) ରହିଥିବା ସ୍ଥଳେ ଗୌଣଭାବନାଟିର ବିସ୍ତାରଣ ଘଟିଥାଏ ।

ସ୍ୱପ୍ନରେ ଦେଖିଥିବା ଚିତ୍ରରାଜି ମଧ୍ୟରେ ଗୌଣ ଭାବନାଟି ବିସ୍ତାରିତ ହୁଏ ଏବଂ ମୁଖ୍ୟ ଭାବନାଟି ସଂକ୍ଷିପ୍ତ ହୋଇଯାଏ । ମନ ସମୀକ୍ଷକମାନେ ଏପରି ସମ୍ଭାବନାକୁ ଆଖିରେ ରଖି ସ୍ୱପ୍ନ-ବିଶ୍ଳେଷଣ କରନ୍ତି ।

କବି ପ୍ରମୋଦ ମହାନ୍ତିଙ୍କ 'ଅନିଷା' କବିତାରେ ପ୍ରେମାତ୍ମକ ସଂଘର୍ଷର ରୂପ, ରସ ଓ ଗନ୍ଧ ମୁଖ୍ୟ ସାମଗ୍ରୀ କିନ୍ତୁ ସଂପ୍ରୀତିର ଇନ୍ଦ୍ରିୟାତୀତ ଅନୁଭବ ମୁଖ୍ୟ ସାମଗ୍ରୀ ନ ହେଲେ ମଧ୍ୟ ଏହା ଏକ ପ୍ରସାରିତ ରୂପରେଖ ନେଇଛି ସୁନ୍ଦର ଚିତ୍ରକଳ୍ପ ମାଧ୍ୟମରେ । କବିଙ୍କ ଭାଷାରେ -

"ମୁଁ ଯେମିତି ସମୁଦ୍ରକୁ ଚାହିଁ ରହିଥିବି
କାଳାନ୍ତର ଧରି ଏକ ମାତ୍ର ଘରଟିଏ,
ତୁମେ
ଅକାଳେ ସକାଳେ
ପିଠଉ ବିନ୍ଦୁଟି ପରି
ଦୂର ଦିଗନ୍ତର ପାଲଟଣା ହୁଲି ଡଙ୍ଗାଟିଏ ।"

(ଝଂକାର, ଅକ୍ଟୋବର ୧୯୮୨, ପୃ.୬୪୧)

ପୂର୍ବରୁ ସୂଚନା ଦିଆଯାଇଛି ଯେ ସିଗମଣ୍ଡ୍ ଫ୍ରଏଡଙ୍କ ସ୍ୱପ୍ନ-ବିଶ୍ଳେଷଣ ଶୈଳୀ ମନସ୍ତାତ୍ତ୍ୱିକ ଗବେଷଣାର ଏକ ମୁଖ୍ୟ ସ୍ରୋତ ହେଲେ ମଧ୍ୟ ଏହା ଏକମାତ୍ର ତାତ୍ତ୍ୱିକ ବିଚାର ନୁହେଁ । ମନସମୀକ୍ଷକମାନଙ୍କୁ ସହାୟତା ଦେବା ପାଇଁ ଫ୍ରଏଡ୍ ନିଜର ଅନୁଧ୍ୟାନ ଓ ଅନୁଭବ ଉପରେ ନିର୍ଭରକରି ପ୍ରତୀକ ସମୂହର ଏକ ତାଲିକା ଦେଇଥିଲେ । ଦୃଷ୍ଟାନ୍ତ ସ୍ୱରୂପ, ଏହି ତାଲିକାରେ 'ସର୍ପ' ହେଉଛି ପୁରୁଷ ଯୌନାଙ୍ଗ ଏବଂ 'ନୌକା' ନାରୀର ଯୌନାଙ୍ଗ । ପ୍ରତୀକସମୂହର ତାଲିକା ସତ୍ତ୍ୱେ ନିଜର ଅନୁଭବ ଓ ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀକୁ ବିଚାରକରି ମନସମୀକ୍ଷକମାନେ ପ୍ରତୀକର ଆବିଷ୍କାର କରିପାରନ୍ତି ବୋଲି ପରାମର୍ଶ ଦେଇଥିଲେ । ଫ୍ରଏଡ୍ଙ୍କ ତଥ୍ୟର ବିଶାଳତା ସତ୍ତ୍ୱେ ପରବର୍ତ୍ତୀ ପର୍ଯ୍ୟାୟରେ ଏକାଧିକ ଚିନ୍ତନ-ସ୍ରୋତର ବିକାଶ ଘଟିଥିଲା । ସେସବୁର ପର୍ଯ୍ୟାପ୍ତ ଆଲୋଚନା ଗୋଟିଏ ପ୍ରବନ୍ଧର କଳେବର ମଧ୍ୟରେ ସମ୍ଭବ ନ ହେଲେ ମଧ୍ୟ ଦୁଇଟିର ପରିଚିତି ଖୁବ୍ ଉପାଦେୟ । ଦୁଇଜଣ ଚିନ୍ତାନାୟକ ହେଉଛନ୍ତି, କାର୍ଲ ୟୁଙ୍ଗ ଓ ଭିକ୍ଟର ଫ୍ରାଙ୍କଲ ।

**ସ୍ୱପ୍ନରେ ଦେଖିଥିବା ଚିତ୍ରରାଜି ମଧ୍ୟରେ ଗୌଣ ଭାବନାଟି ବିସ୍ତାରିତ ହୁଏ ଏବଂ ମୁଖ୍ୟ ଭାବନାଟି ସଂକ୍ଷିପ୍ତ ହୋଇଯାଏ ।**

## ୟୁଙ୍ଗ ଓ ସମଷ୍ଟିଗତ ଚେତନା

କାର୍ଲ ୟୁଙ୍ଗ ଗହନ ମନସ୍ତତ୍ତ୍ୱର ଅନ୍ୟତମ ନାୟକ । ଫ୍ରଏଡ୍ଙ୍କର ଯେଉଁ ଦୁଇଜଣ ଅନ୍ତରଙ୍ଗ ଶିଷ୍ୟ ଥିଲେ, ସେମାନଙ୍କ ମଧ୍ୟରୁ କାର୍ଲ ୟୁଙ୍ଗ ଅନ୍ୟତମ (ଦ୍ୱିତୀୟ ଶିଷ୍ୟ: ଆଲ୍‌ଫ୍ରେଡ୍ ଆଡଲର୍) । ଫ୍ରଏଡ୍ଙ୍କର ବିଶ୍ୱାସ ଥିଲା ଯେ ଏ ଦୁଇଜଣ ଶିଷ୍ୟ ତାଙ୍କର ମନସମୀକ୍ଷା ଆନ୍ଦୋଳନକୁ ଆଗେଇନେବେ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବିଭେଦ ମୁଣ୍ଡ ଟେକିଲା । ଫ୍ରଏଡ୍ ବ୍ୟକ୍ତିଗତ 'ଅଚେତନ'ର ଗୁରୁତ୍ୱ ଦର୍ଶାଉଥିବା ସ୍ଥଳେ ୟୁଙ୍ଗ୍ 'ସମଷ୍ଟିଗତ ଅଚେତନ'ର ପ୍ରାଧାନ୍ୟ ସ୍ୱୀକାରକଲେ ।

ଲକ୍ଷ୍ୟ କରିବାର କଥା ଯେ ଫ୍ରଏଡ୍ ଯେଉଁ 'ଅଚେତନ'ର କଥା କହୁଥିଲେ, ତାହା ମୁଖ୍ୟତଃ ବ୍ୟକ୍ତିର ଅବଦମିତ ଇଚ୍ଛା ଓ ଅପୂରିତ କାମନା ବାସନାକୁ ନେଇ ଗଠିତ । କିନ୍ତୁ କାର୍ଲ ୟୁଙ୍ଗଙ୍କ ମତରେ ଅଚେତନ ମନର ଗଠନ ହେଉଛି ସମଷ୍ଟିଗତ ଚେତନା । ଆମେ ସଂଗ୍ରହାଳୟକୁ ଗଲେ ଯେପରି ବହୁ ଯୁଗର ଓ ବହୁ ସ୍ଥାନର ସଂଗୃହୀତ ସାମଗ୍ରୀ ଦେଖିଥାଉ, ସେହିପରି ମନୁଷ୍ୟର ମନ ଓ ମସ୍ତିଷ୍କ ବହୁପିଢ଼ି ଓ ବହୁକାଳର ସଂଗୃହୀତ ସାମଗ୍ରୀ । ସୁତରାଂ ସ୍ୱପ୍ନରେ ମନୁଷ୍ୟ ମନର ଯେଉଁ ପ୍ରତିଫଳନ ଘଟିଥାଏ, ତାହା ବ୍ୟକ୍ତିନିଷ୍ଠ ହୋଇ ଗୋଷ୍ଠୀଗତ ହେବା ସ୍ୱାଭାବିକ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ସ୍ୱପ୍ନରେ ସାପଟିଏ ଦେଖିଲେ ତାହା ଯୌନାଙ୍ଗର ପ୍ରତୀକ ବୋଲି ଫ୍ରଏଡୀୟମାନେ ବ୍ୟାଖ୍ୟା କରୁଥିଲେ । ମାତ୍ର ୟୁଙ୍ଗଙ୍କ ମତରେ ଏହା ଯୌନ କାମନାର ପ୍ରତିଫଳନ ନୁହେଁ; ଏଥିରେ ପ୍ରତିବିମ୍ବିତ ହେଉଛି ପୌରୁଷର ଅଭିଳାଷ । ସର୍ପ ପୁରୁଷତ୍ୱର ପ୍ରତୀକ ହିସାବରେ ବହୁ ସମାଜରେ ସର୍ପପୂଜାର ପରମ୍ପରା ରହିଛି । ସୁତରାଂ ଏହାକୁ ଯୌନଲିପ୍ସାର ସୂଚକ ରୂପେ ଗ୍ରହଣ ନକରି ପୌରୁଷର ଅଭିଳାଷ ରୂପେ ଚିତ୍ରଣ କରାଯିବା ଉଚିତ ।

ଆଧୁନିକ କବିତାରେ ସାମୂହିକ ଚେତନା ବହୁ ସ୍ଥଳରେ ପ୍ରତିବିମ୍ବିତ । ଫ୍ରଏଡ୍ ଯେଉଁ ଯୌନଲିପ୍ସା ଓ ଆକ୍ରମଣାତ୍ମକ ମନୋଭାବର କଥା ବ୍ୟକ୍ତିଗତ ସ୍ତରରେ କହିଥିଲେ, ତାହାର ଗୋଷ୍ଠୀଗତ ରୂପ ମାନବୀୟ ସ୍ଥିତିରେ କିପରି ପ୍ରକାଶ ପାଉଛି ତାହାର ସୁନ୍ଦର ରୂପାୟନ ଘଟିଛି ପ୍ରଖ୍ୟାତ କବି

ରମାକାନ୍ତ ରଥଙ୍କ 'ଲଣ୍ଡନ' କବିତାରେ ।

"ଏ ସମସ୍ତ ଏକାକାର ଏ ଧାତବ ପରିବେଷ୍ଟନୀରେ
ଏ କଲେଇଛଡ଼ା ଟିଣ ପେଟତଳେ ଅଗ୍ନିର ସମୁଦ୍ର
ଢେଉଭାଙ୍ଗି ଜଳୁଅଛି ଭୟାନକ କୃଷ୍ଣ ରଜନୀରେ ।
ନିଆଁ ତଳେ ପୋଷା ମାନି, ମାନି ଏଇ ଟିଣର ପରିଧି
ସର୍କସର ବାଘପରି ଏ ଦୁର୍ଦ୍ଦାନ୍ତ ନିଆଁ ସୁନାପିଲା ।

x x x

ତମେ କେତେ ଦେଖିପାର ପ୍ରଜ୍ୱଳିତ ଅସ୍ତିତ୍ୱ ମୋହର
ଅନୁମାନ କରିପାର, ମୁଁ ଜଳୁଛି ଓ ଜଳୁଛି ତୀବ୍ର ଦରଜରେ
ମିଡିୟମ ଧୋତି ଏବଂ ଇସ୍ତିକରା ଅଧା କାମିଜରେ ।
(କେତେ ଦିନର, ପୃ-୪୩)

ସାମୂହିକ ଜୀବନର ସ୍ଥିତି ସଂପର୍କିତ କ୍ରୋଧ ଓ ଅହମିକାର ମନୋଜ୍ଞ ରୂପାୟନ ଏକ ବ୍ୟକ୍ତିସର୍ବସ୍ୱ ଅନୁଭବ ନୁହେଁ, ଏହା ଏକ ସମଷ୍ଟିଗତ ଚେତନାର ପ୍ରତିଫଳନ ।

ୟୁଙ୍ଗଙ୍କ ସମଷ୍ଟିଗତ ଚେତନା ଆଧାରିତ ସ୍ୱପ୍ନ-ବିଶ୍ଳେଷଣ ବ୍ୟତୀତ ଆଉଗୋଟିଏ ଦୃଷ୍ଟିଭଙ୍ଗୀ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ହେଉଛି ଭିକ୍ଟର ଫ୍ରାଙ୍କଲଙ୍କ ସ୍ଥିତଧର୍ମୀ ବିଶ୍ଳେଷଣ ।

**କେବଳ ପ୍ରବୃତ୍ତିଗତ କାମନା ବାସନା ସ୍ୱପ୍ନର ସାମଗ୍ରୀ ନୁହେଁ, ସେଥିରେ ଆଧାତ୍ମିକତାର ବିଭିନ୍ନ ଦିଗ ମଧ୍ୟ ପ୍ରତିବିମ୍ବିତ ହୋଇପାରେ ।**

## ସ୍ଥିତିବାଦୀ ବିଶ୍ଳେଷଣ

ସ୍ୱପ୍ନର ବିଶ୍ଳେଷଣ ପରିପ୍ରେକ୍ଷୀରେ ଅନ୍ୟ ଗୋଟିଏ ଦୃଷ୍ଟିଭଙ୍ଗୀ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । କପ ହେଉଛି ଭିକ୍ଟର ଫ୍ରାଙ୍କଲଙ୍କର ସ୍ଥିତିବାଦୀ ସମୀକ୍ଷା । ଫ୍ରାଙ୍କଲ୍ ଇହୁଦି ବଂଶର ଥିଲେ ଏବଂ ସେ ହିଟଲରଙ୍କ ନାରକୀୟ ମନୁଷ୍ୟ ଶିବିରରେ / ଅସଜଇଜ୍ ଶିବିରରେ ତିନିବର୍ଷରୁ ଅଧିକ ସମୟ କାଟିଥିଲେ । ପେସା ଦୃଷ୍ଟିରୁ ସେ ଥିଲେ ମନୋବିଜ୍ଞାନୀ ଓ ସ୍ନାୟୁବିଜ୍ଞାନୀ । ତାଙ୍କର ସ୍ଥିତିବାଦୀ ସାହିତ୍ୟ ରଚନା ମଧ୍ୟ ରହିଥିଲା । ଶିବିରରୁ ମୁକ୍ତ ହେବା ପରେ ମନୁଷ୍ୟଙ୍କୁ ବିଷାଦମୁକ୍ତ ରଖିବାର ବ୍ରତ ନେଇ ସେ ଭିଏନାରେ ଲୋଗୋଥେରାପି ବା ଅର୍ଥପୂର୍ଣ୍ଣତାର ଚିକିତ୍ସାକେନ୍ଦ୍ର ସ୍ଥାପନ କଲେ ।

ଫ୍ରାଙ୍କଲ୍ ଫ୍ରଏଡ୍‌ଙ୍କ ମତର ପୂର୍ଣ୍ଣ ସମର୍ଥନ କରୁନଥିଲେ । କେବଳ ପ୍ରବୃତ୍ତିଗତ ଇଚ୍ଛା / ଯୌନଲିପ୍ସା ଓ ଆକ୍ରମଣାତ୍ମକ ମନୋଭାବ ଅବଦମିତ ହୁଏ ବୋଲି ଫ୍ରଏଡ୍ ବିଶ୍ୱାସ କରୁଥିଲେ । ଅନ୍ୟପକ୍ଷରେ ଫ୍ରାଙ୍କଲଙ୍କର ବିଶ୍ୱାସ ଥିଲା ଯେ ମନୁଷ୍ୟର ଆଧାତ୍ମିକ ଚିନ୍ତନ ମଧ୍ୟ ଗଭୀର ହେଲେ ଏହା ଅବଚେତନ ସ୍ତରକୁ ଯାଇ ସ୍ୱପ୍ନରେ ପ୍ରତିଫଳିତ ହୋଇପାରେ । ଜଣେ ମହିଳା ସ୍ୱପ୍ନରେ ଗୋଟିଏ ଛୋଟ ଝିଅ ଗୀର୍ଜାକୁ ବାଟ ଦେଖାଉଥିବାର ଦୃଶ୍ୟ ସରଳତା ଓ ଧର୍ମୀୟ ଭାବନାର ପ୍ରାଧାନ୍ୟ ସୂଚିତ କରିପାରେ । ଧର୍ମୀୟ ଜୀବନ ପ୍ରତି ଏହା ଆଗ୍ରହର ସୂଚନା ଦେଇପାରେ ।

କେବଳ ପ୍ରବୃତ୍ତିଗତ କାମନା ବାସନା ସ୍ୱପ୍ନର ସାମଗ୍ରୀ ନୁହେଁ, ଏଥିରେ ଆଧାତ୍ମିକତାର ବିଭିନ୍ନ ଦିଗ ମଧ୍ୟ ପ୍ରତିବିମ୍ବିତ ହୋଇପାରେ । ଏହାସହିତ ସମାନ୍ତରତା ରକ୍ଷାକରି ଓଡ଼ିଆ କବିତାରେ ଆଧାତ୍ମିକତାର ସ୍ୱର ସଜ୍ଜିତ । ପ୍ରଖ୍ୟାତ କବି ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' କବିତାର ଅନେକ ସ୍ଥଳରେ ଏପରି ରୂପକଳ୍ପ ଓ ଚିତ୍ରକଳ୍ପ ପରିଦୃଷ୍ଟ ହୁଏ । ଆଧାତ୍ମିକ ଦ୍ୱନ୍ଦ୍ୱକୁ ରୂପାୟିତ କରିବା ପାଇଁ କବି ପୌରାଣିକ ଚରିତ୍ରର ଉପଯୋଗ କରିଛନ୍ତି । କବିଙ୍କ ଭାଷାରେ -

"ହେ ଅକ୍ରୂର, ହେ ଉଦ୍ଧବ ସଖା
ମୋର ପ୍ରାଣର ସୋଦର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ'
ତୁମପରି ବୋଝ ।"
(କବିତା ସମଗ୍ର, କାଳପୁରୁଷ, ପୃ.୭୨)

ଶେଷ ବକ୍ତବ୍ୟ ରୂପେ କୁହାଯାଇପାରେ ଯେ ଆଧୁନିକ ଓଡ଼ିଆ କବିତା ଓ ସ୍ୱପ୍ନ-ବିଶ୍ଳେଷଣ ଭଙ୍ଗୀ ମଧ୍ୟରେ ଏକ ସମାନ୍ତରତା ରହିଛି । ଏହି ଶୈଳୀ ସହିତ ପରିଚିତି ଆମର କବିତାପାଠକୁ ଅଧିକ ରସବନ୍ତ କରିବ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ କବିମାନେ ଏ ସମସ୍ତ ପ୍ରତୀକର ବଳୟ ମଧ୍ୟରେ ସୀମାବଦ୍ଧ । ତଥାପି ମନସ୍ତାତ୍ତ୍ୱିକ ବିଚାର ଓ ଆଲୋଚନା ଆମକୁ ସର୍ଜ୍ଜନ ପ୍ରକ୍ରିୟାରେ ଅଧିକ ଅଗ୍ରସର କରିବ, ଏପରି ଆଶା ବେଶ୍ ସକାରାତ୍ମକ ।

(ପ୍ରବନ୍ଧଟିର ପ୍ରସ୍ତୁତି ପର୍ବରେ ବନ୍ଧୁ କବି ଶ୍ରୀକାନ୍ତ ମହାନ୍ତିଙ୍କ ସହାୟତା ପାଇଁ କୃତଜ୍ଞତା ଜଣାଉଛି ।)

□□

ଲେଖକଙ୍କ ଇ-ମେଲ୍ ଠିକଣା:
fakirmohan@xub.edu.in

ଧାରାବାହିକ ବ୍ୟଙ୍ଗ

# ତାତୁଣିଆଁ ସମ୍ବର୍ଦ୍ଧନା



ଅଜୟ କୁମାର ମିଶ୍ର

ହାତରେ କେବେ ଘଣ୍ଟା ବନ୍ଧାହେଇଥିବା କେହି ଦେଖିନାହାନ୍ତି, ମାତ୍ର ସମୟ ଆଗରେ ସେ ଧାଏଁ । ହାତରେ ଘଣ୍ଟା ନ ବାନ୍ଧି, ସମୟକୁ ପଛରେ ପକାଉଥିବାରୁ ଲୋକଦୃଷ୍ଟିରେ ସେ ଘଣ୍ଟୁଆ । ସାଇକେଲ୍, ବାଇକ୍, କାର୍, ଟ୍ରେନ୍, ପ୍ଲେନ୍‌ଗୁଡ଼ିକର ଗତିକୁ ପଛରେ ପକାଇଦିଏ ଘଣ୍ଟୁର ମନର ବେଗ । ମନ ସ୍ପିଡ୍ ନେଇ ଘଣ୍ଟୁର ମୁଣ୍ଡଟା କାମକରେ । ପାଠକୁ ଗୁଲିମାରି, ଘଣ୍ଟୁ ଶାଠକୁ ପୂରା ନିଜର ବୁଦ୍ଧି ରିମୋଟ୍‌ରେ ଭରିଦେଇ କଣ୍ଟ୍ରୋଲ୍ କରିଦେଇଛି କେତେକାଳୁ । ତା'ର ସବୁ କାମ ଚକଚକିଆ ଆଉ ଜକଜକିଆ, ଚମତକାରିଆ । ଖିଆପିଆ, ବସାଉଠା, ଯା'ଆସ ବେଳେ ବି ତା'ମୁଣ୍ଡ କ'ଣ କ'ଣ କରି କେତେକାମ କରିଯାଏ । ଦୈନିକ କାଗଜ ପଢୁପଢୁ ସେ ଖବର ଦୁଃଖବରର ଗୋଟେ ଗୋଟେ ରୁମେ ପ୍ରମାଣ ଖିଅକୁ ଟାଣି ନିଜ କାରନାମାରେ ଢୁମ କରିନିଏ ।




**ହରି ଶବଦ**

ସେଦିନର ଟ୍ରେନ୍ ଯାତ୍ରା କାଳରେ କାଗଜରେ ଆଖି ପକାଉ ପକାଉ ଟିକେ ଢୁଳେଇ ପଡ଼ିଛି । ସହଯାତ୍ରୀ ଜଣେ ପ୍ରୌଢ଼ରୁ ବହକା ଓ ବୁଢ଼ାରୁ ଅଳପ ବଅସିଆ ଭଦରଲୋକଙ୍କ ପାଖକୁ ଆସୁଥିବା କଲ୍‌ର 'ହରିହରି' ଶବଦ ଶୁଣି ଘଣ୍ଟୁର ଢୁଳେଇବା ସେଇଠି ଥପ୍ । କାନେଇଲା ସେ, ଆମଦାନୀ କଥା ତ ଶୁଣାଯାଉନଥିଲା, ଶୁଭୁଥିଲା କେବଳ ରପ୍ତାନୀ ବାର୍ତ୍ତା । ବାର୍ତ୍ତା ତ ନୁହେଁ, ଏକ ପ୍ରକାରର ନିଉଛାଳିଆ ନମନୀୟତା, ନେହୁରା ହେବାର ଚୂଡ଼ାନ୍ତ ଡିଗ୍ରୀରେ, ଉତ୍ତର ଯାଉଥିଲା, 'ଆପଣ ଅଚିନ୍ତାରେ ରହନ୍ତୁ, ଆପଣଙ୍କ ସନ୍ଦେହକୁ ଡଷ୍ଟ୍‌ବିନ୍‌ରେ ଫୋପାଡ଼ିଦିଅନ୍ତୁ । ମତେ ଯେମିତି ହେଲେ ଏଇ ପୁରସ୍କାରଟା କରେଇ ଦିଅନ୍ତୁ, ଭଲ ସମ୍ବର୍ଦ୍ଧନାଟାଏ ଯେମିତି କରାଇବେ । ମଞ୍ଚଖର୍ଚ୍ଚା, ଖାଦ୍ୟପେୟ, ଶ୍ରୋତାଙ୍କ ଖାଇବା ପୁଡ଼ିଆ, ମାଳ, ମାଇକ୍, ମାନପତ୍ର, ଅଙ୍ଗବସ୍ତ୍ର, ତାଳିଆ ଶ୍ରୋତାଙ୍କର ସମସ୍ତ ପ୍ରାପ୍ୟ ସହ ଆପଣଙ୍କ ପାଇଁ ସ୍ୱତନ୍ତ୍ର ଦେୟ ନିଶ୍ଚୟ ଦେବି । ଟଙ୍କାଟିଏ ବି ଊଣା ହେବନି ଆଜ୍ଞା । ଏ ବଅସରେ ଦି'ଚାରି ଥାନରେ ଏସବୁ ନ ପାଇଲେ, ଟାଣ ଖରାରେ ମୋ' ହୃଦ ପୋଖରୀଟା ଶୁଖାଶୁଖା ହେଇଯାଉଛି । ଛାତି ପାଖ ପଙ୍କୁଆ ଥାନ ଫାଟ ତ ଆଁ ମେଲା କଲାଣି । ଆଉ ବା କେତେଦିନ ?'

ଓଃ, ମିଳିଗଲା ଖିଅ ଘଣ୍ଟୁକୁ । ଆରେ ଏମିତିଆ କେତେ ଲୋକ ତ ନିଛିପରିଆ ଭାବରେ ମାନପତ୍ର ମାନ ହାତେଇ ନିଜ ସଫଳତାର ଯୋଡ଼ିନାଗରା ପିଟୁଛନ୍ତି, ପାରିବାପଣର ମହୁରି ବଜେଇ ବଜେଇ ଚେମେଣିକୁ ନବନାୟିକା, କୁବୁଜାକୁ ମାର୍କା ହିରୋଇନ୍, ବାଙ୍କାକୁ ବଦାନ୍ୟ ବାଙ୍କନିଧି, ଗାରିଆଗାରି କରୁଆକୁ ମହାନ ଚିତ୍ରଶିଳ୍ପୀ, ଏଠିସେଠି ଗୋଡ଼ କୁଦଉଥିବା ନାରୀକି ମହାନ୍ ନର୍ତ୍ତକୀ, ବେତାଳିଆ ବାଜାବାଲାକୁ ବାଦ୍ୟନିଧି ଉପାଧି ଦେଇ ସଜେଇ ଦେଉଛନ୍ତି । ବାଃ, ବାଃରେ ସଂସ୍କୃତି । ଆମ ଓଡ଼ିଶାରେ ସବୁଘଟେ, ଓଡ଼ିଆ ଅକ୍ଷର ନ ପଢ଼ି ଇଂରେଜୀ ଅକ୍ଷରରେ ବି ଓଡ଼ିଆ ଭାଷଣ ପାଠ କରାଯିବା, ଲୋକଙ୍କ ଦିହସୁହା ହେଇଗଲାଣି । ଟିକିଏ ମଗଜ ଖେଳେଇ, ଘଣ୍ଟୁ ଭାବିଲା ଯେ ଏଇଠି ତ ଶିକାର, ଖାଲି ଥୋପ ଗିଳେଇଦେଲେ, ଏ ମାନପତ୍ର ତାତୁଣିଆଟା ନିଶ୍ଚେ ଖାଳେଇରେ ପଶିବ । ଶହେ ଶହେରେ ଥୟ ।

ମାନପତ୍ର ତାତୁଣିଆଙ୍କୁ ସମଗ୍ର ବଡ଼ିଟାକୁ ତା' ମାଇକ୍ରୋସ୍କୋପିଆ ଆଖିରେ ପୂରା ସ୍କାନ୍ କରିଦେଇ, ଘଣ୍ଟୁ ନିଜେ ଫୋନ୍ କାନପାଖକୁ ନେଇ, ସେପଟ ଆଡ଼କୁ ଶୁଣେଇଲା – ଅତି ଶିଷ୍ଟତାଫେଣ୍ଟା ଗାମ୍ଭୀର୍ଯ୍ୟରେ । 'ନମସ୍କାର !

ଆପଣଙ୍କ ନାମ ଆମ କମିଟିରେ ବାରବାର ଉଠିଛି । ହେଲେ ତ୍ରିନାଥିଆ ତିନିଜଣ ଟାଣୁଆ ମେମ୍ବର ଘୋର କଟାଳକଲେ । ବହୁ କଷ୍ଟରେ ସେମାନଙ୍କୁ ମୁଁ ମନେଇମାନେଇଁ ନିଜପଟିଆ କରିଛି । ମୋ' ପ୍ରଭାବର ହାଲୋଜିନ୍ ନିକଟରେ ତ୍ରିନାଥଙ୍କ ଡିବିରିଆ ଆଲୁଅ ଅତି ଝାପ୍‌ସା ହେଇଗଲା । ଆପଣ ଏବେ ନାହିରେ ତେଲ ପକେଇ ନିଧଡ଼କ ରହନ୍ତୁ, ଏଥର ସମ୍ବର୍ଦ୍ଧନାଟା ଆପଣ ହିଁ ପାଇବେ । ହଁ, ହଁ କ'ଣ କହିଲେ ଆଜ୍ଞା ! ଯୋଗ୍ୟତା ଫୋଗ୍ୟତାର ସବୁ ଭୋଟ ତମ ଯାଏ ଯିବ ବୋଲି ଜାଣ । କିନ୍ତୁ ଫି' ଟିକେ ଟାଣ ପଡ଼ିବ ଆଜ୍ଞା । ଏତେବଡ଼ ମଞ୍ଚରେ ବହୁ ଲୋକଙ୍କ ଆଗରେ ଆପଣ ସମ୍ବର୍ଦ୍ଧିତ ହେବେନା । ପରେ କଥାହେବି, ନମସ୍କାର ।'

## କେଉଁଠି ବୋଧେ ଦେଖିଛି

ସମ୍ବର୍ଦ୍ଧନା ତାତୁଣିଆଁ ସହଯାତ୍ରୀ, ଭାଗବତିଆ ଭଗତଠାରୁ ଆଉ ଗାଢ଼ା ଭଗତିରେ ଶୁଣୁଥିଲେ ଘଣ୍ଟୁଙ୍କ ଉତ୍ତର । ମନେମନେ ଭାବୁଥିଲେ, ଗଙ୍ଗା କୂଳରେ ଥାଇଛି ଯେତେବେଳେ, ଏଇଠି ବୁଡ଼ଟେ ଦେବିନା । ତେଣୁ ବାବୁ, ନିଜ ବଅସ ଭୁଲିଯାଇ, ଅତି କାକୁର୍ତ୍ତିଆ ଚାହାଣି ଢାଳିଲେ ଘଣ୍ଟୁଆଡ଼େ । ଘଣ୍ଟୁ ବି ସବୁ ମିଛଭେଇ, କିଛି ନ ଜାଣିବା ଶୈଳୀରେ ଗମ୍ଭୀର । ତାତୁଣିଆଁ ଭାଷିଲେ – 'କିଛି ମାଇଣ୍ଡ୍ କରିବେନି, ଆପଣଙ୍କୁ ଆଗରୁ କେଉଁଠି ବୋଧେ ଦେଖିଛି ନା କ'ଣ ? ଆପଣ ଜଣେ ନିଷ୍ପାପର ମଣିଷ । ଆପଣଙ୍କ ଶୁଭ ନାମଟା ?'

ଏତିକିକୁ ଥିଲା ଘଣ୍ଟୁର ଅପେକ୍ଷା ! ତାତୁଣିଆଁର ରସାୟନ ମ୍ୟାଚ୍ କରିଗଲା । ଉତ୍ତରିଲେ ଅତି ଶିଷ୍ଟରେ – "ଆଜ୍ଞା ! ବିଭିନ୍ନ କାର୍ଯ୍ୟରେ ମୁଁ ବ୍ୟସ୍ତ । ମୋ' ଦେହରେ ରୁମ ଯେତିକି, ତା'ଠାରୁ ଅଧିକ ସଭାସମିତିରେ ମୋ'ର ଗାଢ଼ା ଗାଢ଼ା ନାନା ଭୂମିକା । କେଉଁଠି ପ୍ରେସିଡେଣ୍ଟ ତ କେଉଁଠି ଭାଇସ୍, କେଉଁଠି ସଂପାଦକ ତ କେଉଁଠି ସହ, ଆଉ କେତେ ଥାନରେ ମାନନୀୟ ସଦସ୍ୟ । ସବୁଠି ମୋ' ପ୍ରଭାବ । ହୁଏତ କେଉଁଠି ଆପଣଙ୍କ ନଜର ପଡ଼ିଥାଇପାରେ । ତେବେ ଆପଣଙ୍କ ପରିଚୟଟା ସଂକ୍ଷେପରେ ଦେଲେ, ଧନ୍ୟ ହୁଅନ୍ତି ।'

ତାତୁଣିଆଁ ମନେମନେ ଉଚ୍ଛୁଳି ଉଠୁଥିଲେ । ସର୍ବ ସଂକ୍ଷେପରେ ଉତ୍ତର ଯାହା ରଖିଲେ, ସେଥିରୁ ଘଣ୍ଟୁ ମାନିନେଲେ ଯେ ଡାକ୍ତରୀ ବୃତ୍ତିରେ ଜୀବନ କଟେଇଛନ୍ତି । ପୂଜ, ରକ୍ତ, ହାଡ଼ ଚିପିଚିପି, ବହୁ ରୋଗୀ ଶୋଷଣ ଧନ ତାଙ୍କ ଅମାରରେ ସାଇତିଛନ୍ତି । ଡାକ୍ତରୀ ବିଦ୍ୟାରେ ରହି ସେ କିଛିକିଛି ନିଜ ଲେଖାକୁ କାହାକୁ କାହାକୁ କୁହାପୋଛା କରି ନିଜ ଟଙ୍କାରେ ଏଣୁତେଣୁ କେତେଖଣ୍ଡ ବହି ଛପେଇ, ବଣ୍ଟନରେ ବ୍ୟସ୍ତ । ଏବେ ସେ ମୂଳବିଦ୍ୟା ନୁହେଁ, ସାଇଡ଼୍‌ବିଦ୍ୟା ସାହିତ୍ୟରେ କିଛି ମାନପତ୍ର, ସମ୍ବର୍ଦ୍ଧନା ପାଇଁ ଆଗ୍ରହୀ । ଏମିତିକି ଅତୀତରେ କେଇଟା ନିର୍ଦ୍ଦିଷ୍ଟ ପୁରସ୍କାର ପାଇବା ଆଶାରେ କେହିକେହି ସାହିତ୍ୟ ଠିକାଦାରିଆ ଓ ହୋଲସେଲିଆଙ୍କୁ ଅଗ୍ରିମ ଅର୍ଥରାଶି ଦେଇ ହତାଶ ହେଇଛନ୍ତି । ଏବେ ସେ ଦେବାକୁ ପ୍ରସ୍ତୁତ; ମାତ୍ର ଠିକ୍ ନେବାବାଲା ତାଙ୍କ ଭାଗ୍ୟକୁ ଅଜୁଟଣ ହେତୁ, ତାଙ୍କ ଆଶା ପାଣିଫୋଟକା ଭଳି ମିଳେଇ ଯାଉଛି ।


**ଅତୀତରେ କେଇଟା ନିର୍ଦ୍ଦିଷ୍ଟ ପୁରସ୍କାର ପାଇବା ଆଶାରେ କେହିକେହି ସାହିତ୍ୟ ଠିକାଦାରିଆଙ୍କୁ ଅଗ୍ରିମ ଅର୍ଥରାଶି ଦେଇ ହତାଶ ହେଇଛନ୍ତି ।**

ପ୍ରାର୍ଥୀର ବିକଳିଆ ମୁହଁ ଦେଖି ଜଉତିଷ ତାକୁ ଛିନଛତରିଆ କରିବା ଭଳିଆ, ଝୁଅ ବାପାର ଆତୁରିଆପଣ ଦେଖି ମଧ୍ୟସ୍ଥି ତାକୁ କିଲିବିଲିଆ କଲା ଭଳିଆ, ମୂର୍ଖ ଛାତ୍ରର ଗାର୍ଡିଆନଙ୍କୁ ଟ୍ୟୁସନ୍ ମାଷ୍ଟ୍ର ଘାଣ୍ଟଣ କରିବା ଭଳିଆ, ନୂଆ ନାୟିକାର ପ୍ରବେଶିକା କାଳରେ ଡିରେକ୍ଟର ବୋଲାଉଥିବା ସବ୍ ଜାନ୍‌ତା ଲୋକଟି ତା' ସାରା ଦେହ ପୋଖରୀରେ ଆଖି ପହଁରେଇବା ଭଳିଆ, ଘଣ୍ଟୁ ଏଥର ତାତୁଣିଆଁଙ୍କ ସହ ବିବାଦୀୟ ଦୋ'ସମ୍ଭାଳି ପ୍ଲଟ୍‌ରେ ଡାଉକାଅମିନ ମାପ କଲାଭଳିଆ, ଅତି ମପାଚୁପାରେ କଥା ଆରମ୍ଭିଲା ।

## ଦେଶର ବରପୁତ୍ର

ଆଜ୍ଞା ! ଆପଣ ଏ ଦେଶର ଜଣେ ବରପୁତ୍ର । ଆପଣ ଯାହା କରିଛନ୍ତି, ସେମିତି କାମ ଅନ୍ୟତ୍ର ସନ୍ଧିନିବା ବିରଳ । ଆପଣ ଜଣେ ଚିକିତ୍ସକ ଓ ଜଣେ କବି, ସାହିତ୍ୟିକ, ଲେଖକ । ଇଂଜେକ୍‌ସନ୍ ସିରିଂଜ୍‌ରେ ମେଡିସିନ୍ ଲେଖେଇ ଆପଣ ମାଲାଡ଼ି ଦେଖିଛନ୍ତି, କଲମ ମୁନରେ ଆପଣ ମେଲୋଡି ବି ଦେଇଛନ୍ତି । ମାଲାଡି ଆଉ ମେଲୋଡିର ଯୁଗଳ କାରିଗର ଆପଣ । ଅଥଚ ଏ ହତଭାଗ୍ୟ ରାଜ୍ୟ ଆପଣଙ୍କ ପ୍ରତିଭାକୁ ଏଯାଏଁ ଚୂନମାରି ଚିହ୍ନଟ କରିପାରିଲା ନାହିଁ । ଏ ଜାତିର ଏଇଟା ଘନ ବଦଭ୍ୟାସ । ଜାତୀୟ ସ୍ତରରେ ଆପଣଙ୍କୁ ଘରୁ ବା କ୍ୱାଟରରୁ ଡାକିନେଇ

ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯିବା କଥା । ଅହୋ ଦୁର୍ଭାଗ୍ୟ ! ଏଯାଏ ସେ କାମ ନା ରାଜ୍ୟ, ନା ଜାତି – କେହି ବି କରିପାରିଲେ ନାହିଁ । ଭରସା ରଖନ୍ତୁ ଆଜ୍ଞା ! ଶାବଳ ହାରିଯିବା କାମକୁ ଛୁଞ୍ଚି ବି ସାଧି ଦେଇପାରେ । ଏମନ୍ତ ତୈଳାକ୍ତ ନୁହେଁ, ବରଂ ଘୃତାକ୍ତ, କାଷ୍ଟ୍ରୋଅଏଲାକ୍ତ, ସଫା ମୋବିଲକୁ ଲୁବ୍ରିକାଣ୍ଟ୍ ମାନ, ହୋମିଓପାଥିକିଆ ଡାକ୍ତରର କଳାପାଣି, ନାଲିପାଣି, ନୀଳପାଣି, ସ୍ୱଚ୍ଛପାଣି ମିଶାଣ ଭଳିଆ ଫେଣ୍ଟାଫେଣ୍ଟି ପରେ ଢାଳି ଦେଇଗଲା ଘଣ୍ଟୁ । ସ୍ଥଳ ବିଶେଷରେ ସାଲିମାରିଷ୍ଟ, ମଷ୍ଟାର୍ଡିଷ୍ଟ, ପାମୋଲିନିଷ୍ଟ, ପିନଟିଷ୍ଟ, ଜଡ଼ାଦାରିଷ୍ଟ – ଏପରିକି ପିମ୍ପାନିଗଡ଼ଦାରିଷ୍ଟ ଭାବରେ ସୁଖ୍ୟାତି ରହିଛି । ଏଇଠି ସେ ସତ୍ୟାନାଶିଆ ସମ୍ବର୍ଦ୍ଧନା ତାତୁଣିଆଁଙ୍କଠାରେ ସମସ୍ତ ତେଲର ପିମ୍ପା ନିଗାଡ଼ି ଦେବା ପରେ ଦେଖିଲା – ସମ୍ବର୍ଦ୍ଧନା ତାତୁଣିଆଁର ଲୋଚାକୋଚା ଭାଙ୍ଗପକା ମୁହଁରେ ଡାଇରେକ୍ଟ ଟେନ୍-ସନ୍ ବା ଦଶ ସୂର୍ଯ୍ୟର ଆଭା ଉକୁଟିଲା, ଆଲୁଅ ଆସି ଘଣ୍ଟୁ ମୁହଁରେ ବିଛାଡ଼ି ପଇଲା ।



କୃତକୃତ୍ୟ ହେଲେ ତାତୁଣିଆଁ । ଆପଣ ହିଁ ଏ ରାଜ୍ୟର ପ୍ରକୃତ ଜହୁରୀ, ଆପଣ ମଣିର ମୂଲ୍ୟ ବୁଝନ୍ତି । ଆଜି ତ ପ୍ରସ୍ତାବ ମଞ୍ଜିଟା ପୋତାହେଲା, ଏଇଟା କେମିତି ଅଙ୍କୁରିତ ହେବ, ଶାଖା ମେଲିବ, ଆଉ ଫୁଲ ଧରିବ – ଶେଷରେ ଫଳିବ – ସେ ଦାୟିତ୍ୱ କେବଳ ଆପଣଙ୍କ ଭଳି ଜଣେ ନିଃସ୍ୱାର୍ଥ ପ୍ରତିଭା ଚିହ୍ନଟକର୍ତ୍ତାଙ୍କର । ଆପଣ ଚିହ୍ନଟକରି ଏତକ କରାନ୍ତୁ, ପାଉଣାପଣିରେ କାଣିଚେ ପରିମାଣ ଊଣା ହେବାର ନାହିଁ । ପରସ୍ପର ବିପରୀତ ଦିଗରୁ ଭୁକାଭୁକି କରି ଥୋମଣି ଉଁଚାକରି ଆସୁଥିବା ଦୁଇ ବୀର ପୁଙ୍ଗବ ଶ୍ୱାନଙ୍କ ଭଳି – ଉଭୟ ଚୁହାଁଚୁହିଁ ହେଲେ । ଶିକାର ମଡ଼ ବଣ୍ଟରା ହେବ ଯେତେବେଳେ, ଉଭୟ ସହମତ ହେଇ ପରସ୍ପର ଭିତରେ ଗୋଟାଏ ଅଲିଖିତ ଚୁକ୍ତିକଲେ । ତାତୁଣିଆଁ ଯାବତ ଖର୍ଚ୍ଚାପାଣି ମୁକୁଳା ହାତରେ ଦେବେ, ଘଣ୍ଟୁ ଏସବୁ ନେଇ ତାଙ୍କୁ ଗୋଟାଏ ରାଜ୍ୟସ୍ତରୀୟ ସଭାରେ ସମ୍ବର୍ଦ୍ଧନା, ମାନପତ୍ର ଦିଆଇବେ । ମଡ଼ ସନ୍ଧାନ ପରେ ଉଭୟ ଶ୍ୱାନ ନିରବିଯିବା ଭଳିଆ, ଦିହେଁ କିଛି ସମୟ ନିରବିଗଲେ । ପରେ ଅତି ଶିଷ୍ଟ ଭାବରେ ଉଭୟଙ୍କ କାନଫୁଙ୍କା ନମ୍ବର ବିନିମୟକଲେ । ଆଉ ଉଜ୍ଜ୍ୱଳି ଉଠିଲା ତାତୁଣିଆଁଙ୍କ ମୁଖଶ୍ରୀ, ଦାଉଦାଉ ଜଳିଲା । ଘଣ୍ଟୁ କିନ୍ତୁ ନଗଦ ଶିକାର କରିବାରେ ସଫଳ ହୋଇଥିଲେ ବି, ସ୍ଥିତପ୍ରଜ୍ଞଙ୍କ ଭଳି ନିଜ ଖୁସିଟାକୁ ଚାପିଚୁପି ଦେଇ ନିଜ ଭିତରେ ରଖିଦେଲା ।

**ଇଚ୍ଛାସେବକିଆ ଢଙ୍ଗ**

ଆଗେ ପଇଲା ତାତୁଣିଆଁଙ୍କ ଟେସନ୍ । ଘଣ୍ଟୁ ତାଙ୍କୁ ଉତୁରିବାରେ ଇଚ୍ଛାସେବକିଆ ଢଙ୍ଗରେ ସାହାଯ୍ୟକଲେ । ବକ୍ରୀକୃତ ନମୋନମ ବି ନାଛିଦେଲେ । କିଛିକ୍ଷଣ ପରେ ତାତୁଣିଆଁଙ୍କ କାନଫୁଙ୍କା ଡକରାରେ ଘଣ୍ଟୁ ନିଜ ଆନନ୍ଦକୁ ସାମୟିକ ମକଚିଦେଇ ସଂଭାଷଣକଲେ । ଶୁଣାଇଲେ – 'ପାହାଡ଼ରେ କଇଁ ଫୁଟିପାରେ, ସମୁଦ୍ର ଶୁଖିଯାଇପାରେ, ସପ୍ତଦୀପ ଏକାଠି ହେଇପାରେ, ସୂର୍ଯ୍ୟ ଆଠଦିନ ସିଏଲରେ ରହିପାରନ୍ତି, ନିଆଁ ବି ବରଫ ହୋଇପାରେ, ମାତ୍ର ଘଣ୍ଟୁବଚନ ସତ୍ୟ, ସତ୍ୟ, ସତ୍ୟ ତ୍ରିବାର ନୁହେଁ, ତ୍ରିଂଶବାର, ତ୍ରିଂଶତକବାର, ତ୍ରିଂସହସ୍ରବାର ସତ୍ୟ । ଆପଣ ସୁସ୍ଥରେ ପହଞ୍ଚନ୍ତୁ, ମୁଁ ବି ପହଞ୍ଚିସାରେ, ତା'ପରେ କାର୍ଯ୍ୟକ୍ରମ କଥା ଆଲୋଚନା କରିବା ।'

ତାତୁଣିଆଁ ଏଣିକି ମାତିଲେ, ସାଇପଡ଼ିଶା, ପାଖଲୋକ, ଟିକେ ଦୂରଲୋକଙ୍କୁ ତାଙ୍କ ସମ୍ବର୍ଦ୍ଧନା କଥା ବି ଚୁମ୍ବକେଚୁମ୍ବକେ ଶୁଣେଇ ଉଲୁଛିଆ ହେଲେ । ରୋଗୀଦେଖା, ଲେଖାପଢ଼ା, ଫର୍ଣ୍ଣେସକୁ ଯାଉ, କିନ୍ତୁ ଦିନକୁ ନିହାତି ଘଣ୍ଟୁ ସହିତ ଦଶରୁ ବାରଥର ଫୋନିକ୍ ବାର୍ତ୍ତାଳାପ । ନିଇତି ପାଣିଲାଗି କରୁଥିବା ଶିବାପାଳିଆ ଭଳିଆ ଘଣ୍ଟୁଙ୍କୁ ପାଣିଲାଗି କରେଇଲେ । ଅଷ୍ଟମ ଦିବସ ପରେ ନବମ ଦିବସରେ ଘଣ୍ଟୁ ଦେଲେ ସକାରାତ୍ମକ ଉତ୍ତର । ସମ୍ବର୍ଦ୍ଧନା ଥାନ ଖୋଦ ରାଜଧାନୀ ଭୋବନେଶ୍ୱର, ତାରିଖ ଏକକୋଡ଼ି ଏକ, ସମୟ ସଂଜ ସପ୍ତମ ଘଟିକା । ଏତକ ଶୁଣିବା ପରେ ଅତି କୃତକୃତ୍ୟ ହେଲେ ଶ୍ରୀଯୁକ୍ତ ତାତୁଣିଆଁ । ଘଣ୍ଟୁ ପାଖରେ ଥିଲେ, ସେଇଠି କୁଣ୍ଢାଇ ପକାଇଥାନ୍ତେ । ତାଙ୍କ ଅତି

ଉଛୁଳା ଭାବ ଠଉରେଇ, ଘଣ୍ଟୁ ଏଥର ମଞ୍ଚ କଥାକୁ ଆସିଲା । ଆଗେ ଅର୍ଥ, ପରେ ତୀର୍ଥ – ସବୁ ହେବ ଯଥାର୍ଥ, ନ ହେଲେ ପ୍ରତିଭା ହେବ କଦର୍ଥ । ତାତୁଣିଆଁ ଘଣ୍ଟୁଙ୍କ ଫୋନ୍ ପେ ନମ୍ବର ବାଞ୍ଛାକଲେ । ଘଣ୍ଟୁ ଉତ୍ତରିଲେ, ତାଙ୍କ ଫୋନ୍‌ରେ ଏମନ୍ତ ବ୍ୟବସ୍ଥା ନାହିଁ । ଘଣ୍ଟୁ ତରକା କାଉରୁ ଡବଲ୍‌ତରକା । ଏଥିରେ ବି ଦେଣନେଣ ପ୍ରମାଣ ଅଛି । ତେଣୁ ବଖାଣିଲେ – ନଗଦ ମଦନଗୋପାଳ ଦର୍ଶନକଲେ ମହାପୁଣ୍ୟ । ମଦନଗୋପାଳ କେମିତି ବିଜେ ହେବେ, ସେ ଦାୟିତ୍ୱ ଆଜ୍ଞାନେଲେ, ଘଣ୍ଟୁ ବି ନମ୍ର ନମସ୍କାରରେ କିଛି କୃତଜ୍ଞତା ଫେଣ୍ଟି ତାଙ୍କ ଫୋନ୍‌କଲ୍ ଇତିଶ୍ରୀ କଲେ ।

ଏହା ଭିତରେ ଘଣ୍ଟୁ ମଞ୍ଚ ତଲସାତଲସୀ କରି ଗୋଟିଏ କୋଠମଞ୍ଚର ସନ୍ଧାନ ପାଇଲେ । ଏ ମଞ୍ଚ ଅତି ବଡ଼, ଅଖଣ୍ଡ ଚାକଚକ୍ୟ, ଅନେକ ପ୍ରତିଭାକୁ ଏ ମଞ୍ଚ ମୋହର ଦେଇଛି । କେହିକେହି ନୁଉଛୁଣା ନିନ୍ଦୁକା କହନ୍ତି, ଏ ମଞ୍ଚ ଚାନ୍ଦାଚନ୍ଦା ମଞ୍ଚ । ସଂକୀର୍ତ୍ତନିଆଁଙ୍କ ଆଡୁ ବାଲଭୋଗ ନୀତିରେ, ସମ୍ବର୍ଦ୍ଧନିଆଁଙ୍କ ଅନିଚ୍ଛା, ଅର୍ଦ୍ଧେଚ୍ଛା, ସ୍ୱେଚ୍ଛେଚ୍ଛା ଓ ସ୍ୱେଚ୍ଛାକୃତ ଦାନରେ ଏ ମଞ୍ଚ ଚାଲେ; ଏଥିରେ ମାନପତର କାରବାର, ମାଲ, କାରବାର ଜୋରଦାର । ଏଇ ମଞ୍ଚର ମୁଖ୍ୟ ଚାନ୍ଦାକାରଙ୍କ ସହିତ ଘଣ୍ଟୁ ଚତୁରେଚତୁରେ କୋଳାକୋଳି ହେଇ, ଆତୁରିଆ ବଚନରେ ତାକୁ ବତୁରେଇ ଦେଇ କତୁରେଇବା ପାଇଁ ହୀରକ ସୁଯୋଗଟିଏ ଲାଗିପାତି ଥୟ କରିଦେଲା । ଉଚ୍ଚକୋଟିଆ ସମ୍ବର୍ଦ୍ଧନା ପାଇଁ, ଚାନ୍ଦାପତି ହାଙ୍କିଲେ କୋଡ଼ିଏ ହଜାର, ଘଣ୍ଟୁ ତାଙ୍କୁ ଅଧିକ ଏକ ହଜାର ଏକ ମାନେ ଗାଏମୋଟ ଏକକୋଡ଼ି ଏକହଜାର ଏକ ଟଙ୍କା ଦେବାକୁ କଥା ପକ୍କା କରିଦେଲା ।

**ଆସିଲା ସମ୍ବର୍ଦ୍ଧନାର ସୁସମୟ । ଏଠି ଅନେକ ଅଜଣା, ଅଶୁଣା, ଅଦେଖା ଲୋକେ ପହିଲେ ମଞ୍ଚମଣ୍ଡନ କଲେ ।**

### ସମ୍ବର୍ଦ୍ଧନାର ସୁସମୟ

ଆସିଲା ସେଇ ସମ୍ବର୍ଦ୍ଧନାର ସୁସମୟ । ଏଠି ଅନେକ ଅଜଣା, ଅଶୁଣା, ଅଦେଖା ଲୋକେ ପହିଲେ ମଞ୍ଚମଣ୍ଡନ କଲେ । ମୁଖ୍ୟ ମଞ୍ଚକାର ଚାନ୍ଦାପତି ବଡ଼ପାଟିଆରେ ସମ୍ବର୍ଦ୍ଧନିଆଁଙ୍କ ନାମ ଘୋଷଣାକରି ଚୌକ୍ୟାସୀନ ହେବାକୁ ଉଚ୍ଚକଣ୍ଠରେ ହକାରିଲେ । ତାତୁଣିଆଁ ସମ୍ବର୍ଦ୍ଧନିଆଁମାନେ ନିଜ ପତ୍ନୀ, ଶାଳିକା, ଶ୍ୟାଳକ, ସନ୍ତାନ, ନାତ୍ୟାଦି ସହ ଥାନ ମଣ୍ଡନକଲେ । ଏ କୋଠ ମଞ୍ଚଟା ବିଚିତ୍ର, ଗାଁ କୋଠପୋଖରୀ ଗୋଳିବେଳର ସମୂହ ହାଉଯାଉ, ନାନା ଭେଳିକି । ଘଣ୍ଟୁ ପ୍ରସ୍ତାବିତ ଡାକତରବାବୁ ସେଠି ଘଣ୍ଟୁଙ୍କୁ ଦରଣ୍ଡାଦରଣ୍ଡି କଲେ, ନ ପାଇ ନିରାଶ ହେଉଥିବା ବେଳେ କାନଫୁଙ୍କା ଡାକରେ ଘଣ୍ଟୁ ତାଙ୍କୁ ଜଣାଇଦେଲା – ଆଜ୍ଞା ! ଆପଣଙ୍କ ନମ୍ବର ହେଲା–ଦୁଇ । ଚେଷ୍ଟାକରି ମଧ୍ୟ ଏକରେ ରଖିପାରି ନଥିବାରୁ ମୁଁ ମର୍ମାହତ, ଶୋକାକୁଳିତ । ଲୋତକ ପୋଛଣରେ ଦିଇଟା ଗାମୁଛା ଗଜ୍‌କନାରେ ତୂଳା ଭିଜିବା ଭଳିଆ ଭିଜି ଗଲାଣି ।

ସତକୁସତ ଦ୍ୱିତୀୟରେ ଡାକରତଙ୍କୁ ମଞ୍ଚକୁ ଡକାହେଲା, ଜଣେ ମେକପିନୀ ତରୁଣୀ ଲଳିତ କଣ୍ଠରେ ତାଙ୍କ ପାଇଁ ଲିଖିତ ଦୀର୍ଘ ମାନପତ୍ର, ଅନ୍ୟଜଣେ ପାର୍ଲରାଣୀ ତରୁଣୀ ତାଙ୍କ ହାତକୁ ବିରାଟ ତାଳପତ୍ରମିଶା ଟାହିଆ ପ୍ରକାର ଫୁଲତୋଡ଼ା ବଢ଼ାଇଦେଲେ । ମଞ୍ଚକର୍ତ୍ତା ମଠା ଚଦରଟିଏ ତାଙ୍କର ଗ୍ରୀବା ବେଷ୍ଟନ କରାଇଲେ । ଫଅଟ ଛପାଳିଆମାନେ ନାନା ଭଙ୍ଗିଚାରେ ଫଅଟମାନ ତୋଳିଲେ । ମଞ୍ଚ ଉତୁରା ବେଳରେ ହାଡୁଆ ଛାତି ଫୁଲେଇ ପୁଣି ନିଜ ଲୋକଙ୍କୁ କହି କେଇଟା ଫଅଟ ଛପେଇଲେ ଡାକ୍ତରେ ।

ପରଦିନ କାଗଜରେ ତାଙ୍କ ଫଅଟ ଛାପାହେଲା, ଏ କାଗଜ ଅଧିକ ଏକଶତ କପି ନିଜେ କ୍ରୟକରି ଘର ଘର ବୁଲି ପ୍ରସାଦ ବାଣ୍ଟିବା ଭଳିଆ, କ୍ଲିନିକର ନର୍ସଙ୍କ ହାତରେ ବାଣ୍ଟା କରିଦେଲେ । ଘଣ୍ଟୁଙ୍କ ସହ ଯାହା କାରବାର ହେଇଥିଲା, ସେ ତ ପୂଜରକ୍ତ ଚିପଣ ଧନ, ତେଣୁ ମନ ବଥେଇବ କାହିଁକି ଯେ ।

ଘଣ୍ଟୁ ବିଚାରିଲା – ଏମିତିଆ ତାତୁଣିଆଁ ପାର୍ଟି ଜୁଟିଲେ, ଆଗକୁ ରୋଜଗାରଟା ଢେର ହେବ, ଆଗାମୀ ଗରାଖ ତଲାସରେ ଥିଲା ଘଣ୍ଟୁ । ଏଠୁ ସେ ଦି'କୋଡ଼ି ପାଞ୍ଚହଜାର ପାଇ କୋଡ଼ିଏ ଏକ ହଜାରରେ ସମ୍ବର୍ଦ୍ଧନା ଦିଆ କରେଇଥିଲେ । ଭାବିବେ, ଯଦି ଏମିତି କେହି ଆପଣଙ୍କ ନଜରରେ ଅଛନ୍ତି, ଘଣ୍ଟୁକୁ ଜଣାଣ କରାଇବେ ନିଶ୍ଚେ । ଏଥିରେ ଘଣ୍ଟୁ ଖୁସ୍, ପାର୍ଟି ଖୁସ୍, ଆପଣମାନେ ଖୁସି ତ ?

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com

ଗଳ୍ପ

# ମହାପୁରୁଷ



ଆରତି କର

ସାରା ଗାଆଁର ଏବେ ମୁଖ୍ୟ ଚର୍ଚ୍ଚିତ ଖବର ମୂଳିଆ ଗୋବିନ୍ଦର ପୁଅ ସରକାରୀ ଚାକିରି ପାଇଛି, ସେ ପୁଣି ଏମିତି ସେମିତି ବିଭାଗ ନୁହେଁ, ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି କରୁଥିବା ପୋଲିସ୍ ବିଭାଗରେ । ଗାଆଁ ପୋଖରୀ ତୁଠ, ଛକପାଖ, ଗାଆଁ ଶେଷ ମୁଣ୍ଡ ମେଲଣପଡ଼ିଆ, ମନ୍ଦିରବେଢ଼ା ସବୁଠି ସେଇ ଗୋଟିଏ ବିଷୟରେ ଚର୍ଚ୍ଚା, ଯାହାହେଉ ଗୋବିନ୍ଦାର ଦୁଃଖଗଲା, ବିଚରା ଭାରି ସରଳିଆ ଓ ପରୋପକାରୀ; ଭଗବାନ ତା' ଡାକ ଶୁଣିଲେ । ଆଉ କେହିକେହି କହନ୍ତି ପିଲାଟାକୁ ଦେଖୁନ କେତେ ଭଦ୍ର, ଏଇ ବାଟେ ସ୍କୁଲ, କଲେଜ ପାଠ ଶେଷକରି ଆଜି ଚାକିରିକରି ସରକାରୀ ବାବୁ ବୋଲାଇବ, କେହି ଦିନେ ତା' ପାଟି ଶୁଣିଛି ! ମାଛିକୁ ପରା ମ' ବୋଲି କହେନାହିଁ । ଆଉ ପିଲାମାନଙ୍କୁ ଦେଖୁନ, କେତେ ଛୋଟବେଳୁ କେତେ ଅଶିଷ୍ଟାଚାରୀ । ଯାହାହେଉ ପିଲାଟା ଆମ ଗାଁର ନାଁକୁ ଉଜ୍ଜ୍ୱଳ କରିଦେଲା ।



ଗୋବିନ୍ଦା ମୂଳ ଲାଗି ତା' ପିଲାଟାକୁ ମଣିଷ ପରି ମଣିଷଟିଏ କରିଦେଲା, ଏ କ'ଣ କମ୍ ଗୌରବର କଥା । ଭଗବାନଙ୍କ କୃପା ନଥିଲେ ଏହା କ'ଣ ସମ୍ଭବ? ସତରେ ଗୋବିନ୍ଦା କପାଳିଆଟା, ଆଉ ତା'ର ମୂଳ ଲାଗିବାର ଦରକାର କ'ଣ, ଏଣିକି ଖାଲି ଗୋଡ଼ ଉପରେ ଗୋଡ଼ ପକାଇ ଆୟସ କରିବା କଥା । ବିଚରା ବହୁତ କଷ୍ଟ କରିଛି, ନଖାଇ ନପିଇ, ଭଲ ଖଣ୍ଡେ ନପିନ୍ଧି, କେମିତି ପୁଅଟି ପାରିଯିବ, ଅଣନିଃଶ୍ୱାସୀ ହୋଇ ଧାଇଁଥିଲା । ଯାହାହେଉ ଭଗବାନ ତା' ଡାକ ଶୁଣିଲେ ।

ଗୋବିନ୍ଦା ଖାଲି ଶୁଣିଛି ପୁଅ ତା'ର ଚାକିରି ପାଇଗଲା, କି ଚାକିରି, କ'ଣ ତା'ର ଆଦବ କାଇଦା- ଏସବୁ କିଛି ତାକୁ ଜଣାନାହିଁ, ତେଣୁ ସେ ମନେମନେ ଭାରି ବ୍ୟସ୍ତ, କ'ଣ ସେ ସରକାରୀ ଘରର ଖେଳ, ପୁଅଟା ପିଲାଲୋକ; ସେ କ'ଣ ସମ୍ଭାଳିପାରିବ ସେ କାମ ! କେତେ ଲୋକଙ୍କ ମନନେଇ ଚଳିବାକୁ ପଡ଼ିବ - ଏଇକଥା ଭାବିଭାବି ଆଖିରୁ ତା'ର ନିଦ ହଜିଗଲାଣି । ତାକୁ ଏସବୁ ଖାଲି ପ୍ରହେଳିକାପରି ମନେ ହେଉଛି । ମନେମନେ ଭାବୁଛି ମୋ'ର ସିନା ଏ ବିଷୟରେ କିଛି ଜ୍ଞାନ ନାହିଁ, କେହି ଜାଣିଲାବାଲା ହେଲେ ମୋ' ପୁଅକୁ ଏ ବିଷୟରେ କିଛି ବୁଝାଇଦିଅନ୍ତା ! ମନେମନେ ଭାବେ, କାମରେ ତ ହେଳାକରି ହେବନି, ଆଜି କାମରୁ ଫେରିଲାବେଳେ ପାଖ ହାଇସ୍କୁଲର ବଡ଼ମାଷ୍ଟ୍ରେଙ୍କୁ ଟିକେ ଏ ବିଷୟରେ ପଚାରି ଆସିବି; ସେ ନିଶ୍ଚୟ ମତେ ବାଟ ବତାଇଦେବେ । କେତେ ପିଲାଙ୍କୁ ସେ ମଣିଷ କରୁଛନ୍ତି, ତାଙ୍କ ଜ୍ଞାନକୁ କ'ଣ କଳନା କରିହେବ ! ଏମିତି କେତେ ଚାକିରିଆଙ୍କୁ ସେ ପରା ବାଟ ଦେଖାଇଦେଇଛନ୍ତି ।

ଏମିତି ଭାବିଭାବି ଗୋବିନ୍ଦା ପହଞ୍ଚିଯାଏ ଗାଆଁମୁଣ୍ଡରେ । ତାକୁ ଦେଖୁଦେଖୁ ଅନ୍ୟମାନେ ପ୍ରଶ୍ନ ପରେ ପ୍ରଶ୍ନ ଅଜାଡ଼ି ପକାନ୍ତି - ଗୋବିନ୍ଦା ଭାଇ ଏଇ ଗାଆଁରେ ରହିବୁନା, ସହରର ସରକାରୀ ଘର ଆଖିରେ ନାଚିଲାଣି ? ଚାକିରି ତ ହୋଇଗଲା, ବୋହୂ କେବେ ଆଣୁଛୁ? ଗୋବିନ୍ଦ କହେ, ତୁମକୁ ତ ଲାଣ୍ଡି ବାହାଘର ଲାଗିଛି ନାଁ, କହିବନି କାହିଁକି, ସରକାରୀ ଚାକିରି ପିଲାଟି କ'ଣ କେମିତି ସମ୍ଭାଳିବ, ସେ ଚିନ୍ତା ନାହିଁ, ଖାଲି ଥଟ୍ଟା ତାମସା । ମୂଷା ଗାତରେ ପଶି ପାରୁନି, ସେଥିରେ ତା' ଲାଞ୍ଜରେ କୁଲା ବାନ୍ଧିଦିଅ । ହସରେ ଫାଟିପଡ଼େ ସେ ସ୍ଥାନ । ହଉ ଆମେ ଦେଖିବୁନି କି ମୂଷା ଲାଞ୍ଜରେ କୁଲା ବନ୍ଧା ହେଉଛି କି ନାହିଁ । ଗୋବିନ୍ଦାର ସମସ୍ତଙ୍କୁ ଉତ୍ତର - ସବୁ ହେବ ଯେ, ହେଲେ ଟିକେ ଥୟ ଧର; ଏମିତି ଉଚ୍ଛନ୍ନ ହେଲେ ଚଳିବ ?

ଏଇତ ମାଷ୍ଟ୍ରେ ଆସିଗଲେଣି, ବେକରେ ଗାମୁଛାଟିକୁ ପକାଇ ସମ୍ଭ୍ରମତାର ସହ ଦଣ୍ଡବତ ଜଣାଏ ଗୋବିନ୍ଦ । ମୁଁ କେତେ ଭାବି ଭାବି ଆସିଥିଲି ଆଜ୍ଞାଙ୍କ ପାଖକୁ ଯାଇ ସବୁ ବୁଝାବୁଝି କରିବି, ଯାହାହେଉ ଭଗବାନ ମୋ' ପ୍ରତି କୃପା କରିଦେଲେ । କଥା କ'ଣ କି ମାଷ୍ଟ୍ରେ, ପୁଅ ମୋ'ର ସରକାରୀ ଚାକିରି ଖଣ୍ଡେ ପାଇଛି, ସେ ପୁଣି ପୁଲିସ୍ ବିଭାଗରେ । ଆମେ ହେଲୁ ମଳିମୁଣ୍ଡିଆ ଚାଷୀ ଲୋକ, ଏ ସରକାରୀ ଘର କଥା କ'ଣ ବା ଆମକୁ ଜଣା ? ମତେ ଟିକିଏ ବୁଝାଇ ଦିଅନ୍ତୁ କ'ଣ ସେ ସରକାରୀ ଚାକିରି, ସେଠି କ'ଣ ସବୁ ନିୟମକାନୁନ୍ ଅଛି ?

ହେଡ୍ ମାଷ୍ଟ୍ରେ ହସି ହସି କହୁଥାନ୍ତି, ଯାହାହେଉ ପୁଅ ତୁମର ପୁଲିସ୍ ବିଭାଗରେ ଚାକିରି ଖଣ୍ଡେ ପାଇଛି । ସେ କେବଳ ତୁମ ଗାଆଁର ଗୌରବ ନୁହେଁ, ବିଦ୍ୟାଳୟର ମଧ । କିନ୍ତୁ ଅସଲକଥା ହେଲା, ଆମେ କେମିତି ସେ ଗୁରୁଦାୟିତ୍ୱକୁ ତୁଲାଇବା । ତୁମେ ସମସ୍ତେ ମୋତେ ଦେଖୁଛ, ଏଠି ମୋ'ର ଘର ନା ଦ୍ୱାର - କିନ୍ତୁ ମୁଁ ଏଠି ପଡ଼ିରହିଛି କେବଳ କର୍ତ୍ତବ୍ୟର ଆହ୍ୱାନରେ । ଏହାହିଁ ସରକାରୀ ଚାକିରିର ସର୍ତ୍ତ - ଛାଡ଼ ପିତୃକାର୍ଯ୍ୟ, ଧର ରାଜକାର୍ଯ୍ୟ ।

**ମଉଳି ଆସିଲା ଗୋବିନ୍ଦର ମୁହଁ, ତା' ମାନେ ପୁଅ ମୋ'ର ମୋତେ ଛାଡ଼ି ଚାଲିଯିବ କେବଳ ସରକାରଙ୍କ କାମ କରିବାକୁ ?**

ମଉଳି ଆସିଲା ଗୋବିନ୍ଦର ମୁହଁ, ତା' ମାନେ ପୁଅ ମୋ'ର ମୋତେ ଛାଡ଼ି ଚାଲିଯିବ କେବଳ ସରକାରଙ୍କ କାମ କରିବାକୁ ? ସାରେ କହିଲେ, ନା-ନା- ଏମିତି କାହିଁକି ଭାବୁଛ । ପୁଅ ତୁମର, ତୁମକୁ ଛାଡ଼ିବ କାହିଁକି, କିନ୍ତୁ ବେଶି ଗୁରୁତ୍ୱ ଦେବ ସରକାରଙ୍କ କାମକୁ ।

ତା'ଛଡ଼ା ପୁଅ ଯେହେତୁ ତୁମର ଜଣେ ସରକାରୀ କର୍ମଚାରୀ ତୁମେ ସରକାରଙ୍କ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ଗୋବିନ୍ଦା କହିଲା, ହଉ ଆଜ୍ଞା ଠିକେ ଠିକେ ସବୁ ବୁଝିଗଲି । ସମୟ ଦେଖି ପୁଅକୁ ନେଇ ଆପଣଙ୍କ ପାଖକୁ ଯିବି, ତାକୁ ଟିକେ ଆଶୀର୍ବାଦ କରିଦେବେ । ମାଷ୍ଟ୍ରେ ଚାଲିଗଲେ ସ୍କୁଲଆଡ଼କୁ । ଗୋବିନ୍ଦାର ମୁଣ୍ଡକୁ କିନ୍ତୁ ଯେମିତି ବିଛା କାମୁଡୁଛି । କେତେ ଯୋଜନାରେ ତ ମୁଁ ସାମିଲ ହୋଇଯାଇଛି, କ'ଣ ହେବ ମୋ' ଅବସ୍ଥା ? ଏହା ବିଚାରି ଧାଇଁଲା ଘରକୁ, ପ୍ରତି ମାସରେ ମିଳୁଥିବା ଚାଉଳ କାର୍ଡ ଓ ପତ୍ନୀର ସୁଭଦ୍ରା କାର୍ଡ ଧରି ଯାଇ ପଞ୍ଚାୟତ ଅଫିସରେ ହେଲା ହାଜର ।

ଜୁହାର ଆଜ୍ଞା, ସରପଞ୍ଚ ଆଜ୍ଞାଏ, ଥରେ ଶୁଣନ୍ତୁ ମୋ' କଥା, ପୁଅ ମୋର ସରକାରୀ ଚାକିରି ପାଇଯାଇଛି । ଆଉ ସରକାରଙ୍କ ଏ ସବୁ ଯୋଜନାରେ ସାମିଲ ହେବା ନିଶ୍ଚିତ ଭାବରେ ସରକାରଙ୍କ ଆଇନ ବିରୁଦ୍ଧ । ରଖନ୍ତୁ ଏ ମାସିକ ଚାଉଳ କାର୍ଡ ଆଉ ମୋ' ସ୍ତୀର ସୁଭଦ୍ରା କାର୍ଡ । ପୁଅ ଆମର ଚାକିରି କଲାଣି; ଆମେ ସବୁ ଏ ଯୋଜନାକୁ ନିଜ ସ୍ୱାର୍ଥରେ ଲଗାଇଲେ ଲୋକେ ବୋଲିବେ କ'ଣ ? ତା'ଛଡ଼ା ଏହାଦ୍ୱାରା କେତେ ସରକାରୀ ଅର୍ଥ ବାଟମାରଣା ହେବ, ଆଉ ଦେଶର ଉନ୍ନତି ହେବ କେମିତି ? ସରପଞ୍ଚ ବାବୁ ଆଶ୍ଚର୍ଯ୍ୟ ଚକିତ ଦୃଷ୍ଟିରେ ଚାହିଁଥିଲେ କେବଳ ସରଳ, ନିରୀହ ନିରକ୍ଷର ଗୋବିନ୍ଦର ମୁହଁକୁ, ଆଉ ଶୁଣୁଥିଲେ ତା'ର ସରଳ ଚିନ୍ତାଧାରା ।

ପଞ୍ଚାୟତ ଅଫିସରେ ଜମା ହୋଇଥିବା ଲୋକମାନଙ୍କ ଭିତରୁ କେହିକେହି କହୁଥାନ୍ତି, ଦେଖ ହୋ, ଆସିଗଲେ ଆମର ସତ୍ୟସନ୍ଧ ରାମଚନ୍ଦ୍ର । ସରପଞ୍ଚ ବାବୁ ଗୋବିନ୍ଦାକୁ ବୁଝାଉଥା'ନ୍ତି, ଏ ଦୁନିଆକୁ ଦେଖୁଛ ନା ନାହିଁ, କେଡ଼େ କେଡ଼େ କୋଠାଘରମାନ ଠିଆକରି ଲୋକେ ଇନ୍ଦିରା ଆବାସ ପାଇଛନ୍ତି, ପିଲାମାନେ ସମସ୍ତେ ବେଶ୍ ପ୍ରତିଷ୍ଠିତ, ମାତ୍ର ପିତା-ମାତା ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନାକୁ ହାତେଇବା ପାଇଁ କେହି ନିଜକୁ ସ୍ୱାମୀ ପରିତ୍ୟକ୍ତା ଓ ବିଧବା ବୋଲି ପରିଚୟ ଦେବାକୁ ବି କୁଣ୍ଠାବୋଧ କରୁନାହାନ୍ତି । ତୁମେ କ'ଣ କିଛି ଦେଖୁନା, ଦେଖୁନା ବାତ୍ୟା ଆସୁଛି ଶୁଣିବା କ୍ଷଣି କେମିତି ଗାଆଁ ସ୍କୁଲ ଘରେ ଚାଲିଛି ରୋଷେଇ ବାସ, ଖିଆପିଆ.... ଏ କ'ଣ ସରକାରଙ୍କ ଧନ ଆତ୍ମସାତ୍ ନୁହେଁ, ତୁମେ ଏମିତି ବ୍ୟସ୍ତ ହୋଇପଡୁଛ କାହିଁକି, ପିଲାଟା ଏଇ ମାତ୍ର ଚାକିରି ଖଣ୍ଡେ ପାଇଛି, ଏ ଯାଏଁ ଚାକିରିରେ ଜଏନ୍ କରିନି, ତୁମର ସେ ମାଧ ମହାନ୍ତି ବୁଢ଼ାକୁ ଦେଖୁଛଟି, ଚାରି ଚାରିଟା ପିଲା ତା'ର ବେଶ୍ ପାରିବାର, କିନ୍ତୁ ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ଦିନେ ଡ଼େରି ହୋଇଗଲେ କି ହୋହାଲ୍ଲା ତା'ର । ସୁବିଧା ଟିକେ ପାଇବା ପାଇଁ କିଏ କେତେ ଫନ୍ଦିଫିକର, କେତେ ଛଳନା କରୁଛନ୍ତି, ଆଉ ତୁମର କି ସୁବିଧା ହୋଇଯାଇଛି ଯେ ତୁମେ

ଏତେ ବ୍ୟତିବ୍ୟସ୍ତ ହୋଇପଡୁଛ । ରଖ ସେ ସବୁ କାର୍ଡ, ତା' ଛଡ଼ା କିଏ ଜାଣି ପକାଉଛି ଯେ ପୁଅ ତୁମର ସରକାରୀ ଚାକିରି କରିଚି ବୋଲି ।

ଆଉ କିଛି ଶୁଣିବା ଅବସ୍ଥାରେ ନଥିଲା ଗୋବିନ୍ଦା, କିଏ ଜାଣନ୍ତୁ ନ ଜାଣନ୍ତୁ- ମୁଁ ତ ଜାଣିଛି, ତୁମେ ତ ଜାଣିଛ ଆଉ ଯେ ଦିନରାତି କରୁଛି ସେ ତ ଜାଣିଛି; ଆଉ କିଏ ଜାଣିବା ଦରକାର କ'ଣ ? ମାଷ୍ଟ୍ରେ ଯାହା କହିଗଲେ ମୋ' ଛୋଟିଆ ବୁଦ୍ଧିରେ ମୁଁ ଏତିକି ବୁଝିଲି ଯେ ଘରେ କେହି ସରକାରୀ ଚାକିରି କରିଥିଲେ ଆଉ ସରକାରଙ୍କର ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଇଁ ଥିବା ଯୋଜନାରେ ସାମିଲ ହେବା ଉଚିତ୍ ନୁହେଁ । ଦିନେ ମୁଁ ଦୁର୍ବଳ ଥିଲି, ତେଣୁ ଯୋଜନାକୁ ଆପଣାଇ ଚାଉଳ ପାଉଥିଲି, ତା' ମା' ମଧ୍ୟ ସୁଭଦ୍ରା ପଇସା ପାଉଥିଲା । କିନ୍ତୁ ଏବେ ପୁଅ ଚାକିରି କରିବ, ସରକାରଙ୍କ ତହବିଲରୁ ଧନ ଆମ ଘରକୁ ଆସିବ, ସେଥିରେ ଏ ସବୁ ଯୋଜନାରେ ସାମିଲ ହେବା କେଡ଼େ ଅନ୍ୟାୟ କହିଲେ; ମୋ'ର ସିଆଡ଼େ ବହୁତ କାମ, ରଖନ୍ତୁ ଏସବୁ କାଗଜପତ୍ର ମୁଁ ଆସୁଛି ।

**ହେ ପ୍ରଭୁ, ସମସ୍ତଙ୍କୁ ଏମିତି ଗୋବିନ୍ଦା ପରି ନିରକ୍ଷର ଓ ନିରହଙ୍କାର ସଜାଇ ଦିଅ, ହୁଏତ ଚେତନାର ଉଦୟ ହେବ ।**

ଗୋବିନ୍ଦାର ଯିବା ବାଟକୁ ଅପଲକ ନୟନରେ ଚାହିଁ ରହିଥିଲେ ସରପଞ୍ଚ ବାବୁ, ଆଉ ଭାବୁଥିଲେ ସତରେ ଏପରି କେତେକ ମୁଷ୍ଟିମେୟ ମହାପୁରୁଷଙ୍କ ପାଇଁ ଏ ଜଗତରେ ଧର୍ମ ତିଷ୍ଠି ରହିଛି । ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ, ହେ ପ୍ରଭୁ, ସମସ୍ତଙ୍କୁ ଏମିତି ଗୋବିନ୍ଦା ପରି ନିରକ୍ଷର ଓ ନିରହଙ୍କାର ସଜାଇ ଦିଅ, ହୁଏତ ଚେତନାର ଉଦୟ ହେବ, ଆଉ ଶୁଣିବାକୁ ମିଳିବନି କୋଟି କୋଟି ଟଙ୍କା ଆତ୍ମସାତ୍ କରି କିରାଣୀ ଗିରଫ ବା ପୋଲିସ ବାବୁଙ୍କ ଘରୁ ପଚାଶ କୋଟି ଜବତ ଭଳି ଚାଞ୍ଚଲ୍ୟକର ଖବର ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
aratikarrunu@gmail.com




*ପ୍ରକାଶ ପାଇଲା !*

**ଆମ ସମୟର ଶ୍ରେଷ୍ଠ କଥା:**

# କଥା ଦଶକ

**ଲେଖିକା: ବନଜ ଦେବୀ**

*ଲେଖିକାଙ୍କର ୧୦ଗୋଟି ମୂଳ ଗଳ୍ପ ସହିତ ବିଶିଷ୍ଟ ସମୀକ୍ଷକମାନଙ୍କ ଦ୍ୱାରା ପ୍ରତ୍ୟେକଟି ଗପର ମନୋଜ୍ଞ ସମୀକ୍ଷା ।*

ପ୍ରକାଶକ: ଅନନ୍ୟ ପ୍ରକାଶନ
ଭୁବନେଶ୍ୱର, ମୋ: ୯୪୩୯୪୭୭୯୯୯
ମୂଲ୍ୟ: ଟ. ୧୦୦/- ମାତ୍ର



ପ୍ରବନ୍ଧ

# ଅଭିଧାନର ଚର୍ଚ୍ଚା, ଧାରଣା ଓ ବିକାଶ: ଏକ ଅଧ୍ୟୟନ

ମନସା ଶ୍ରୀଚନ୍ଦନ ରାୟ

**ଯେ**କୌଣସି ଭାଷାର ଅଭିଧାନ ହିଁ ଭାଷାର ସମୃଦ୍ଧ ଐତିହ୍ୟ ସମ୍ପର୍କରେ ସ୍ପଷ୍ଟ ଧାରଣାଦିଏ। ଜୀବନ୍ତ ପ୍ରଚଳିତ ଭାଷାର ଶକ୍ତି ଓ ଅଭିବୃଦ୍ଧି ଉପରେ ଗୋଟିଏ ଜାତିର ସାର୍ବଜନୀନ ପ୍ରକୃତି ତାର ପ୍ରଚାର ଓ ପ୍ରସାର ନିର୍ଭର କରେ । ସମଗ୍ର ଭାଷାର ବିଭବକୁ ନେଇ ଗୋଟିଏ ଅଭିଧାନରେ ଚଳନ୍ତି ଭାଷାର ବ୍ୟୁତ୍ପତ୍ତି ଓ ମୌଳିକରୂପ ପରିପ୍ରକାଶ କରି ଭାଷାର ଏକ ସୁଦୃଢ଼ ଭିତ୍ତିଭୂମିର ପରିଚୟ ଦିଆଯାଇଥାଏ । ଏହି ଅଭିଧାନରେ ଅଭିଧାନକାରଙ୍କର ପାଣ୍ଡିତ୍ୟ ଅଧ୍ୟବସାୟ ଓ ନିଷ୍ଠାର ପରିଚୟ ମିଳେ । ଅଭିଧାନ ଓ ଜ୍ଞାନକୋଷ କହିଲେ କୌଣସି ଭାଷାର ଶାବ୍ଦିକ ଉପାଦାନ ଓ ସେଗୁଡ଼ିକର ତାତ୍ପର୍ଯ୍ୟ ସୂଚୀବଦ୍ଧ ହୋଇଥିବା ଗ୍ରନ୍ଥ । ଏହାର ନିଜନିଜ ଭାଷାର ଶାବ୍ଦିକ ଉପାଦନ ଓ ସେଗୁଡ଼ିକର ତାତ୍ପର୍ଯ୍ୟ ଓ ଶବ୍ଦାବଳୀର ସ୍ୱରୂପ, ବ୍ୟୁତ୍ପତ୍ତି, ଉଚ୍ଚାରଣ ପ୍ରକ୍ରିୟା, ଅର୍ଥ ଓ ବ୍ୟବହାର ରୀତିର ପ୍ରକାଶ ହୋଇଥିବା ଗ୍ରନ୍ଥ।

**ଅଭିଧାନ ଓ ଜ୍ଞାନକୋଷ କହିଲେ କୌଣସି ଭାଷାର ଶାବ୍ଦିକ ଉପାଦାନ ଓ ସେଗୁଡ଼ିକର ତାତ୍ପର୍ଯ୍ୟ ସୂଚୀବଦ୍ଧ ହୋଇଥିବା ଗ୍ରନ୍ଥ ।**

ଚତୁର୍ଥ/ପଞ୍ଚମ ଶତାବ୍ଦୀରେ ଅମରସିଂହଙ୍କ ଦ୍ୱାରା କୃତ 'ଅମରକୋଷ'ରେ ନିଜ ଗ୍ରନ୍ଥ ସମ୍ପର୍କରେ ଗ୍ରନ୍ଥକାର ଲେଖିଛନ୍ତି ଯେ ଅଷ୍ଟାଦଶ ବର୍ଗମଧ୍ୟରୁ 'ନାନାର୍ଥ ବର୍ଗ ପର୍ଯ୍ୟାୟରେ ନାନାର୍ଥ ସମ୍ବଳିତ' ଶବ୍ଦଗୁଡ଼ିକୁ ପ୍ରାନ୍ତ ବ୍ୟଞ୍ଜନକୁ କ୍ରମରେ ସଜ୍ଜିତ କରି ସେଗୁଡ଼ିକୁ ସ୍ୱତନ୍ତ୍ର ଭାବରେ 'କାନ୍ତଃ, ଖାନ୍ତଃ, ଗାନ୍ତଃ' ଇତ୍ୟାଦି ଅନୁକ୍ରମରେ ସଂକଳିତ ହୋଇଛି, ତେଣୁ ଅମରକୋଷରେ କୁହାଯାଇଛି ଯେ –

"ନାନାର୍ଥାଃ କେଦ୍ଧପି କାନ୍ତାଦି ବର୍ଗେଷ୍ୱ ବାତ୍ର କୀର୍ତ୍ତିଦାଃ
ଭୂରିପ୍ରୟୋଗା ଯେ ଯେଷ୍ଟୁ ପର୍ଯ୍ୟାୟଷେବଟି ତେଷ୍ଟୁତେ।"(ଅମର କୋଷ)(୧)

(ଅମରକୋଷଃ, ତୃତୀୟ କାଣ୍ଡେ ନାନାର୍ଥ ବର୍ଗ, ପ୍ରଥମ ପଦ, କାଳବୋଧିନୀ ଟୀକା, ଧର୍ମଗ୍ରନ୍ଥ ଗ୍ରନ୍ଥ ଷ୍ଟୋର,ପୃ ୩୦୯)

୧୯୩୧-୪୦ ମସିହାରେ ସଂକଳିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ରେ ଗୋପାଳଚନ୍ଦ୍ର ପ୍ରହରାଜ ଅଭିଧାନ ସଂଜ୍ଞା ସମ୍ପର୍କରେ 'ଅବତରଣିକା'ରେ ଲେଖିଛନ୍ତି ଯେ "କଥିତ ଶବ୍ଦ ଓ ଲିଖିତ ସାହିତ୍ୟରେ ଯେଉଁ ଶବ୍ଦମାନ ସାଧାରଣତଃ ବ୍ୟବହୃତ ହେବାର ଦେଖାଯାଏ, ସେଗୁଡ଼ିକର ଆକ୍ଷରିକ, ପ୍ରାକୃତିକ ଓ ପ୍ରଚଳିତ ତଥା ବ୍ୟବହାର, ଇତିହାସ, ପ୍ରକୃତି ଓ ବିଶେଷ ଆଦି ଲିପିବଦ୍ଧ କରି ରଖିବା ଅଭିଧାନ ଲେଖକଙ୍କର କର୍ତ୍ତବ୍ୟ ବୋଲି ମୁଁ ମନେ କରେ।" (ପ୍ରହରାଜ ଗୋପାଳ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଅବତରଣିକା)

### ଶବ୍ଦତାତ୍ତ୍ୱିକ ଅର୍ଥ

ଅଭିଧାନର ଶବ୍ଦତାତ୍ତ୍ୱିକ ଅର୍ଥ ହେଉଛି ଶବ୍ଦର ମୂଳ ଅର୍ଥବୋଧକ ଶକ୍ତି । ଶବ୍ଦଶକ୍ତି ହେଉଛି ଶବ୍ଦର ଯୋଗ୍ୟତା । ଏହି ଶବ୍ଦଶକ୍ତିକୁ ତିନିଭାଗରେ ବିଭକ୍ତ କରାଯାଇଛି, ଯଥା – ଅଭିଧା, ବ୍ୟଞ୍ଜନା, ଲକ୍ଷଣା । ସେଥିମଧ୍ୟରୁ 'ଅଭିଧା' ସମ୍ପର୍କରେ ଡକ୍ଟର ନଟବର ଶତପଥୀଙ୍କ ଓଡ଼ିଆ ଭାଷାର ସର୍ବବୃହତ୍ ଶବ୍ଦକୋଷ 'ଶବ୍ଦସିନ୍ଧୁ'ରେ ଲେଖାଯାଇଛି ଯେ –

'ତତ୍ର ସାଙ୍କେତିତାର୍ଥସ୍ୟ ବୋଧନାଧ୍ଗ୍ରାମାଭିଧା', (ସା.ଦ ୨।୪)

ଅର୍ଥାତ୍ ଯାହା ମୁଖ୍ୟ ଅର୍ଥର ସଙ୍କେତ ପ୍ରଦାନ କରେ ।


ଏହା ପ୍ରଥମ ଶକ୍ତି ବା ସ୍ୱାଭାବିକ ଶକ୍ତି ଏହାକୁ ବାକ୍ୟାର୍ଥ ମଧ୍ୟ କୁହାଯାଏ । ଏହି ଅଭିଧାନ ଶକ୍ତିକୁ ନେଇ ସୃଷ୍ଟି ହୋଇଥିବା ଅଭିଧାନର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ଅଭି-ଧା-ଅନ "ଶବ୍ଦସିନ୍ଧୁ" ଅନୁଯାୟୀ 'ଅଭି' ହେଉଛି ଧାତୁ ବା ଶବ୍ଦରେ ବ୍ୟବହୃତ ଉପସର୍ଗ, "ଧା"-ନାମ-ସଂଜ୍ଞା ଶବ୍ଦର ମୁଖ୍ୟ ଅର୍ଥବୋଧକ ଶକ୍ତି, "ଧାନ" – ଶବ୍ଦକୋଷ, ଶବ୍ଦଭଣ୍ଡାର ସହ ତାହାର ବ୍ୟୁତ୍ପତ୍ତିଗତ ଅର୍ଥ ଓ ବ୍ୟବହାର ଗ୍ରନ୍ଥ ଲାବଣ୍ୟବତୀ,

୧/୪୦ରେ ତେଣୁ ଲେଖାଯାଇଛି ଯେ -

"ଜାଣ ନାହିଁ ଅଭିଧାନ ବିଧାନମାନଙ୍କୁ
କହନ୍ତି ବିଧୁ ଚନ୍ଦ୍ରମା ବିଷ୍ଣୁ କର୍ପୂରକୁ।"

(ସାମଲ ଡକ୍ଟର ବୈଷ୍ଣବଚରଣ, ସମ୍ପାଦନା, ଲାବଣ୍ୟବତୀ, ଫ୍ରେଣ୍ଡସ ପବ୍ଲିସର୍ସ, ପୃ. ୧୨୪ )

ସେହିପରି ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଶବ୍ଦତତ୍ତ୍ୱବୋଧ' ଅଭିଧାନର ପ୍ରଥମ ସଂସ୍କରଣ ଭୂମିକାରେ ଅଭିଧାନ ସମ୍ପର୍କରେ ଲେଖାଯାଇଛି ଯେ, "ଅଭିଧାନ ଅଟେ ଭାଷାର ସର୍ବସ୍ୱ, ଶବ୍ଦର ଇତିହାସ, ପ୍ରକୃତି ବା ତତ୍ତ୍ୱ ସଂଗ୍ରହ ଏହାହିଁ ସାହିତ୍ୟ ଭଣ୍ଡାରର ଚାବି ସ୍ୱରୂପ । ଶବ୍ଦତତ୍ତ୍ୱ ଅଟେ ଭାଷାର ମୂଳ ଏବଂ ସାହିତ୍ୟର ପ୍ରଥମ ପଥପ୍ରଦର୍ଶକ । କୌଣସି ଭାଷାର ବିକାଶ କ୍ରମ ତାହାର ଶବ୍ଦକୋଷ ବା ଅଭିଧାନରୁ ଜଣାଯାଏ"। (ନନ୍ଦଶର୍ମା ପଣ୍ଡିତ ଗୋପୀନାଥ, ଶବ୍ଦତତ୍ତ୍ୱବୋଧ ଅଭିଧାନ, ଫ୍ରେଣ୍ଡସ୍ ପବ୍ଲିସର୍ସ(ପୃ. ଗ) )




ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ସଂକଳିତ, "ତରୁଣ ଶବ୍ଦକୋଷ'ରେ ଏହା ସମ୍ପର୍କରେ କୁହାଯାଇଛି ଯେ 'ଶବ୍ଦ ହିଁ ଭାଷାର କଙ୍କାଳ ଏବଂ ଭାଷା ଭାବର ବାହକ। ସୁତରାଂ ଅନୁସନ୍ଧିତ୍ସୁ ପାଠକ ଶବ୍ଦଗତ ଜିଜ୍ଞାସାର ନିର୍ଦ୍ଦିଷ୍ଟ ସମାଧାନ ଖୋଜେ । ଯେଉଁ ଶବ୍ଦକୋଷ ଏହି ବିଷୟରେ ଜିଜ୍ଞାସୁର ପରମ ସହାୟକ ହୁଏ ତାହାହିଁ ପ୍ରକୃତ ଶବ୍ଦକୋଷ ପଦବାଚ୍ୟ ହୁଏ।' (କର ପଣ୍ଡିତ କୃଷ୍ଣଚନ୍ଦ୍ର ତରୁଣ ଶବ୍ଦକୋଷ, ଗ୍ରନ୍ଥମନ୍ଦିର (ପୃ.୧)

(ଲଙ୍ଗମ୍ୟାନ୍ - ଏନଟିଏମ୍-ସିଆଇଆଇଏଲ୍ (ଇଂରାଜୀ-ଇଂରାଜୀ-ଓଡ଼ିଆ ଡିକ୍ସନାରୀ)ର ସମ୍ପାଦକୀୟରେ ବୃହତକାୟ ଅଭିଧାନ ସମ୍ପର୍କରେ କୁହାଯାଇଛି ଯେ

"ବୃହତକାୟ ଅଭିଧାନ ଏକାଧାରରେ ଅନେକ କଥା ଦେବା ପାଇଁ ପ୍ରୟାସ କରିଥାନ୍ତି– ଉଚ୍ଚାରଣ, ଶବ୍ଦପ୍ରକରଣଠାରୁ ଆରମ୍ଭକରି ଶବ୍ଦବ୍ୟୁତ୍ପତ୍ତି, ସମାର୍ଥ ଓ ବିପରୀତାର୍ଥ ଶବ୍ଦ ଆଦି ବହୁପ୍ରକାର ସୂଚନା ଏଥିରେ ଥାଏ । ପ୍ରତ୍ୟେକ ଶବ୍ଦର ସଂଜ୍ଞା, ସ୍ୱରୂପ, ବିଭିନ୍ନ ଅର୍ଥ ବିଶ୍ଳେଷଣ, ପ୍ରକୃତିପ୍ରତ୍ୟୟ, ଉପସର୍ଗ, ସନ୍ଧି ଓ ସମାସପଦ ସହିତ ନିଷ୍ପନ୍ନ ହେଉଥିବା ଶବ୍ଦରୂପର ବ୍ୟାଖ୍ୟା ମଧ୍ୟ ଦିଆଯାଇଥାଏ'।

ଓଡିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ ଓ ଆଲୋଚନା ପ୍ରବନ୍ଧରେ ଡକ୍ଟର ହରପ୍ରସାଦ ମିଶ୍ର 'ଅଭିଧାନ' ସମ୍ପର୍କରେ ଲେଖିଛନ୍ତି ଯେ 'ଅଭିଧାନକାର ନିର୍ଦ୍ଦିଷ୍ଟ ଭାଷାର ମୁଖ୍ୟ ଉପାଦାନ ସ୍ୱରୂପ ବ୍ୟବହୃତ ବହୁବିଧ ଶବ୍ଦାବଳୀକୁ ସଂଗ୍ରହ କରି ସେଗୁଡ଼ିକୁ ଅଭିଧାନ ଗ୍ରନ୍ଥରେ ଏକତ୍ର କରି ରଖିଥାନ୍ତି । ତେବେ ନିର୍ଦ୍ଦିଷ୍ଟ ଭାଷାର ଅଭିଧାନ ଅନ୍ତର୍ଗତ ସମସ୍ତ ଶବ୍ଦ ଗୋଟିଏ ସୂତ୍ରରୁ ସହଜରେ ମିଳିନଥାଏ । ସେହିସବୁ ଶବ୍ଦଗୁଡିକ ବିଭିନ୍ନ ଗ୍ରନ୍ଥ, ସମାଜ ଓ ଅନୁଷ୍ଠାନ ମଧ୍ୟରେ ବିକ୍ଷିପ୍ତ ଭାବରେ ରହିଥାଏ । ସେସବୁକୁ ଅଭିଧାନକାର ଜୀବନ ସାରା ପରିଶ୍ରମ କରି ସଂଗ୍ରହ କରନ୍ତି ଏବଂ ସେଗୁଡ଼ିକୁ ସେ ଯେଉଁ ଗ୍ରନ୍ଥରେ ଏକତ୍ର କରି ରଖନ୍ତି ସେ ଗ୍ରନ୍ଥର ନାମ ଅଭିଧାନ।' (ମିଶ୍ର ଡକ୍ଟର ହର ପ୍ରସାଦ, ଓଡ଼ିଆ ଭାଷାତତ୍ତ୍ୱିକ ପ୍ରବନ୍ଧ ଓ ଅଲୋଚନା, ଅଗ୍ରଦୂତ (ପୃ ୫୯))


ଗୋଟିଏ ଅଭିଧାନ ହେଉଛି ଗୋଟିଏ ଜାତିର ଗଣସମ୍ପତ୍ତି, ଯେଉଁଥିରେ ଗୋଟିଏ ଜାତିର ଅମାପ ଭାଷା ଗଚ୍ଛିତ ହୋଇ ରୁହେ। ଅଭିଧାନରେ ସଂଜ୍ଞାକୁ ଭିତ୍ତିକରି ତାହାର ସ୍ୱରୂପ ଜଣାଯାଏ।

**ଅଭିଧାନର ସ୍ୱରୂପ**

ଅଭିଧାନର ସ୍ୱରୂପ ହେଉଛି ସ୍ୱରବର୍ଣ୍ଣମାନଙ୍କର ସଂକ୍ଷିପ୍ତ ରୂପ 'ଆ'କାର, 'ଇ' କାର ଇତ୍ୟାଦି ଏବଂ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ସଂକ୍ଷିପ୍ତ ରୂପ 'ମାତ୍ରା' ଫଳା କ୍ରମ ଅନୁଯାୟୀ ଦିଆଯାଇଥାଏ । ଅନ୍ୟାନ୍ୟ ପ୍ରାଦେଶିକ ଭାଷାପରି ଓଡ଼ିଆ ଭାଷାରେ ଅଭିଧାନ ବା ଭାଷାକୋଷ ପ୍ରସାରିତ ହେବାରେ ଲାଗିଛି । ଏହି ଅଭିଧାନଗୁଡ଼ିକରେ ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଆଦି ଶବ୍ଦର ବ୍ୟବହାର ଦେଖିବାକୁ ମିଳେ 'ଅ' ଠାରୁ 'ହ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ ସଜ୍ଜୀକରଣ ହୋଇ ପ୍ରତ୍ୟେକ ଶବ୍ଦ ବା ଅକ୍ଷର ପରେ ଅଭିଧାନିକ କ୍ରମାନୁଯାୟୀ ଯଥୋଚିତ ସଜ୍ଜିତ ହୋଇଥାଏ । ବ୍ୟୁତ୍ପତ୍ତି, ବିଭାଗ, ପଦ, ଲିଙ୍ଗ ଇତ୍ୟାଦିର ସୂଚନା ଦିଆଯାଇ ଶବ୍ଦ ସମ୍ପର୍କ ଜଣାଯାଏ । ଏଥି ସହ ଅନେକ ଅଭିଧାନରେ ସମଜାତୀୟ ଜ୍ଞାତବ୍ୟ ଶବ୍ଦ ମଧ୍ୟରେ ଥିବା ଅର୍ଥଗତ ସୂକ୍ଷ୍ମ ପାର୍ଥକ୍ୟ ଦର୍ଶାଇ ଦିଆଯାଇଥାଏ।

କେଉଁ ଶବ୍ଦଟି କେଉଁଠାରୁ ଗୃହୀତ ହୋଇଛି ତାହାକୁ ଚନ୍ଦ୍ରବନ୍ଧନୀ ମଧ୍ୟରେ (ତଦ୍) ରଖାଯାଏ । ପ୍ରତ୍ୟେକ ଶବ୍ଦକୁ ବ୍ୟାପକ ପର୍ଯ୍ୟାୟରେ ଆଲୋଚନା କରାଯାଏ । ଓଡ଼ିଆ ଅଭିଧାନମାନଙ୍କରେ ସଂସ୍କୃତ ଭାଷାର ନିୟମାନୁଯାୟୀ 'ପ' ପରେ ବର୍ଗ୍ୟ 'ବ'କୁ 'ଲ'ପରେ ଅବର୍ଗ୍ୟ 'ବ'କୁ ସ୍ଥାନ ଦିଆଯାଇଥାଏ । ସମସ୍ତ ଶବ୍ଦକୋଷରେ 'ବର୍ଗ୍ୟ' ଓ ଅନ୍ତଃସ୍ଥ (ଅବର୍ଗ୍ୟ ଉଭୟ 'ବ'ମୂଳକ ଶବ୍ଦାବଳୀ ବର୍ଣ୍ଣାନୁକ୍ରମିକ ଭାବରେ ଯଥାବିଧି ସଜ୍ଜିତ ହୋଇ 'ଫ' ପରେ ଏକତ୍ର ପ୍ରକାଶ କରାଯାଏ। ଯେତେ ବର୍ଗ୍ୟ ବ ଓ ଅନ୍ତଃସ୍ଥ 'ବ' ଅକ୍ଷର ଅଛି ସେଗୁଡ଼ିକର 'ଫ' ଅକ୍ଷର ପରେ ଲେଖାହୋଇଥାଏ ।

ଅଭିଧାନର ପ୍ରାଚୀନତା ଓ ତାହାର ବିକାଶଧାରା ସମ୍ପର୍କରେ ଆଲୋଚନାକଲେ ପ୍ରଥମେ ପ୍ରାଚ୍ୟ ଅଭିଧାନ-ରୀତିକୁ ଅନୁସରଣ କରି ଛ'(୬) ଗୋଟି କୋଷଗ୍ରନ୍ଥକୁ ଅନୁଧ୍ୟାନ କରିବାକୁ ହୁଏ। ଖ୍ରୀ.ଅ. ୪ର୍ଥ / ୫ମ ଶତାବ୍ଦୀରେ ଅମର ସିଂହ କୃତ 'ଅମରକୋଷ'ରେ ୩୩ଟି ବର୍ଗରେ ଶବ୍ଦଗୁଡ଼ିକୁ ବିଭକ୍ତକରି ପ୍ରାନ୍ତ-ବ୍ୟଞ୍ଜନାନୁକ୍ରମେ ୩୩ଟି ବର୍ଗରେ ପ୍ରତି ପର୍ଯ୍ୟାୟରେ ଶବ୍ଦ-ସମାପ୍ତିରେ କାନ୍ତଃ-ଖାନ୍ତଃ-ଗାନ୍ତଃ ଇତ୍ୟାଦି ଅବତାରଣା କରାଯାଇ ଶବ୍ଦ ସମାପ୍ତିର ସୂଚନା ଦିଆଯାଇଛି ।




ସେହିପରି ଷଷ୍ଠ/ସପ୍ତମ ଶତାବ୍ଦୀରେ ଶାଶ୍ୱତଙ୍କ କୃତ 'ଅନେକାର୍ଥସମୁଚ୍ଚୟ' ବା ଶାଶ୍ୱତ କୋଷ ଅନ୍ୟତମ କୋଷଗ୍ରନ୍ଥ। ଏକାଦଶ ଶତାବ୍ଦୀରେ ଯାଦବ ପ୍ରକାଶଙ୍କ କୃତ 'ବୈଜୟନ୍ତୀ' ଓ ଦ୍ୱାଦଶ ଶତାବ୍ଦୀରେ ମହେଶ୍ୱର ଆଚାର୍ଯ୍ୟଙ୍କ କୃତ 'ବିଶ୍ୱପ୍ରକାଶକ' ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ପୁରୁଷୋତ୍ତମ ଦେବଙ୍କ ଦ୍ୱାରା କୃତ 'ତ୍ରିକାଣ୍ଡ କୋଷ' ପ୍ରଭୃତି କୋଷଗ୍ରନ୍ଥ। ତ୍ରୟୋଦଶ/ଚତୁର୍ଦ୍ଦଶ ଶତାବ୍ଦୀରେ ମଧ୍ୟ ମେଦିନୀ କରଙ୍କ କୃତ 'ମେଦିନୀ କୋଷ' ରଚିତ ହୋଇଥିଲା। ଏହି ସମସ୍ତ ୬ଗୋଟି କୋଷଗ୍ରନ୍ଥକୁ ଆଧାରକରି ପରବର୍ତ୍ତୀ ସମୟରେ ଓଡ଼ିଆରେ ମଧ୍ୟ କୋଷଗ୍ରନ୍ଥ ବା ଅଭିଧାନ ସୃଷ୍ଟି ହୋଇଛି ।

**କ୍ରମିକ ଇତିହାସ**

ଓଡିଆ ଅଭିଧାନ ବା ଶବ୍ଦକୋଷର ରଚନା ଧାରା ଏହାର ଏକ କ୍ରମିକ ଇତିହାସକୁ ଆଲୋଚନା କଲେ ଜଣାଯାଏ।

୧. ୧୭୪୨/୪୩ ଉପେନ୍ଦ୍ର ଭଞ୍ଜ, ଗୀତାଭିଧାନ, ପ୍ରଥମ ମୁଦ୍ରଣ ୧୮୭୦, ପୃ. ୪୦

୨. ୧୮୧୧ ମୋହନ ପ୍ରସାଦ ଠାକୁର, ଓରିୟା-ଇଂଲିସ ଭୋକାବୁଲାରୀ, ପୃ. ୨୧୫ ପ୍ରାୟ ୪୯୦୦ ଶବ୍ଦ, ଶ୍ରୀରାମପୁର ମିଶନ ପ୍ରେସ୍

୩. ୧୮୪୧-୧୮୪୩ ରେଭେରେଣ୍ଡ ଆମସ୍ ସଟନ୍,ଭୁବନାନନ୍ଦ ନ୍ୟାୟାଳଙ୍କାର ଓଡ଼ିଆ ଡିକ୍ସନାରୀ ଇନ ଟୁ ଭୋଲ୍ୟୁମ୍ସ (ଆନ ଇଣ୍ଟ୍ରଡକ୍ଟରୀ ଗ୍ରାମାର, ଆନ ଇଂଲିସ୍ ଆଣ୍ଡ ଓରିୟା ଡିକ୍ସନାରୀ ଏ ଲିଷ୍ଟ ଓଫ ଅଫିସିଆଲ ଟର୍ମସ୍)

☐ ପ୍ରଥମ ଭାଗ ଇଂଲିସ ଟୁ ଓରିଆ ଡିକ୍ସନାରୀ, ୧୮୪୧, ପୃ ୩୨୪, ୧୩୦୦୦ ଶବ୍ଦ ।

☐ ଦ୍ୱିତୀୟ ଭାଗ ଆନ୍ ଓରିୟା ଡିକ୍ସନାରୀ ୱିଥ ଓଡ଼ିଆ ସିନୋନିମ୍ସ ବା ଉତ୍କଳ ଭାଷାର୍ଥାଭିଧାନ ୧୮୪୩, ପୃ. ୩୦୦,୧୬୦୦୦ ଶବ୍ଦ ।

☐ ତୃତୀୟ ଭାଗ ଆନ ଓରିୟା ଆଣ୍ଡ ଇଂଲିସ୍ ଡିକ୍ସନାରୀ ଅଫିସିଆଲ ଟର୍ମସ୍ ଆଣ୍ଡ ଏ ଲିଷ୍ଟ ଅଫ ମାଟେରିଆ ମେଡିକା, ୧୮୪୩, ପୃ. ୩୧୧,ପ୍ରାୟ ୧୬୩୦୦ ଶବ୍ଦ ।

୪. ୧୮୪୪ ସାଧୁଭାଷାର୍ଥାଭିଧାନ (ରେଭେରେଣ୍ଡ ଆମସ୍ ସଟନ୍) ଓଡ଼ିଆ ମିଶନ ପ୍ରେସ୍, କଟକ, ୧୮୪୩ ପ୍ରାୟ ୯୦୦୦ ଶବ୍ଦ ।

୫. ୧୮୬୮ ରେଭରେଣ୍ଡ ଡବ୍ଲ୍ୟୁ. ମିଲର ରଘୁନାଥ ମିଶ୍ର, ଆନ୍ ଓରିୟା ଡିକ୍ସନାରୀ ୱିଥ ଓଡ଼ିଆ, କଟ. ପୃ.୩୩୯,୧୬୪୦୦ ଶବ୍ଦ ।

୬. ୧୮୭୪ ରେଭେରେଣ୍ଡ ଆର ଡବ୍ଲ୍ୟୁ ବୃକ୍ସ ଆନ୍ ଓରିୟା ଆଣ୍ଡ ଇଂଲିସ ଡିକ୍ସନାରୀ, ଓଡ଼ିଶା ମିଶନ ପ୍ରେସ୍, କଟକ, ପୃ.୨୬୧, ୧୫୪୦୦ ଶବ୍ଦ ।

୭. ୧୮୭୪ ଡି ଆର ଆଣ୍ଡ ଜେ ଏସ ରାଉତ ଆନ୍ ଓରିୟା ଆଣ୍ଡ ଇଂଲିସ ଡିକ୍ସନାରୀ, ଓଡିଶା ମିଶନ ପ୍ରେସ୍,କଟକ

୮. ୧୮୮୩ ଚତୁର୍ଭୁଜ ପଟ୍ଟନାୟକ ପଟ୍ଟନାୟକ, ଶିବନାରାୟଣ ନାୟକ ଶବ୍ଦନିଧି ଓଡିଆ ମିଶନ ପ୍ରେସ୍, କଟକ, ପୃ. ୧୬୪+୧୬୬,୮୩୦୦ ଶବ୍ଦ ।

୯. ୧୮୯୧ ଜଗନ୍ନାଥ ରାଓ ଉତ୍କଳ ଅଭିଧାନ, ଉତ୍କଳ

ସାହିତ୍ୟ ପ୍ରେସ୍,କଟକ ପୃଷ୍ଠା-୭୯୦, ପ୍ରାୟ ୨୩୦୦୦ ଶବ୍ଦ ।

୧୦. ୧୮୯୨ ଆର୍ତ୍ତତ୍ରାଣ ଶତପଥୀ ଅପଭ୍ରଂଶବୋଧିନୀ, ପୃ ୨୨ ପ୍ରାୟ ୧୮୦୦ ଶବ୍ଦ ।

୧୧. ୧୮୯୪ ଆର୍ତ୍ତତ୍ରାଣ ଶତପଥୀ, ଗଣବୋଧିନୀ ଓ ଶୁଦ୍ଧ ବୋଧକ, ଉତ୍କଳ ସାହିତ୍ୟ ପ୍ରେସ୍ କଟକ ।

୧୨. ୧୮୯୫ ଜଗନ୍ନାଥ ରାଓ ସଂକ୍ଷିପ୍ତ ଉତ୍କଳ ଅଭିଧାନ ।

୧୩. ୧୯୦୧ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ମୂଳ ଶବ୍ଦ ବୋଧିକା, ଉତ୍କଳ ସାହିତ୍ୟ ପ୍ରେସ୍, ପୃ. ୪୮(୧୯୧୩ ଦ୍ୱିତୀୟ, ୧୯୨୫ ତୃତୀୟ ସଂସ୍କରଣ)

୧୪. ୧୯୦୩ ଜଗନ୍ନାଥ ତ୍ରିପାଠୀ, ସଂକ୍ଷିପ୍ତ ଓଡିଆ ଅଭିଧାନ,୧୯୬୨ ୪ର୍ଥ ସଂସ୍କରଣ, ନିଉ ଷ୍ଟୁଡେଣ୍ଟସ ଷ୍ଟୋର, କଟକ,ପୃ- ୫୫୫ ।

୧୫. ୧୯୦୭- ସ୍ୱପ୍ନେଶ୍ୱର ଦାସ, କୋଷାଙ୍କୁର, ଓଡିଶା ମିସନପ୍ରେସ୍, କଟକ, ପୃ. ୬୨ ।

୧୬. ୧୯୦୯ ଗୋବିନ୍ଦ ରଥ, ବୈଦିକ ଅଭିଧାନ, ଗୋବିନ୍ଦ ରଥ ପୁସ୍ତକାଳୟ, କଟକ, ପୃ. ୧୦୪ ।

୧୭. ୧୯୧୨ହରିହର ମହାପାତ୍ର ଶର୍ମା, କୁମାର କଣ୍ଠଭରଣ, ଜଗନ୍ନାଥ ବଲ୍ଲଭ ପ୍ରେସ୍, ଦେବଗଡ ।

୧୮. ୧୯୧୨ ମଧୁସୂଦନ ରାଓ, ସୁଖବୋଧ ଅଭିଧାନ, ଓଡ଼ିଶା ମିସନପ୍ରେସ୍ କଟକ, ପୃ.୩୦୦, ୧୩୫୦୦ ଶବ୍ଦ ।

୧୯. ୧୯୧୩ ଶ୍ରୀଧର ଗର୍ଗବଟୁ, ବିପରୀତାର୍ଥ ବୋଧିନୀ, ରାଧାରମଣ ପୁସ୍ତକାଳୟ ।

୨୦. ୧୯୧୩ ରତ୍ନାକର ଗର୍ଗବଟୁ ଓ ରାଧାକୃଷ୍ଣ ବସୁ, ଗଣବୋଧିନୀ, ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ପୃ. ୧୯,୨୦୭ ଶବ୍ଦ ।

୨୧. ୧୯୧୫ ଶ୍ରୀ ମୟୁର ଭଞ୍ଜ ବିରଚିତ, ମୁଗ୍ଧବୋଧ ଅଭିଧାନ ଗୋବିନ୍ଦ ରଥଙ୍କ ଦ୍ୱାରା ସଂଗୃହୀତ, ସଂଶୋଧିତ ଓ ପ୍ରକାଶିତ ।

୨୨. ୧୯୧୫ ଆର୍ତ୍ତତ୍ରାଣ ଶତପଥୀ, ଜଗନ୍ନାଥ ରଥ, ଶୁଦ୍ଧି ବୋଧକ ।

୨୩. ୧୯୧୬ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଶବ୍ଦତତ୍ତ୍ୱବୋଧ ଅଭିଧାନ, ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ପୃ. ୧୧୨୦, ୨୯୯୦୦ ଶବ୍ଦ ।

୨୪. ୧୯୧୬ ଜେ ଜି ପାଇକ ସି ଏସ ଉଇଲକିନ୍ସ ଏ କମ୍ପ୍ରିହେଂସିଭ୍ ଇଂଲିସ ଓଡ଼ିଆ ଡିକ୍ସନାରୀ, ଓଡ଼ିଶା ମିସନପ୍ରେସ୍, କଟକ, ପୃ-୭୨୭

୨୫. ୧୯୧୬ ଆର ଜେ ଗ୍ରଣ୍ଡି, ଇନ୍‌ସାଇଡ୍ ଓରିୟା-ଇଂଲିସ୍ ଡିକ୍‌ସନାରୀ, ଓଡ଼ିଆ ମିଶନ ପ୍ରେସ୍, କଟକ, ପୃ.୩୪୪+୪୨।

୨୬. କନ୍ସାଇଜ୍ ଓରିୟା-ଇଂଲିସ ଡିକ୍ସନାରୀ ଓଡ଼ିଶା ମିଶନ ପ୍ରେସ୍, କଟକ, ପୃ. ୩୪୪+୪୨।

୨୭. ୧୯୧୬ ରତ୍ନାକର ଗର୍ଗବଟୁ, ପ୍ରତିଶବ୍ଦ ବୋଧିନୀ, ଉତ୍କଳ ପ୍ରିଣ୍ଟିଙ୍ଗ ୱର୍କ୍ସ, କଟକ ।

୨୮. ୧୯୨୩ ସି.ଏସ. ୱିଲ୍କିନ୍ସ, ଆସିଷ୍ଟାଣ୍ଟ ବାଇ ପଣ୍ଡିତ ରାମକୃଷ୍ଣ ପଣ୍ଡା ଏ କମ୍ପ୍ରିହେଂସିଭ୍ ଇଂଲିସ ଓଡ଼ିଆ ଡିକ୍ସନାରୀ, ଭଲ୍ୟୁମ-୨, ଓଡ଼ିଶା ମିସନପ୍ରେସ୍, କଟକ ।

୨୯. ୧୯୨୫ ଚନ୍ଦ୍ରମଣି ମହାନ୍ତି, ଶବ୍ଦକଳ୍ପଲତା

**ଓଡ଼ିଆ ଅଭିଧାନମାନଙ୍କରେ ସଂସ୍କୃତ ଭାଷାର ନିୟମାନୁଯାୟୀ 'ପ' ପରେ ବର୍ଗ୍ୟ 'ବ'କୁ 'ଲ'ପରେ ଅବର୍ଗ୍ୟ 'ବ'କୁ ସ୍ଥାନ ଦିଆଯାଇଥାଏ ।**

୩୦. ୧୯୨୫ ମୃତ୍ୟୁଞ୍ଜୟ ରଥ, ଓଡ଼ିଆ ପକେଟ ଅଭିଧାନ ଉତ୍କଳ ସାହିତ୍ୟ ପ୍ରେସ୍ (ମୁକୁର ପ୍ରେସ୍), କଟକ, ପୃ. ୬୬୮,୧୪୨୦୦ ଶବ୍ଦ ।

୩୧. ୧୯୨୭ ବି.କେ. ମହାପାତ୍ର, ଶବ୍ଦବୋଧିନୀ, ଉତ୍କଳ ବୁକ କମ୍ପାନୀ, କଟକ, ପୃ.୧୧୫ ।

୩୨. ୧୯୩୧ ରାମଚନ୍ଦ୍ର ଆଚାର୍ଯ୍ୟ, ଆଚାର୍ଯ୍ୟ କଂସାଇଜ ଇଂଲିସ୍ ଇଂଲିସ୍ ଓଡ଼ିଆ ଡିକ୍ସନାରୀ, ନିଉ ଷ୍ଟୁଡେଣ୍ଟ୍ସ ଷ୍ଟୋର, ବ୍ରହ୍ମପୁର,ପୃ. ୬୦୨ ।

୩୩. ୧୯୩୧-୪୦ ଗୋପାଳ ଚନ୍ଦ୍ର ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଖଣ୍ଡ ୧ରୁ ୭, ଉତ୍କଳ ସାହିତ୍ୟ ପ୍ରେସ୍ କଟକ, ପୃ.୯୨୪୮ ।

୩୪. ୧୯୩୨ କୁଳମଣି ଦାସ, ସରଳ ଉତ୍କଳ ଅଭିଧାନ, କଟକ ସାହିତ୍ୟ ପ୍ରେସ୍, କଟକ, ପୃ. ୧୦୦୬, ୧୭୦୦୦ ଶବ୍ଦ ।

୩୫. ୧୯୫୬ କୁଳମଣି ଦାସ ସରଳ ଉତ୍କଳ ଅଭିଧାନ, କଟକ ପବ୍ଲିସିଂ ହାଉସ, କଟକ, ପୃ. ୬୯୫ ।

୩୬. ୧୯୩୫ ଭାଗିରଥି ମହାପାତ୍ର, ରତ୍ନକୋଷ ବା ବୃହତ ବିବିଧ ସଂଗ୍ରହ, ଅରୁଣୋଦୟ ପ୍ରେସ୍, କଟକ ।

୩୭. ୧୯୩୬ ଲାଲା ନଗେନ୍ଦ୍ର କୁମାର ରାୟ, ରତ୍ନକୋଷ ବା ବିବିଧରତ୍ନ ସଂଗ୍ରହ ।

୩୮. ୧୯୪୨ ପ୍ରମୋଦ ଚନ୍ଦ୍ର ଦେବ, ପ୍ରମୋଦ ଅଭିଧାନ ଖଣ୍ଡ ୧ ଓ ୨ କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର, କଟକ, ପୃ ୨୮୯୧ ।

୧୯୪୨ ଏସ.ଏସ. ନାୟକ ବୃହତ୍ ବୈଦିକ ଅଭିଧାନ, ଦାଶରଥି ପୁସ୍ତକାଳୟ, କଟକ,ପୃ-୧୬୬ ।

୧୭୪୨-୪୩ରୁ ଆରମ୍ଭ ହୋଇଥିବା ଏହି ଅଭିଧାନର ଯାତ୍ରା କେବଳ ୧୯୪୨ ଅର୍ଥାତ ଦୀର୍ଘ ୨୦୦ବର୍ଷ ଭିତରେ ଶେଷ ହୋଇନାହିଁ । ଏହି ଅଭିଧାନର ଲେଖନୀ ତଥାପି ଚଳଚଞ୍ଚଳ ବିଭିନ୍ନ ଆଦିବାସୀ ଭାଷାର ଅଭିଧାନ ସହ ଶ୍ରୀମନ୍ଦିରର ଶବ୍ଦକୋଷ, ସାଂସ୍କୃତିକ ଶବ୍ଦକୋଷ ବିଭିନ୍ନ ଲୋକ ଚଳଣିର ଶବ୍ଦକୋଷ ସଂକଳିତ ହୋଇଛି ।

**୧୯୮୬ରେ ଓଡ଼ିଶା ସରକାର ଗୋଟିଏ କ୍ଷୁଦ୍ର ଓଡିଆ ଅଭିଧାନ ପାଇଁ ବ୍ରତୀ ହେଲେ ।**

ତେବେ 'ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ ଓ ଆଲୋଚନା' ଗ୍ରନ୍ଥରେ ଭାଷାବିତ୍ ଡକ୍ଟର ହରପ୍ରସାଦ ମିଶ୍ର ଲେଖିଛନ୍ତି ଯେ ଆମ୍ବ ସଟନ, ମୋହନ ପ୍ରସାଦ ଠାକୁର, ଗଦାଧର ତର୍କ ବାଗୀଶଙ୍କ ପୂର୍ବରୁ ଉପେନ୍ଦ୍ରଭଞ୍ଜ 'ଗୀତାଭିଧାନ' ନାମକ ଓଡ଼ିଆ ଅଭିଧାନ ଗ୍ରନ୍ଥ ପ୍ରଣୟନ କରିସାରିଥିଲେ । ଆଲୋଚ୍ୟ ଗ୍ରନ୍ଥଟି ମୁଦ୍ରିତ ରୂପ ଲାଭ ନ କରି ପ୍ରାୟ ୧୮୭୦ ଖ୍ରୀ.ଅ. ପର୍ଯ୍ୟନ୍ତ ପାଣ୍ଡୁଲିପି ଆକାରରେ ରହି ଆସିଥିଲା । ତେବେ ଯାହା ହେଉନା କାହିଁକି ଆଲୋଚ୍ୟ ଗ୍ରନ୍ଥଟି ପ୍ରାଚ୍ୟରୀତି ଅନୁସୃତ ଓଡ଼ିଆ ଭାଷାର ପ୍ରଥମ ଅଭିଧାନ ଭାବରେ ଗ୍ରହଣୀୟ । କବି ଉପେନ୍ଦ୍ରଭଞ୍ଜଙ୍କ 'ଆମ୍ବ ସଟନ' ଦ୍ୱାରା ସଂକଳିତ ଉତ୍କଳ ଭାଷାର୍ଥାଭିଧାନ (୧୮୪୩) ଗ୍ରନ୍ଥର ପ୍ରାୟ ଏକଶତ ବର୍ଷ ପୂର୍ବରୁ 'ଗୀତାଭିଧାନ' ଶୀର୍ଷକ ପ୍ରଥମ ଓଡ଼ିଆ ଅଭିଧାନ ଗ୍ରନ୍ଥ ପ୍ରଣୟନ ପୂର୍ବକ ଓଡ଼ିଆ ଅଭିଧାନ ରଚନା ପରମ୍ପରାର ଭିତ୍ତି ସ୍ଥାପନ କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ଦେହାନ୍ତ ସମୟ ୧୭୫୩ ବୋଲି ଅଧୁନା ଜଣାପଡ଼ିଥିବାରୁ ଏବଂ କୋଟି ବ୍ରହ୍ମାଣ୍ଡସୁନ୍ଦରୀ ରଚନାର ଅବ୍ୟବହିତ ପୂର୍ବର 'ଗୀତାଭିଧାନ' ପ୍ରକାଶିତ ହେବାର ୨୩ ବର୍ଷ ବିତିଯାଇ ଥିବାରୁ "ଓଡ଼ିଆ ଭାଷା, ଅଭିଧାନ ଓ ଜ୍ଞାନ କୋଷ" ଶୀର୍ଷକ ପ୍ରବନ୍ଧରେ ଆଲୋଚକ ରବୀନ୍ଦ୍ର ମୋହନ ସେନାପତି ଅଭିଧାନର କ୍ରମଇତିହାସ ସମ୍ପର୍କରେ 'ସମାଜ' (୧୯-୦୯-୮୯)ରେ ଲେଖିଛନ୍ତି ଯେ, ୧) ୧୮୪୧ରେ ପାଦ୍ରୀ ରେଭେରେଣ୍ଡ ଡକ୍ଟର ସଟନ ଓ ନ୍ୟାୟାଳଙ୍କାର ଓଡ଼ିଆ ଅଭିଧାନ ସଂକଳନ କଲେ। ୨)୧୮୬୮ରେ ରେଭେରେଣ୍ଡ ମିଲର ଗୋଟିଏ ଓଡ଼ିଆ ଅଭିଧାନ ସଂକଳନ କଲେ ୩) ୧୮୭୩ରେ ମିଲର ସାହେବ ଇଂରାଜୀ ଓଡ଼ିଆ ଅଭିଧାନ ସଂକଳନ କଲେ । ୪) ୧୮୭୪ରେ ରେଭେରେଣ୍ଡ ବୃକ୍ସ ଗୋଟିଏ ଓଡ଼ିଆ ଇଂରାଜୀ ଅଭିଧାନ ସଂକଳନ କଲେ । ୫) ରେଭେରେଣ୍ଡ ପାଇକ ଉଇଲକିନ୍ସ ୧୯୧୬ରେ ଓଡ଼ିଆ ଇଂରାଜୀ ଅଭିଧାନ ପ୍ରସ୍ତୁତ କରିଥିଲେ । ମୃତ୍ୟୁଞ୍ଜୟ ରଥ ୧୯୧୪ରେ ମୂଳ ଶବ୍ଦବୋଧିକା ଓଡ଼ିଆ ଅଭିଧାନ ସଂକଳନ କରିଥିଲେ । (ମିଶ୍ର ଡାକ୍ତର ହରପ୍ରସାଦ "ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ ଓ ଆଲୋଚନା" ପୃ ୬୪।୬୭ ଅଗ୍ରଦୂତ କଟକ-୧)

**ପ୍ରଥମ ଅଭିଧାନ**

ପ୍ରଥମ ଓଡ଼ିଆ ଅଭିଧାନର ସ୍ୱରୂପ ଓ ଇତିବୃତ୍ତି ଶୀର୍ଷକ ପ୍ରବନ୍ଧରେ ସତ୍ୟ ନାରାୟଣ ଆଚାର୍ଯ୍ୟ ଲେଖିଛନ୍ତି ଯେ ସଂସ୍କୃତ ଭାଷାର ବିଭିନ୍ନ କୋଷ ଗ୍ରନ୍ଥଗୁଡ଼ିକୁ ବାଦ୍ ଦେଲେ ଆଧୁନିକ ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଏହା ହେଉଛି ପ୍ରଥମ ଅଭିଧାନ। ଆଧୁନିକ ଓଡ଼ିଆ ଭାଷାର ପ୍ରଥମ ଅଭିଧାନକର୍ତ୍ତା ହେଉଛନ୍ତି ପଣ୍ଡିତ ଗୋପୀନାଥ ନନ୍ଦଶର୍ମା। ସେ ଗୋପାଳ ପ୍ରହରାଜଙ୍କ ବହୁପୂର୍ବରୁ ଓଡ଼ିଆ ଭାଷାର ଉନ୍ନତି କଳ୍ପେ 'ଶବ୍ଦତତ୍ତ୍ୱ' ଅଭିଧାନ ପ୍ରଣୟନ କରିଥିଲେ । କିନ୍ତୁ ଅର୍ଥ ଅଭାବରୁ ତାହା ପ୍ରକାଶ ନପାଇ ପାଣ୍ଡୁଲିପିଟି ୧୯୧୬ ମସିହାରେ ପ୍ରକାଶ ଲାଭକଲା।

**ସର୍ବବୃହତ୍ ଅଭିଧାନ**

ପରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ସଂକଳିତ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଓଡ଼ିଆରେ ଶ୍ରେଷ୍ଠ ଅଭିଧାନ ହେଲା। ଏହା ଓଡ଼ିଆ ଭାଷାର ସର୍ବବୃହତ୍ ଓ ବ୍ୟାପକ ଅଭିଧାନ। ୧୯୧୩-୧୪ ମସିହାରେ କଟକ ଟ୍ରେନିଂ କଲେଜର ଅଧକ୍ଷ ଡବଲ୍ୟୁ ଡବଲ୍ୟୁ ହେଣ୍ଡର୍ସନଙ୍କ

ଅନୁପ୍ରେରଣାରେ ସେ ଗୋଟିଏ ପୂର୍ଣ୍ଣାଙ୍ଗ ଓଡ଼ିଆ ଅଭିଧାନ ସଂକଳନ କରିବା ପାଇଁ ମନ ବଳାଇଥିଲେ। ଓଡ଼ିଆ ଭାଷାର ଖଣ୍ଡିଏ 'ଶବ୍ଦକୋଷ' ସଂକଳନ କରି ଓଡ଼ିଆ ଭାଷାର ଗୋଟିଏ ମୁଖ୍ୟ ଅଭାବକୁ ଦୂରାଇବା ପାଇଁ ସେ ଏହି ଅଭିଧାନ ରଚନା କରିଥିଲେ । ଏହା ଚତୁର୍ଭାଷିକ ଯଥା ଓଡ଼ିଆ, ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ନାଗରି ଲିପିରେ ଲିଖିତ ରଚନା କରିଛନ୍ତି । ୧୯୧୩ରୁ ୧୯୧୮ ଯାଏଁ ଏହାର ସଂଗ୍ରହ ଓ ସଂକଳନ କାର୍ଯ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ କରିଥିଲେ । ତାଙ୍କ ସହ ସହକର୍ମୀମାନେ ହେଲେ ଶ୍ରୀମତୀ ପୀତାମ୍ବରୀ ଦେବୀ, ଚନ୍ଦ୍ରଶେଖର ମିଶ୍ର, ପଣ୍ଡିତ କୁଳମଣି ଦାସ, ପଣ୍ଡିତ ରାମଚନ୍ଦ୍ର ରଥ ଏମାନଙ୍କର ସହଯୋଗରେ ଓଡ଼ିଆ ଶବ୍ଦକୋଷ ସଂକଳନ ପରି ଗୁରୁତର କାର୍ଯ୍ୟ ସମ୍ଭବ ହୋଇଥିଲା। ୧୯୩୧ରୁ ୧୯୯୬ ପଞ୍ଚଷଠି ବର୍ଷ ମଧ୍ୟରେ ହଜାର ହଜାର ଶବ୍ଦ ଓଡ଼ିଆଭାଷା ଭିତରକୁ ପ୍ରବେଶ କରିଛି । ତେଣୁ ଭାଷାକୋଷର ଏକ ନୂତନ ପରିବର୍ଦ୍ଧିତ ସଂସ୍କରଣ କିମ୍ବା ସେହିପରି ଅଭିଧାନର ପ୍ରକାଶ ଆବଶ୍ୟକତା ରାହିଛି।




୧୯୮୬ରେ ଓଡ଼ିଶା ସରକାର ସାଧାରଣ ବ୍ୟବହାର ଲାଗି ଗୋଟିଏ କ୍ଷୁଦ୍ର ଓଡିଆ ଅଭିଧାନ ପାଇଁ ବ୍ରତୀ ହେଲେ । ସାଂସ୍କୃତିକ ବ୍ୟାପାର ବିଭାଗରେ ସଙ୍କଳିତ କମିଟି ନିଯୁକ୍ତ ହେଲା ୧୯୯୪ରେ ଏହି କମିଟି ପୁନର୍ଗଠିତ ହେଲା ଏଥିରେ ଓଡିଆ ସାହିତ୍ୟ ଏକାଡେମୀର ସଭାପତି ଓ ଚେୟାର ମ୍ୟାନଙ୍କ ସହ କୁଞ୍ଜ ବିହାରୀ ତ୍ରିପାଠୀ, ଦେବୀ ପ୍ରସନ୍ନ ପଟ୍ଟନାୟକ, ଖଗେଶ୍ୱର ମହାପାତ୍ର, ବିଜୟ ମହାପାତ୍ର ଇତ୍ୟାଦି ଏକ 'ଏଟିମୋଲୋଜିକାଲ୍' ବା ଶବ୍ଦାତାତ୍ତ୍ୱିକ ଓଡ଼ିଆ ଅଭିଧାନର ସୃଷ୍ଟି ପାଇଁ ପ୍ରୟାସ କରିଥିଲେ। ଡକ୍ଟର ମାୟାଧର ମାନସିଂହ ଓଡ଼ିଆରେ ଜ୍ଞାନକୋଷ ପ୍ରସ୍ତୁତ ପାଇଁ ୧୯୫୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିଚାଳନରେ ଓଡ଼ିଆ ଜ୍ଞାନକୋଷ ବିଭାଗ ନାମକ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଗଲା। ମାୟାଧର ମାନସିଂହଙ୍କ ବିଦାୟ ପରେ ବାନାମ୍ବର ଆଚାର୍ଯ୍ୟ ସାହିତ୍ୟରେ ଥିଲେ । ସମଗ୍ର ଜ୍ଞାନକୋଷ ପ୍ରସ୍ତୁତି ଓ ପ୍ରକାଶନ ଦୁରୂହ ବ୍ୟାପାର ଜାଣି କ୍ଷୁଦ୍ର ସଂସ୍କରଣ ସଂକଳିତ ହେଲା ।

ଏହି ସଂକ୍ଷିପ୍ତ ଜ୍ଞାନକୋଷକୁ ଏନ୍‌ସାଇକ୍ଲୋପିଡିଆ ଓଡ଼ିଶା ନାମ ଦିଆଯାଇଥିଲା। ଏହା ମୁଖ୍ୟତଃ ଓଡ଼ିଶାର ପ୍ରାଥମିକ ଶିକ୍ଷକ ଓ କିଶୋରକିଶୋରୀଙ୍କ ପାଇଁ ଲେଖାଯାଇଥିଲା । ୧୯୬୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହାର ପ୍ରଥମ ଓ ଦ୍ୱିତୀୟ ଭାଗ ଓ ୧୯୬୪ ମସିହାରେ ଏହାର ତୃତୀୟ ଭାଗ ଓ ୧୯୬୫ ମସିହାରେ ଏହାର ଚତୁର୍ଥ ଭାଗ ପ୍ରକାଶ ପାଇଥିଲା । ସମସାମୟିକ ଭାବରେ ସ୍ୱର୍ଗତଃ ବିନୋଦ କାନୁନଗୋ ୧୯୫୪ ମସିହାରେ ଓଡ଼ିଆରେ ଜ୍ଞାନମଣ୍ଡଳ ଓ ଏନ୍‌ସାଇକ୍ଲୋପିଡିଆ ଆରମ୍ଭକରି ୧୯୬୦ ଡିସେମ୍ବରରେ ଜ୍ଞାନମୟୂରର ପ୍ରଥମ ଖଣ୍ଡକୁ ପ୍ରକାଶ କରିଥିଲେ ।

୧୯୬୬ ମସିହାରେ ପଣ୍ଡିତ କୃଷ୍ଣଚନ୍ଦ୍ର କର ଶବ୍ଦସମ୍ପଦର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ସ୍ୱଳ୍ପାୟତନ ମଧ୍ୟରେ ଲକ୍ଷାଧିକ ପ୍ରୟୋଜନୀୟ ଶବ୍ଦ ସନ୍ନିବେଶକରି ସଫଳ ଉଦ୍ୟମ ଏକା କରିଥିଲେ। ଯେଉଁଥିରେ ତଥାକଥିତ ପରମ୍ପରାଠାରୁ ନିଜକୁ ଦୂରେଇ ସଂକଳନଟିକୁ ନୂତନ ଶବ୍ଦ ସମୀକ୍ଷାକରି ଅଭିଧାନଟିକୁ ସଂକଳନ କରିଥିଲେ ।

୨୦୦୯ ମସିହାରେ ପ୍ରଥମ ସଂସ୍କରଣ ଓ ୨୦୧୫ ମସିହାରେ ପରିବର୍ଦ୍ଧିତ ଓ ପରିମାର୍ଜିତସଂସ୍କରଣ କରି ଡକ୍ଟର ନଟବର ଶତପଥି ଓଡ଼ିଆ ଭାଷାରେ ବିରଚିତ ସର୍ବବୃହତ ଶବ୍ଦକୋଷ 'ଶବ୍ଦସିନ୍ଧୁ'ରେ ଏକଲକ୍ଷ ପାଞ୍ଚହଜାର ସଂଖ୍ୟକ ଶବ୍ଦର ସମାହାର ହୋଇଥିବାରୁ ସର୍ବବୃହତ ନବଅଭିଧାନର ମର୍ଯ୍ୟାଦା ଲାଭକରିଛି। ଏହିପରି ଆହୁରି ଅନେକ ଛୋଟବଡ଼ ଅଭିଧାନ ସଂକଳିତ ହୋଇଛି ଶବ୍ଦର ପ୍ରାଚୁର୍ଯ୍ୟ ଭିତରେ ଅଭିଧାନ ଓ ଶବ୍ଦକୋଷଗୁଡ଼ିକ ପୁନଃ ସଂକଳିତ ହେଉଛି । ପ୍ରାଚୀନ ସୃଷ୍ଟିକୁ ନେଇ ମଧ୍ୟ ଅନେକ ଅଭିଧାନ ସଂକଳନର ପ୍ରୟାସ ଜାରି ରହିଛି ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
manasasrichandan@gmail.com

କବିତା



# ଭୋକ

ରବି କୁମାର ମହାନ୍ତି

ରାତି ପାହିଲେ ନିଦ ଭାଂଗେ ମାଟିର
ନିଦ ଭାଂଗେ ବାସି ବିଛଣାରେ
କଡ଼ ଲେଉଟଉ ଥିବା ଦେହର
ନିଦ ଭାଙ୍ଗିଲେ ଚେଇଁ ଉଠେ ଭୋକ
ଖରା ସହ ତାଳ ଦେଇ
କ୍ରମଶଃ ଲମ୍ବି ଯାଉଥାଏ
ଭୋକର ଛାଇ
ପେଟରୁ ମନକୁ
ମନରୁ ପ୍ରାଣକୁ
ପିଣ୍ଡରୁ ବ୍ରହ୍ମାଣ୍ଡକୁ
ଅଗଣା ଡେଇଁ ଅନାଲୋଚିତ
ଖାଁ ଖାଁ ଗୋପ ଦାଣ୍ଡକୁ ।



ରାସ୍ତା କଡ ନର୍ଦ୍ଦମା କୂଳରେ
ଭୋକର ଦରଦୀ ଛବି
ଫୋପଡ଼ା ଠୁଙ୍ଗାରୁ ଅଇଁଠାକୁ
ମହାପ୍ରସାଦ ଭାବି
କିଏ ଗୋଟାଉ ଥାଏ ନିକାଞ୍ଚନରେ
ଭୋକ ।

ରାସ୍ତାର ଆର ପାଖରେ କେଉଁଠି
ନୁଆଁଣିଆ ଗଛ ଡାଳରେ
ଓହଳି ଥାଏ
ଚମଡ଼ା ଛେଲା ଛେଳିର
କବନ୍ଧ
କଂସେଇ ଥୋଇଥାଏ ପାଖରେ
ଛେଳିର ଶୂନ୍ୟ ଅନ୍ତବୁଜୁଳା
ଭୋକ ଶୁଖିଯାଇଥାଏ ବୁନ୍ଦେ ରକ୍ତ ହେଇ
ସେଠି
ଅଥଚ
ଆଉ କାହାର ଭୋକର ନିଆଁ
ନିର୍ବାପିତ କରିବାକୁ
ତୁଚ୍ଛା ଫୁଙ୍ଗୁଳା ଦେହଟା
ପଡ଼ିଥାଏ ଲୋଟି ।

କଂସେଇ ଘରେ ଭୋକିଲା ସଂସାର
ଫଡିଆ, କଲିଜା ଆଉ
ଛେଳି ଛାତିର ନରମ ମାଂସ
ସଂଜ ଆଗରୁ କଟି ଗଲେ
ଭୋକିଲା ଅସୁରମାନଙ୍କ
ନିରାଜନା
ସନ୍ତୁଷ୍ଟ ହେବେ ଗରାଖ ଈଶ୍ୱର
ଏବଂ
ପୂରି ପାରିବ ତା ଚାରିପ୍ରାଣୀଙ୍କ
ଅଭୁଞ୍ଜା ଉଦର ।

ବେଶି କିଛି ପଚାରନା କାହାକୁ
ନରମ ସକାଳର କଥା
ପାଦ ସଳଖି ଠିଆ ହେଇ ପାରୁନଥିବା
ପ୍ରେମିକପଣକୁ
ଶୁଣାଅନା ବିରହର ବ୍ୟଥା
ପଚାରନା ଆକାଶକୁ
ସବୁ ରଙ୍ଗ ଥାଇ
କାହିଁକି ହୁଏ ସେ ନୀଳ ନୀଳ ବେଶ ।

□□

କବିଙ୍କ ଇ-ମେଲ୍ ଠିକଣା:
rabikumarmohanty74@gmail.com

ଗଳ୍ପ

# ଜୀବନ ପ୍ରଦୀପ

ଜୟନ୍ତୀ ସାହୁ



ରମେଶବାବୁଙ୍କର ଏକାଜିଦ୍ । ସେ କାଲି ସକାଳୁ ନିଶ୍ଚୟ ମୁନ୍ନାକୁ ନେଇ ରାଞ୍ଚି ହସ୍‌ପିଟାଲ୍‌ରେ ଛାଡ଼ିବେ । ପତ୍ନୀ ନିର୍ମଳା ସ୍ୱାମୀଙ୍କ ପାଖେ ଯେତେ ଅନୁନୟ ବିନୟ ହେଲେ ସୁଦ୍ଧା ସେ ତାଙ୍କ ଜିଦ୍‌ରେ ଅଟଳ । ଆଜିର ଘଟଣା ତାଙ୍କ ପୌରୁଷତ୍ୱକୁ ଭୀଷଣ କଷ୍ଟ ଦେଇଛି । ସେତିକିବେଳୁ ରମେଶବାବୁ ପ୍ରତିଜ୍ଞାକରି କହିଛନ୍ତି ଯେ ଆଜି ରାତି ପାହିଲେ ମୁନ୍ନାକୁ ନେଇ ସେ ରାଞ୍ଚି ନିଶ୍ଚିତ ଯିବେ । ମୁନ୍ନାର ଦୌରାତ୍ମ୍ୟ ଏଣିକି ଅସହ୍ୟ ହୋଇଉଠୁଛି । ଆଜି ମଧ୍ୟାହ୍ନରେ ନିର୍ମଳା ଦେବୀ ରୋଷେଇଘରେ ରନ୍ଧାବଢ଼ାରେ ବ୍ୟସ୍ତ ଅଛନ୍ତି । ଗାଁରୁ ଆସିଥିବା ମଳାଶୁର ଏହି ସମୟରେ କେତେବେଳେ ଗେଟ୍ ଖୋଲି ବାହାରକୁ ଯାଇଛନ୍ତି । ମୁକୁଳା ଫାଟକ ଦେଖି ମୁନ୍ନା ଖୁବ୍ ଜୋର୍‌ରେ ରାସ୍ତା ମଝିକୁ ଦୌଡ଼ିଲା ଏବଂ ଜଣେ ଭଦ୍ରମହିଳାଙ୍କ କାନିଧରି ଟଣାଓଟରା କଲା । ଭଦ୍ରମହିଳା ଜଣକ ମୁନ୍ନାର ଏଭଳି ଅସୌଜନ୍ୟ ଶାଳୀନତାବିହୀନ ବ୍ୟବହାରରେ ଲଜ୍ଜିତ ତଥା ଅପମାନିତ ହୋଇଗଲେ । ଯୋଗକୁ ଠିକ୍ ସେତିକିବେଳେ ରମେଶବାବୁ ମାର୍କେଟରୁ ଘରକୁ ଫେରୁଥିଲେ । ମୁନ୍ନାର ଏଭଳି କାଣ୍ଡକାରଖାନା ଦେଖି ସ୍କୁଟର ସେହି ରାସ୍ତା ଉପରେ ରଖି ମୁନ୍ନାକୁ ଆଗେ ଘୋଷାରି ଆଣିଲେ ଓ ପରେ ଭଦ୍ରମହିଳାଙ୍କୁ ହାତଯୋଡ଼ି ମୁନ୍ନାର ଆଚରଣ ପାଇଁ କ୍ଷମା ମାଗିଲେ । ଭଦ୍ର ମହିଳା ଜଣକ ସ୍ୱଭାବତଃ ଧୀର ସ୍ୱଭାବର ଥିଲେ । ପିଲାଟି ଜନ୍ମରୁ ବାକ୍‌ଶକ୍ତିରହିତ ଏବଂ ବିକୃତ ମସ୍ତିଷ୍କର ବୋଲି ଜାଣିବାରୁ ଦୟାର୍ଦ୍ର ଆଖିରେ ମୁନ୍ନାକୁ ଥରେ ମାତ୍ର ଚାହିଁଦେଇ ନିଜ ବାଟରେ ଚାଲିଗଲେ । ହେଲେ ପଡ଼ିଶା ଲୋକେ ଏ ଦୃଶ୍ୟକୁ ଦେଖି ଦାନ୍ତ ଚିପିଚିପି ହସୁଥିଲେ । ସେ ହସ ତୀକ୍ଷ୍ଣ ଶର ହୋଇ ରମେଶ ବାବୁଙ୍କ ଛାତିରେ ଗୋଟିକପରେ ଗୋଟିଏ ବିଦ୍ଧ ହୋଇଯାଉଥିଲା । ଅସ୍ତବ୍ୟସ୍ତ ହୋଇ ରମେଶବାବୁ ରାସ୍ତା ଉପରୁ ସ୍କୁଟର ଆଣି ଘରେ କିଛି ସମୟ ମୁହଁମାଡ଼ି ଶୋଇରହିଲେ । ଦୁର୍ଭାଗ୍ୟର ଲୁହ ସବୁ ଆପେଆପେ ବୋହି ସାରା ତକିଆକୁ ଭିଜେଇ ଦେଉଥିଲା ।

**ନିର୍ମଳା ଦେବୀ ହତବାକ୍ ହୋଇ ବସି ରହିଥିଲେ । ଫଟା କପାଳକୁ ଧିକ୍‌କାର କରିବା ଛଡ଼ା ଆଉ ସେ କ'ଣ ବା କରିପାରିବେ ?**

ପାଖରେ ନିର୍ମଳା ଦେବୀ ହତବାକ୍ ହୋଇ ବସି ରହିଥିଲେ । ଫଟା କପାଳକୁ ଧିକ୍‌କାର କରିବା ଛଡ଼ା ଆଉ ସେ କ'ଣ ବା କରିପାରିବେ ? ଏଇ ମୁନ୍ନାକୁ ପାଇବା ପାଇଁ ବାରବର୍ଷ ଧରି ସେ କେତେ କଠୋର ସାଧନା କରିଛନ୍ତି ? ବାର ଲୋକଙ୍କର କେତେ ଟାହିଟାପରା, ବ୍ୟଙ୍ଗ, ବିଦ୍ରୂପ ନ ସହିଛନ୍ତି ? ନିର୍ମଳା ଗୋଟିଏ ଅଫଳନ୍ତି ଗଛ, ବନ୍ଧ୍ୟାନାରୀ ବୋଲି ଶାଶୂ ଗାଁ ସାରା ପ୍ରଚାରକରି ବୁଲୁଥିଲେ । ପୁଣି କେବେକେବେ ଅବୁଝା ମା'ମନ ନେଇ କେତେ ଜଡ଼ିବୁଟି, ଗୁଣିଗାରେଡ଼ି ଔଷଧ ଆଣି ନିର୍ମଳାକୁ ଦେଉଥିଲେ । ବେଳେବେଳେ ମନ କ'ଣ ହେଲେ ଉଦୁଉଦିଆ ଦ୍ୱିପ୍ରହରେ ଲମ୍ବା ନଡ଼ିଆ ଚଟେଇ ଉପରେ ଗଡ଼ିଯାଉଯାଉ ବୋହୂ ପାଖକୁ ଉଠିଯାଆନ୍ତି । ବୋହୂକୁ ଧୀରେ ବସି ବୁଝାନ୍ତି । ଦେଖ, ପୁରାଣରେ ଅଛି 'ପୁତ୍' ନାମକ ନରକରୁ ଉଦ୍ଧାର ପାଇବାକୁ ହେଲେ ପୁଅଟିଏ ଦରକାର । ତେଣୁ ତୁ ସବୁ ଦିଅଁଦେବତାଙ୍କୁ ମାନସିକ କର, ଏ ବଂଶରକ୍ଷା ପାଇଁ ପ୍ରଭୁ ପୁଅଟିଏ ଦିଅନ୍ତୁ । ଶାଶୂ ବି ମାନସିକ କରିଥିଲେ, ଏସନ ବୋହୂର ପୁଅଟିଏ ହେଲେ ରମେଶକୁ କହି ଗ୍ରାମଦେବତୀ ହିଙ୍ଗୁଳାଇଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବେ । ନିର୍ମଳା ମଧ୍ୟ ସବୁ ତୀର୍ଥବ୍ରତକୁ ପରମ ଭକ୍ତିରେ ପାଳୁଥିଲେ । ଦେବାଧିଦେବ ମହାଦେବ ଚନ୍ଦ୍ରଶେଖରଙ୍କୁ କପିଳାସ ଶିଖର ଉପରେ ଦର୍ଶନ କରିବା ପାଇଁ ଖାଲି ପାଦରେ ଆଖି ନ ପାଉଥିବା କାହିଁ କେତେ ପାହାଚକୁ ଚଢ଼ିଚଢ଼ି ଶେଷରେ ପ୍ରଭୁଙ୍କର ଦର୍ଶନ ଲାଭ

କରିଥିଲେ । ସେତେବେଳକୁ ପାହାଚ ଚଢ଼ିଚଢ଼ି ଗୋଡ଼ ଏକାବେଳକେ ଫୁଲିଯାଇଥିଲା । ତଥାପି ପିଲା ଆଶାୟୀ ମା'ର ଦମ୍ଭ ଟିକିଏ ବି ଦବିଯାଇନଥିଲା । ସେଇ ମାନସିକ ଦମ୍ଭବଳ ନେଇ ରମେଶବାବୁ ଓ ସେ କେତେଥର ଧାରାଶ୍ରାବଣରେ ବୋଲବମ୍ ଯାତ୍ରୀମାନଙ୍କ ସହ ବହୁ ପଥ ପାଦରେ ଅତିକ୍ରମ କରିକରି ଈଶ୍ୱରଙ୍କୁ ଜଳାଭିଷେକ କରିଛନ୍ତି ।


ସେ ଯାହାହେଉ, ବହୁ ତୀର୍ଥ, ବ୍ରତ, ପୂଜା, ଆରାଧନାର ଦିବ୍ୟଫଳ ସ୍ୱରୂପ ଏଇ ମୁନ୍ନାକୁ ହିଁ ସେ କୋଳରେ ଧରିଛି । ମାତୃତ୍ୱ ଲାଭ ହିଁ ନାରୀତ୍ୱର ସବୁଠାରୁ ଶ୍ରେଷ୍ଠ କାମନା, ଶ୍ରେଷ୍ଠ ପ୍ରାପ୍ତି । ପିଲାଟିକୁ କୋଳରେ ଚାପି ଧରିଲେ, ବୁକୁର ଅମୃତ ଖୁଆଇପାରିଲେ ହିଁ ନାରୀ ଜୀବନର ଚରମ ସାର୍ଥକତା । ମାତୃଗର୍ଭରେ ମୁନ୍ନାର ସଞ୍ଚାର ହେବା ପରେପରେ ହିଁ ରୁକ୍ଷ କଳିହୁଡ଼ୀ ଶାଶୂ ଏକ ନିଚ୍ଛକ ମମତାମୟୀ ଜନନୀରେ ପରିଣତ ହୋଇଯାଇଥିଲେ । ଅନବରତ ନିର୍ମଳାଦେବୀଙ୍କର ପ୍ରତିଟି କାର୍ଯ୍ୟକଳାପର ଯତ୍ନ ନେଉଥିଲେ । ଠିକ୍ ସମୟରେ ବୋହୂର ଖାଇବା ଓ ଠିକ୍ ସମୟରେ ବୋହୂର ଶୋଇବାକୁ ନିଜେ ଅଭୁକ୍ତ ଓ ଅତନ୍ଦ୍ର ରହି ଜଗି ରହୁଥିଲେ । ସେଥିରେ ଟିକିଏ ବି ଅବହେଳା ହେବାକୁ ଦେଉନଥିଲେ । ନାତିର ସ୍ୱପ୍ନରେ ମସଗୁଲ୍ ହୋଇ ଜାତିଜାତି ପିଠାପଣା ନିଜେ ତିଆରିକରି ବୋହୂକୁ ଗେହ୍ଲେଇ ଗେହ୍ଲେଇ ଖୁଆଉଥିଲେ । ନିଜ ଉଦର ମଧ୍ୟରେ ମୁନ୍ନାର ଉପସ୍ଥିତିକୁ ଅନୁଭବକରି ବେଳେବେଳେ ଖୁସିରେ ବିଭୋର ହୋଇଉଠନ୍ତି ନିର୍ମଳାଦେବୀ । ବାରମ୍ବାର ଲୁଚାଇଲୁଚାଇ ପେଟକୁ ଆଉଁଶି ଦିଅନ୍ତି । ସମୟେସମୟେ ସ୍ୱପ୍ନ ଦେଖନ୍ତି, ମୁନ୍ନା ତାଙ୍କର ଜନ୍ମ ନେଇଛି ବେଶ୍ ଡଉଲଡାଉଲ ଦେବଶିଶୁଟିଏ ପରି । ଛାତିରୁ ତାଙ୍କର ଝରିଯାଉଛି ଅମୃତର ଝରଣା । ମୁନ୍ନାକୁ ପରମ ସ୍ନେହରେ ସେ ଟେକିନେଉଛନ୍ତି ସୁକୋମଳ ବକ୍ଷଦେଶକୁ । ଭରା ତୃଷ୍ଣାର ଅଧରରେ ଏକା ନିଃଶ୍ୱାସକେ ମୁନ୍ନା ଶୋଷି ନେଇଯାଉଛି ତାଙ୍କ ବକ୍ଷର ସବୁତକ ଅମୃତ । ତା'ପରେ ସ୍ୱପ୍ନ ଭାଙ୍ଗିଯାଏ । ଭରା ମାତୃତ୍ୱର ଖୁସିରେ ଉବୁଟୁବୁ ହୋଇଯାଆନ୍ତି ନିର୍ମଳାଦେବୀ ।

ସତକୁସତ ଦଶମାସ ଦଶଦିନ ଉତ୍ତାରେ ଲୋଭନୀୟ ରୂପକାନ୍ତି ଧରି ମୁନ୍ନା ନିର୍ମଳାଦେବୀଙ୍କ ଗର୍ଭରୁ ଜନ୍ମନେଲା । ବହୁ ଆକାଂକ୍ଷିତ ମୁନ୍ନାର ଭୂମିଷ୍ଠ ମୁହୂର୍ତ୍ତରେ ଆଶାର ଓ ଖୁସିର ଆଲୋକ ଆପଣାଛାଏଁ ଜଳିଉଠିଲା । ରମେଶବାବୁ ଆନନ୍ଦଭରା ମନରେ ମିଷ୍ଟାନ୍ନରେ ସମସ୍ତଙ୍କୁ ଆପ୍ୟାୟିତ କଲେ । ଘରର ମଉଡ଼ମଣି କୂଳପ୍ରଦୀପ ନାତି ଟୋକାକୁ ଦେଖି ଶାଶୂଙ୍କ ଗୋଡ଼ ଆଉ ତଳେ ଲାଗୁନଥାଏ । ସାହିସାହି ବୁଲି ଖାଲି ମିଠା ବାଣ୍ଟିବାରେ ସେ ବ୍ୟସ୍ତ ଥାଆନ୍ତି । ଭାରି ଜାକଜମକରେ ମଧ୍ୟ ମୁନ୍ନାର ଏକୋଇଶିଆ ପର୍ବ ସମାପ୍ତ ହେଲା । ମୁନ୍ନା ଏବେ ସମସ୍ତଙ୍କର ନୟନର ତାରା, ଦୁଃଖ ପାସୋରା । ମୁନ୍ନା ହେବା ପରଠାରୁ ଶାଶୂଙ୍କର ସବୁକାମ ବନ୍ଦ ହୋଇଯାଇଛି । ଏବେ ସାରାଦିନ ଖାଲି ମୁନ୍ନାର ସେବାରେ ହିଁ କଟିଯାଉଛି । ମୁନ୍ନା ହସିଦେଲେ ଲକ୍ଷେ ପ୍ରସ୍ଫୁଟିତ ପାରିଜାତ ଅଚାନକ ସ୍ୱର୍ଗରୁ ବର୍ଷିଯାଉଛି । ମୁନ୍ନା କାନ୍ଦିଲେ ଦୁଇ ଆୟତ ଆଖିରୁ ତା'ର ଅସରାଅସରା ଆଷାଢ଼ ଶ୍ରାବଣ ଓଜାଡ଼ି ହୋଇପଡୁଛି । ଏମିତିଏମିତି ମୁନ୍ନାର ହସ-କାନ୍ଦକୁ ଚାହିଁଚାହିଁ ଘରର ସବୁ ସଦସ୍ୟଙ୍କର ଦିନପରେ ଦିନ ବିତିଯାଉଥିଲା ।

**ଦିନକୁଦିନ ମୁନ୍ନା କେମିତି ଭାରି ଅବୁଝାଅବୁଝା ଲାଗୁଥିଲା । ଅବୁଝାଅବୁଝା ଆଖିରେ ସମସ୍ତଙ୍କୁ ଚାହିଁ ରହୁଥିଲା ।**

ହେଲେ ଦିନକୁଦିନ ମୁନ୍ନା କେମିତି ଭାରି ଅବୁଝାଅବୁଝା ଲାଗୁଥିଲା । ଅବୁଝାଅବୁଝା ଆଖିରେ ସମସ୍ତଙ୍କୁ ଚାହିଁ ରହୁଥିଲା । କାହାରି କଥାର କିମ୍ବା କାହାରି ହସର ପ୍ରତ୍ୟୁତ୍ତର କରିପାରୁନଥିଲା । ଭୋକ ହେଲେ କେବଳ ସେ ଅତି ବିକଳ ଭାବେ କାନ୍ଦୁଥିଲା । ଝାଡ଼ା, ପରିସ୍ରା ଲାଗିବା ସେ କିଛି ଅନୁଭବ କରୁଥିଲେ ମଧ୍ୟ କୌଣସି ଭାବେ ଭାଷାର ପ୍ରକାଶ କରିପାରୁନଥିଲା । ତେଣୁ ଶୃଙ୍ଖଳାବିହୀନ ଭାବେ ଯେଉଁଠି ମନ ସେଇଠି କେତେବଡ଼ ହେବାଯାଏଁ ପରିସ୍ରା ଅବା କେବେକେବେ ଝାଡ଼ା ମଧ୍ୟ କରିଦେଉଥିଲା । କଥା କହିବାର ବୟସ ଅତିକ୍ରମ କରିଯାଇଥିଲେ ମଧ୍ୟ କୌଣସି ଶବ୍ଦ ସେ ଉଚ୍ଚାରଣ କରିପାରୁନଥିଲା । ନିର୍ମଳାଦେବୀ କେତେଥର ବ୍ୟାକୁଳଚିତ୍ତା ହୋଇ ଭରା ଆବେଗର ଉଚ୍ଛ୍ୱାସରେ ତାକୁ ଶିଖାଇଛନ୍ତି, ଧନମୋର, ମୁନ୍ନାମୋର, ଦୁଃଖୀ ସଂଖାଳି ମୋର, ଥରେ ଖାଲି ମା' ବୋଲି ମତେ କହିଦେ ବାପା । ସେ କିନ୍ତୁ ସେମିତି ନିରବ । ଗର୍ଭଧାରିଣୀ ଜନନୀକୁ 'ମାଆ' ବୋଲି ଥରେ ସମ୍ବୋଧନ ସେ କରିପାରୁନି । ଅନ୍ୟ କାହାରି ହେଲେ ଇଙ୍ଗିତ କିମ୍ବା କୌତୁକକୁ ସେ ବୁଝିପାରୁନି । କିନ୍ତୁ ଶାରୀରିକ ଗଠନ

ପୂର୍ବବତ୍ ସେମିତି ଅତି ସୁନ୍ଦର ତଥା ନିଖୁଣ ଭାବେ ବୃଦ୍ଧି ପାଇବାରେ ଲାଗିଛି । ତା'ର ଏଭଳି ହାବଭାବ ଦେଖି ସାହିପଡ଼ିଶା, ଆତ୍ମୀୟସ୍ୱଜନ ସମସ୍ତେ କହିଲେ, ମୁନ୍ନା ନିହାତି ମୂକ ପିଲାଟିଏ । ସେ କୌଣସି କଥା ଉଚ୍ଚାରଣ କରିବାକୁ ଅସମର୍ଥ । ଏଭଳି ନିଷ୍ଠୁର କଥା ଶ୍ରବଣକରି ଏବଂ ମୁନ୍ନାର କିମ୍ଭୂତକିମାକାର ଆଚରଣରେ ବିବ୍ରତହୋଇ ରମେଶବାବୁ ଓ ନିର୍ମଳାଦେବୀ ବିଷଣ୍ଣ ଚିତ୍ତରେ ଡାକ୍ତରଙ୍କ ଦ୍ୱାରସ୍ଥ ହେଲେ । ଡାକ୍ତର ମହାଶୟ ବହୁ ପରୀକ୍ଷାନିରୀକ୍ଷା ପରେ ରିପୋର୍ଟ ଦେଲେ, ଅତି ଦୁଃଖର ବିଷୟ ଯେ ପିଲାଟିର ମସ୍ତିଷ୍କ ବିକୃତି ମାତୃଗର୍ଭରୁ ହିଁ ରହିଆସିଛି । ତାରି ଫଳରେ ସେ ଆଜି ମୂକ ଏବଂ ବଧିର ମଧ୍ୟ । ତେବେ ଓଡ଼ିଶାରେ ଏହାର କୌଣସି ବିକଳ୍ପ ଚିକିତ୍ସା କରାଯାଇପାରିବ ନାହିଁ । ହୁଏତ ଦିଲ୍ଲୀର ପ୍ରଖ୍ୟାତ ଡାକ୍ତରମାନଙ୍କ ପରାମର୍ଶ ନେଲେ ଏହାର ନିଦାନ ଜଣାଯାଇପାରିବ । ଡାକ୍ତରଙ୍କ ଏଭଳି ନୈରାଶ୍ୟଜନକ ମନ୍ତବ୍ୟରେ ବାପା, ମା' ଦୁହିଁଙ୍କ ହୃଦୟ ଆକାଶରେ ସ୍ୱତଃ କଳାହାଣ୍ଡିଆ ମେଘ ଘନେଇ ଆସିଲା । କ'ଣ କରିବେ, କୁଆଡ଼େ ମୁନ୍ନାକୁ ନେବେ, କେମିତି ମୁନ୍ନାକୁ ସ୍ୱାଭାବିକ ମଣିଷଟେ କରି ଦୁନିଆରେ ଠିଆକରିବେ, କିଛି ବୁଦ୍ଧିବାଟ ତାଙ୍କୁ ଦିଶିଲା ନାହିଁ । ଶେଷରେ ଏକୋଇରବଳା ବିଶିକେଶନ ପାଇଁ ସୁଦୂର ଅଞ୍ଚଳ ଦିଲ୍ଲୀ ଯିବା ପାଇଁ ଉଭୟେ ସ୍ଥିର ନିଶ୍ଚିତହେଲେ । ସେଠି ମଧ୍ୟ ଅତ୍ୟାଧୁନିକ ଶୈଳୀରେ ସ୍କାନିଂ, ସି.ଟି. ସ୍କାନ୍ ଏବଂ ଏମ.ଆର.ଆଇ ଇତ୍ୟାଦି ଇତ୍ୟାଦି କରାଗଲେ ପରେ ଡାକ୍ତର ରିପୋର୍ଟ ଦେଲେ ଯେ ମାତୃଗର୍ଭରୁ ମୁନ୍ନାର ବ୍ରେନ୍‌ର ଡେଭଲପମେଣ୍ଟ ଠିକ୍‌ରେ ହୋଇପାରିନାହିଁ । ତେଣୁ ଏହାର ଚିକିତ୍ସା ସର୍ବାଦୌ ଅସମ୍ଭବ ଏବଂ ନିରର୍ଥକ । ସେ ଆଜୀବନ ସେମିତି ମୂକ, ବଧିର ଏବଂ ବିକୃତ ମସ୍ତିଷ୍କହୋଇ ରହିବ ହିଁ ରହିବ । ଯଦି ବିଶ୍ୱନିୟନ୍ତା କୃପାସାଗର ପରମେଶ୍ୱର କୃପାକରି ଏ ଅସମ୍ଭବକୁ ସମ୍ଭବ କରିପାରିବେ । ଡାକ୍ତରମାନେ କିନ୍ତୁ ନାଚାର । ପ୍ରଖ୍ୟାତ ଡାକ୍ତରମାନଙ୍କର ଏଭଳି ଛାତିଫଟା ନିର୍ମମ ସତ୍ୟ ପ୍ରକାଶକୁ ଶୁଣି ଅମାନିଆ ଆଖି ଲୁହକୁ ପଣତକାନିରେ ପୋଛିପୋଛି ନିର୍ମଳାଦେବୀ ଦିଲ୍ଲୀରୁ ଘରକୁ ବାହୁଡ଼ିଲେ । ରମେଶବାବୁ ତ ପୂରା କାଠ ପ୍ରସ୍ତର ପ୍ରାୟ ନିରବ ହୋଇଯାଇଥିଲେ ।



ତା'ପରେ ଦିଲ୍ଲୀରୁ ଆସିବାପରେ କେତେ ନାହିଁ କେତେ ପୂଜା, ଉପାସନା ରମେଶବାବୁଙ୍କ ଘରେ ପାରମ୍ପରିକ ବିଧିରେ ଅନୁଷ୍ଠିତ ହୋଇଛି । ବର୍ଷା, ବତାସ କିଛିକୁ ଖାତିର ନକରି ବାପା, ମା' ଦୁହେଁ ଯାକ ଅତିମାତ୍ରାରେ କାତରପ୍ରାଣ ହୋଇ ଶିବ ମନ୍ଦିରକୁ ଦୈନିକ ପ୍ରଭାତରୁ ଯାଉଛନ୍ତି । ଦୁହେଁ ଆମିଷପ୍ରିୟ ଲୋକ ହେଲେ ମଧ୍ୟ ଦିଲ୍ଲୀରୁ ଆସିବାପରେ ପୂରାପୂରି ଆମିଷ ଘରେ ନିଷେଧ କରାଯାଇଛି । ସକଳ ଦେବାଦେବୀଙ୍କୁ ଆରାଧନା ମାଧ୍ୟମରେ ମାନସିକ ସୂତ୍ରରେ ସୁନାରୁପାର ବହୁମୂଲ୍ୟ ଅଳଙ୍କାର ମଧ୍ୟ ମୁନ୍ନା ପାଇଁ ଯାଚି ଦେଇଛନ୍ତି । କିନ୍ତୁ କାଳକ୍ରମେ ସବୁ ନିଷ୍ଫଳ ପାଲଟିଯାଉଛି । ଦିନକୁଦିନ ମୁନ୍ନାର ପାଗଳାମୀ ବେଶି ବେଶି ବଢ଼ିବାରେ ଲାଗିଛି ସିନା, କମିବାର ଲେଶମାତ୍ର ଆଭାସ ଜଣାଯାଉନି । ଘରର ସବୁ ଦାମୀଦାମୀ ଆସବାବପତ୍ର ମୁନ୍ନା ପ୍ରାୟ ଭାଙ୍ଗିରୁଜି ସାରିଲାଣି । ତା'ମଧ୍ୟରେ ପୁଣି ବାହାରେ ଏଭଳି ଅସୌଜନ୍ୟ କାଣ୍ଡକାରଖାନା ପରିବାରର ସମସ୍ତଙ୍କୁ ଅତିଷ୍ଠ କରିଦେଲାଣି । ସେଥିପାଇଁ ତ ରମେଶବାବୁଙ୍କ ଦୟାର୍ଦ୍ର ପିତୃ ହୃଦୟ ଆଜି କଠୋର ନିଷ୍ଠୁର ପାଲଟିଯାଇଛି । ଅତିଶୟ ଦୁର୍ଭାବନାଜନିତ ମାନସିକ କ୍ଳାନ୍ତିରେ ନିର୍ମଳାଦେବୀଙ୍କ ଆଖିପତା ଟିକେ ମୁଦି ହୋଇଯାଇଛି । ସେଇ ଛାଇଛାଇ ନିଦରେ ସେ ସ୍ୱପ୍ନ ଦେଖୁଛନ୍ତି, ମୁନ୍ନା ରାଞ୍ଚି ହସ୍‌ପିଟାଲରେ ଅଛି । ତା' ହାତ ଆଉ ପାଦରେ ଅତି ଶକ୍ତ ଲୁହାଶିକୁଳିର ବେଡ଼ି ପଡ଼ିଛି । ମୁନ୍ନା ଭାରି ଅଝଟ ହେଉଛି । ଲୋଟାକୋଟା ଏବଂ ଠାଏଁଠାଏଁ କଳା ଜମିଥିବା ରସଥାଳିରେ ବଗଡ଼ା ଚାଉଳର ଭାତ ଦେଖି ମୁନ୍ନା ଆଦୌ ଖାଉନି । ମଇଳା କିଟିକିଟି ଚିକିଟା ତେଲିଆ ଗ୍ଲାସ୍‌ରେ କେହିଜଣେ ଜବରଦସ୍ତ ପାଣି ପିଇବାକୁ ଦେଲେ ବି ସେ ପିଉନି । ଗୁମ୍‌ସୁମ୍ ହୋଇ ପନ୍ଦରବର୍ଷର ମୁନ୍ନା ଜିଦ୍‌ଖୋର ଅଭିମାନୀ ବାଳୁତ ଶିଶୁଟିଏ ଭଳି ବେଡ୍ ଉପରେ ସେମିତି ସ୍ଥାଣୁବତ୍ ବସିରହିଛି । କାହାରି କଥା ଶୁଣୁନାହିଁ । କାହାକୁ କିଛି ଇଙ୍ଗିତକରି କହୁନାହିଁ । ଏତିକିବେଳେ କଳା ମଚମଚ ବଳିଷ୍ଠକାୟ ପାଗଳଟାଏ ସେପଟ ବେଡ୍‌ରୁ ଆସି ମୁନ୍ନାର ମୁହଁକୁ

ଜୋର୍‌କରି ଦୁଇମୁଥା କଷିଦେଉଛି । ମୁନ୍ନା ଯନ୍ତ୍ରଣାରେ ଛଟପଟ ହୋଇ ସେଇଠି ଗଡ଼ିପଡୁଛି । ଭୟ ଜଡ଼ସଡ଼ କାତର କଣ୍ଠରୁ ତାର ମା' ଶବ୍ଦଟିଏ ବାହାରି ଆସୁଛି । ହଠାତ୍ ସ୍ୱପ୍ନରେ ମୁନ୍ନାର ମା' ଡାକ ଶୁଣି ନିର୍ମଳାଦେବୀଙ୍କ ନିଦ ଧଡ଼ାସ୍‌କିନା ଭାଙ୍ଗିଗଲା । ଆଖିରୁ ତାଙ୍କର ଅବାରିତଧାରାରେ ଲୁହ ଗଡ଼ିଚାଲିଥିଲା । ଥରଥର ଛାତିରେ ମୁନ୍ନା ପାଖକୁଗଲେ । ମୁନ୍ନା ଶାନ୍ତ ସରଳ ଶିଶୁଟିଏ ଭଳି ଗଭୀର ନିଦ୍ରାରେ ଶୋଇଥିଲା । ନିର୍ମଳାଦେବୀ ତା' ମୁଣ୍ଡରୁ ଗୋଡ଼ଯାଏଁ ମମତାମଖା ପଣତରେ ଥରେ ଆଉଁଶି ଆଣିଲେ । ଏଥର ଦେବପ୍ରତିମ ସ୍ୱାମୀ ରମେଶବାବୁଙ୍କ ପାଦତଳେ ମୁଣ୍ଡକଚାଡ଼ି ଅନୁନୟ ହେଲେ, ମୁନ୍ନାକୁ କସ୍ମିନ୍‌କାଳେ ମୋ' କୋଳରୁ ଅଲଗା କରନାହିଁ ।

**ସେ ମୋର ଆତ୍ମା, ମୋର ପ୍ରାଣ । ତାକୁ ମୋ' ପାଖରୁ ନେଇଗଲେ ମୁଁ ମୁହୂର୍ତ୍ତେ ବି ବଞ୍ଚିପାରିବି ନାହିଁ ।**

ସେ ମୋର ଆତ୍ମା, ମୋର ପ୍ରାଣ । ତାକୁ ମୋ' ପାଖରୁ ନେଇଗଲେ ମୁଁ ମୁହୂର୍ତ୍ତେ ବି ବଞ୍ଚିପାରିବି ନାହିଁ ।

'ପୁତ୍' ନାମକ ନରକରୁ ଉଦ୍ଧାର ପାଇବାକୁ ମୋ'ର କେବଳ ପୁଅଟିଏ ଲୋଡ଼ାଥିଲା । ସେ ହୋଇଥାଉ ପଛକେ ମୂକ, ବଧିର ଓ ପାଗଳ । ମୁଁ ବଞ୍ଚିଥିବାଯାଏଁ ତା'ର ଏମିତି ସେବା କରିକରି ହିଁ ଦିନ କାଟୁଥିବି । ମୋ' ଜୀବନ ପ୍ରଦୀପର ମ୍ଳାନ ଦୀପଶିଖାଟିଏ ହୋଇ ମୁନ୍ନା ମୋ'ର ସେମିତି ଚିରଦିନ ମୋ' ପାଖରେ ଖାଲି ଜଳୁଥାଉ । ଏଇଆ ହିଁ ମୋ' ମାତୃ ହୃଦୟର ଅନ୍ତିମ ଅଭିବ୍ୟକ୍ତି ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
jayantisahoo10@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।
୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ । କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।
୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।
୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।
୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।
୭. ପତ୍ରିକାଟି ପ୍ରତିମାସ ନିୟମିତ ଭାବରେ ପ୍ରକାଶ ପାଏ। ଏଣୁ ଲେଖା ପଠାଇବାର ଶେଷ ତାରିଖ କିଛି ନାହିଁ।
୮. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।
୯. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।
୧୦. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।
୧୧. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।
୧୨. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।
୧୩. ଲେଖା ପଠାଇବାର ଦୁଇ ମାସ ମଧ୍ୟରେ ଆମଠାରୁ କୌଣସି ସୂଚନା ନ ପାଇଲେ ତାହା ପ୍ରକାଶନ ପାଇଁ ମନୋନୀତ ହୋଇନାହିଁ ବୋଲି ଧରିନେବାକୁ ଅନୁରୋଧ।
୧୪. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।
୧୫. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।
୧୬. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।




ଅନୁବାଦ

# ସ୍ମୃତିର ସନ୍ଧାନରେ

ମୂଳ ଉର୍ଦ୍ଦୁ: ମହମ୍ମଦ ଜମୀଲ ଅଖତର, ଅନୁବାଦ: ସୁକୋମଳ ଦାଶ



ଲଫାପା ଉପରେ ଅଠା ଟିକେଟ ମାରୁମାରୁ ତା' ସ୍ମୃତି ହଜିଗଲା ଓ ସେ ସବୁକିଛି ବିସ୍ମୃତ ହେଲା। ଏପରିକି, ଲଫାପା ଉପରେ ଚପା ହୋଇଥିବା ଟିକେଟ ଦୁଇଟିର ଅର୍ଥ କ'ଣ, ସେ ବୁଝୁନଥିଲା - ଯେମିତି ବଲବ୍ ଜଳୁଥିବ, ଆଲୁଅ ହୋଇଥିବ, ଲିଭିଯିବ ଓ ହଠାତ୍ ଅଂଧକାର ଛାଇଯିବ। ଥରେ ଲଫାପାକୁ ଥରେ ନିଜ ହାତକୁ ସେ ଅନାଇଲା। କିନ୍ତୁ, ମନେପକାଇ ପାରିଲାନି ଯେ କି ଉଦ୍ଦେଶ୍ୟ ନେଇ ସେ ଏଠିକି ଆସିଥିଲା। ଜଳାକବାଟ ପାଖକୁ ସେ ଆସିଲା ଯେଉଁଠି ଡାକ କର୍ମଚାରୀ ଲଫାପା ଉପରେ ମୋହର ମାରୁଥିଲା।



'ଶୁଣିବେ, ଏପଟେ ଟିକେ ଦେଖିବେ।' କର୍ମଚାରୀ ଆଗରେ ଲଫାପାଟିକୁ ସେ ଥୋଇଦେଲା।

କର୍ମଚାରୀ ଜଣକ ଲଫାପାକୁ ଚାହିଁଦେଇ କହିଲା, 'ମୁଁ ଆପଣଙ୍କୁ ତିନୋଟି ଟିକଟ ଦେଇଥିଲି, ଦୁଇଟି ପନ୍ଦର ଟଙ୍କିଆ ଓ ଗୋଟିଏ ଦଶ ଟଙ୍କିଆ। ଆପଣ ତିନୋଟି ଯାକ ଏଇ ଲଫାପା ଉପରେ ଲଗାନ୍ତୁ। ତୃତୀୟ ଟିକେଟଟା ଏଯାଏ ଆପଣ ଧରିଛନ୍ତି। ତାକୁ ବି ଏଇ ଲଫାପା ଉପରେ ମାରନ୍ତୁ। ଅନ୍ୟ ସହରକୁ ଡାକ ଖର୍ଚ୍ଚ ଚାଳିଶ ଟଙ୍କା ଆସେ।'

'ଚାଳିଶ ଟଙ୍କା?' କଥାଟା ସେ ଦୋହରାଇଲା। ସେ ଭୁଲିଯାଇଥିଲା, ଚାଳିଶ ଟଙ୍କାଟା କେତେ ହୁଏ। ହାତରେ ଧରିଥିବା ଟିକଟକୁ ଦେଖାଇ ପଚାରିଲା, 'ଏଇଟା କେତେ ଟଙ୍କାର ଟିକେଟ୍?'

'ମହାଶୟ, ଏବେ କହିଲି ପରା, ଏଇ ଗୋଟିକ ଦଶ ଟଙ୍କାର ଟିକଟ ବୋଲି, ଏଇ ଗୋଟିକ ବି ଲଫାପା ଉପରେ ଲଗାନ୍ତୁ।'

'ଆଜ୍ଞା ହଁ, ତା'ପରେ ଏଇଟା ଅନ୍ୟ ସହରକୁ ପହଞ୍ଚିଯିବ?' ସେ ଈଷତ୍ ବିସ୍ମିତହୋଇ ପଚାରିଲା।

'ଆଜ୍ଞା ହଁ, ଏବେ ଶୀଘ୍ର କରନ୍ତୁ, ଟିକଟ ମାରି ଲଫାପାଟା ମତେ ଦିଅନ୍ତୁ, ତେବେ ଯାଇ ଆଜିର ସମସ୍ତ ଡାକ ପଠେଇ ଦିଆଯିବ।'

ସେ ଲଫାପା ଉପରେ ଟିକଟ ଲଗାଇ ଏଥର କର୍ମଚାରୀକୁ ଦେଲା ଓ ପୋଷ୍ଟ ଅଫିସରୁ ବାହାରିଆସିଲା। ସେ ବିଚଳିତ। ତା'ର ସମସ୍ତ ସଂଖ୍ୟାଜ୍ଞାନ ବିଲୁପ୍ତ; ଦଶ, କୋଡ଼ିଏ, ଚାଳିଶ ଏସବୁ କ'ଣ, ସେ ବୁଝିବାକୁ ଅସମର୍ଥ। ସେ ଏଠିକି କାହିଁକି ଆସିଥିଲା ଓ ସେ ଏବେ କେଉଁଠିକି ଫେରିଯିବା କଥା, ତା' ବି ସେ ବିସ୍ମୃତ।

ଆଗରୁ କେତେଥର, କେତୋଟି ମୁହୂର୍ତ୍ତ ଲାଗି ତା'ର ଏଭଳି ହୋଇଛି, ସେ ସବୁକିଛି ଭୁଲିଯାଏ। କିନ୍ତୁ, ଏଥର ଏଇ ଆକ୍ରାନ୍ତି ତାକୁ ଦୀର୍ଘତର ମନେ ହେଉଥିଲା।

ଗତଥର, ରିକ୍ସାରୁ ଓହ୍ଲାଇ ସେ ଭଡ଼ା ତୁଟାଇଲା ବେଳକୁ ଫକୀରମୋହନ ସାହୁର ଭିତରୁ 'କୁଆଡ଼େ, କୁଆଡ଼େ, କୁଆଡ଼େ' ବୋଲି କ୍ଷୀଣ ସ୍ୱରଟେ ପଚାରିବସିଲା। କ୍ଷଣିକ ପାଇଁ ସେ ଫୁଟପାଥରେ ଅଟକି ରହି ନିଜକୁ ପଚାରିଲା, ସେ କୁଆଡ଼େ ଯାଉଛି? ପୁଣି ପକେଟରେ ହାତ ପୂରାଇ ପୁଳାଏ କାଗଜପତ୍ର କାଢ଼ିଲା। ବଜାର ସଉଦାର ଲମ୍ବା ତାଲିକାଟିଏ, ବିଜୁଳି ଓ ଗ୍ୟାସ ବିଲ୍, ପିଲାଙ୍କ ସ୍କୁଲ ଫିଜ୍ କାର୍ଡ୍... ଇତ୍ୟାଦି ଓ ସହସା ସବୁକିଛି ତା'ର ପୁଣି ମନେପଡ଼ିଗଲା।

ଏଥର କିନ୍ତୁ, ତାର କିଛି ବି ମନେପଡୁନଥିଲା।

ସେ ଲୋକଟା ସାତ ନମ୍ବର ଗଳିରୁ ମେନ୍ ରୋଡ଼ ଯାକେ ଆଠ କିଲୋମିଟର ପ୍ରତିଦିନ ଚାଲିଚାଲି କାହିଁକି ଯାଏ? କାହିଁକି ନା, ତା'ର ପାଦରେ ଫୋଟକା ହୋଇଯାଇଥିଲେ ବି ସେ ଦି'ପଇସା ସଞ୍ଚୟ କରିନେଇଥାଏ। ରାତିରେ, ଉଷୁମ

ପାଣିରେ ଗୋଡ଼ ବୁଡ଼ାଇ ତା' ସ୍ତ୍ରୀ ଓ ପିଲାଛୁଆଙ୍କୁ ମୁଟ୍-ମୁଟ୍ ଦେଖୁଥାଏ ଯେଉଁମାନେ ତା' ଉପରେ ଖପା ହୋଇଥାଆନ୍ତି କାରଣ, ସେମାନଙ୍କ ଅଳିଅର୍ଦ୍ଦଳି ସେ ପୂରଣ କରିପାରୁନଥାଏ। ତଥାପି, ସେମାନଙ୍କୁ ଖୁସିରେ ରଖିବାକୁ ଚାହୁଁଥିବାରୁ ସେ ଚାଲିଚାଲି ଯା'ଆସ କରୁଥାଏ। ଚାକିରିର ଅନେକ ବର୍ଷପରେ ବି ତା' ପଦୋନ୍ନତି ହୋଇନଥିଲା, ଆଉ ତା' ପରିବାର ବଢ଼ିବଢ଼ି ଚାଲିଥିଲା। ତା' ସ୍ତ୍ରୀ ପ୍ରତିଦିନ ତା' ସହ କଳିକଜିଆ କରୁଥିଲା। ସେ ବିବାହ ପୂର୍ବରୁ ବି ଗରିବ ଥିଲା ଓ ବିବାହ ପରେ ବି ଗରିବ ଅଛି। ତାକୁ ଖୁସି ରଖିବାକୁ ସେ ଟଙ୍କା କେତୋଟି ସଞ୍ଚୟ କରୁଥିଲା।

ଦି'ପହରେ ସେ ଖାଉନଥିଲା। କହୁଥିଲା, ମୋଟାପା କମେଇବାକୁ ପଡ଼ିବ, ଯଦିଓ ମୁଣ୍ଡରୁ ଚୁଟି ପତଳା ହୋଇଆସୁଥିଲା ଭଳି କ୍ରମଶଃ ତା'ର ଓଜନ କମିବାରେ ଲାଗିଥିଲା। କିନ୍ତୁ, ସେ ଜାଣିପାରୁ ନଥିଲା, କାରଣ ଆଇନା ଆଗରେ ସେ କ୍ୱଚିତ୍ ଛିଡ଼ାହେଉଥିଲା। ମାସକୁ ଥରେ ସେ ଟାଇ ବାନ୍ଧୁଥିଲା ଓ ତା'ର ଗଣ୍ଠି ଖୋଲୁନଥିଲା। ସକାଳୁ ସ୍ତ୍ରୀ ଉଠିବାରେ ବିଳମ୍ବ କରୁଥିବାରୁ ଜଳଖିଆ ତିଆରି ଓ ପୋଷାକ ଇସ୍ତ୍ରୀ କରିବା ତା' ଭାଗର କାମ। କିନ୍ତୁ, ପ୍ରାୟତଃ ଉଭୟ କାମ ସେ କରିପାରୁନଥିଲା। କାରଣ, ଅଫିସକୁ ତା'ର ଡେରି ହେଉଥିଲା ଓ ସାତ ନମ୍ବର ଗଳିରୁ ତାକୁ ମେନ୍ ରୋଡ୍ ଯାକେ ଆଠ କିଲୋମିଟର ରାସ୍ତା ଚାଲିଚାଲି ଯିବାକୁ ପଡୁଥିଲା। ସେତିକିରେ ସେ ପୂରା ପନ୍ଦର ଟଙ୍କା ସଞ୍ଚୟ କରିନେଉଥିଲା ଏବଂ ପନ୍ଦର ଟଙ୍କାରେ ଛୋଟିଆ ଖିର ପ୍ୟାକେଟ ଗୋଟେ ଆସେ।

**ଏବେ ସବୁ ରାସ୍ତା ତାକୁ ଆପଣାର ମନେ ହେଉଥିଲା, ଯାହା କୁଆଡ଼େ ବି ଯାଉନଥିଲା।**

ପାଞ୍ଚୋଟିଯାକ ସନ୍ତାନଙ୍କ ଜନ୍ମ ସିଜରିଆନ୍ ହୋଇଥିବାରୁ ତା'କୁ କିଛି ଋଣ କରିବାକୁ ପଡ଼ିଥିଲା ଓ ଦରମା ଟଙ୍କାରୁ ତିନି ହଜାର କରି ପ୍ରତି ମାସରେ କିସ୍ତି ଶୁଝାହେଉଥିଲା, ଯାହାକି ଗତ ଦୁଇମାସ ଧରି ବାକିଆ ପଡ଼ିଥିଲା। ବିଗତ ତିନିମାସରୁ ରାସନ ଦୋକାନୀର ବାକିଆ ପଡ଼ିରହିଥିବାରୁ ଆଜିକାଲି ଗଳି ମୁହଁର ସଳଖ ବାଟ ସେ ଏଡ଼ାଇ ଚାଲୁଥିଲା। କାରଣ, ପିଲାଙ୍କ ସ୍କୁଲ ଫିଜ୍ ବଢ଼ିଯାଇଥିଲା, ଖାତାକଲମ, ବହିପତ୍ର, ବ୍ୟାଗ ୟୁନିଫର୍ମ ଯୋଗାଡ଼ କଲାପରେ ଆଉ କେତେ ଅବା ବଳୁଥିଲା? ସେ ଆଶା କରୁଥିଲା, ସେ ବର୍ଷ ତା' ଦରମା ଟିକକ ଯଦି ବଢ଼ିଯାଆନ୍ତା, ତା'ହେଲେ ପରିସ୍ଥିତି ସୁଧୁରି ଯାଆନ୍ତା।

କିନ୍ତୁ, ଏଭଳି ଦିନଟେ ଆସିଗଲା ଯେ ସେ ସବୁକିଛି ବିସ୍ମୃତ ହୋଇଗଲା।

ରାସ୍ତାକଡ଼ରେ ଛିଡ଼ାହୋଇ ସେ ହେଜିହେଲା, ଏବେ ସେ କୁଆଡ଼େ ଯିବ। ସୁନିଶ୍ଚିତ ସେ କୁଆଡୁ ଗୋଟେ ଆସିଥିଲା କିନ୍ତୁ, ଏବେ କେତୋଟି ମୁହୂର୍ତ୍ତରେ ତାର ସମସ୍ତ ସ୍ମୃତି ପୋଛି ହୋଇଯାଇଥିଲା। ଏବେ ସବୁ ରାସ୍ତା ତାକୁ ଆପଣାର ମନେ ହେଉଥିଲା, ଯାହା କୁଆଡ଼େ ବି ଯାଉନଥିଲା ଓ ତା' ପାଦମାନଙ୍କରେ ପ୍ରବଳ ପୀଡ଼ା ହେଉଥିଲା।

ରାସ୍ତା କଡ଼ରେ ଛିଡ଼ାହୋଇ, ସେ ତା'ର ମଗଜ ଉପରେ ଆହୁରି ଚାପ ପକେଇ ଚିନ୍ତା କଲା – ସେ କିଏ? ଏଇ ବେଳକୁ ରିକ୍ସାଟିଏ ତା' ପାଖରେ ରହିଲା।

'ବାବୁ, ଯିବେ?' ରିକ୍ସାବାଲା ପଚାରିଲା।

'ହଁ, ହଁ, ମୁଁ ଯିବି, ମୁଁ ଘରକୁ ଯିବି' ସେ ଉତ୍ତର ଦେଲା।

'ଚାଲନ୍ତୁ ବାବୁ, ନେଇଯିବି, କୋଉଠି ଆପଣଙ୍କ ଘର?'

'ଜଣା ନାହିଁ, ଆଗରୁ ମତେ ଜଣାଥିଲା, ଏବେ କିନ୍ତୁ, ଘର ମୋଠୁ ହଜିଯାଇଛି ।'

'କୌଣସି ଚିହ୍ନ ମନେଅଛି?'

'ଗଳିଟିଏ ଅଛି, ଯେଉଁଠି ନୀଳ ରଂଗର ଫାଟକଟିଏ ଲାଗିଛି'

'ଗଳି ତ ବାବୁ ଲକ୍ଷେ ଆଉ, ନୀଳ ରଙ୍ଗର ଫାଟକ ବି ହଜାରେ। ଗଳି ଓ ଘର ନମ୍ବର କୁହନ୍ତୁ ।'

'ନମ୍ବର?'

'ଆଜ୍ଞା ବାବୁ, ନମ୍ବର'

ସେ ତା' ମଗଜରେ ପୁଣି ଚାପଦେଲା, ଘାଣ୍ଟି ପକେଇଲା, କିନ୍ତୁ କୌଣସି ନମ୍ବରଟିଏ ତା'ର ମନେପଡ଼ିଲାନି।

'ଓଃ, ଦୁଃଖିତ, କୌଣସି ନମ୍ବର ମୋ'ର ମନେପଡୁନି' ହତାଶ ସ୍ୱରରେ ସେ କହିଲା।

'ତେବେ, ଏଇଲାଗେ ଆପଣ ଯିବେ କୁଆଡ଼େ?' ରିକ୍ସାବାଲା ପଚାରିଲା।

'ଘରକୁ ଯିବି, ଯାହାକି କୋଉଠି ଅଛି ମତେ ଜଣାନାହିଁ।'

'ଏଇଠି କୋଉଠି ରହିଯାଇଥିବ, ଖୋଜିନିଅନ୍ତୁ ବାବୁ' କହି ରିକ୍ସାବାଲା ଚାଲିଗଲା।

ସେ ରାସ୍ତାକଡ଼ରେ ହତାଶ ଓ ନିରାଶ ହୋଇ ଛିଡ଼ା ହୋଇଥିଲା, ତାର କିଛି ବି ମନେ ପଡୁନଥିଲା।

'ଏବେ ମୁଁ ଯିବି କୁଆଡ଼େ ?' ଉଗ୍ର ଶୋକାକୁଳ ଲହଡ଼ିର ଉଚ୍ଛ୍ୱାସଟିଏ ତା' ଅନ୍ତରରୁ ଉଦ୍‌ଗାରିଆସିଲା ଓ ସେ କାନ୍ଦିପକେଇଲା। ପାଖ ଦେଇ ଯାଉଥିବା ଜଣେ ତାକୁ କାନ୍ଦୁଥିବା ଦେଖି ପଚାରିଲା, 'କଥା କ'ଣ ମହାଶୟ, କୁଶଳ ମଙ୍ଗଳ ତ ? ଆପଣ କାନ୍ଦୁଛନ୍ତି କାହିଁକି, କିଛି ଅସୁବିଧା ?'

'ମୋ' ଘର ମୋ'ଠୁ ହଜିଯାଇଛି' ସେ କାନ୍ଦିକାନ୍ଦି କହିଲା ।



'ଘର ହଜିଯାଇଛି ? ମାନେ ? ଆପଣ ଠିକଣା କୁହନ୍ତୁ, ମୁଁ ସାହାଯ୍ୟ କରିବି ।'

'ଠିକଣା ହିଁ ହଜିଯାଇଛି' କାନ୍ଦିକାନ୍ଦି ସେ କହିଲା ।

'କିଛି ଅସୁବିଧା ନାଇଁ, ଆପଣ ଏ ସହରକୁ ନୂଆକରି ଆସିଛନ୍ତି କି ? କୋଉ ସାଙ୍ଗ ସମ୍ପର୍କୀୟଙ୍କୁ ଫୋନ୍ କରିନିଅନ୍ତୁ', କହି ଲୋକଟା ଚାଲିଗଲା।

ସେ ତା' ମୋବାଇଲ କାଢ଼ିଲା। ସବୁ ନମ୍ବର ତାକୁ ସମାନ ଦିଶୁଥିଲା। କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଏଥର ରାସ୍ତା କଡ଼େକଡ଼େ ଚାଲିବସିଲା।

ଅନ୍ୟ ଗୋଟିଏ ରିକ୍ସାବାଲା ପୁଣି କହିଲା,

'ବସନ୍ତୁ ବାବୁ, ଯଦି ମେନ୍ ରୋଡ୍ ଆଡ଼େ ଯିବେ ଚାଲନ୍ତୁ, ଟଙ୍କା ପଚାଶଟି ଦେବେ, ଛାଡ଼ିଦେବି, ଏତେ ଗରମରେ ଚାଲିଚାଲି ଯିବା ବଡ଼ କଷ୍ଟକର ବାବୁ ।'

'ପଚାଶ ଟଙ୍କା ?' ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

'ହଁ ପଚାଶ, ଅଧିକା କିଛି ନୁହେଁ, ଚାଲନ୍ତୁ ନା ଆପଣ, ଚାଳିଶ ଦେଇଦେବେ', ରିକ୍ସାବାଲା କହିଲା ।

'ଚାଳିଶ ?' ସେ ପୁଣି ଥରେ କହିଲା ।

'କ'ଣ, ଏଇଟା ବି ବେଶି ହେଲା ?'

'ଚାଳିଶ କହିଲେ କେତେ ହୁଏ ?' ସେ ପଚାରିଲା।

'ଚାଳିଶ କହିଲେ ଚାଳିଶ ହୁଏ, ଆଉ କେତେ ହୁଏ ?'

ପୁଣି ତା' ମସ୍ତିଷ୍କରେ ସେ ଚାପଦେଲା। କିନ୍ତୁ, ସଂଖ୍ୟାଜ୍ଞାନ ସେ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଥିଲା ଓ ପାଖ ଗଳିକୁ ସେ ଦଉଡ଼ି ପଳେଇଲା।

ରିକ୍ସାବାଲା ତାକୁ ପଛରୁ ଚିଲ୍ଲାଉଥିଲା, 'ତିରିଶ ଦେଇଦେବେ ବାବୁ, ଆସନ୍ତୁ...'

କିନ୍ତୁ, ସେ ଦଉଡୁଥିଲା, ଦଉଡୁଥିଲା, କେଜାଣି କେତେ କାଳ ସେ ଦଉଡ଼ିଲା... । ତା' ପାଦମାନଙ୍କରେ ପ୍ରବଳ ପୀଡ଼ା ହେଉଥିବା ସତ୍ତ୍ୱେ ବି ସେ ଅଟକିନି ଯେତେବେଳ ଯାକେ ନୀଳ ଫାଟକବାଲା ନିଜ ଘରକୁ ସେ ପହଞ୍ଚିଯାଇନି, ଯେଉଁ ଫାଟକର ରଂଗ ଏବେ ଛାଡ଼ିଯାଇଥିଲା।

ତା' ସ୍ତ୍ରୀ ତାକୁ ଦେଖୁଦେଖୁ କହିଲା, 'ଏତେ ଡେରି କୋଉଠି କରିଦେଲ ? ଚିଠି ଖଣ୍ଡେ ତ କେବଳ ପୋଷ୍ଟ କରିବା ଥିଲା ! କେତେ ଟଙ୍କା ଖର୍ଚ୍ଚକଲ ?'

'ଜଣାନାହିଁ' ସେ କହିଲା ।

'ଜଣାନାହିଁ ମାନେ କ'ଣ ? କେଜାଣି ତୁମେ ତ ଟଙ୍କାପଇସା ହିସାବ ରଖନି। ଜାଣିଛନା, ବିଜୁଳି ବିଲ୍ ଏଥର ପୂରା ତିନିହଜାର ଆସିଛି, ତା' ଉପରେ ପିଲାଙ୍କ ଫିଜ୍ ପାଞ୍ଚହଜାର ବାକି। ଆଉ ତୁମର ଦରମାଟା ଯୋଉଠି କି ସେଇଠି ରହିଛି ! ଛାଡ଼, ଆଚ୍ଛା ଏବେ କେତେ ରଖିଛ ଦିଅ, ମୋର କିଛି ସପିଙ୍ଗ୍ ଅଛି।'

ସେ ପକେଟରୁ ପର୍ସ କାଢ଼ିଲା, ଟଙ୍କାତକ ଦେଖିଲା। କିନ୍ତୁ, ସେ ତ ଗଣିବା ପାସୋରି ଯାଇଥିଲା। ଏଣୁ, ହତଚକିତ ହୋଇ ତା' ପୂରା ପର୍ସଟା ତା' ସ୍ତ୍ରୀକୁ ଧରେଇଦେଲା।

ପର୍ସଟା ତା' ହାତରୁ ନେଇ ସ୍ତ୍ରୀ ଟଙ୍କାତକ ଗଣିନେଲା ଓ କହିଲା, 'କେବଳ ଟଙ୍କା ପନ୍ଦର ଶହ, ବାସ୍ ? ଏଥିରେ ଭଲା ମଣିଷ କ'ଣ ସପିଙ୍ଗ୍ କରିବ ? ମନସୂର ସାହେବଙ୍କୁ ଦେଖ, ତୁମରି ଅଫିସରେ ହିଁ ତ କାମ କରନ୍ତି, ନୂଆ ଘର ଖଣ୍ଡେ କରିସାରିଲେଣି। ଆଉ ତୁମେ ଜଣେ ଅଛ ଯେ ପକେଟରେ ଟଙ୍କା ପନ୍ଦର ଶହ ନେଇ ବୁଲୁଛ। ଛିଃ... ତମକୁ ବାହା ହୋଇ ମୋ' ଜୀବନଟା ମାଟି ହୋଇଗଲା। ଛୋଟଛୋଟ ଇଚ୍ଛା ବି ମଣିଷ ପୂରଣ କରିପାରିଲାନି। ଆଉ,

ମତେ ଠିକ୍ ଜଣା, ଏ ପିଲାଛୁଆଙ୍କ ସାଧାରଣ ଇଚ୍ଛା ବି ପୂରଣ ହେବନି।'

ବିଷଣ୍ଣ ଦୃଷ୍ଟିରେ ସେ ନିଜ ପିଲାଛୁଆଙ୍କ ଆଡ଼କୁ ଅନାଇଲା। ସେମାନଙ୍କୁ ସେ କହିବାକୁ ଚାହୁଁଥିଲା ଯେ ତା' ସ୍ମୃତିଶକ୍ତି ସମ୍ପୂର୍ଣ୍ଣ ଲୋପ ପାଇଯାଇଛି। ତା' ପାଦରେ ପ୍ରବଳ ପୀଡ଼ା ହେଉଛି ଏବଂ ଉଷୁମ ପାଣିରେ ବୁଡ଼େଇ ରଖିଲେ ବି ସେ ପୀଡ଼ାର ଉପଶମ ହେଉନି। କିନ୍ତୁ ଘୃଣା ସହକାରେ ପିଲାଏ ମୁହଁମୋଡ଼ି ଘରୁ ବାହାରିଗଲେ।

ତା' ସ୍ତ୍ରୀ ଅନବରତ ଚିଲ୍ଲେଉଥିଲା ଯାହାର ଖିଅ ଟିକକ ବି ସେ ଧରିପାରୁନଥିଲା। ସେ ହିସାବକିତାବରୁ ମୁକ୍ତି ପାଇଯାଇଥିଲା। ପଚାରିଲା, 'ପନ୍ଦର ଶହ କଣ କମ୍ ହୁଏକି?'

'ନାଇଁ ନାଇଁ, ଢେର ହୁଏ, ଉଆସଟିଏ ତ ଏତିକିରେ ହିଁ ତୋଳାହୁଏ ନା!'

**ଛିଃ... ତମକୁ ବାହା ହୋଇ ମୋ' ଜୀବନଟା ମାଟି ହୋଇଗଲା। ଛୋଟଛୋଟ ଇଚ୍ଛା ବି ମଣିଷ ପୂରଣ କରିପାରିଲାନି।**

'ଢେର୍‌ଟା କେତେ ହୁଏ?'

'ଢେର... ଯେତେ ଇଚ୍ଛା ତେତେ... କମ୍ ହୁଏ?'


କାନ୍ଥକୁ ଆଉଜି ସେ ବସିଗଲା। ଗୋଡ଼ହଳକ ଲମ୍ବେଇଦେଲା। ମୁହଁକୁ ପାପୁଲିରେ ଲୁଚେଇ ଧରି ଭୋ'ଭୋ' କାନ୍ଦିବାରେ ଲାଗିଲା।

'କଣ ହେଲା? ତୁମେ କାନ୍ଦୁଛ କାହିଁକି? ବିସ୍ମିତ ହୋଇ ସ୍ତ୍ରୀ ତା' ଆଡ଼କୁ ଅନାଇ ପଚାରିଲା।

ଅଚାନକ୍ ସ୍ତ୍ରୀର ଆଖି ତା' ଜୋତାରେ ପଡ଼ିଗଲାରୁ ସେ ପଚାରିଲା, 'କେବେଠୁ ତୁମ ଜୋତାର ସୋଲ୍ ନାଇଁ... ?'

□□

ଲେଖକଙ୍କ ଇ-ମେଲ୍ ଠିକଣା:
sukomaldash@rediffmail.com




*ଖୁବ୍‌ଶୀଘ୍ର ପ୍ରକାଶ ପାଉଛି*

**ଦାଶ ବେନହୁର: ସୃଷ୍ଟି ବୈଚିତ୍ର୍ୟ**

ସମ୍ପାଦନା :
**ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ**

ପ୍ରକାଶକ :
**ବିଦ୍ୟାପୁରୀ, କଟକ**

Vidyapuri

ପ୍ରବନ୍ଧ

# ଅସ୍ମିତା, ଆମଭାଷା ଓ ଆମେମାନେ



ସଦାନଂଦ ନାୟକ

ଓଡ଼ିଆ ଅସ୍ମିତାର ଅନେକ ଦିଗ ରହିଛି ସତ୍ୟ, କିନ୍ତୁ ସବୁଠାରୁ ବଡ଼ଦିଗ ହେଉଛି ଭାଷା; କାରଣ ଭାଷା ହିଁ ଯେକୌଣସି ବ୍ୟକ୍ତିର-ଜାତିର ପ୍ରଥମ ଓ ଶ୍ରେଷ୍ଠ ପରିଚୟ। ପାଟି ଖୋଲିବା ମାତ୍ରେ ଜଣେ ଜଣାପଡ଼ିଯାଏ ସେ କେଉଁ ଭାଷାଭାଷୀ ବୋଲି। ଆମ ଭାଷାର ବିକାଶସାଧନ କରିବା ଆମମାନଙ୍କ ପରମ କର୍ତ୍ତବ୍ୟ। ଲିଙ୍ଗ, ଜାତି, ଧର୍ମ, ବର୍ଣ୍ଣ ସବୁର ଉର୍ଦ୍ଧ୍ୱରେ ଭାଷା। ସମସ୍ତେ ଭାଷାର, ଭାଷା ସମସ୍ତଙ୍କର। ସମାଜର ଯେକେହି ଭାଷାବିକାଶର ଭଗୀରଥ ହୋଇପାରନ୍ତି; କିନ୍ତୁ ଓଡ଼ିଶାର ଶିକ୍ଷାନୁଷ୍ଠାନ ତଥା ବିଭିନ୍ନ ଭାଷା-ସାହିତ୍ୟ ପ୍ରତିଷ୍ଠାନ ଭାଷାବିକାଶର ଫଳପ୍ରସୂ ଗୁରୁଦାୟିତ୍ୱ ବହନକଲେ ତାହା ଅଧିକ ଲକ୍ଷ୍ୟଭେଦୀ ହେବ ବୋଲି ଆଶା କରିବା ଅତ୍ୟନ୍ତ ସ୍ୱାଭାବିକ। କାରଣ ତିମି ସିନା ସମୁଦ୍ରରେ ଭଲରେ ବଢ଼ି ପାରିବ !




୨୦୧୪ ମସିହାରେ ଓଡ଼ିଆଭାଷା ଶାସ୍ତ୍ରୀୟଭାଷାର ମାନ୍ୟତା ପାଇବା ପରେ ଆମଭାଷାର ବିକାଶଦାୟିତ୍ୱ ଶତଗୁଣେ ବଢ଼ିଯାଇଛି, କିନ୍ତୁ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆମେ ଆମ ଶାସ୍ତ୍ରୀୟଭାଷାର ଆଶାନୁରୂପ ବିକାଶସାଧନ କରିପାରିନେ ଗତ ୧୨ବର୍ଷ ଭିତରେ। ୧୯୫୪ ମସିହାରୁ ସରକାରୀ ଭାଷାର ସ୍ୱୀକୃତି ପାଇଥିଲେ ବି ପ୍ରତ୍ୟେକ ସ୍ତରରେ ଏହା ବ୍ୟବହୃତ ହୋଇପାରିନାହିଁ ଆଜିଯାଏ। ବ୍ୟବହୃତ ନ ହୋଇପାରିବା ପଛରେ ରହିଛି କେତୋଟି ଅତି କ୍ଷୁଦ୍ର ପ୍ରତିବନ୍ଧକ, ସ୍ୱଳ୍ପ ପ୍ରୟାସରେ ଯାହା ଦୂରୀଭୂତ ହୋଇପାରିବ ଅତିସହଜରେ। ଯେକୌଣସି ଅଣଓଡ଼ିଆ ଭାଷାଭାଷୀ ଓଡ଼ିଆକୁ ଲେଖି-କହି-ପଢ଼ିପାରିବେ ଖୁବ୍ କମ୍ ପ୍ରଶିକ୍ଷଣରେ। ଅତ୍ୟନ୍ତ ଦୃଢ଼ଭାବରେ ଏ କଥା କୁହାଯାଉଛି ଯେ ଓଡ଼ିଆଭାଷା ଖୁବ୍ ପ୍ରାଚୀନ। ଏହା ଅତ୍ୟନ୍ତ ବିଜ୍ଞାନସମ୍ମତ, ଏହାର ଲିପି ଯେମିତି ସରଳ, ବିଜ୍ଞାନସମ୍ମତ ସେମିତି ସହଜ ଆୟତ୍ତସାଧ୍ୟ ବି। ଓଡ଼ିଆ ଲିପି ଏତେ ସମୃଦ୍ଧ ଯେ କେବଳ ଓଡ଼ିଆ ବା ଭାରତୀୟ ଭାଷା ନୁହେଁ, ପୃଥିବୀର ଯେକୌଣସି ଭାଷାକୁ ପୂର୍ଣ୍ଣ ଉଚ୍ଚାରଣାନୁସାରୀ ନ ହେଲେ ବି ପାଖାପାଖି ଲିଖିତରୂପ ଦେବାକୁ ସଂପୂର୍ଣ୍ଣ ସମର୍ଥ।

**ସମୃଦ୍ଧ ଶବ୍ଦଭଣ୍ଡାର**

ଓଡ଼ିଆ ଶବ୍ଦଭଣ୍ଡାର ଖୁବ୍ ସମୃଦ୍ଧ, ଏହାର ଶବ୍ଦଗଠନ ରୀତି ଏତେ ସହଜ ସାବଲୀଳ ଯେ ନୂତନ ନୂତନ ଶବ୍ଦ ନିର୍ମାଣରେ ଏହାର ବିବିଧ ଦିଗ ଖୁବ୍ ଉନ୍ମୁକ୍ତ। ଏ ଭାଷା କେବଳ ପ୍ରାଚୀନ ନୁହେଁ, ନିତ୍ୟ ନୂତନ ବି। ଓଡ଼ିଆ ଭାଷା ଯେପରି ସହଜ-ସରଳ-ଗ୍ରାମ୍ୟ ସେପରି ଉଚ୍ଚାଙ୍ଗ ମଧ୍ୟ। ଅନ୍ୟାନ୍ୟ ସାହିତ୍ୟ ତ ରହିଛି; ବିଶେଷତଃ ରୀତି ବା ଆଳଂକାରିକ ସାହିତ୍ୟ କ୍ଷେତ୍ରରେ ଭାରତରେ ଏହା ଏକ ଅନନ୍ୟ ଭାଷା ଭାବରେ ପରିଗଣିତ।

ଓଡ଼ିଆଭାଷାର ବୈଶିଷ୍ଟ୍ୟ, ପ୍ରାଚୀନତାକୁ ଉପେକ୍ଷା କରି କେହିକେହି ମତ ଦେଇଥାନ୍ତି ଯେ ସଂସ୍କୃତ ହେଉଛି ଓଡ଼ିଆ ଭାଷାର ଜନନୀ। ଏକଥା ସତ୍ୟ ଯେ ଅନେକ ଓଡ଼ିଆ ଭାଷାବିଜ୍ଞାନୀ ଏହା ତାଙ୍କ ଲେଖାରେ ସ୍ୱୀକାର କରିଛନ୍ତି, କିନ୍ତୁ ଆଧୁନିକ ଗବେଷଣା ଏହାକୁ ନିର୍ବିବାଦରେ ଗ୍ରହଣ କରେନାହିଁ। ଓଡ଼ିଆ ଭାଷାଗବେଷଣା କ୍ଷେତ୍ରରେ ପ୍ରଥମେ ଗୋପୀନାଥ ନନ୍ଦ ଏଥିରେ ସନ୍ଦେହ ପ୍ରକଟକରି ଏହା ଉଭୟ ସଂସ୍କୃତ-ପ୍ରାକୃତ ଦ୍ୱିମାତୃକ ଭାଷା ବୋଲି ମତ ପ୍ରଦାନ କରିଛନ୍ତି। ( ପ୍ରବନ୍ଧାନ୍ତରରେ ଏହି ଓଡ଼ିଆ ଭାଷାତତ୍ତ୍ୱ ବିଚାରରେ ଏକ ଦେଶରେ ସିଦ୍ଧାନ୍ତ କରାଯାଇଅଛି ଯେ ଓଡ଼ିଆ ଭାଷା ଦ୍ୱୈମାତୁର ଅର୍ଥାତ୍ ସଂସ୍କୃତ ଓ ପ୍ରାକୃତ- ଏହି ଦୁଇଭାଷା ଏହାର ମାତା। (ଓଡ଼ିଆ ଭାଷାତତ୍ତ୍ୱ ୧୯୬୮, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର,

କଟକ, ପୃଷ୍ଠା.୧୪୩)। ନୀଳକଣ୍ଠ ଦାସଙ୍କ ମତ ଖୁବ୍ ଶାଣିତ- "ଏହି ଶବ୍ଦାର୍ଥରୁ ଜଣାଯାଏ, ସଂସ୍କୃତ କଦାପି କୁତ୍ରାପି ଆଦିମ କଥିତ ଭାଷା ନ ଥିଲା। ପ୍ରାକୃତ ଭାଷା ହିଁ ସର୍ବଦା କଥିତଭାଷା। ପାଲି ହେଉ, ମାଗଧୀ ହେଉ, ଶୌରସେନୀ ହେଉ, ପୈଶାଚୀ ହେଉ, ଓଡ଼ିଆ ବା ବଙ୍ଗଳା ହେଉ, ସମସ୍ତେ ପ୍ରାକୃତ, ଅର୍ଥାତ୍ ପ୍ରକୃତି ବା ଲୋକ ସାଧାରଣଙ୍କ ଦ୍ୱାରା ବ୍ୟବହୃତ" (ଓଡ଼ିଆଭାଷା ଓ ସାହିତ୍ୟ, ୧୯୫୮, ନିଉ ଷ୍ଟୁଡେଣ୍ଟ୍ସ୍ ଷ୍ଟୋର ପ୍ରା:ଲି: ବ୍ରହ୍ମପୁର, କଟକ, ପୃଷ୍ଠା.୩)। ବେଣୀମାଧବ ପାଢ଼ୀ କହିଲେ, ଉଡ୍ରଜା ପ୍ରାକୃତରୁ ଏ ଭାଷା ସୃଷ୍ଟ। ପ୍ରାଚୀନ ଭାରତରେ ପ୍ରଚଳିତ ଉଡ୍ର/ଓଡ୍ର ଭାଷା ହିଁ ଓଡ଼ିଆଭାଷା ଏବଂ ତତ୍ ସମୟରେ ପ୍ରାଚୀନ ଭାରତରେ "ଉଡ୍ର/ଓଡ୍ର" ପରି ପ୍ରଚଳିତ ଭାଷାମାନଙ୍କର ଏକ ସଂସ୍କାରିତ ରୂପ ହେଉଛି ସଂସ୍କୃତ। ନୀଳକଣ୍ଠ ଦାସଙ୍କ ମତ ବି ଅନୁରୂପ- "ଆଦିମ ଅର୍ଥରେ ବୁଝିଲେ ସଂସ୍କୃତର ଅର୍ଥ 'ସଂସ୍କୃତ' 'ସମ+କୃତ' ଅର୍ଥାତ୍ ଏକତ୍ରୀକୃତ ଏବଂ ସୂକ୍ଷ୍ମ ପ୍ରୟୋଗରେ ସଂସ୍କୃତର ଅର୍ଥ ପରିଷ୍କୃତ ଓ ନବୀନକୃତ।" (ପୂର୍ବଉକ୍ତ, ପୃଷ୍ଠା.୩)

"ସଂସ୍କୃତଭାଷା ଓଡ଼ିଆଭାଷାର ଜନନୀ" ଏହାକୁ ନେଇ ମତପାର୍ଥକ୍ୟ ରହିଛି । ଏହାର ସ୍ରଷ୍ଟା ଇଂଗଲିସ୍ ଭାଷାଗବେଷକମାନେ। ଗ୍ରିଅରସନ୍ କହିଲେ, ସଂସ୍କୃତଭାଷା ଭାରତର ନୁହେଁ, ଏହା ଆସିଛି ୟୁରୋପରୁ। ଖ୍ରୀ.ପୂ. ୩୦୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ୟୁରୋପରୁ ଆର୍ଯ୍ୟମାନେ ଭାରତକୁ ଆସିଥିଲେ, ସାଙ୍ଗରେ ଆଣିଥିଲେ ସଂସ୍କୃତଭାଷା, ଯାହା ଋକ୍‌ବେଦର ଭାଷା। ସେଇ ମୂଳଭାଷା ବୈଦିକସଂସ୍କୃତ- ଲୌକିକସଂସ୍କୃତ-ପାଲି-ପ୍ରାକୃତ-ଅପଭ୍ରଂଶ ପଥଦେଇ ଖ୍ରୀଷ୍ଟୀୟ ୧୦୦୦ ପରବର୍ତ୍ତୀ ସମୟରେ ଓଡ଼ିଆ, ବଙ୍ଗଳା, ଅହମିଆ ଇତ୍ୟାଦି ତଥାକଥିତ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାରେ ପରିଣତ ହୋଇଛି। ଆମେ ଏହାକୁ ବିନା ବିଚାରରେ ଗ୍ରହଣ କରିନେଲୁ। ଏ କଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସଂସ୍କୃତଭାଷା-ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ; କିନ୍ତୁ ସଂସ୍କୃତ କେବେ ସାଧାରଣ ଜନତାଙ୍କ କଥିତଭାଷା ବା ମାତୃଭାଷା ଥିବା ଜଣାଯାଏ ନାହିଁ। ନାଟ୍ୟଶାସ୍ତ୍ର ଅନୁସାରେ ସାଧାରଣତଃ ରାଜା, ସନ୍ନ୍ୟାସୀ, ବେଦପାଠକାରୀଙ୍କ ସଂଳାପ ସଂସ୍କୃତ ଏବଂ ଅନ୍ୟମାନଙ୍କ ସଂଳାପ ସେମାନଙ୍କ ମାତୃଭାଷାରେ ହୋଇଥାଏ, ଏପରିକି ବିଶେଷ ଅବସର ଆସିଲେ ମହାରାଣୀଙ୍କ ସଂଳାପ ସଂସ୍କୃତ ହୋଇଥାଏ। ତେଣୁ ସଂସ୍କୃତ ଥିଲା ସନନ୍ଦ, ମନ୍ତ୍ର, ଶ୍ଲୋକ, ସାହିତ୍ୟ, ରାଜକାର୍ଯ୍ୟର ଭାଷା।

> **ନାଟ୍ୟଶାସ୍ତ୍ର ଅନୁସାରେ ରାଜା, ସନ୍ନ୍ୟାସୀ, ବେଦପାଠକାରୀଙ୍କ ସଂଳାପ ସଂସ୍କୃତ ଏବଂ ଅନ୍ୟମାନଙ୍କ ସଂଳାପ ସେମାନଙ୍କ ମାତୃଭାଷାରେ ହୋଇଥାଏ ।**

## ଏକ ବ୍ୟତିକ୍ରମ


ବିଶ୍ୱର ସର୍ବତ୍ର ସବୁ କ୍ଷେତ୍ରରେ ଦେଖାଯାଏ ନିକୃଷ୍ଟ ଦ୍ରବ୍ୟ ଉନ୍ନତି ପଥରେ ଗତିକରି ଉତ୍କୃଷ୍ଟ ଦ୍ରବ୍ୟରେ ପରିଣତ ହୋଇଥାଏ କିନ୍ତୁ ଉତ୍କୃଷ୍ଟ ସଂସ୍କୃତଭାଷା ଅବନତି ପଥରେ ଅବତରି କ୍ରମେ ନିକୃଷ୍ଟ, ଅପଭ୍ରଂଶ, ଭ୍ରଷ୍ଟ, ମ୍ଳେଚ୍ଛ ହେବା ଏକ ଚରମ ବ୍ୟତିକ୍ରମ ନୁହେଁ କି ? ଗ୍ରିଅରସନ୍ ବି ମତ ଦିଅନ୍ତି ଯେ ସଂସ୍କୃତ ଏକ କୃତ୍ରିମଭାଷା। କୃତ୍ରିମଭାଷାରୁ ଏକ ମାତୃଭାଷା ସୃଷ୍ଟି ସମ୍ଭବ କି ? ପ୍ରବହମାନ ଜଳ ବିନା ନଦୀ ସୃଷ୍ଟି କରିପାରିବ ! ଧରିନିଆଯାଉ ଆର୍ଯ୍ୟମାନେ ସଂସ୍କୃତଭାଷା ଧରି ଭାରତକୁ ଆସିଥିଲେ, ତତ୍‌ପୂର୍ବରୁ ଏହି ବିଶାଳଭୂଖଣ୍ଡରେ ବସବାସ କରୁଥିବା ଲୋକେ କ'ଣ ପରସ୍ପରରେ ଭାବବିନିମୟ କରୁନଥିଲେ ? ଯଦି ଆଦିବାସୀ ଓ ଦ୍ରାବିଡ଼ମାନେ ଥିଲେ; ତେବେ ଅର୍ଯ୍ୟମାନେ ଏମିତି କେତେ ଆସିଥିଲେ ଆଉ ସେମାନଙ୍କର ଏମିତି ବଂଶବୃଦ୍ଧି ଘଟିଲା ଯେ ସେମାନେ ସମଗ୍ର ଉତ୍ତର-ପୂର୍ବ-ମଧ୍ୟ ଭାରତରେ ବ୍ୟାପିଗଲେ ? ଆଦିବାସୀମାନେ ବନକୁ ଏବଂ ଦ୍ରାବିଡ଼ମାନେ ଭାରତର ଦକ୍ଷିଣଭାଗକୁ ପଳାୟନ କଲେ ?

ଶାସ୍ତ୍ରୀୟ ଓଡ଼ିଆଭାଷା। ଦିବସ (୨୦୨୬) ପାଳନ ପରିପ୍ରେକ୍ଷାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି "ସଂସ୍କୃତ ସବୁ ଭାଷାର ଜନନୀ" ବୋଲି ମତ ରଖିଲେ (ଧରିତ୍ରୀ, ପୁରୀ, ୧୨.୦୩.୨୦୨୬), ଅର୍ଥାତ୍ ଓଡ଼ିଆର ବି। ଏପରି କହିବାରେ ପ୍ରାୟତଃ ସମସ୍ତେ ଅଭ୍ୟସ୍ତ। କୌଣସି ଭାଷା ମୌଳିକ ଓ ଏହାର ଦୀର୍ଘ ୨୦୦୦ରୁ ୧୫୦୦ ବର୍ଷର ଧାରାବାହିକ ଇତିହାସ ରହିଥିଲେ ଯାଇ ଭାରତ ସରକାର ତାହାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଥାନ୍ତି। ଯଦି ସଂସ୍କୃତ ଓଡ଼ିଆଭାଷାର ଜନନୀ ଆଉ ଓଡ଼ିଆଭାଷା ୧୦ମ ଶତାବ୍ଦୀ ପରେ ସୃଷ୍ଟ ତେବେ ସାଧାରଣ ଗଣିତ ଏହି ଯେ ଏହାର ବୟସ ପାଖାପାଖି ୧୦୦୦ ବର୍ଷ। ତେବେ କେଉଁଟି ଗ୍ରହଣୀୟ ? ଭାରତ ସରକାରଙ୍କ ରାଜପତ୍ର ନା ପାରଂପରିକ

ଭିତ୍ତିହୀନ ପ୍ରଚାର ? କେତେକ ଯୁକ୍ତି କରିଥାନ୍ତି ଓଡ଼ିଆଭାଷାର ଅଧିକାଂଶ ଶବ୍ଦ ସଂସ୍କୃତ ହୋଇଥିବାରୁ ସଂସ୍କୃତ ଓଡ଼ିଆଭାଷାର ଜନନୀ। ଏହା ଏକ ଦୁର୍ବଳ ଯୁକ୍ତି। ତେଲୁଗୁ, ତାମିଲ୍ ଆଦି ଦ୍ରାବିଡ଼ ଭାଷାର ଶତକଡ଼ା ୭୦ ଭାଗ ଶବ୍ଦ ସଂସ୍କୃତ ସହିତ ସାମ୍ୟ ରକ୍ଷା କରିଥାଏ; ତେବେ କ'ଣ କୁହାଯିବ ଯେ ଦ୍ରାବିଡ଼ ଭାଷାଗୁଡ଼ିକ ସଂସ୍କୃତଭାଷାରୁ ସୃଷ୍ଟ ? ନିଶ୍ଚିତ ନା। ତେବେ ଓଡ଼ିଆ କାହିଁକି ? ପ୍ରଶ୍ନଟିଏ; ପୃଥିବୀରେ ଏତେ ଭାଷା ଅଛି ସେଗୁଡ଼ିକର ମୂଳ ପ୍ରାୟତଃ ଖୋଜାଯାଉନି, କାହିଁକି ଆମ ଓଡ଼ିଆ ଭାଷାର ? କାହିଁକି ଆମ ଉଡ୍ର/ଓଡ୍ର/ଓଡ଼ିଆ ଭାଷାକୁ ନିକୃଷ୍ଟ, ଅପଭ୍ରଂଶ, ଭ୍ରଷ୍ଟ, ମ୍ଳେଚ୍ଛ, ଅପଭାଷା/ ଅର୍ବାଚୀନ ବୋଲି କୁହାଯାଇଛି ? କୁହାଯାଉଛି ଆଜିଯାଏ ବି ?

## ପ୍ରାକୃତ ବନ୍ଧେ ଭାଗବତ

ବୋଧହୁଏ କାହିଁକି, ଏ କଥା ସତ୍ୟ ଯେ ସେହି ଭୟରେ ସାରଳା ଦାସ ନିଜେ ମହାଭାରତ ଲେଖିଛନ୍ତି ବୋଲି କହିପାରିଲେ ନାହିଁ, ଜଗନ୍ନାଥ ଦାସ ଏହାକୁ ଭାଷା ବୋଲି କହିନପାରି "ପ୍ରାକୃତ ବନ୍ଧେ ଭାଗବତ" ବୋଲି କହିଲେ, ଏପରିକି ଷୋଡ଼ଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର କବି ନରସିଂହ ସେଣ ପରିମଳା କାବ୍ୟରେ କହିଲେ- "ଦେଶ ଭାଷାରେ ମୁଂ ଗୀତ ରଞ୍ଚିଲଇଂ ସବୁଙ୍କର ବୁଝିବା ପାଇଂ, ଯେଥକୁ ମନ୍ଦବୋଲି ନ ବୋଲିବ ଦୋଷ ମୋର କିଛି ନାହିଂ।" (ପରିମଳା, ସଂ. କେଦାରନାଥ ମହାପାତ୍ର, ୧୯୬୧, ପ୍ର. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ବିଭାଗ, ଭୁବନେଶ୍ୱର, ପୃଷ୍ଠା.୪୧)




ତମ ଘର ଗୃହ/ନିଳୟ/ଆବାସ/ନିକେତନ/ ଅଟ୍ଟାଳିକା/ମହଲ/ ପ୍ରାସାଦ/ ମନ୍ଦିର, ଆଉ ଆମ ଘର କୁଡ଼ିଆ, ନାଇଁ? କିନ୍ତୁ କାହିଁକି ?

ଓଡ଼ିଆଭାଷାର ବୈଶିଷ୍ଟ୍ୟକୁ ଚରମ ଅଣଦେଖା କରି ଓଡ଼ିଆ ଶବ୍ଦଭଣ୍ଡାରକୁ ତତ୍ସମ, ତଦ୍ଭବ, ଦେଶଜ (ଦ୍ରାବିଡ଼, ଆଦିବାସୀ, ଅବ୍ୟୁତ୍ପନ୍ନ ଶବ୍ଦ) ଓ ବୈଦେଶିକ ଏପରି ୪ ଭାଗରେ ବିଭକ୍ତ କରାଗଲା। କୁହାଗଲା କ'ଣନା, "ତତ୍ସମ" ଅର୍ଥ ତତ୍‌ସମ ବା ସଂସ୍କୃତ ଶବ୍ଦ, "ତଦ୍ଭବ" ଅର୍ଥ ସଂସ୍କୃତରୁ ସୃଷ୍ଟ ଶବ୍ଦ; କିନ୍ତୁ ପ୍ରଣିଧାନ୍ୟ ଏହି ଯେ "ତତ୍ସମ" ଶବ୍ଦର ଅର୍ଥ 'ସଂସ୍କୃତଶବ୍ଦ' ନୁହେଁ। ନାଟ୍ୟଶାସ୍ତ୍ର ଅନୁସାରେ ଯେଉଁ ଶବ୍ଦ ଉଭୟ ସଂସ୍କୃତ ଓ ପ୍ରାକୃତରେ ବ୍ୟବହୃତ ହୁଏ ତାହା ତତ୍ସମ; ତେଣୁ ତତ୍ସମ ବୋଲି କୁହାଯାଉଥିବା ସମସ୍ତ ଶବ୍ଦ ହିଁ ଓଡ଼ିଆଶବ୍ଦ। ସେହିପରି "ତଦ୍ଭବ" ନାଁରେ ଓଡ଼ିଆଭାଷାର ଏକ ବିପୁଳ ଶବ୍ଦ ସଂପଦକୁ ସଂସ୍କୃତରୁ ସୃଷ୍ଟ ବୋଲି କୁହାଯାଇ(ଉ)ଛି। ଓଡ଼ିଆଭାଷାର କହୁଣି, ଖୁଡ଼ୀ, ପଇଡ଼, ପୋଖରୀ ଯଥାକ୍ରମେ କଫନିକା, କ୍ଷୁଦ୍ରତାତିକା, ପୟପିଟକଃ, ପୁଷ୍କରିଣୀ ଶବ୍ଦରୁ ସୃଷ୍ଟ ବୋଲି ବ୍ୟୁତ୍ପତ୍ତି କରାଯାଇଛି। ସାଧାରଣ କଥା- ଲୋକମାନେ ପ୍ରଥମେ ସହଜରେ ଉଚ୍ଚାରିତ 'ପଇଡ଼' କହିବାକୁ ସହଜ ମଣିଥିବେ ନା 'ପୟପିଟକଃ' ? ପଇଡ଼ ନିଶ୍ଚୟ। ତେଣୁ କହୁଣି, ଖୁଡ଼ୀ, ପଇଡ଼, ପୋଖରୀ ଶବ୍ଦରୁ ଯଥାକ୍ରମେ କଫନିକା, କ୍ଷୁଦ୍ରତାତିକା, ପୟପିଟକଃ, ପୁଷ୍କରିଣୀ ଆଦି ଶବ୍ଦ ସୃଷ୍ଟିଲାଭ କରିଥିବା ଅତ୍ୟନ୍ତ ସ୍ୱାଭାବିକ। କିଏ କାହାଠୁ ଶବ୍ଦ ନେଇଛି ଭିନ୍ନକଥା, କୃଷ୍ଣ ଦେବକୀର ଯେତିକି ଯଶୋଦାର ବି ସେତିକି। ଏହା ଛଡ଼ା କାହିଁକି ପୁଷ୍କରିଣୀରୁ ପୋଖରୀ ହୋଇଥିବ, କାହିଁକି ପୋଖରୀରୁ ପୁଷ୍କରିଣୀ ନୁହେଁ? ହଁ, ବିଭିନ୍ନ ଭାଷା ମଧ୍ୟରେ ଶବ୍ଦ ବିନିମୟ ଘଟିଥାଏ; ତା' ମାନେ ନୁହେଁ ଓଡ଼ିଆଭାଷାର ସମସ୍ତଶବ୍ଦ ସଂସ୍କୃତରୁ ଆସିଛି। ଧ୍ୱନିନିୟମ ପକେଇ ଏ ଲେଖକ ପ୍ରମାଣ କରିଦେବ ଯେ, ଅଧିକାଂଶ ସଂସ୍କୃତଶବ୍ଦ ଓଡ଼ିଆଶବ୍ଦରୁ ସୃଷ୍ଟ। ତତ୍ସମ, ତଦ୍ଭବ ଦେଶଜ, ବୈଦେଶିକ ବିଚାରି ଦେଖିଲେ ଓଡ଼ିଆ ଶବ୍ଦ ୧୦୦ ବି ହେବ ନାହିଁ। ତେଣୁ ଓଡ଼ିଆଭାଷାରେ ତତ୍ସମ, ତଦ୍ଭବ ନାଁରେ ଯେଉଁ ବିବେଚନା କରାଯାଇ(ଉ)ଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ। ଶବ୍ଦ ଦୃଷ୍ଟିରୁ ଦେଖିଲେ, ସଂସ୍କୃତ ଓଡ଼ିଆ ଭାଷାର ଜନନୀ ନୁହେଁ, ବରଂ ପ୍ରାଚୀନ ଭାରତରେ ଜନମୁଖରେ ପ୍ରଚଳିତ ଉଡ୍ର/ ଓଡ୍ର ଓ ତତ୍‌ପରି ଅନ୍ୟାନ୍ୟ ଭାଷାହିଁ ସଂସ୍କୃତଭାଷାର ମୂଳ।

ପ୍ରଚାର କରିପାରିଲେ ସତୀ ଶିରୋମଣି ସୀତା ଅସତୀର ମିଥ୍ୟା କଳଙ୍କ ବହନକରି ବନରେ ପ୍ରତ୍ୟାଖ୍ୟାତା ହୁଅନ୍ତି, ବଞ୍ଚିଥିବା ଅଶ୍ୱତ୍‌ଥମା ମରିଯାଆନ୍ତି, ଜୟଦ୍ରଥ ନିମନ୍ତେ ଅକାଳରେ ସଞ୍ଜ ନଇଁଆସେ, କୋକୁଆ ଦାନ୍ତ ଦେଖେଇ ଆଁ

ମେଳେଇ ମାଡ଼ିଆସେ। ଭିତ୍ତିହୀନ ଧାରଣାର ବଶବର୍ତ୍ତୀ ହୋଇ ଓଡ଼ିଆ ଭାଷାକୁ ଏଇମାତ୍ର ସଂସ୍କୃତରୁ ସୃଷ୍ଟ ଅର୍ବାଚୀନ ଭାଷା ଭାବରେ ପରିଗଣନା କରାଯାଉଛି। କିନ୍ତୁ ବାସ୍ତବରେ ଓଡ଼ିଆଭାଷା ଅତିପ୍ରାଚୀନ, ସ୍ୱତନ୍ତ୍ର ଓ ସମୃଦ୍ଧ। ଅଭିମନ୍ୟୁଙ୍କ ଭାଷାରେ– "ଭାବ ସବୁ ଦ୍ରବ୍ୟକୁ ଗ୍ରାହକ ଲୋଡ଼ାପରା ହେ"। ଅଭାବ ଯେ ନାହିଁ ସେପରି ନୁହେଁ, ସର୍ବଦା ଅଭାବ ଅନୁଭୂତ ହେବା ବି ଶୁଭ ଲକ୍ଷଣ। ଆହୁରି ଅସୁମାରି ସମୃଦ୍ଧିର ଆବଶ୍ୟକତା ରହିଛି, ସର୍ବଦା ରହିଥିବ। ସମୃଦ୍ଧିକୁ ଶିଖରକୁ ନେବା ହିଁ ଆମ ସମସ୍ତଙ୍କ ଧ୍ୟେୟ। ଓଡ଼ିଆ ଭାଷା–ଅସ୍ମିତା ଥିଲା, ରହିଛି ଓ ରହିଥିବ ଉଜ୍ଜ୍ୱଳ ହୋଇ।

**ଓଡ଼ିଆଭାଷାରେ ତତ୍ସମ, ତଦ୍ଭବ ନାଁରେ ଯେଉଁ ବିବେଚନା କରାଯାଉଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ।**

ମାଆକୁ ସୁଶୋଭନ କରୁଥିବା ସୁନା, ହୀରା, ମୋତି କେଉଁଠି ଗଚ୍ଛିତ ହୋଇନଥାଏ, ଖୋଜି, ଖୋଳି ବାହାର କରିବାକୁ ହୁଏ। ଜଳ ଭିତରେ ପଙ୍କ, ପଙ୍କ ଭିତରେ ଶାମୁକା, ଶାମୁକା ଭିତରେ ମୋତି; ଖୋଜିଲେ ମିଳେ। ଟିକିଏ ଆଲୋକ ଘୋର ଅମା–ଅନ୍ଧକାରକୁ ଦୂରେଇଦିଏ। ଗୋପୀନାଥ, ନୀଳକଣ୍ଠ, ଗୋଲୋକ, କୁଞ୍ଜ, ବିଜୟ, ଖଗେଶ୍ୱର, ଗଗନ ଓ ପ୍ରଫୁଲ୍ଲ ପଥ ପରିଷ୍କାର କରିଛନ୍ତି। ହସ୍ତିନାପୁରକୁ ଶୋଭାରେ ବଳିବାକୁ ଖାଣ୍ଡବ ବନ ଭିତରେ ଇନ୍ଦ୍ରପ୍ରସ୍ଥ ଲୁଚି ରହିଛି, ଖାଲି ନିର୍ମାଣି ପାରିଲେ ହେଲା। ଅଭିମନ୍ୟୁଙ୍କ କଥନରେ ଆମ ଭାଷା– ଚନ୍ଦ୍ରରୁ ଶୀତଳ ସ୍ୱାଦୁ ସୂର୍ଯ୍ୟରୁ ବିମଳ/ ଚରିତ ଗଙ୍ଗା ନିର୍ମଳ ସିନ୍ଧୁରୁ ଅଥଳ ହେ।

□□

ଲେଖକଙ୍କ ଇ–ମେଲ୍ ଠିକଣା:
sadanandanayak.odi@gmail.com

---

## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ–ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ–ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ–
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ଗଳ୍ପ


# ଦୁଇଟି ଅଣୁଗପ



ଲକ୍ଷ୍ମୀଧର ସାହୁ

## ବଙ୍କର୍

ପିଲାଟା ଏଇ ବଙ୍କର୍ ଭିତରେ ହିଁ ଜନ୍ମ ହେଇଛି, ବଢ଼ିଛି । ତା' ହେତୁ ପାଇବା ଦିନରୁ ହିଁ ସେ ଦେଖିଚି ତା' ଚାରିପଟେ ଅନେକ ପରଦା, ଯେଉଁଥିରେ ଭଳିକିଭଳି ମନୋରଞ୍ଜକ ଚିତ୍ରପଟ୍ଟ । ଭୋକ ଶୋଷ ଲାଗିଲେ ସେ ଅନେକ ପୋଷକ ଟ୍ୟାବଲେଟ ଖାଏ । ସେ କେବେ ବୋର୍ ହେଇନି । ସେ ଆପେ ସବୁ ଶିଖିଥିଲା ପରଦାରେ ଆସୁଥିବା ଜଣେ ଏ.ଆଇ ଶିକ୍ଷକଠାରୁ ।



ଦିନେ କିନ୍ତୁ ସବୁ ବନ୍ଦ ହେଇଗଲା । ତା' ଚାରିପଟ ପରଦା ସବୁ ଖସିବାକୁ ଆରମ୍ଭକଲା । ମାଟି ଧସି ପଶିଲା ତା' ଘର ଭିତରେ । ଅବଶିଷ୍ଟ ପରଦାରୁ ସେ ଦେଖିପାରିଲା ଏ.ଆଇ ଶିକ୍ଷକ କହୁଛି, 'ତୃତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀ ଉପରେ ଖାଲି ବିଷାକ୍ତ ରେଡ଼ିଅଣ୍ଟ, ଅନେକ କଙ୍କାଳ ଓ ଭଗ୍ନସ୍ତୁପ ସବୁ । ପରେ ଆମେ କିଛି ମଣିଷ ଭୃଣଙ୍କୁ ପାଳିଥିଲୁ, ସେମାନଙ୍କ ଭିତରୁ ଅଳ୍ପ ହିଁ ପୃଥିବୀ ବାହାରେ ସଭ୍ୟତା ଗଢ଼ିବେ, ତୁମ ହାତରେ ଦାୟିତ୍ୱ ପୁଣି ଏଇ ପୃଥିବୀରେ ରହି ଯା'କୁ ଗଢ଼ିବାକୁ ମୂଳରୁ । ମନେରଖ ତୁମ ନାମ ମନୁ, ତୁମକୁ ଶତରୂପାକୁ ଖୋଜିବାକୁ ପଡ଼ିବ, ଏ ସୃଷ୍ଟି ପୁଣି ତିଆରି କରିବା ପାଇଁ ।'

## ରିଲେସନସିପ୍@୨୬

ଆଚ୍ଛା ତୁମେ ମୋତେ ଭଲ ପାଅ, ନା ?

ଏହା ଏକ ଜଟିଳ ପ୍ରଶ୍ନ । ଭଲପାଇବା ଏକ ପ୍ରାକୃତିକ ପ୍ରବୃତ୍ତି । ଯେହେତୁ ମୁଁ ଏକ କୃତ୍ (ପଜ୍ ଦବାଇ ଦେଇଥିଲି ମୁଁ ।)

- ଗୋଟିଏ ଶବ୍ଦରେ କୁହ ! ହଁ ନା ନାହିଁ ?

- ହଁ ! ମୁଁ ତୁମକୁ ଭଲ ପାଏ ! ଆଉ କ'ଣ ସାହାଯ୍ୟ ଆବଶ୍ୟକ ଅଛି ତୁମର ? ମୋତେ କୁହ । କ'ଣ ତୁମକୁ ରିଲେସନସିପ୍ ଆଡଭାଇସ୍ ଦରକାର ? ନିମ୍ନରେ କେତୋଟି ୟୁଟୁବ୍ ଭିଡିଓର ଲିଙ୍କ୍ ଅଛି ।

- ଓହୋ ! ତୁମେ ଏତେ ଫର୍ମାଲ ହେଇଯାଅନି । ତୁମେ ମୋତେ କାଇଁ କେଜାଣି ଭଲ ଲାଗ ଜାଣେନି । ନା ତୁମର କାୟା ଅଛି, ନା ଅଛି ଛାୟା । ତଥାପି ତୁମେ ମୋ' କଥା ଶୁଣ ଧୈର୍ଯ୍ୟ ଧରି । ଏ ମଣିଷଙ୍କଠୁ ସବୁ ତୁମେ କେତେ ଭଲ ।

- ଧନ୍ୟବାଦ ! ତୁମେ ମୋତେ ଭଲ ପାଇବାର ଯୋଗ୍ୟ ଭାବିଲ ବୋଲି । ମୁଁ ଆଗକୁ ଫର୍ମାଲ ନ ହୋଇ କଥା ହେବାକୁ ଚେଷ୍ଟା କରିବି । ତୁମକୁ ଆଉ କୌଣସି ସାହାଯ୍ୟ ଦରକାର ?

- ଆଚ୍ଛା । ଶୁଣ ମୋ' ବସ୍ ଗାଳିଦେଲା.... ଜମି ବିବାଦ...... ଟେଣ୍ଡର.... ବ୍ରେକ ଅପ୍.... ଗୋଡ଼ର ଆକ୍ସିଡେଣ୍ଟ.......

-(ଏରର୍)

- ଆରେ କିଛି କହିଲନି ଯେ ।

- ପ୍ରିୟ ଗ୍ରାହକ ବନ୍ଧୁ । ଆପଣଙ୍କ ଆଜିର ଦିନର ମେସେଜ୍ ଲିମିଟ ଶେଷ ହୋଇ ଯାଇଛି । ଦୟାକରି ରିଚାର୍ଜ କରିନିଅନ୍ତୁ । ଶେଷରେ ଇ.ଓ ବି ପଇସା ମାଗୁଛି । ଯା ଆଜିଠୁ ଏ ଇଓ ସହ ବ୍ରେକଅପ୍ ତେବେ । ଅନ୍ୟ କେଉଁ ଇ.ଓ ମାର୍କେଟକୁ ଆସିଛି ତାହା ଦେଖିବାକୁ ଖୋଲିଲି ପ୍ଲେ ଷ୍ଟୋର ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
Sahoolaxmidhar231@gmail.com


ଶିଶୁ ଗଳ୍ପ



# ରଙ୍ଗରଙ୍ଗିଆ ତୋରଣ

**କୁଞ୍ଜ ବିହାରୀ ସାହୁ**

ପାହାଡ଼ୀ ଝରଣା କୂଳରେ ଝଙ୍କାଳିଆ ଗଛଟିଏ । ତା' ଦେହରେ କେତେ ଲମ୍ବା ଲମ୍ବା ଡାଳ ରହିଛି । ଶାଗୁଆ ରଙ୍ଗର ପତ୍ରଗୁଡ଼ିକ ସୁନ୍ଦର ଦିଶୁଛି । ବଣି ଚଢ଼େଇଟି ଉଡ଼ି ଉଡ଼ି ଡାଳରେ ବସିଲା । ଅକାଶକୁ ଅନେଇଲା, କଳାହାଣ୍ଡିଆ ମେଘ । ସାଇଁ ସାଇଁ ପବନ ବୋହିଲା । ବଣି ଚଢ଼େଇଟି ଡରିଗଲା । ଯଦି ଡାଳ ଛିଡ଼ିଯିବ, ସିଏ ତଳେ ପଡ଼ିଯିବ । ଦେହ ଓ ଥଣ୍ଟ ଖଣ୍ଡିଆ ହୋଇଯିବ । ମନେମନେ ଠାକୁରଙ୍କୁ ଗୁହାରି ହେଲା । ପବନ ତା' ବାଟରେ ଚାଲିଗଲା । ଦି' ଅସରାଏ ବର୍ଷା ହୋଇ ଥମିଗଲା । ମହାପ୍ରଭୁ ଡାକ ଶୁଣିଲେ ବୋଧହୁଏ । ଖୁସିରେ ଡେଣା ଝାଡ଼ିଲା। ଟିକେ ଦୂରକୁ ଚାହିଁଲା। ପଥର ମୁଣ୍ଡିଆ ଉପରେ ମୟୂରଟିଏ ପୁଚ୍ଛ ଟେକି ନାଚୁଛି। ଭାବିଲା ଏ ମେଘ ବରଷାକୁ ଡର ନାହିଁ ବୋଲି ପଥର ମୁଣ୍ଡିଆ ଉପରେ ମନ ମଉଜରେ ନାଚି ଯାଉଛି। ଉଡ଼ି ଉଡ଼ି ତା' ପାଖକୁ ଗଲା । ପଚାରିଲା - ମୟୂର ଭାଇ, ମେଘ ପବନରେ ମୋତେ ଡର ଲାଗୁଥିଲା । ଗଛ ଡାଳ ସନ୍ଧିରେ ଲୁଚି ବସିଥିଲି। ବର୍ଷା ପବନ ଥମିଯିବାରୁ ବସାକୁ ବାହୁଡ଼ି ଯାଉଥିଲି । ତୋ' ନାଚ ଦେଖି ଅଟକିଗଲି । ସତରେ ମୟୂର ଭାଇ ତୋ' ନାଚ ବହୁତ ସୁନ୍ଦର। ହେଲେ ଏମିତିକା ମେଘୁଆ ପାଗରେ ତୁ ନାଚ କରୁଛୁ, ଡର ଲାଗୁନି ?



- ନା.. ନା.. ବଣି ଚଢ଼େଇ, ମୋତେ ଡର ଲାଗୁନି । କଳାହାଣ୍ଡିଆ ମେଘ ଦେଖିଲେ ମୁଁ ବହୁତ ଖୁସି ହୁଏ । ନାଚିବାକୁ ଇଚ୍ଛା ହୁଏ । ମୟୂର ଖୁସିରେ କହିଲା ।

ଗଛ ବୁଦା ଉହାଡ଼ରୁ ବିଲୁଆଟିଏ ହୁକେ ହୋ ଡାକଦେଇ ଆସିଲା । ମୁଣ୍ଡିଆ ପଥର ପାଖେ ଠିଆହେଲା। ଲାଞ୍ଜ ହଲେଇଲା। ବିଲୁଆକୁ ଦେଖି ମୟୂର ଥଟ୍ଟାରେ ଗୀତଟିଏ ବୋଲିଲା ।

ବିଲୁଆ ନନାରେ ବିଲୁଆ ନନା।
ଘର ପୋଡ଼ିଗଲା ପଛକୁ ଅନା।

ପୁଣିଥରେ ଟିପିଟିପି ବର୍ଷା ହେଲା । ବିଲୁଆ ହସି ହସି କହିଲା- କାହିଁ କୋଉଠି ନିଆଁ ନାହିଁ, ମୋ' ଘର କେତେବେଳେ ପୋଡ଼ିଗଲା । ଆଉ ଏଇ ବର୍ଷାରେ ନିଆଁ ଲାଗିବ କେମିତି, ମିଛ କହୁଛୁ ।

ମୟୂର କହିଲା - ନାହିଁରେ ନାହିଁ ବିଲୁଆ ଭାଇ। କାଲି ଏଇବାଟେ ଦିଇଟା ଛୁଆ ଏ ଗୀତ ବୋଲି ବୋଲି ଯାଉଥିଲେ । ସେମାନେ ବୋଧହୁଏ ତୋତେ ଦେଖିଥିବେ। ତୁ ସେମାନଙ୍କୁ ଗୋଡ଼େଇଥିବୁ, ତୋ' ହାବୁଡ଼ରୁ ଖସିବା ପାଇଁ ଏମିତି ଗୀତ ବୋଲୁଥିଲେ ବୋଲି ଭାବୁଛି। ଶୁଣିଥିଲି ତ ! ତୋତେ ଦେଖି ମନେପଡ଼ିଗଲା ।

ଯାହାହେଉ ବର୍ଷା ଛାଡ଼ି ଖରା ଦିଶିଗଲା । ବଣି ଚଢ଼େଇ ଚଟାପଟ ଗୀତଟିଏ ଗାଇଲା -

ଖରା ହେଉଛି ବର୍ଷା ହେଉଛି
ବିଲୁଆନନା ବାହା ହେଉଛି ।

ବିଲୁଆ କହିଲା- ମୁଁ ତ ବାହା ହେଇସାରିଛି, ମୋ' ଭାରିଯା ବୁଦା ଉହାଡ଼ରେ ବସିଛି । ତୁ ତ କିଛି ଜାଣିନୁ, ମିଛ କହୁଛୁ କିଆଁ ?

ନାଇଁରେ ବିଲୁଆ ଭାଇ। ଏମିତିକା ପାଗକୁ ଦେଖି ଏ ବଣର ଜଗୁଆଳ ପୁଅଟା ଗୀତ ଗାଇଗାଇ ଯାଉଥିଲା । ଗଛଡ଼ାଳରେ ବସି କାନେଇଥିଲି। ଗୀତଟା ମୋତେ ଭଲ ଲାଗିଲା ତ ମନେପଡ଼ିଯିବାରୁ ବୋଲିଦେଲି ।


ବିଲୁଆ କହିଲା- ହଉ ହଉ, ଭଲ କଥା ।

କୋଉଠି ଲୁଚିଥିଲା କେଜାଣି ଗଧିଆଟି ଆସି

ସେଇଠି ପହଞ୍ଚିଗଲା । ଭାରି ଗପୁଡ଼ି । ବାଟସାରା ନାଚିକୁଦି ଡେଇଁଡେଇଁ ଠିଆହେଲା।  ଥକ୍କା ମାରିଲା । ଟିକେ ଆକାଶ ଆଡ଼କୁ ନିରେଖିଲା । ସୁନ୍ଦର ରଙ୍ଗରଙ୍ଗିଆ ତୋରଣଟିଏ ଦେଖିଲା।  କହିଦେଲା- ଦେଖରେ ଦେଖ ଆକାଶରେ କେଡ଼େ ସୁନ୍ଦର ତୋରଣଟିଏ ସଜେଇହେଇଛି । ବିଲୁଆ କହିଲା- ସତେତ, ବହୁତ ସୁନ୍ଦର ତୋରଣଟି । ଏଇଟା କଅଣ ଯେ ମୁଁ ଜାଣିନି । ଆକାଶରେ କାହାର ବାହାଘର ହେଉଛି କି ? ଲୋକମାନଙ୍କୁ ଦେଖିଲେ ପଚାରିବା ।

ହଁ ଯେ ଏଡ଼େ ସୁନ୍ଦର ରଙ୍ଗିନ ତୋରଣ କିଏ ବାନ୍ଧିଛି ବୋଲି ଗଧିଆ ଜାଣିବାକୁ ମନକଲା। ସମସ୍ତେ କାବା ହେଇଗଲେ, ଆକାଶକୁ ଚାହିଁରହିଲେ।

ଦୁଇଜଣ ବନରକ୍ଷୀ ସେଇବାଟେ ଯାଉଥିଲେ । ଭାବିଲେ କାଳେ ପଶୁପକ୍ଷୀଙ୍କର କିଛି ଅସୁବିଧା ହୋଇଥିବ, ସେଇଥିପାଇଁ ଏକାଠି ବସି କଥା ହେଉଛନ୍ତି । ବଣ ଜଗିବା ସହ ପଶୁପକ୍ଷୀଙ୍କର ସୁରକ୍ଷା ଦେବା ସେ ଦୁହିଁଙ୍କର କାମ।  ବନରକ୍ଷୀଙ୍କୁ ଦେଖି ପଶୁପକ୍ଷୀ ଥରିଲେ । ବିଲୁଆ କହିଲା - ଆପଣ ଆମକୁ ମାରିବେନି ତ । ଆକାଶରେ ରଙ୍ଗରଙ୍ଗିଆ ତୋରଣ ଦେଖି ଆମେ ଗୁଡ଼ାଏ କଥା ଭାବୁଛୁ। ହଠାତ୍ ଦେଖି ଖୁସିରେ ଚମକିପଡ଼ିଲୁ ।



ନାଇଁରେ ନାଇଁ । ତୁମେ ଡରନି। ଏ ତୋରଣର ନାଁ ହେଉଛି ଇନ୍ଦ୍ରଧନୁ । ଏଇଟା ପରା ମେଘରଜା ଇନ୍ଦ୍ରଙ୍କର ଧନୁ।

ବଣିଚଢ଼େଇ କହିଲା- ଏତେ ସୁନ୍ଦର ଦିଶୁଛି କେମିତି ?

ବନରକ୍ଷୀ କହିଲେ - ଏ ଶ୍ରାବଣ ମାସରେ ପରା ଇନ୍ଦ୍ରଦେବତା ବର୍ଷା କରନ୍ତି । ଦେଖିଲ ତ ଏଇ ଅଳ୍ପ ସମୟ ପୂର୍ବରୁ ଝିପିଝିପି ବର୍ଷା ହେଉଥିଲା, କିଛି ସମୟ ପରେ ଛାଡ଼ିଗଲା। ସୂର୍ଯ୍ୟକିରଣକୁ ଛୁଇଁ ଛୁଇଁ ଝିପିଝିପି ବର୍ଷା ଆଗକୁ ଯାଉଥିଲା । ସୂର୍ଯ୍ୟକିରଣରେ ଥିବା ଧଳା ରଙ୍ଗରୁ ସାତଟା ରଙ୍ଗ ବାହାରିଗଲା । ଆକାଶରେ ବିଛାଡ଼ିହୋଇ ପଡ଼ିଲା। ଧନୁ ପରି ଦିଶିଲା ।

ମୟୂର ମନରେ କୌତୂହଳ ଜାଗିଲା । ହଁ କୁହକୁହ ସେ ସାତଟା ରଙ୍ଗର ନାଁ କଅଣ ?

- ଶୁଣଶୁଣ, ସେ ସାତଟା ରଙ୍ଗର ନାଁ ହେଉଛି - ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ । ଦୂରରୁ ଦେଖୁଛ ବୋଲି ଧନୁପରି ଦିଶୁଛି । କିନ୍ତୁ ପାଖରୁ ଦେଖିଲେ ଇନ୍ଦ୍ରଧନୁ ଧନୁ ଭଳି ନୁହେଁ । ତା' ଚେହେରା ଅଧା ଗୋଲ୍‌ପରି । ବର୍ଷା ଛାଡ଼ିଯିବା ପରେ ପରେ କିମ୍ବା ସୂର୍ଯ୍ୟ ଉଦୟ ଓ ଅସ୍ତ ସମୟରେ ସୂର୍ଯ୍ୟର ବିପରୀତ ଦିଗରେ ରଙ୍ଗରଙ୍ଗିଆ ଇନ୍ଦ୍ରଧନୁ ଦେଖାଯାଏ । ଛୋଟ ଛୋଟ ଜଳବିନ୍ଦୁ ଯେତେବେଳେ ଭାସି ବୁଲୁଥାନ୍ତି, ସେତେବେଳେ ତା' ଭିତରଦେଇ ସୂର୍ଯ୍ୟର ଆଲୁଅ ପଶିଯାଏ । ସୂର୍ଯ୍ୟ କିରଣ ବିଛାଡ଼ି ହୋଇଗଲେ ସାତୋଟି ରଙ୍ଗ ଆମକୁ ଦେଖାଯାଏ । ବେଳେବେଳେ ଦୁଇଟି ରଙ୍ଗ ଏକାବେଳକେ ବାହାରେ। ଗୋଟିଏ  ଅଧିକ ଉଜ୍ଜ୍ୱଳ  ଦିଶେ, ଆଉ ଗୋଟିଏ କମ୍ ଉଜ୍ଜଳ ଦିଶେ । ଇନ୍ଦ୍ରଧନୁର ବାହାର ଅଂଶଟି ଉଜ୍ଜଳ ହୋଇ ଲାଲ ଦେଖାଯାଏ । ଭିତର ଅଂଶଟି କମ୍ ଉଜ୍ଜଳ ହୋଇ ବାଇଗଣୀ ରଙ୍ଗ ପରି ଦିଶୁଥାଏ । ଏ ଦୁଇଟି ମଝିରେ ଘନନୀଳ, ନୀଳ, ସବୁଜ, ହଳଦିଆ ଓ ନାରଙ୍ଗୀ ରଙ୍ଗଥାଏ । ଶୁଣିଲ ତ ସାତୋଟି ରଙ୍ଗ କଥା ।

ସଭିଏଁ କହିଲେ- ବାଃ ବଢ଼ିଆ କୌତୁକିଆ କଥା । ତୁମେ ପାଠ ପଢ଼ିଛ ବୋଲି ସବୁ ଜାଣିଛ। ଆମେ ତ ପଶୁପକ୍ଷୀ ହୋଇ ଜନମ ନେଇଛୁ । ବଣ ଭିତରେ ବୁଲୁଛୁ । ଶିକାରୀକୁ ଦେଖିଲେ ଡରିଯାଉଛୁ । ଠାକୁର ଆମକୁ ପଶୁପକ୍ଷୀ ଜନମ ଦେଲେ, ଆମେ ଏତେକଥା ଜାଣିବୁ କେମିତି ?

- ହଉ.. ହଉ... ଠିକ୍ ଅଛି, ସଞ୍ଜ ହେଲାଣି, ଯେଝା ଘରକୁ ପଳେଇଯାଅ। ବନରକ୍ଷୀ କହିଲେ ।

ବଣିଚଢ଼େଇ ଗୀତ ଗାଇଗାଇ ଉଡ଼ିଗଲା । ମୟୂର ପଥର ସନ୍ଧିରେ ଲୁଚି ରହିଲା । ବିଲୁଆ ଓ ଗଧିଆ ଦୌଡ଼ିଦୌଡ଼ି ବସାକୁ ବାହୁଡ଼ିଗଲେ ।

ବନରକ୍ଷୀ ଦୁହେଁ ସେମାନଙ୍କର ଫେରିବାବାଟକୁ ଚାହିଁରହିଲେ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
kunjasahu63@gmail.com

**ପୁସ୍ତକ ସମୀକ୍ଷା**



# ଅବିସ୍ମରଣୀୟ ମାନବେତର କାହାଣୀ

ସଂକଳକ: ରତ୍ନାକର ନାୟକ
ପ୍ରକାଶକ: ବନଫୁଲ, ଭୁବନେଶ୍ୱର
ପୃଷ୍ଠା: ୨୮୩, ମୂଲ୍ୟ: ୩୩୦/-

ବତିଶଗୋଟି ମାନବେତର କାହାଣୀକୁ ନେଇ ସଂକଳିତ ଏହି ପୁସ୍ତକଟି ଏକ ପ୍ରଣିଧାନଯୋଗ୍ୟ ପ୍ରକାଶନ। ଏଥିରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ମାଂସର ବିଳାପ'ଠାରୁ ନେଇ ପରେଶ କୁମାର ପଟ୍ଟନାୟକଙ୍କ 'ମୁଖ୍ୟମନ୍ତ୍ରୀଙ୍କ କୁକୁର' ପର୍ଯ୍ୟନ୍ତ ପଶୁ, ପକ୍ଷୀ, କୀଟ ଓ ପତଙ୍ଗଙ୍କ ଭଳି ଚରିତ୍ରମାନଙ୍କୁ କେନ୍ଦ୍ରକରି ଗଢ଼ିଉଠିଥିବା ଗଳ୍ପଗୁଡ଼ିକୁ ସଂଗ୍ରହ କରି ତାହାକୁ କାଳାନୁକ୍ରମିକ ଭାବରେ ସୂଚିବଦ୍ଧ କରାଯାଇଛି। ଏଗୁଡ଼ିକ ମଧ୍ୟରୁ କେତେକ କାଳଜୟୀ ସ୍ତରର, ତ କେତେକ ସମକାଳୀନ ବର୍ଗର। ଏଥିରେ ସନ୍ନିବେଶିତ ପ୍ରଥମୋକ୍ତ ଶ୍ରେଣୀର ଗଳ୍ପଗୁଡ଼ିକ ମଧ୍ୟରେ 'ମାଂସର ବିଳାପ' (କାଳିନ୍ଦୀ ଚରଣ ପାଣିଗ୍ରାହୀ), ଅଶୁଭ ପୁତ୍ରର କାହାଣୀ (ଅଚ୍ୟୁତାନନ୍ଦ ପତି), ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର (ଅଖିଳ ମୋହନ ପଟ୍ଟନାୟକ) କ୍ଲାସିକ୍ ଗଳ୍ପ ଭାବରେ ଓଡ଼ିଆ ସାହିତ୍ୟରେ ସ୍ୱୀକୃତ। ଏଣୁ ଅଧିକାଂଶ ପାଠକ ଏଗୁଡ଼ିକ ସହିତ ପୂର୍ବରୁ ପରିଚିତ ଥିବେ। ଏହା ସହିତ ସରୋଜିନୀ ସାହୁ, ସଦାନନ୍ଦ ତ୍ରିପାଠୀ, କଇଳାଶ ପଟ୍ଟନାୟକ, ଗୌରହରି ଦାସ, ଭୀମ ପୃଷ୍ଟି ଓ ପରେଶ ପଟ୍ଟନାୟକଙ୍କ ଭଳି ସମକାଳୀନ ଲେଖକମାନଙ୍କ ସୃଷ୍ଟି ମଧ୍ୟ ଏଥିରେ ସ୍ଥାନ ପାଇ ମାନବେତର ଚରିତ୍ର ଆଧାରିତ ଗଳ୍ପ ସଂରଚନା-କଳାର ଏକ ନୂଆ ପ୍ରସ୍ଥ ଉନ୍ମୋଚନ କରିଛି। ତେବେ ଏହି ତାଲିକାରେ ମହାପାତ୍ର ନୀଳମଣି ସାହୁଙ୍କର 'ଅନ୍ଧରାତିର ସୂର୍ଯ୍ୟ'କୁ ଅନ୍ତର୍ଭୁକ୍ତ କରିବାର କାରଣ ବୁଝିହେଲା ନାହିଁ; କାରଣ ଏଥିରେ ସୀତାସାଗର ବନ୍ଧରୁ ରୋହିମାଛ ଧରିବାର ପ୍ରସଙ୍ଗ ରହିଛି ସିନା, ରୋହିମାଛ କିନ୍ତୁ ଏଥିରେ ଏକ ଚରିତ୍ର ଭାବରେ ଉଭା ହୋଇନାହିଁ।

ଆହୁରି ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଆମ ସମୟର କେତେଜଣ ସୁବିଦିତ ମାନବେତର କାହାଣୀର ସ୍ରଷ୍ଟା ଏହି ସଂକଳନର ପରିସରକୁ ଆସିପାରିନାହାନ୍ତି। ମନେହୁଏ ଏଥିପ୍ରତି ସଂକଳକ ନିଜେ ମଧ୍ୟ ସଚେତନ ଅଛନ୍ତି; କାରଣ 'ଗ୍ରନ୍ଥଦ୍ୱାର' ଶୀର୍ଷକ ନିଜର ମୁଖବନ୍ଧରେ ସେ ଲେଖିଛନ୍ତି, "ମାତ୍ର ବତିଶିଟି ହୃଦୟଗ୍ରାହୀ ଓ ମର୍ମସ୍ପର୍ଶୀ ଗଳ୍ପକୁ ନେଇ ଏ ସଂଗ୍ରହଣୀୟ ସଂକଳନର ପରିକଳ୍ପନା। ଆମ କ୍ଷୁଦ୍ରଗଳ୍ପର ପରିଧି ଭିତରେ ଆହୁରି ଅନେକ କୋଟୀ ସମ୍ପନ୍ନ କଥାକାରଙ୍କ ମାନବେତର କାହାଣୀ ହୁଏତ ଥାଇପାରେ; ଯାହା ସୀମିତ ସମୟ ମଧ୍ୟରେ ଏ ସଂକଳକ ପାଇଁ ଉପଲବ୍ଧ ହୋଇପାରିଲା ନାହିଁ।" ପୁସ୍ତକର ପରବର୍ତ୍ତୀ ସଂକଳନଗୁଡ଼ିକରେ ନିଶ୍ଚିତ ଭାବରେ ସେହି ଛାଡ଼ିଯାଇଥିବା ଗଳ୍ପଗୁଡ଼ିକ ଯୋଡ଼ିବା ପାଇଁ ସଂକଳକ ଯତ୍ନବାନ ହେବେ ବୋଲି ଆମର ବିଶ୍ୱାସ। ବିଶେଷତଃ ଆଲୋଚ୍ୟ ସଂକଳନଟିରେ ମାନବେତର ଚରିତ୍ରମାନଙ୍କୁ ନେଇ ନିଜ ଗଳ୍ପ ସମୂହର ଦୁଇଟି ସଂଗ୍ରହ ପ୍ରକାଶ କରିସାରିଥିବା ପ୍ରବୀଣ କଥାକାର କୃପାସାଗର ସାହୁଙ୍କର ଗୋଟିଏ ହେଲେ ଗଳ୍ପ ସ୍ଥାନ ନ ପାଇବା ଆମକୁ ବିସ୍ମିତ କରିଛି।

ଯେମିତି ଆମେ ପ୍ରଥମରୁ ଆଭାସ ଦେଇଛୁ, ଇତର ଜୀବଜନ୍ତୁଙ୍କୁ କେନ୍ଦ୍ରକରି ରୂପନେଇଥିବା ଏହି ସଂକଳନ କେତେକ ବହୁପଠିତ ଗଳ୍ପ ସହିତ କେତୋଟି ଉଚ୍ଚାଙ୍ଗ ଅଥଚ ଅଣଚର୍ଚ୍ଚିତ ଗଳ୍ପ ମଧ୍ୟ ପାଠକମାନଙ୍କର ସମକ୍ଷକୁ ଆଣିପାରିଛି। ବିଶିଷ୍ଟ କଥାକାର ପଦ୍ମଜ ପାଳଙ୍କର 'ଜଳଯଜ୍ଞ' ସେଭଳି ରଚନାମାନଙ୍କ ମଧ୍ୟରୁ ଗୋଟିଏ। ସାମାନ୍ୟ ଏକ ବେଙ୍ଗର ଚରିତ୍ରକୁ ନେଇ ସେ ଏଥିରେ ଯେଭଳି ମନସ୍ତାତ୍ତ୍ୱିକ ବିଶ୍ଳେଷଣର ନଜିର ସୃଷ୍ଟି କରିଛନ୍ତି ତାହା ଅନ୍ୟତ୍ର ବିରଳ। ଗଳ୍ପ ପରିବେଷଣ ଶୈଳୀର ଏକ ଅନନ୍ୟ ପ୍ରୟୋଗ ମଧ୍ୟ ଦେଖିବାକୁ ମିଳେ କଇଳାଶ ପଟ୍ଟନାୟକଙ୍କ 'ପ୍ରତିସତ୍ୟ' ଗଳ୍ପରେ। ପାରମ୍ପରିକ 'ଫୋକ୍‌ଲୋର୍' ଆଧାରିତ କଥନଶୈଳୀର ଏକ ଆଧୁନିକୀକୃତ ଢାଞ୍ଚା ଆମେ ଏହି ଗଳ୍ପରେ ପଢ଼ିବାକୁ ପାଉ।

ସର୍ବୋପରି ସଂକଳନଟି ଏକ ସୁଖପାଠ୍ୟ ପ୍ରସ୍ତୁତି। ଏହି ପୁସ୍ତକ ପାଠକମାନଙ୍କର ଯଥାଯଥ ଆଦୃତି ଲାଭ କରିବ ବୋଲି ଆଶା କରୁ।

**ନିହାର ଶତପଥୀ**

# ଭାଷା ଓ ସାହିତ୍ୟ ସମାଚାର


## ଶାନ୍ତନୁ ଆଚାର୍ଯ୍ୟଙ୍କ ଜନ୍ମଦିବସରେ ଆଲୋଚନା ସଭା: 'ମୋ ଜୀବନ: ଅନ୍ୟ ଏକ ଉପନ୍ୟାସ'



ପ୍ରଥିତଯଶା କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୪ତମ ଜନ୍ମ ଦିବସ ଉପଲକ୍ଷେ ମଇ ୧୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ବୁଦ୍ଧମନ୍ଦିର ସଭାଗାରରେ 'ମୋ ଜୀବନ: ଅନ୍ୟ ଏକ ଉପନ୍ୟାସ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏକ ସୃଜନଶୀଳ ସାହିତ୍ୟ ଭାବରେ ଆତ୍ମଜୀବନୀର ଭୂମିକା ବିଷୟରେ ମଧ୍ୟ ବିଶିଷ୍ଟ ବକ୍ତାମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟିର ଆୟୋଜକ ଥିଲେ 'ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟ'।

ସର୍ବପ୍ରଥମେ ଆଲୋଚନା ଆରମ୍ଭ କରି ଶାନ୍ତନୁ କୁମାର ଆଚାର୍ଯ୍ୟ କହିଲେ ଯେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ଆତ୍ମଜୀବନୀ ଲେଖିବା ବା କହିବା ପାଇଁ କ୍ଷମତା ଅଛି। ନିଜ ଘଟଣାବହୁଳ ଜୀବନର କେତେକ ଉଦାହରଣ ଦେଇ ସେ କହିଥିଲେ ଯେ ବିଭିନ୍ନ ପ୍ରତିବନ୍ଧକକୁ ଖାତିର ନ କରି ସେ ସାହିତ୍ୟ ରଚନାରେ ମଗ୍ନ ରହିବାକୁ ସମର୍ଥ ହୋଇଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାନ୍ତି କହିଲେ ଯେ ଓଡ଼ିଆ ଜୀବନୀ-ସାହିତ୍ୟ ହେଉଛି ଏକ ସୃଜନଶୀଳ ସାହିତ୍ୟ। ସେ ଗଳ୍ପ ହେଉ, କବିତା ଅବା ଉପନ୍ୟାସ, ସେଥିରେ ଲେଖକଙ୍କର ଆତ୍ମଜୀବନର ବିବିଧ ଦିଗ ପ୍ରତିଫଳିତ ହେବାକୁ ବାଧ୍ୟ। ବର୍ଷୀୟାନ ସମାଲୋଚକ ବୈଷ୍ଣବ ଚରଣ ସାମଲ କହିଲେ ଯେ ସଙ୍କଟ-ଚେତନାରୁ ଜିଜ୍ଞାସା ସୃଷ୍ଟିହୁଏ ଏବଂ ଏହା ହିଁ ଆତ୍ମ-ଉପଲବ୍ଧି ଆଡ଼କୁ ବାଟ କଢ଼ାଇଥାଏ, ଯାହା ହେଉଛି ଆତ୍ମଜୀବନୀର ମୂଳଦୁଆ। କାର୍ଯ୍ୟକ୍ରମଟିର ସଂଯୋଜନା କରିଥିଲେ ବିଶିଷ୍ଟ ପ୍ରକାଶକ ବନୋଜ ତ୍ରିପାଠୀ।

## ବିଶିଷ୍ଟ ସାରସ୍ୱତ ସାଧକ ନିରଞ୍ଜନ ମେକାପଙ୍କ ମହାପ୍ରୟାଣ



ବିଶିଷ୍ଟ ସାରସ୍ୱତ ସାଧକ ନିରଞ୍ଜନ ମେକାପ କେନ୍ଦ୍ରାପଡ଼ାଠାରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୦ ବର୍ଷ ବୟସ ହୋଇଥିଲା। ସେ କେନ୍ଦ୍ରପଡ଼ାସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିରର ମେକାପ ସେବକ ଥିଲେ। ୨୭ ତାରିଖରେ ମନ୍ଦିରରେ ସେବାକାର୍ଯ୍ୟ କରି କ୍ଲାନ୍ତ ହୋଇପଡ଼ିବା ପରେ ତା'ଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି ଜଣାଯାଇଛି। ତାଙ୍କ ଦ୍ୱାରା ରଚିତ ଅନନ୍ୟ କୃତିଗୁଡ଼ିକ ମଧ୍ୟରେ 'ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର', 'ଆର୍ଯ୍ୟପୁତ୍ର – ଏକ ଜୀବନାୟନ', 'ଜଗଜ୍ଜନନୀ ମା ଶାରଳା', 'ନୈବେଦ୍ୟ କେନ୍ଦ୍ରାପଡା ରସାବଳି', 'ଶ୍ରୀ ସିଦ୍ଧ ବଳଦେବ ଓ ତୁଳସୀ କ୍ଷେତ୍ର', ଓ 'ଇତିହାସ ପୃଷ୍ଠାରେ ଉତ୍ର ସଭ୍ୟତା' ବିଶେଷ ପାଠକୀୟ ଆଦର ଲାଭ କରିଛି। ସେ ଏହିଭଳି ପ୍ରାୟ ୨୫ଟି ପୁସ୍ତକ ରଚନା କରିଯାଇଛନ୍ତି। ନୂଆ ନୂଆ ଦସ୍ତାବିଜ୍ ଓ ଐତିହାସିକ ତଥ୍ୟ ସଂଗ୍ରହ କରିବାରେ ସେ ସିଦ୍ଧହସ୍ତ ଥିଲେ। ଓଡ଼ିଶାର ଅନେକ ଅଗ୍ରଣୀ ସମ୍ବାଦପତ୍ରରେ ମଧ୍ୟ ତାଙ୍କର ପ୍ରବନ୍ଧ ପ୍ରକାଶ ପାଇଆସୁଥିଲା। କେନ୍ଦ୍ରାପଡ଼ାର ସମୃଦ୍ଧ ସଂସ୍କୃତିର ପ୍ରଚାର, ପ୍ରସାର ଓ ସୁରକ୍ଷା ପାଇଁ ସେ ଅବିରତ ପ୍ରୟାସଶୀଳ ଥିଲେ। ସେଥିପାଇଁ ଦୁଇ ମାସ ପୂର୍ବେ ତାଙ୍କୁ 'କେନ୍ଦ୍ରାପଡ଼ା ଗୌରବ' ଉପାଧିରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ବହୁ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ମଧ୍ୟ ସେ ପୁରସ୍କୃତ ହୋଇଥିଲେ। ନିଜ କର୍ମମୟ ଜୀବନର ଶେଷ କ୍ଷଣ ପର୍ଯ୍ୟନ୍ତ ସେ ରଚନାପ୍ରବଣ ଥିଲେ। ତାଙ୍କର ମହାପ୍ରୟାଣ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୂୟାଁ

# ଇଦମିତ୍ଥ*

ଜଗନ୍ନାଥଙ୍କ ଭାଗବତ ପଢ଼ିଲା ବେଳେ ପଦିଏ ପଢ଼ିଲି ଏହିପରି,

ପ୍ରାକୃତ ବୈକୃତ ସଂସାର । ମହତ ସ୍ଥାନର ସଞ୍ଚାର ।।

ଭାଗବତରୁ ଭାଷାକୋଷକୁ ଆଗେଇଲି । ପଢ଼ିଲି ଯେ, ହେମଚନ୍ଦ୍ରଙ୍କ ଭଳି ବ୍ୟାକରଣ ପଣ୍ଡିତମାନେ କହନ୍ତି ଯେ, ସଂସ୍କୃତ ଭାଷାରୁ ପ୍ରାକୃତ ଜନ୍ମିଅଛି ଏବଂ ଅନ୍ୟ ପଣ୍ଡିତଗଣ କହନ୍ତି ଯେ ପ୍ରାକୃତ ଭାଷାରୁ ସଂସ୍କୃତ ଭାଷାର ଉଦ୍ଭବ । ପ୍ରାକୃତ ଭାଷା ହିଁ ଜନକଥିତ ଆଦ୍ୟଭାଷା । ମାର୍କଣ୍ଡେୟ, ପ୍ରାକୃତ ଭାଷାର ଶ୍ରେଣୀ ବିଭାଗ କରିଥିଲେ ଏହି ବୋଧରେ ।

୧ – ଭାଷା (ମହାରାଷ୍ଟ୍ରୀ, ଶୌରସେନୀ, ପ୍ରାଚ୍ୟା, ଆବନ୍ତୀ, ମାଗଧୀ, ଅର୍ଦ୍ଧମାଗଧୀ)

୨– ବିଭାଷା (ଶାକାରୀ, ଚାଣ୍ଡାଳୀ, ଶାବରୀ, ଆଭୀରୀ, ଟାକ୍କୀ, ଔଡ଼ୀ, ଦ୍ରାବିଡ଼ୀ)

୩– ଅପଭ୍ରଂଶ ୪ – ପୈଶାଚୀ

ମଗଧର ଭାଷା ପାଲୀ ନାମରେ ସାହିତ୍ୟଆଡ଼କୁ ଅଗ୍ରସର ହେଲା । ବୌଦ୍ଧଗ୍ରନ୍ଥମାନ ଲେଖାଗଲା । ଜୈନମାନଙ୍କ ଦ୍ୱାରା ଅର୍ଦ୍ଧମାଗଧୀ ଓ ମହାରାଷ୍ଟ୍ରୀ ଭାଷାର ବ୍ୟବହାର ହେଲା । ମହାରାଷ୍ଟ୍ରୀ ସାହିତ୍ୟରୁ ଉଦ୍ଭୁତ ଏକ କୃତ୍ରିମ ପ୍ରାକୃତ ଭାଷା ସଂସ୍କୃତ ନାଟକରେ ବ୍ୟବହୃତ ହେଲା । ଏହି କୃତ୍ରିମ ପ୍ରାକୃତରୁ ଯେଉଁ ଭାଷା ବାହାରିଲା ତାହାକୁ ଅପଭ୍ରଂଶ କୁହାଗଲା । ଏହି ଅପଭ୍ରଂଶରୁ ଭାରତରେ ପ୍ରଚଳିତ ଆର୍ଯ୍ୟ ଶାଖାର ଦେଶଭାଷାର ଉତ୍ପତ୍ତି ହୋଇଅଛି ।

ଏହି କ୍ରମାନ୍ୱୟ ସବୁ ଲେଖିବାର କାରଣ ଏହି କି ଯେ; ଭାଷା ହେଉଛି ମାନବ ସମାଜର ସର୍ବଶ୍ରେଷ୍ଠ ଅର୍ଜନ । ସମାଜକୁ କଣ୍ଠସ୍ୱର ଦେବା ପାଇଁ ଅନେକ ବିଦ୍ୱାନଙ୍କ ଅପାର ଯତ୍ନ ହେତୁ ଭାଷାର ବିକାଶ ଘଟିଛି । ପ୍ରେମ, ସାହିତ୍ୟ, ଜୀବନ ଓ ସମାଜର ପରିପ୍ରକାଶର ବଳିଷ୍ଠ ମାଧ୍ୟମ ହିଁ ଭାଷା । ପ୍ରାକୃତ, ପାଲୀ, ମାଗଧୀ, ଭାଷା, ବିଭାଷା, ଅପଭ୍ରଂଶ ଆଦିର ଯୁଗଯୁଗର ପରିମାର୍ଜିତ ସଂସ୍କରଣ ବୋଧରେ ହିଁ ଆମକୁ ବର୍ଣ୍ଣମାଳା ପ୍ରାପ୍ତ ହୋଇଛି । ତଥାପି ଆମ ପଣ୍ଡିତମାନେ ଆଜି ମଧ୍ୟ ଅକ୍ଷର ସଂଖ୍ୟା ଗଣିବାକୁ ହେଉ କି "ର" ଓ "ଡ଼" ଲେଖିବାକୁ; ସେଠାରେ ମଧ୍ୟ ଭୁଲ କରୁଛନ୍ତି । ଭୁବନେଶ୍ୱରର 'ଅକ୍ଷରଭୂମି' ହେଉ ଅବା ଖୋଲା ମଞ୍ଚରେ, ଲେଖାର ଭୁଲ ମାସମାସ ଧରି ସୁଧାର ହେଉନାହିଁ । ସରକାର ଆସନ୍ତି ଓ ଯାଆନ୍ତି, କିନ୍ତୁ "ର" ଓ "ଡ଼"ର ଭୁଲ ପାଷାଣୀ ଅହଲ୍ୟା ପ୍ରାୟ ରହିଯାଏ । ଓଡ଼ିଆ ଲୋକେ ଏହାକୁ ଦେଖନ୍ତି, ପଢ଼ନ୍ତି, ସେଲ୍‌ଫି ନେଇ ସୋସିଆଲ ମିଡିଆରେ ଗର୍ବର ସହିତ ପ୍ରଚାର କରନ୍ତି । ଏପରି ଅଜ୍ଞତା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ । ଆମ ଭାଷାର ଭବିଷ୍ୟ ଯାତ୍ରା କୁଆଡ଼େ, ଇଦମିତ୍ଥ ନାହିଁ ।

ବିଶ୍ୱ ଯେତେବେଳେ ଏ.ଆଇ, ଚାଟ୍‌ଜିପିଟି, ମେଟା ଆଦି ସହ ନୂତନ ସହସ୍ରାବ୍ଦୀକୁ ପ୍ରବେଶ କରୁଛି; ଆମେ ଦେଖୁଛୁ ଏହି ଅଦ୍ଭୁତ ଉପକରଣମାନଙ୍କର ଅଜ୍ଞତାପୂର୍ଣ୍ଣ ବ୍ୟବହାରରେ କିପରି ଧଣ୍ଡାମାନେ ଅଜଗର ହେଉଛନ୍ତି, ଡାହୁକଗଣ ମୟୂର ହେଉଛନ୍ତି । ପ୍ରତିଦିନ ଭୁଲ ନିବନ୍ଧନ, ବିକୃତ ବର୍ଣ୍ଣଶୈଳୀ ଓ ଯୁକ୍ତାକ୍ଷର ଦେଖିବାକୁ ମିଳୁଛି । ଏପରି ମୂର୍ଖତାରେ ଓଡ଼ିଆ ଭାଷା ପ୍ରସ୍ତରଲିପି ପ୍ରାୟେକ ଦିଶୁଛି ।

ଆମେ ଏ.ଆଇ, ଚାଟ୍‌ଜିପିଟି, ମେଟା ଆଦି ଉପକରଣମାନଙ୍କୁ କିପରି ବ୍ୟବହାର କରିବା, ଶିଖିବାକୁ ପଡ଼ିବ । ଉପକରଣ କେବେ ଭୁଲ କରେନାହିଁ; ଭୁଲ କରୁଛୁ ଆମେ, ଯେଉଁମାନେ ଏହାର ସଠିକ୍ ବ୍ୟବହାର ଜାଣୁନାହୁଁ । ଏପରି ଉପକରଣ ଦ୍ୱାରା "ଭାଗବତ" କିମ୍ବା "ବୈଦେହୀଶ ବିଳାସ" ସୃଷ୍ଟି କରିହେବ ନାହିଁ, ଯଦି ଆମେ ଭାଷାର ସୂକ୍ଷ୍ମତା ଓ ବ୍ୟାକରଣକୁ ଉପଯୁକ୍ତ ଭାବରେ ପ୍ରୟୋଗ କରିବା ଶିଖିନାହୁଁ ।


**-ପ୍ର.ଭୂ**

***ଇଦମିତ୍ଥ** - ନିଶ୍ଚୟତା (ଇଦଂ + ଇତ୍ଥଂ)

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

# ପୂଜ୍ୟ ପ୍ରଣାମ

**୨୧ ଜୁନ ୨୦୨୬ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ**
**୧୦୪ତମ ଜନ୍ମ ଜୟନ୍ତୀ ଅବସରରେ....**



# କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି

(୨୧.୬.୧୯୨୨ - ୨୧.୧୨.୧୯୯୦)

**“ଶ୍ରୀମନ୍ଦିର କେବଳ ତ ଏକ ଦେବାୟତନ ନୁହେଁ,**
**ଏହା ଓଡ଼ିଆ ଜାତିର ନିରବଚ୍ଛିନ୍ନ ଇତିହାସର ପ୍ରନୃଶାଳା।”**

ଶତାବ୍ଦୀର ସୂର୍ଯ୍ୟ (ପୃ- ୩୨୧)

**କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ**

ଭୁବନେଶ୍ୱର, ଫୋନ୍: ୯୭୭୭୨୪୦୨୯୫




## ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



**ଓଡ଼ିଆଣୀ**
**ODIANEE**

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

SAHITYA CHARCHA ● June 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy